# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, September 19/2025 | Page 14 | ₹ 7.00

୫୧ଶ ଭାଗ ୨୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 295 | ମୂଲ୍ୟ₹୭/-






Authorized Dealers: , Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Jagatsinghpur: SUNNY AUTOBIKES , Ph: 9289233592, Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Vishal Hero, Ph: 9289922984, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph:9289923107,Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611 Authorized HeroSure Dealers: Bhubaneshwar: Arundhati Motobikes ,Ph- 7682841658 Associate Dealers: Telkoi:Panchamukhi Motors-9717004926, Barbil:Wheels Motors-9776931870 Rairangpur:Maa Sakambari Motors-7008581719, Mayurbhanj:Jk Motors-9040909925, Mayurbhanj:Mahaveer Motors-7326872255/9853290346, BasudevPur:Bidyalalita Automobile-9827487072, Kamrda:Siddhivinayak Motors-7208675074 , Rahama:Sarala Automobiles-9937018532, Kendrapara:Baishnabi Motors-9437089454/9853471301, Pattamundai:Mishra Auto-9853843713, Narsinghpur:Ambika Motocorp-9861811411, Nimapara:Basudev Automobiles-9861020724, Pipili:Shri Ram Motors-9437110789, Balugaon: Mahamayee Motors-9437004624, Khurdha:Dinesh Trading Co.-9778097876, Sakhigopal:Sai Motors-9439765820, Begunia:Rashmi Automobiles-9178316145, Balipatna:M/S Jagannath Motors-7064309702, Chandpur:Apsara-9861418161, Khuakia:Binayak Automobiles-9090444379 Jajpur Town:Ayush Automobiles-9556189870

SAATCHI & SAATCHI

ଦିଲ୍ଲୀରେ ଆଜି




ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି। (ଫଟୋ: ଚମନ ଗୌତମ)

# ହିଣ୍ଡେନ୍‌ବର୍ଗ ଅଭିଯୋଗ ଉପରେ ଆଦାନୀ ଗ୍ରୁପ୍‌କୁ ସେବିର କ୍ଲିନ୍‌ଚିଟ୍

**ନୂଆଦିଲ୍ଲୀ,୧୮।୯(ପି.ଟି.)**

ଆମେରିକାର ଶର୍ଟ-ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଭାରତୀୟ ବ୍ୟବସାୟୀ ଗୌତମ ଆଦାନୀଙ୍କ ଗ୍ରୁପ୍ କମ୍ପାନୀ ବିରୋଧରେ ଆଣିଥିବା ଷ୍ଟକ୍ ଜାଲିଆତି ଅଭିଯୋଗ ଉପରେ ବଜାର ନିୟନ୍ତ୍ରକ ସେବି ଗୁରୁବାର କ୍ଲିନ୍‌ଚିଟ୍ ଦେଇଛି। ଆଦାନୀ ଗ୍ରୁପ୍ ଏହାର ତାଲିକାଭୁକ୍ତ କମ୍ପାନୀଗୁଡ଼ିକୁ ପାଣ୍ଠି ସ୍ଥାନାନ୍ତର ଲାଗି ସମ୍ପର୍କିତ ସଂସ୍ଥାଗୁଡ଼ିକୁ ବ୍ୟବହାର କରିଥିବାର କୌଣସି ପ୍ରମାଣ ନାହିଁ ବୋଲି ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ୨ଟି ଅଲଗା ନିର୍ଦ୍ଦେଶନାମାରେ କହିଛି। ଇନ୍‌ସାଇଡର ଟ୍ରେଡିଂ, ଷ୍ଟକ୍‌ଜାଲିଆତି ଏବଂ ସର୍ବସାଧାରଣ ଶେୟାରହୋଲ୍ଡିଂ ନିୟମାବଳୀ ଉଲ୍ଲଂଘନ ଅଭିଯୋଗ ଅମୂଳକ ବୋଲି ସବିଶେଷ ତଦନ୍ତରୁ ଜଣାପଡ଼ିଛି।

ଆଦାନୀ ଗ୍ରୁପ୍ ଏହାର କମ୍ପାନୀଗୁଡ଼ିକ ମଧ୍ୟରେ ଅର୍ଥ ସ୍ଥାନାନ୍ତର ଲାଗି ଆଡିକର୍ପ ଏଣ୍ଟରପ୍ରାଇଜେସ୍, ମାଇଲଷ୍ଟୋନ୍ ଟ୍ରେଡ୍‌ଲିଙ୍କ୍ସ ଏବଂ ରେହଭାର ଇନ୍‌ଫ୍ରାଷ୍ଟ୍ରକ୍ଚରକୁ ବ୍ୟବହାର କରୁଥିବା ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ୨୦୨୩ ଜାନୁଆରୀରେ ଅଭିଯୋଗ ଆଣିଥିଲା। ତେବେ ଉପରୋକ୍ତ କମ୍ପାନୀଗୁଡ଼ିକ ଜରିଆରେ କାରବାରରେ ସେବି ପ୍ରକଟୀକରଣ ମାନଦଣ୍ଡରେ ଉଲ୍ଲଂଘନ ହୋଇନାହିଁ ବୋଲି ଏହାର ବୋର୍ଡ ସଦସ୍ୟ କମଲେଶ ସି. ବର୍ଣ୍ଣୀ ୨ଟି ରାୟରେ କହିଛନ୍ତି। ପ୍ରତିଭୂତିଗୁଡ଼ିକର ପର୍ଯ୍ୟାପ୍ତ ଅଧିଗ୍ରହଣ କିମ୍ବା ନିୟନ୍ତ୍ରଣରେ ମଧ୍ୟ କୌଣସି ଉଲ୍ଲଂଘନ ହୋଇନାହିଁ, ଯାହା ନିବେଶକମାନଙ୍କୁ ବିଭ୍ରାନ୍ତ କରିପାରିଥାନ୍ତା। ତେଣୁ ଆଦାନୀ କମ୍ପାନୀ କିମ୍ବା ଏହାର କାର୍ଯ୍ୟନିର୍ବାହୀମାନଙ୍କୁ ଦାୟୀ କରିବା ଅଥବା ଦଣ୍ଡିତ କରିବାର କୌଣସି କାରଣ ନାହିଁ ବୋଲି ସେବି କହିଛି। ଯେଉଁମାନେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚର ଭିତ୍ତିହୀନ ଓ କପଟତାପୂର୍ଣ୍ଣ ରିପୋର୍ଟକୁ ବ୍ୟବହାର କରି ମିଥ୍ୟା ପ୍ରଚାର ଚଳାଇଥିଲେ, ସେମାନେ ଦେଶକୁ କ୍ଷମା ମାଗନ୍ତୁ ବୋଲି ସେବିର କ୍ଲିନ୍‌ଚିଟ୍ ପରେ ଗୌତମ ଆଦାନୀ କହିଛନ୍ତି।


ଗୌତମ ଆଦାନୀ

# ‘ଆଦାନୀ କଣ୍ଟେଣ୍ଟ’ ହଟାଇବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୮।୯**

ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଆଦାନୀ ଏଣ୍ଟରପ୍ରାଇଜେସ୍ ଲିଃ(ଏଇଏଲ୍) ସମ୍ପର୍କିତ ଯାଞ୍ଚ ହୋଇ ନ ଥିବା ସମ୍ମାନହାନିକାରକ ବିଷୟବସ୍ତୁ ହଟାଇଦେବାକୁ ୟୁଟ୍ୟୁବ୍ ଏବଂ ସରକାରଙ୍କଠାରୁ ନୋଟିସ୍ ପାଇଥିବା କେତେଜଣ ଖବରଦାତା ଏବଂ କଣ୍ଟେଣ୍ଟ କ୍ରିଏଟର କହିଛନ୍ତି। ଦିଲ୍ଲୀ କୋର୍ଟଙ୍କ ଏଭଳି ନିର୍ଦ୍ଦେଶକୁ ନେଇ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଏଇଏଲ୍ ସମ୍ପର୍କିତ ଯାଞ୍ଚ ହୋଇ ନ ଥିବା ମାନହାନିକାରକ ରିପୋର୍ଟରୁ ଦୂରେଇ ରହିବାକୁ ୯ ଜଣ ଖବରଦାତା, ଆକ୍ଟିଭିଷ୍ଟ ଓ ସଂସ୍ଥାଙ୍କୁ ଦିଲ୍ଲୀର ଏକ ସିଭିଲ୍ କୋର୍ଟ କହିବା ସହ ୫ ଦିନ ମଧ୍ୟରେ ଉକ୍ତ କଣ୍ଟେଣ୍ଟଗୁଡ଼ିକୁ ହଟାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦି କୌଣସି କଣ୍ଟେଣ୍ଟ ମଧ୍ୟବର୍ତ୍ତୀ ସଂସ୍ଥା କିମ୍ବା ସରକାରୀ ସଂସ୍ଥା ପ୍ରତି ମାନହାନିକାରକ ବୋଲି ଯଦି ବିଚାର କରାଯାଉଥାଏ, ତେବେ ତାହାର ୟୁଆର୍‌ଏଲ୍ ଏବଂ ଲିଙ୍କ୍ ପଠାଇବାକୁ ଅଦାଲତ କର୍ପୋରେଟ୍ ସଂସ୍ଥାକୁ କ୍ଷମତା ଦେବା ସହ ଏଭଳି କଣ୍ଟେଣ୍ଟ ପୋଷ୍ଟ କରିଥିବା ବ୍ୟକ୍ତି ୩୬ ଘଣ୍ଟା ମଧ୍ୟରେ ହଟାଇବାକୁ ନିର୍ଦ୍ଦେଶରେ କୁହାଯାଇଥିବାରୁ ଏହା ଆହୁରି ଚିନ୍ତାଜନକ ବୋଲି ଗିଲ୍ଡ କହିଛି।

ସିଭିଲ୍ କୋର୍ଟଙ୍କ ଏହି ରାୟକୁ ୪ ଜଣ ଖବରଦାତା ଜିଲା କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଖବରଦାତା ରବି ନାୟାର, ଅବିର ଦାସଗୁପ୍ତା, ଅୟସକାନ୍ତ ଦାସ ଏବଂ ଆୟୁଷ ଜୋଷୀଙ୍କ ଆବେଦନର ଶୁଣାଣି କରି ଜିଲା ଜଜ୍ ଆଶିଷ ଅଗ୍ରୱାଲ କହିଛନ୍ତି, ସିଭିଲ୍ ପ୍ରୋସିଜିଓର କୋଡ୍‌ର ବ୍ୟବସ୍ଥା ଅନୁଯାୟୀ ସିଭିଲ୍ ଜଜ୍ ରାୟ ଦେବା ପୂର୍ବରୁ ପ୍ରତିବାଦୀଙ୍କ ଯୁକ୍ତି ଶୁଣିବା ପାଇଁ ସୁଯୋଗ ଦେବା ଆବଶ୍ୟକ ଥିଲା। ଜିଲା କୋର୍ଟ ଉକ୍ତ ବିବାଦୀୟ ରାୟକୁ ଖାରଜ କରିଦେଇଛନ୍ତି।

## ଉଦ୍‌ବେଗ ପ୍ରକାଶ କଲା ଏଡିଟର୍ସ ଗିଲ୍ଡ

# ‘ଭୋଟ ଚୋରଙ୍କୁ ସୁରକ୍ଷା ଦେଉଛନ୍ତି ସିଇସି’

## ଜ୍ଞାନେଶ କୁମାରଙ୍କ ବିରୋଧରେ ରାହୁଲ ଆଣିଲେ ସାଂଘାତିକ ଅଭିଯୋଗ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଭୋଟ ଚୋରିରେ ସମ୍ପୃକ୍ତ ତଥା ଗଣତନ୍ତ୍ରର ବିଧ୍ୱଂସକମାନଙ୍କୁ ସିଇସି ସୁରକ୍ଷା ଦେଉଛନ୍ତି ବୋଲି ରାହୁଲ ସମାଲୋଚନା କରିବା ସହ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ ସମ୍ବଳିତ ପ୍ରମାଣ ଉପସ୍ଥାପନ କରିଛନ୍ତି। କର୍ନାଟକ ବିଧାନସଭାର ଏକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଂଗ୍ରେସ ମତଦାତାଙ୍କ ଭୋଟକୁ କିପରି ଉଦ୍ଦେଶ୍ୟମୂଳକ ଭାବେ ବ୍ୟବସ୍ଥିତ ରୂପେ ହଟାଇ ଦିଆଯାଇଥିଲା, ରାହୁଲ ତାହା ଦର୍ଶାଇଛନ୍ତି। ଅନ୍ୟପକ୍ଷେ ନିର୍ବାଚନ କମିଶନ (ଇସି) ଏହାକୁ ତ୍ରୁଟିପୂର୍ଣ୍ଣ ଓ ଭିତ୍ତିହୀନ ଅଭିଯୋଗ କହି ଖଣ୍ଡନ କରିଛନ୍ତି। ଏଥିସହ ପ୍ରଭାବିତ ବ୍ୟକ୍ତିଙ୍କ ଯୁକ୍ତି ଶୁଣିବା ପାଇଁ ସୁଯୋଗ ନ ଦେଇ ତାଙ୍କୁ ଭୋଟର ତାଲିକାରୁ ହଟାଇବା ସମ୍ଭବ ନୁହେଁ ବୋଲି କମିଶନ କହିଛନ୍ତି। ସେହିପରି ଭାରତୀୟ ଗଣତନ୍ତ୍ର ଉପରେ ରାହୁଲଙ୍କ ଆସ୍ଥା ନ ଥିବାରୁ ସେ ଭାରତରେ ନେପାଳ ଓ ବାଂଲାଦେଶ ଭଳି ସ୍ଥିତି ଉପୁଜାଇବାକୁ ଚାହୁଁଥିବା ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି।

**ନୂଆଦିଲ୍ଲୀ,୧୮।୯(ପି.ଟି.)**

ନିର୍ବାଚନ କମିଶନଙ୍କୁ ଲଗାତର ଟାର୍ଗେଟ କରିଆସୁଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁବାର ସିଇସି ଜ୍ଞାନେଶ କୁମାରଙ୍କୁ ସନ୍ଦେହର କାଠଗଡ଼ାରେ ଛିଡ଼ା କରାଇଛନ୍ତି। ଏଆଇସିସି ମୁଖ୍ୟାଳୟ ଇନ୍ଦିରା ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାହୁଲ କହିଛନ୍ତି, ସିଇସି ଭୋଟ ଚୋରିକୁ ରୋକିବା ଜରୁରୀ। ଭୋଟର ତାଲିକାରୁ ମତଦାତାଙ୍କ ନାମ ହଟାଇବା ନେଇ କର୍ନାଟକ ଅପରାଧ ତଦନ୍ତ ବିଭାଗ (ସିଆଇଡି) ପକ୍ଷରୁ ମଗାଯାଇଥିବା ତଥ୍ୟ ସିଇସି ସପ୍ତାହେ ମଧ୍ୟରେ ପ୍ରଦାନ କରନ୍ତୁ। ସିଇସି ଏହି ତଥ୍ୟ ପ୍ରଦାନ ନ କଲେ ସମ୍ବିଧାନ ହତ୍ୟାକାରୀଙ୍କ ସହଯୋଗୀ ରୂପେ ଧରାଯିବେ। ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ସେମାନଙ୍କ କାର୍ଯ୍ୟ କରିବାକୁ ଦିଆଯାଉନାହିଁ। ତେଣୁ ନ୍ୟାୟପାଳିକାର ହସ୍ତକ୍ଷେପ ଜରୁରୀ ହୋଇପଡ଼ିଛି। ରାହୁଲ ଆହୁରି କହିଛନ୍ତି, ଏହି ଅଭିଯୋଗ ସେ ପୂର୍ବରୁ କହିଥିବା ‘ହାଇଡ୍ରୋଜେନ୍ ବୋମା’ ନୁହେଁ। ଆଗକୁ ସେ ଏନେଇ ବିସ୍ତୃତ ବିବରଣୀ ପ୍ରଘଟ କରିବେ।

ଗତ ୧୦-୧୫ ବର୍ଷ ଧରି ଭାରତରେ ଏପରି ଚାଲିଛି। ଦେଶର ଗଣତନ୍ତ୍ରକୁ ହାଇଜାକ୍ କରାଯାଇଛି। ଗଣତନ୍ତ୍ରକୁ କେବଳ ଦେଶବାସୀ ହିଁ ରକ୍ଷା କରିପାରିବେ। ଗଣତନ୍ତ୍ର ଓ ସମ୍ବିଧାନ ଚୋରି ହୋଇଯାଇଥିବା ବିଷୟ ଯେଉଁଦିନ ଲୋକେ ବୁଝିଯିବେ, ସେହିଦିନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ। ଏହି ଅବସରରେ ରାହୁଲ କର୍ନାଟକ ଆଳନ୍ଦ ନିର୍ବାଚନମଣ୍ଡଳୀର ଉଦାହରଣ ଦେଇ କହିଛନ୍ତି, ୨୦୨୩ ବିଧାନସଭା ନିର୍ବାଚନ ବେଳେ ୬,୦୧୮ ଭୋଟ ଚୋରି ହୋଇଥିଲା। କଂଗ୍ରେସର ସ୍ଥିତି ସୁଦୃଢ଼ ଥିବା ବୁଥ୍‌ଗୁଡ଼ିକୁ ଜାଣିଶୁଣି ଟାର୍ଗେଟ କରାଯାଇଥିଲା। ମହାରାଷ୍ଟ୍ର ରଜୁରା ନିର୍ବାଚନମଣ୍ଡଳୀରେ ୬,୮୫୦ ମତଦାତାଙ୍କୁ ଜାଲ୍ ଦର୍ଶାଇ ଅଟୋମେଟେଡ୍ ସଫ୍ଟୱେର ଜରିଆରେ ସେମାନଙ୍କୁ ହଟାଇ ଦିଆଯାଇଥିଲା। କର୍ନାଟକ, ମହାରାଷ୍ଟ୍ର, ହରିୟାଣା, ଉତ୍ତର ପ୍ରଦେଶ ଓ ବିହାରରେ ସମାନ ପନ୍ଥା ଆପଣାଯାଉଛି ବୋଲି ରାହୁଲ ଅଭିଯୋଗ ଆଣିଛନ୍ତି। ଜ୍ଞାନେଶ କୁମାର ନିଜ କାମ କରନ୍ତୁ। ସିଇସି ରୂପେ ସେ ଶପଥ ନେଇଛନ୍ତି। କର୍ନାଟକ ସିଆଇଡିକୁ ସେ ସପ୍ତାହେ ମଧ୍ୟରେ ମଗାଯାଇଥିବା ତଥ୍ୟ ପ୍ରଦାନ କରନ୍ତୁ ବୋଲି ରାହୁଲ ଦାବି କରିଛନ୍ତି।

## ଅଭିଯୋଗକୁ ଖଣ୍ଡନ କଲେ ଇସି

**ନୂଆଦିଲ୍ଲୀ,୧୮।୯(ପି.ଟି.)**




କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଅଭିଯୋଗକୁ ନିର୍ବାଚନ କମିଶନ (ଇସି) ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଜଣେ ବ୍ୟକ୍ତିଙ୍କୁ ମତ ରଖିବା ପାଇଁ ସୁଯୋଗ ନ ଦେଇ ତାଙ୍କ ନାମ ଭୋଟର ତାଲିକାରୁ ହଟାଯାଇପାରିବ ନାହିଁ ବୋଲି ଇସିଙ୍କ ପକ୍ଷରୁ କୁହାଯାଇଛି। ଇସି ଏକ ବିବୃତି ଜାରି କରି କହିଛନ୍ତି, ଅନ୍‌ଲାଇନ୍‌ରେ ଭୋଟ ଡିଲିଟ୍ କରାଯାଇପାରିବ ନାହିଁ। ୨୦୨୩ରେ ଆଳନ୍ଦ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାତାଙ୍କ ନାମ ହଟାଇବା ପାଇଁ କେତେକ ନିର୍ଦ୍ଦିଷ୍ଟ ବିଫଳ ଉଦ୍ୟମ ହୋଇଥିଲା। ଇସିଙ୍କ ଅଧିକାରୀମାନେ ଏନେଇ ଏଫ୍‌ଆଇଆର୍ କରିବା ସହ ତଦନ୍ତ ମଧ୍ୟ କରିଥିଲେ। ରେକର୍ଡ ଅନୁସାରେ ୨୦୧୮ ନିର୍ବାଚନରେ ଆଳନ୍ଦରେ ଭାଜପାର ସୁଭାଧ ଗୁଟ୍ଟେଦର ବିଜୟୀ ହୋଇଥିବାବେଳେ ୨୦୨୩ରେ କଂଗ୍ରେସ ପ୍ରାର୍ଥୀ ବି.ଆର୍. ପାଟିଲ ଜିତିଥିଲେ।

# ସବୁ ଇପିଏଫ୍‌ଓ ସେବା ଗୋଟିଏ ଲଗ୍‌ଇନ୍‌ରେ ଉପଲବ୍ଧ ହେବ: ମାଣ୍ଡବ୍ୟ

**ନୂଆଦିଲ୍ଲୀ,୧୮।୯(ପି.ଟି.)**

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ)ର ୭ କୋଟିରୁ ଊର୍ଦ୍ଧ୍ୱ ସଦସ୍ୟ ଏଣିକି ସେମାନଙ୍କ ପୋର୍ଟାଲରେ ଗୋଟିଏ ଲଗ୍‌ଇନ୍ କରି ସମସ୍ତ ପ୍ରମୁଖ ସେବା ପାଇବା ସହ ସେମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ୍ ଆକାଉଣ୍ଟର ସବିଶେଷ ତଥ୍ୟ ପାଇପାରିବେ। କେନ୍ଦ୍ର ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏହା କହିଛନ୍ତି। ଇପିଏଫ୍‌ଓ ଏହାର ସଦସ୍ୟମାନଙ୍କୁ ପ୍ରଭାବଶାଳୀ, ସ୍ୱଚ୍ଛ ଏବଂ ୟୁଜର ଫ୍ରେଣ୍ଡଲି ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ଆଣିଥିବା ପ୍ରମୁଖ ସଂସ୍କାର ସମ୍ପର୍କରେ ମାଣ୍ଡବ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସମ୍ପ୍ରତି ସଦସ୍ୟମାନେ ସେମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଅଂଶଦାନ, ଅଗ୍ରିମ କିମ୍ବା ଟଙ୍କା ଉଠାଣ ସହ ସମ୍ପୃକ୍ତ କାରବାର ଜାଣିବା ପାଇଁ ଇପିଏଫ୍‌ଓର ପାସ୍‌ବୁକ୍ ପୋର୍ଟାଲକୁ ଲଗ୍‌ଇନ୍ କରୁଥିଲେ। ଇପିଏଫ୍‌ଓ ଏବେ ‘ପାସ୍‌ବୁକ୍ ଲାଇଟ୍’ ନାମରେ ନୂଆ ସୁବିଧା ଆରମ୍ଭ କରିଛି। ଏହାଦ୍ୱାରା ପାସ୍‌ବୁକ୍ ପୋର୍ଟାଲକୁ ନ ଯାଇ ‘ମେମ୍ବର ପୋର୍ଟାଲ’ ଜରିଆରେ ଏହାର ସଦସ୍ୟମାନେ ସହଜରେ ସେମାନଙ୍କ ପାସ୍‌ବୁକ୍ ଯାଞ୍ଚ କରିପାରିବା ସହ ସହଜ ଓ ସୁବିଧାଜନକ ଫର୍ମାଟରେ ସେମାନଙ୍କ ଅଂଶଦାନ, ଉଠାଣ ଓ ବାଲାନ୍ସ ଦେଖିପାରିବେ। ଗୋଟିଏ ଲଗ୍‌ଇନ୍‌ରେ ପାସ୍‌ବୁକ୍ ସମେତ ସମସ୍ତ ପ୍ରମୁଖ ସେବା ମିଳିପାରିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଗ୍ରାଫିକାଲ ଡିସ୍‌ପ୍ଲେ ସମେତ ପାସ୍‌ବୁକ୍‌ର ସବିଶେଷ ତଥ୍ୟକୁ ବିସ୍ତୃତ ଭାବେ ଦେଖିବା ପାଇଁ ସଦସ୍ୟମାନଙ୍କୁ ପାସ୍‌ବୁକ୍ ପୋର୍ଟାଲକୁ ଯିବାକୁ ପଡ଼ିବ।

# ହଲିଉଡ୍‌ର ପ୍ରଖ୍ୟାତ ଅଭିନେତା ରବର୍ଟ ରେଡ୍‌ଫୋର୍ଡଙ୍କ ପରଲୋକ

**ୱାଶିଂଟନ୍, ୧୮।୯**

ପ୍ରସିଦ୍ଧ ହଲିଉଡ୍ ଅଭିନେତା ତଥା ନିର୍ଦ୍ଦେଶକ ରବର୍ଟ ରେଡ୍‌ଫର୍ଡଙ୍କ ମଙ୍ଗଳବାର ୮୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ହଲିଉଡ୍‌ରେ ସେ ଗୋଲ୍ଡେନ ବୟ ନାମରେ ପରିଚିତ ଥିଲେ। ରବର୍ଟ ୧୯୬୦ରେ ହଲିଉଡ୍‌ରେ ପ୍ରବେଶ କରିଥିଲେ। ‘ବୁଚ୍ କାସିଡି ଆଣ୍ଡ୍ ଦି ସଣ୍ଡାସ୍ କିଡ୍ (୧୯୬୯)’, ‘ଅଲ୍ ଦି ପ୍ରେସିଡେଣ୍ଟସ୍ ମେନ୍ (୧୯୭୬)’, ‘ଦି ଷ୍ଟିଙ୍ଗ୍ (୧୯୭୩)’, ‘ଆଉଟ୍ ଅଫ୍ ଆଫ୍ରିକା (୧୯୮୫)’ ପରି ସୁପରହିଟ୍ ଫିଲ୍ମରେ ତାଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ନିର୍ଦ୍ଦେଶନା କ୍ଷେତ୍ରରେ ମଧ୍ୟ ରବର୍ଟ ସଫଳତା ପାଇଛନ୍ତି। ୧୯୮୦ରେ ‘ଅର୍ଡିନାରୀ ପିପୁଲ’ ଫିଲ୍ମ ପାଇଁ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଓସ୍କାର ପୁରସ୍କାର ଜିତିଥିଲେ। ଆମେରିକା ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜ ୬ ଦଶନ୍ଧିର କ୍ୟାରିୟରରେ ସେ ଅଭିନେତା, ନିର୍ଦ୍ଦେଶକ ତଥା ପ୍ରଯୋଜକ ଭାବେ ସେ ଅନେକ ସଫଳତା ପାଇଛନ୍ତି।



# ଉତ୍ତରାଖଣ୍ଡରେ ଭୂସ୍ଖଳନ: ଜଣେ ମୃତ, ୧୧ ନିଖୋଜ

**ଗୋପେଶ୍ୱର,୧୮।୯(ପି.ଟି.)**

ଉତ୍ତରାଖଣ୍ଡର ଚାମୋଲି ଜିଲାରେ ବାଦଲଫଟା ବର୍ଷା ଲାଗିରହିବା ଫଳରେ ବନ୍ୟା ସାଙ୍ଗକୁ ଭୂସ୍ଖଳନ ଘଟି ଜଣେ ଲୋକଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୧ ଜଣ ନିଖୋଜ ଅଛନ୍ତି। ଭୂସ୍ଖଳନରେ ୨୦ ଜଣ ଆହତ ହେବା ସହ ଜିଲାର ୪ଟି ଗ୍ରାମରେ ୩୩ ଘର କ୍ଷତିଗ୍ରସ୍ତ ହୋଇଛି। କୁନ୍ତାରି ଲାଗାଫଲି ଗ୍ରାମରେ ମାଟି ଅତଡ଼ା ତଳୁ ଜଣକ ମୃତଦେହ ବାହାରିଥିବାବେଳେ ୨ ମହିଳା ଓ ଜଣେ ପିଲାଙ୍କୁ ଉଦ୍ଧାର କରାଯାଇଥିବା ରାଜ୍ୟର ଏମର୍ଜେନ୍ସି ଅପରେଶନ ସେଣ୍ଟର ପକ୍ଷରୁ କୁହାଯାଇଛି। ନିଖୋଜ ୧୧ ଜଣଙ୍କ ମଧ୍ୟରୁ କୁନ୍ତାରି ଲାଗାଫଲି ଗ୍ରାମରୁ ୭ ଜଣ ହୋଇଥିବାବେଳେ କୁନ୍ତାରି ଲାଗାସରପାନି ଓ ଧୁର୍ମାରୁ ୨ ଜଣ ଲେଖାଏ ଅଛନ୍ତି।

ଡେରାଡୁନ୍‌ଠାରୁ ୨୬୦ କି.ମି. ଏବଂ ଗୋପେଶ୍ୱରଠାରୁ ୫୦ କି.ମି. ଦୂରରେ ଥିବା ନନ୍ଦନଗର ଅଞ୍ଚଳ ଅନ୍ତର୍ଗତ ୪ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ବର୍ଷାଜନିତ ଘଟଣାରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। କୁନ୍ତାରି ଲାଗାଫଲି ଗ୍ରାମରୁ ୧୫୦ରୁ ୨୦୦ ଲୋକଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଛି।

ଫୁରସତ

# ନୁଡୁଲ୍ସ ବିକି ଦିନକୁ ଲକ୍ଷେ ଟଙ୍କା ରୋଜଗାର

## ସୋସିଆଲ ମିଡିଆରେ ଭାଇରାଲ ହେଉଛନ୍ତି ପିଏଚ୍.ଡି. ଗ୍ରାଜୁଏଟ୍




**ବ୍ରସେଲ୍ସ:** ବେଲଜିୟମରେ ଚାଇନାର ଏକ ଦମ୍ପତି ମସଲାଦାର ନୁଡୁଲ୍ସ ବିକ୍ରି କରି ଦୈନିକ ୧ ହଜାର ୟୁରୋ (ପ୍ରାୟ ୧ ଲକ୍ଷ ୫ ହଜାର ଟଙ୍କା ରୋଜଗାର କରୁଛନ୍ତି। ତାଙ୍କର ଏକ ଭିଡିଓ ନିକଟରେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଚାଇନାର ଜିଆଙ୍ଗସୁ ପ୍ରଦେଶ ଚୋଙ୍ଗକିଙ୍ଗ୍ ନିବାସୀ ଡିଙ୍ଗ୍ (୩୭) ଦେଶରେ ପିଏଚ୍.ଡି. ଡିଗ୍ରୀ ହାସଲ କରିବା ପରେ ମୃତ୍ତିକା ପରିଚାଳନା ଏବଂ ଫସଲ ଉତ୍ପାଦନ ଉପରେ ନିଜ ପୋଷ୍ଟ ଡକ୍ଟରାଲ୍ ରିସର୍ଚ୍ଚ ପାଇଁ ବେଲଜିୟମ ଯାଇଥିଲେ। ସେ ନିଜ ପୋଷ୍ଟ ଡକ୍ଟରାଲ୍ ରିସର୍ଚ୍ଚ ଅନ୍ତର୍ଗତ ପ୍ରାୟ ୩୦ଟି ଏକାଡେମିକ ପେପରକୁ ପ୍ରକାଶିତ କରିଛନ୍ତି। ଡିଙ୍ଗ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ସମୟରେ ୱାଙ୍ଗ୍ ନାମ୍ନୀ ଜଣେ ଯୁବତୀଙ୍କୁ ଭଲ ପାଇଥିଲେ। ଦୁହେଁ ପ୍ରେମ ବିବାହ କରିଥିଲେ। ୨୦୧୫ରେ ଏହି ଦମ୍ପତି ବେଲଜିୟମକୁ ଆସି ସେଠାରେ ସ୍ଥାୟୀ ଭାବେ ବସବାସ କରିଥିଲେ। ତେବେ ଗବେଷଣା ବ୍ୟତୀତ ଅନ୍ୟ ସ୍ଥାୟୀ କାମ ମିଳୁ ନ ଥିବାରୁ ଗତ ମେ’ରୁ ଡିଙ୍ଗ୍ ସ୍ତ୍ରୀ ୱାଙ୍ଗ୍‌ଙ୍କ ସହ ବେଲଜିୟମରେ ଏକ ନୁଡୁଲ୍ସ ଷ୍ଟଲ୍ ଆରମ୍ଭ କରିଥିଲେ। ପରିବାର ପ୍ରତିପୋଷଣ ପାଇଁ ସେମାନଙ୍କୁ ଏହି ନୁଡୁଲ୍ସ ଷ୍ଟଲ୍ ଖୋଲିବାକୁ ପଡ଼ିଥିବା ଡିଙ୍ଗ୍ କହିଛନ୍ତି। ସେମାନେ ସ୍ଥାନୀୟ ବଜାରରେ ମସଲାଯୁକ୍ତ ଗ୍ରୀନ୍ ମଟର ନୁଡୁଲ୍ସ ବିକ୍ରି କରିବା ଆରମ୍ଭ କରିଥିଲେ। ୱାଙ୍ଗ୍‌ଙ୍କ ଜନ୍ମସ୍ଥାନ ଚୋଙ୍ଗକିଙ୍ଗ୍‌ରେ ଗ୍ରୀନ ମଟର ନୁଡୁଲ୍ସ ଏକ ଲୋକପ୍ରିୟ ଷ୍ଟ୍ରିଟ୍ ଫୁଡ୍ ଭାବେ ପରିଚିତ। ତେଣୁ ସେ ଏହାକୁ ବେଲଜିୟମବାସୀଙ୍କ ନିକଟରେ ପରିଚିତ କରାଇବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଡିଙ୍ଗ୍ କହିଛନ୍ତି। ଏହି ଦମ୍ପତି ସପ୍ତାହକୁ ୨ ଥର ନିଜର ଏହି ଷ୍ଟଲ୍‌କୁ ଖୋଲିଥାନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନୁଡୁଲ୍ସର ମୂଲ୍ୟ ପ୍ରତି ବାଉଲ ପିଛା ୭ରୁ ୯ ୟୁରୋ ରହିଛି। ସେହିପରି ସ୍ଥାନୀୟ ଲୋକଙ୍କ ସ୍ୱାଦ ଅନୁଯାୟୀ, ସେ ଏହି ଗ୍ରୀନ୍ ମଟର ନୁଡୁଲ୍ସରେ ମସଲାର ମାତ୍ରାକୁ ସାମାନ୍ୟ କମ୍ କରିଥିବା ଡିଙ୍ଗ୍ କହିଛନ୍ତି। ଏହି ମସଲାଦାର ଗ୍ରୀନ୍ ମଟର ନୁଡୁଲ୍ସକୁ ବିକ୍ରି କରି ଡିଙ୍ଗ୍ ଏବଂ ୱାଙ୍ଗ୍ ଦୈନିକ ପ୍ରାୟ ୧ ଲକ୍ଷ ୫ ହଜାର ଟଙ୍କା ରୋଜଗାର କରୁଛନ୍ତି।

# ‘କଳ୍କୀ ୨’ରୁ ହଟିଲେ ଦୀପିକା



**ହାଇଦ୍ରାବାଦ:** ୨୦୨୪ରେ ରିଲିଜ୍ ହୋଇଥିବା ସୁପରହିଟ୍ ଫିଲ୍ମ ‘କଳ୍କୀ ୨୮୯୮ ଏଡି’ରେ ଅଭିନେତା ପ୍ରଭାସ, ଅମିତାଭ ବଚ୍ଚନଙ୍କ ସହ ଅଭିନେତ୍ରୀ ଦୀପିକା ପାଦୁକୋନ୍ ନଜରକୁ ଆସିଥିଲେ। ବକ୍ସ ଅଫିସରେ ଉତ୍କୃଷ୍ଟ ପ୍ରଦର୍ଶନ ପରେ ଏହି ଫିଲ୍ମର ସିକ୍ୱେଲ ଖୁବ୍‌ଶୀଘ୍ର ଆସିବ ବୋଲି ଫିଲ୍ମ ନିର୍ମାତା କମ୍ପାନୀ ବୈଜୟନ୍ତୀ ମୁଭିଜ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଏହି ସିକ୍ୱେଲରେ ଦୀପିକାଙ୍କୁ ଦେଖିବାକୁ ମିଳିବ ନାହିଁ ବୋଲି ବୈଜୟନ୍ତୀ ମୁଭିଜ୍ ପକ୍ଷରୁ ସାମାଜିକ ଗଣମାଧ୍ୟମ ‘X’ରେ ଏକ ପୋଷ୍ଟ କରି ସୂଚନା ଦିଆଯାଇଛି। ପୋଷ୍ଟରେ ଲେଖାଯାଇଛି, ‘କଳ୍କୀ ୨୮୯୮ ଏଡି’ର ସିକ୍ୱେଲରେ ଦୀପିକାଙ୍କୁ ଦେଖିବାକୁ ମିଳିବ ନାହିଁ। ଅନେକ ବିଚାର ବିମର୍ଶ ପରେ ଦୀପିକାଙ୍କଠାରୁ ଅଲଗା ହେବାକୁ କମ୍ପାନୀ ନିଷ୍ପତ୍ତି ନେଇଛି। ‘କଳ୍କୀ ୨୮୯୮ ଏଡି’ ଫିଲ୍ମର ସିକ୍ୱେଲ ପାଇଁ ଅଧିକ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି। ଦୀପିକାଙ୍କଠାରୁ ଏହାର ଆଶ୍ୱାସନା ମିଳି ନ ଥିଲା। ବୈଜୟନ୍ତୀ ମୁଭିଜ୍‌ର ଏହି ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦୀପିକାଙ୍କ ଅନେକ ପ୍ରଶଂସକ ଉକ୍ତ ପୋଷ୍ଟର କମେଣ୍ଟରେ ଫିଲ୍ମ ନିର୍ମାଣକାରୀ କମ୍ପାନୀକୁ ସମାଲୋଚନା କରିଛନ୍ତି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ‘କଳ୍କୀ ୨’ ଫିଲ୍ମ ପାଇଁ ଦୀପିକା ତାଙ୍କ ପାରିଶ୍ରମିକକୁ ୨୫% ବଢ଼ାଇବାକୁ ଫିଲ୍ମନିର୍ମାତାଙ୍କଠାରୁ ଦାବି କରିଥିଲେ। ଦୀପିକାଙ୍କ ଏହି ଦାବିରେ ଫିଲ୍ମ ନିର୍ମାତା ସହମତି ପ୍ରକାଶ କରି ନ ଥିଲେ।




# ଅନାସ୍ଥା ଆଣିଲା କଂଗ୍ରେସ

## ଜଗତେ କେବଳ ଜଣେ ହସିବେ: ଭାଜପା

ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ପୂର୍ବରୁ କଂଗ୍ରେସ ସରକାରଙ୍କ ବିରୋଧରେ ଅନାସ୍ଥା ଆଣିବ ବୋଲି ଯେଉଁ କହିଆସୁଥିଲା ତାହା ଗୁରୁବାର କରି ଦେଖାଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ୧୫ଜଣ ବିଧାୟକଙ୍କ ଦସ୍ତଖତ ସମ୍ବଳିତ ଏକ ପ୍ରସ୍ତାବ ବିଧାନସଭା ସଚିବଙ୍କ ଜରିଆରେ ବାଚସ୍ପତିଙ୍କୁ ପ୍ରଦାନ କରିଛନ୍ତି। ପ୍ରସ୍ତାବରେ ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ମଧ୍ୟ ସମର୍ଥନ ରହିଛି। କାଡାମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ ଦେବଙ୍କୁ ଭେଟି ଅନାସ୍ଥାକୁ ସମର୍ଥନ ସପକ୍ଷରେ ଆଲୋଚନା କରିଛନ୍ତି। ହେଲେ ଏନେଇ ବିଜେଡି ତା'ର ସ୍ପଷ୍ଟ ଆଭିମୁଖ୍ୟ ପ୍ରକାଶ କରିନାହିଁ।

ଗୁରୁବାର ମୌସୁମୀ ଅଧିବେଶନ ପ୍ରଥମ ଦିନରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ ଗୃହର ଦିବଂଗତ ସ୍ୱର୍ଗତ ସଦସ୍ୟମାନଙ୍କ ସମ୍ମାନାର୍ଥେ ଶୋକପ୍ରସ୍ତାବ ଆଗତ କରିଥିଲେ। ଏହାପରେ ଗୃହକୁ ଶୁକ୍ରବାର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଉଲ୍ଲେଖଯୋଗ୍ୟ ☞ ପୃଷ୍ଠା-୨



ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ବିଧାନସଭା ସଚିବ ସତ୍ୟବ୍ରତ ସାହୁଙ୍କୁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଦଳର ନେତା ତାରାପ୍ରସାଦ ବାହିନୀପତି, ସିଏସ୍ ରାଜନ ଏକ୍କା, ସୋଫିଆ ଫିର୍ଦୋସ ଗୁରୁବାର ୧୫ ବିଧାୟକଙ୍କ ଦସ୍ତଖତ ସମ୍ବଳିତ ଅନାସ୍ଥା ପ୍ରସ୍ତାବ ପ୍ରଦାନ କରୁଛନ୍ତି।

# ବିଜେଡି ତଣ୍ଟିରେ ଅନାସ୍ଥା କଣ୍ଟା

- ଅନାସ୍ଥାକୁ ସମର୍ଥନ କରିବନି ଦଳ
- ଆଇଏଏସ୍‌ଙ୍କ ପରେ ଜଣେ ଓଏଏସ୍ ଅଫିସରଙ୍କୁ ଭେଟିବାକୁ ଧାଉଁଛନ୍ତି

ଭୁବନେଶ୍ୱର,୧୮।୯(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରସଙ୍ଗକୁ ନେଇ କଂଗ୍ରେସ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ଚଳିତ ଅଧିବେଶନରେ ଅନାସ୍ଥା ଆଣିବ ବୋଲି କଂଗ୍ରେସ ପକ୍ଷରୁ ବହୁ ଆଗରୁ ବାରମ୍ବାର କୁହାଯାଇଥିଲା। ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା, ଆଇନ ଶୃଙ୍ଖଳା ପରିସ୍ଥିତି, ଚାଷୀ ସମସ୍ୟା, ବେରୋଜଗାରି ବୃଦ୍ଧି ପାଉଥିବା ଆଦି ପ୍ରସଙ୍ଗ ନେଇ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଥିବା କହିଛି। ଅନାସ୍ଥା ପ୍ରସ୍ତାବକୁ ସମର୍ଥନଦେବା ଲାଗି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ବିଜେଡିର ସହଯୋଗ ଲୋଡ଼ିଛନ୍ତି। ଏହାପରେ ବିଜେଡି ବିଧାୟକ ପ୍ରତାପ ଦେବ ବିଜେଡି ପକ୍ଷରୁ ଗଠିତ ଫ୍ଲୋର ମ୍ୟାନେଜମେଣ୍ଟ କମିଟି ସହ ଦ୍ୱିପ୍ରହର ସମୟରେ ଏକ ☞ ପୃଷ୍ଠା-୨

# ଆକ୍ରମଣର ମିଳିତ ମୁକାବିଲା କରିବେ ପାକିସ୍ତାନ-ସାଉଦି ଆରବ

**ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ନିମନ୍ତ୍ରଣକ୍ରମେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ବୁଧବାର ରିୟାଧ ଗସ୍ତ କରି ତାଙ୍କ ସହ ଏକ ବିସ୍ତୃତ ପ୍ରତିରକ୍ଷା ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। 'ଷ୍ଟ୍ରାଟେଜିକ୍ ମ୍ୟୁଚୁଆଲ ଡିଫେନ୍ସ ଏଗ୍ରିମେଣ୍ଟ' ଶୀର୍ଷକ ଏହି ଐତିହାସିକ ଚୁକ୍ତି ସମ୍ପନ୍ନ ହେବା ଫଳରେ ପାକିସ୍ତାନ କିମ୍ବା ସାଉଦି ଆରବ ଉପରେ କୌଣସି ଆକ୍ରମଣକୁ ଉଭୟ ଦେଶ ଉପରେ ଅତିକ୍ରମଣ ବୋଲି ଇସ୍‌ଲାମାବାଦ ଓ ରିୟାଧ ବିବେଚନା କରି ମିଳିତ ଭାବେ ଏହାର ମୁକାବିଲା କରିବେ। ପାକିସ୍ତାନ ହେଉଛି ଏକମାତ୍ର ଆଣବିକ ଅସ୍ତ୍ରସମ୍ପନ୍ନ ମୁସଲମାନ ବହୁଳ ରାଷ୍ଟ୍ର। ଏହା ନିକଟରେ ଇସ୍‌ଲାମିକ୍ ଦୁନିଆର ସର୍ବବୃହତ୍ ସେନା ରହିଛି। ପଡ଼ୋଶୀ ଭାରତ ପଟୁ କୌଣସି ପ୍ରକାର ଚ୍ୟାଲେଞ୍ଜ ଆସିଲେ ମୁକାବିଲା ପାଇଁ ପ୍ରସ୍ତୁତ ରହିଥିବା ଇସ୍‌ଲାମାବାଦ କହିଆସୁଥିବାବେଳେ ସାଉଦି ଆରବ ସହ ସଦ୍ୟ ପ୍ରତିରକ୍ଷା ଚୁକ୍ତି ପାକିସ୍ତାନର ସାମରିକ ବଳ ବୃଦ୍ଧି ଘଟାଇପାରେ। ସେହିପରି ଇସ୍‌ଲାମିକ୍ ରାଷ୍ଟ୍ରଗୁଡ଼ିକୁ ନେଇ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ଅନୁରୂପ ଏକ ସାମରିକ ମହାମେଣ୍ଟ ପ୍ରତିଷ୍ଠା କରିବାକୁ ପାକିସ୍ତାନ ଚାହୁଁଥିଲା। ଉପରୋକ୍ତ ଚୁକ୍ତି ଇସ୍‌ଲାମିକ୍ ସାମରିକ ମହାମେଣ୍ଟ ପାଇଁ ମୂଳଦୁଆ ପକାଇଥିବା କୁହାଯାଉଛି। ତେଣୁ ଏହାକୁ ଭାରତ ପାଇଁ ଚିନ୍ତାଜନକ ମନେକରାଯାଉଛି।**

ଇସ୍‌ଲାମାବାଦ/ରିୟାଧ/ନୂଆଦିଲ୍ଲୀ, ୧୮।୯(ପି.ଟି./ରଏଟର୍ସ)

ପାକିସ୍ତାନ ଓ ସାଉଦି ଆରବ ଏକ 'ରଣନୈତିକ ପାରସ୍ପରିକ ପ୍ରତିରକ୍ଷା' ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ତଦନୁସାରେ ପାକିସ୍ତାନ କିମ୍ବା ସାଉଦି ଆରବ ଉପରେ କୌଣସି ଆକ୍ରମଣ ହେଲେ ତାକୁ ଉଭୟ ଦେଶ ବିରୋଧରେ ଅତିକ୍ରମଣ ରୂପେ ବିବେଚନା କରାଯିବ ବୋଲି ଏକ ମିଳିତ ଘୋଷଣାନାମାରେ କୁହାଯାଇଛି। ଉପସାଗରୀୟ ରାଷ୍ଟ୍ରର ରାଜଧାନୀ ରିୟାଧକୁ ବୁଧବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ଗସ୍ତ ☞ ପୃଷ୍ଠା-୨

## ଭାରତ ପାଇଁ ଚିନ୍ତାଜନକ ପ୍ରତିରକ୍ଷା ଚୁକ୍ତି




ରିୟାଧରେ ସାଉଦି ଆରବ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିବା ଅବସରରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍। **(ଫଟୋ ସୌଜନ୍ୟ: ରଏଟର୍ସ)**

# ନ୍ୟାଶନାଲ ଜିଓଗ୍ରାଫିକ୍‌ର କଭର ପେଜ୍‌ରେ ଶିମିଳିପାଳ କଳାବାଘ

ନୂଆଦିଲ୍ଲୀ,୧୮।୯(ପି.ଟି.)

ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନରେ ଭାରତୀୟ ଫଟୋଗ୍ରାଫର ପ୍ରସନ୍‌ଜିତ ଯାଦବଙ୍କ ଦ୍ୱାରା ନିଆଯାଇଥିବା ଏକ ଦୁର୍ଲଭ କଳାବାଘର ଫଟୋ ନ୍ୟାଶନାଲ ଜିଓଗ୍ରାଫିକ୍ ମାଗାଜିନର ଆଗାମୀ ଅକ୍ଟୋବର ମାସର ସଂସ୍କରଣ ପାଇଁ କଭର ପେଜ୍ ଭାବେ ସ୍ଥାନିତ ହୋଇଛି। ଉକ୍ତ କଭର ପେଜ୍ ଫଟୋ ପାଇଁ ପ୍ରସନ୍‌ଜିତଙ୍କୁ ଶିମିଳିପାଳର ଘନ ଜଙ୍ଗଲ ମଧ୍ୟରେ ଅନେକ ମାସ ଧରି ବାଘଗୁଡ଼ିକଙ୍କ ଉପରେ ନଜର ରଖିବାକୁ ପଡ଼ିଥିଲା। କଭର ପେଜ୍‌ରେ ସ୍ଥାନିତ ହୋଇଥିବା ବାଘଟି ସ୍ୟୁଡୋ ମେଲାନିଷ୍ଟିକ୍ ଟାଇଗର ପ୍ରଜାତିର ହୋଇଥିବା ବେଳେ ଏହା ବିଶ୍ୱର ସବୁଠାରୁ ଦୁର୍ଲଭ ବାଘ ମଧ୍ୟରୁ ଅନ୍ୟତମ। ଏହି ପ୍ରକାରର କଳାବାଘ କେବଳ ଶିମିଳିପାଳରେ ଦେଖାଯାଆନ୍ତି ବୋଲି ପ୍ରସନ୍‌ଜିତ କହିଛନ୍ତି। ସେ କହିଛନ୍ତି, ଜଣେ ଏକ୍ସପ୍ଲୋରର ଏବଂ ନ୍ୟାଶନାଲ ଜିଓଗ୍ରାଫିକ୍‌ର ଫଟୋଗ୍ରାଫର ଭାବେ ଦୀର୍ଘ ମାସ ଧରି ଶିମିଳିପାଳ ଜଙ୍ଗଲରେ ବୁଲିବା ତାଙ୍କ ପାଇଁ ଏକ ନିଆରା ଅନୁଭୂତି ଥିଲା। ☞ ପୃଷ୍ଠା-୨








# ୧୩୫ ଶିଳ୍ପ ସଂସ୍ଥା ଉପରେ ଗଡୁଛି ୩୭୯୭ କୋଟିର ଜଳକର

ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)

ରାଜ୍ୟରେ ଶିଳ୍ପସଂସ୍ଥାଗୁଡ଼ିକ ଉପରେ ଅନେକ ହଜାର କୋଟି ଟଙ୍କାର ଜଳକର ବକେୟା ଗଡୁଛି। ସମ୍ପୃକ୍ତ ଶିଳ୍ପସଂସ୍ଥା ରାଜ୍ୟର ପ୍ରମୁଖ ୧୧ଟି ନଦୀରୁ ଜଳ ଟାଣୁଥିଲେ ହେଁ ସମୟ ଭିତରେ ରାଜ୍ୟ ସରକାରଙ୍କୁ ଜଳକର ଦେଉନାହାନ୍ତି। ଫଳରେ ୧୩୫ଟି ପ୍ରମୁଖ ଶିଳ୍ପସଂସ୍ଥା ଉପରେ ୩,୭୯୭.୧୪କୋଟି ଟଙ୍କାର ଜଳକର ୨୦୨୫ ମାର୍ଚ୍ଚ ସୁଦ୍ଧା ବକେୟା ଗଡୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଦର୍ଶାଇଛନ୍ତି।

ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁ ଜଳପ୍ରବାହରେ ଅନିୟମିତତା ପରିଲକ୍ଷିତ ହୋଇଛି। ଓଡ଼ିଶାରେ ପ୍ରବାହିତ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ପଡ଼ୋଶୀରେ ଅସ୍ଥିରତା



# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଓଡ଼ିଶା ବୁଣାକାର ମହାସଂଘ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶିଳାଶ୍ରୀ ସାହିତ୍ୟ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର ସଭାଗୃହ, ସମୟ: ସନ୍ଧ୍ୟା ୬ଟା ୩୦।
- ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଆଲୋଚନାଚକ୍ର (ସଂସ୍କୃତି ସୁରକ୍ଷା ପାଇଁ ଗଣମାଧ୍ୟମର ଭୂମିକା), ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୭ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### କଟକ
- ଭାରତ ସରକାରଙ୍କ ଇନ୍‌ଟାକ୍ ପକ୍ଷରୁ ଜନତା ରଙ୍ଗମଞ୍ଚକୁ ଐତିହାସିକ ସାଂସ୍କୃତିକ ଅନୁଷ୍ଠାନ ମାନ୍ୟତା ଫଳକ ଉନ୍ମୋଚନ ଉତ୍ସବ, ସ୍ଥାନ: ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଜାଗା ମିଶନ ଯୋଜନା ପୁନଃ ପ୍ରଚଳନ ନିମନ୍ତେ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ତୃତୀୟ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।

### ଭଦ୍ରକ
- ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ୩ୟ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ତିହିଡ଼ି କାଳୀପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ୩ୟ ଶ୍ରାଦ୍ଧବାର୍ଷିକ ପାଳନ, ସ୍ଥାନ: ପାନ୍ଥନିବାସ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦୁଝର
- ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକରେ ଗୀତା ଯଜ୍ଞ ଓ ସ୍ମୃତିସଭା, ସ୍ଥାନ: ବୈତରଣୀ ନଦୀ ଉତ୍ତରବାହିନୀ ଘାଟ, ଆନନ୍ଦପୁର, ସମୟ: ସକାଳ ୮ଟା ଓ ସନ୍ଧ୍ୟା ୬ଟା।

### ବ୍ରହ୍ମପୁର
- କଂଗ୍ରେସର ପ୍ରତିବାଦ କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ଡିସି ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- କାଲୁଆ ଯାତ୍ରା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଷାଣୀନୂଆଗାଁ ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।

### ଗଞ୍ଜାମ
- ଜିଲାସ୍ତରୀୟ ଶିଶୁ ଉତ୍ସବ ମହକ, ସ୍ଥାନ: ଛତ୍ରପୁର ଜିଲ୍ଲା ସଂସ୍କୃତି ଭବନ,ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବ୍ୟାଙ୍କ ପରାମର୍ଶ କମିଟି ବୈଠକ,ସ୍ଥାନ: ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା।

### ଢେଙ୍କାନାଳ
- ଫୁଡ୍ ଲଭର୍ସ ପକ୍ଷରୁ ଫୁଡ୍ ଫେଷ୍ଟା, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୪ର୍ଥ ଶ୍ରେଣୀ ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

### ଜଗତ୍‌ସିଂହପୁର
- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ବିଶ୍ୱକର୍ମା ପୂଜା ମଣ୍ଡପ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ,ସ୍ଥାନ: ବଡ଼ପଡ଼ିଆ ବ୍ୟାଙ୍କ ଛକ, ପାରାଦୀପ, ସମୟ: ସକାଳ ୭ ଟା।
- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ତଟ ସଫେଇ ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ତଟରକ୍ଷକ ବାହିନୀର ନୂତନ ପାଟ୍ରୋଲିଂ ଜାହାଜ 'ଅଦମ୍ୟ'ର ଲୋକାର୍ପଣ ଉତ୍ସବ, ସ୍ଥାନ: କୋଷ୍ଟଗାର୍ଡ ବର୍ଥ, ପାରାଦୀପ ବନ୍ଦର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଗନ୍ନାଥ ଟ୍ରକ୍ ମାଲିକସଂଘ ପୂଜା ତୋରଣ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାଙ୍କ ଛକ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୮ଟା।

### କେନ୍ଦ୍ରାପଡ଼ା
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ମା' ବିରଜାଙ୍କ ଷୋଡ଼ଶ ପୂଜା, ସ୍ଥାନ: ବ୍ୟାସନଗର ବିରଜା ନଗର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା୨୦।

### ନୟାଗଡ଼
- ନାରାୟଣୀଙ୍କ ଷୋଡ଼ଶ ପୂଜାର ଷଷ୍ଠ ଦିବସ, ସ୍ଥାନ:ଭାପୁର ବ୍ଲକର ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ୩ୟ ଦିବସ, ସ୍ଥାନ: ଦଶପଲ୍ଲା ବ୍ଲକର ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।
- ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଖଣ୍ଡପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟ ସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଦଶପଲ୍ଲା ବ୍ଲକର ଗୋହିରିମେଡା ସହ ଆଖପାଖ ଗାଁ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦।
- ବିମଳାଙ୍କ ଷୋଡ଼ଶ ପୂଜାର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।

### ରାୟଗଡ଼ା
- ଜୀବନ ପାଇଁ ଖାଦ୍ୟ ହେକାଥନ- ୨୦୨୫ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣୁପୁର, ସମୟ: ସକାଳ ୯ଟା।

### ନବରଙ୍ଗପୁର
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଉମରକୋଟ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏମ୍‌ସି ପକ୍ଷରୁ ୬ଟି ଷ୍ଟଲ ସିଲ୍ କରାଯିବ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ଅବିଭକ୍ତ କୋରାପୁଟ ଜିଲାକୁ ନେଇ ରାଜ୍ୟ ଗଠନ ଦାବିରେ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ତୃପ୍ତି ଲଜ୍, ସମୟ: ଅପରାହ୍ନ ୩ଟା।
- ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଯୁଗ୍ମ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲା ପରିଷଦ ବୈଠକ ଗୃହ, ସମୟ: ଅପରାହ୍ନ ୪ଟା।

### କୋରାପୁଟ
- ସ୍ୱାର୍କ-୨୦୨୫, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମେସିଙ୍ଗପୁଟ, ଲମତାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଖେଳକୁଦ ଚୟନ, ସ୍ଥାନ: ନୋଡାଲ ହାଇସ୍କୁଲ, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁସ୍ଥ ନାରୀ ସଶକ୍ତ ଅଭିଯାନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଲମତାପୁଟ, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସମ୍ବଲପୁର ରେଳ ମଣ୍ଡଳରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଉପଲକ୍ଷେ ୱାକାଥନ କାର୍ଯ୍ୟକ୍ରମ, ସ୍ଥାନ: ରେଳ ନଗର, ସମୟ: ସକାଳ ୭ଟା।
- ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ରେଙ୍ଗାଲି ବ୍ଲକ ଅର୍ନ୍ତଗତ ନିଶାନଭଙ୍ଗା ଜଙ୍ଗଲ, ସମୟ : ସକାଳ ୯ଟା ୩୦।
- ଓଡ଼ିଶା କେନ୍ଦୁପତ୍ର ସଂଘର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟା ୩୦।
- ପ୍ରଫେସର ଦୁର୍ଗା ପ୍ରସାଦ ନାୟକ ସ୍ମାରକୀ ବକ୍ତୃତାମାଳା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା୬ଟା।
- ରାବଣ ବଧ ଉତ୍ସବର ପ୍ରସ୍ତୁତି ଓ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

### ବଲାଙ୍ଗୀର
- ଖପ୍ରାଖୋଲ ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱିତୀୟ ସର୍ବଭାରତୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା

### ରାଉରକେଲା
- ଷ୍ଟିଲ୍ ଏମ୍ପ୍ଲଇଜ୍ ଟ୍ରେଡ୍ ୟୁନିଅନ ଓ ସାଥୀ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୭ଟା ୩୦।
- ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ବାସନ୍ତୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଅଭିଭାବକ ବୈଠକ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଗୋପବନ୍ଧୁ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ଛେଣ୍ଡ ପାଠାଗାର ସତ୍ୟବାଦୀ କକ୍ଷ, ସମୟ: ସନ୍ଧ୍ୟା ୭ଟା।

### ବରଗଡ଼
- କ୍ୟାନସର ଚିହ୍ନଟ ଶିବିର, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ପ୍ରଶିକ୍ଷଣ ଶିବିର-'ସମ୍ଭବ', ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୯ଟା ୩୦।
- ସେବାପକ୍ଷ ଅବସରରେ କର୍ମଶାଳା, ସ୍ଥାନ:ଜିଲା ସଂସ୍କୃତି ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ:ଅପରାହ୍ନ ୨ଟା।

### କଳାହାଣ୍ଡି
- ସେବାପକ୍ଷ ଉପଲକ୍ଷେ ଭାଜପାର ରକ୍ତଦାନ ଶିବିର, ସ୍ଥାନ: ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ସୁପର ଡ୍ୟାନ୍ସର କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ଅଗ୍ରସେନ ଭବନ, ସମୟ: ଅପରାହ୍ନ ୪ଟା।

### ବୌଦ୍ଧ
- ସ୍ୱାସ୍ଥ୍ୟ ନାରୀ ଶକ୍ତି ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ହରଭଙ୍ଗା ବ୍ଲକ, ସମୟ: ସକାଳ ୮ଟା।
- ସର୍ବସାଧାରଣଙ୍କ ଜନଶୁଣାଣି ଶିବିର, ସ୍ଥାନ: ଗୁନ୍ଦୁଲିଆ ମାର୍କେଟ କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୧୧ଟା।

### ଦେବଗଡ଼
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ତରଭାରେ ବିଶ୍ୱକର୍ମାଙ୍କ ଭସାଣି ଶୋଭାଯାତ୍ରା, ସ୍ଥାନ: ବିଦ୍ୟୁତ୍ ବିଭାଗ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ନବାହ୍ନ ପରାୟଣର ଦ୍ୱିତୀୟ ଦିବସ, ସ୍ଥାନ: କର୍ଡ଼ପାଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

### ନୂଆପଡ଼ା
- ମଦର ଟେରେସା ସେବା ସଂଗଠନ ପକ୍ଷରୁ ସେବାପକ୍ଷ ପାଳନ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ଗଡଗଡବାହାଲି ଗାଁ, ସମୟ: ସକାଳ ୯ଟା ୩୦।
- ବିଶ୍ୱକର୍ମା ଟ୍ରଷ୍ଟ ପକ୍ଷରୁ ମୂର୍ତ୍ତି ବିସର୍ଜନ, ସ୍ଥାନ: ଆମ୍ବେଡକର ଛକ ନିକଟ ବାରିକ ଗ୍ୟାରେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ତୃତୀୟ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୀର୍ଘଦିନର ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। ଆନୁଷଙ୍ଗିକ ସାହାଯ୍ୟରୁ ନିର୍ମାଣାଧୀନ କାମର ପ୍ରତିବନ୍ଧକ ଦୂର ହେବ। ଶୁକ୍ରଙ୍କ ପ୍ରଭାବରୁ ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। କର୍ମକ୍ଷେତ୍ରରେ କେତେକାଂଶରେ ସାଧାରଣ ଘଟଣାରେ ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ** ବନ୍ଧୁଙ୍କ ନିକଟରୁ ଆନୁଷଙ୍ଗିକ ସାହାଯ୍ୟ ଲାଭରୁ କାର୍ଯ୍ୟ ହାସଲ କରିବେ। ମନୋବଳ ଟାଣ ରହିବ ଓ ଅଟକିଥିବା କାମକୁ ଶେଷ କରିପାରିବେ। ପାରିବାରିକ ସମସ୍ୟା ଭିତରେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ହେବେ। ଆଧ୍ୟାତ୍ମିକ ଗ୍ରହ ଶନିଙ୍କ କୃପାରୁ ବନ୍ଧୁଙ୍କ ଗହଣରେ ତୀର୍ଥାଟନର ସୁଯୋଗ ଲାଭ କରି ଖୁସୀ ଅନୁଭବ କରିପାରନ୍ତି।

**ମିଥୁନ** ପରିବାର ସ୍ଥାନରେ ବୁଧ ହେତୁ ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମ ସଫଳତାର ସହ ସମ୍ପନ୍ନ କରିବେ। କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ। ବ୍ୟବସାୟରେ ସମସ୍ୟା ବଡ ଆକାର ଧାରଣ କରିପାରେ। ଆନୁଷ୍ଠାନିକ କାମରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ** ସ୍ୱରାଶିରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ସହକର୍ମୀଙ୍କ ସହ ସୁସମ୍ପର୍କ ଅଭାବରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବେ। ବିନୟ ବଚନ ପ୍ରଭାବରୁ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। ପାରିବାରିକ କଳହକୁ କେନ୍ଦ୍ରକରି ସାୟାହ୍ନେ ଭାବପ୍ରବଣ ହୋଇପାରନ୍ତି।

**ସିଂହ** ନୀଚାରୋହୀ କର୍ମାଧିପତି ପାପଗ୍ରହ ଯୁକ୍ତ କାରଣରୁ କାମର ଚାପ ବୃଦ୍ଧିଜନିତ ମାନସିକ ସ୍ଥିରତା ରହିବ ନାହିଁ। ପରିସ୍ଥିତିରେ ପଡି ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଗତକାଲି ପରି ଆଜି ମଧ୍ୟ ପାରିବାରିକ ପରିସ୍ଥିତି ଅପରିବର୍ତ୍ତିତ ରହିବ। ବନ୍ଧୁ ପରିଜନଙ୍କ ସହିତ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି।

**କନ୍ୟା** ଏକାଦଶ ସ୍ଥାନରେ ବୃହସ୍ପତି ଅବସ୍ଥାନ କରିଥିବାରୁ କୌଣସି ସମସ୍ୟା ବିଚଳିତ କରିପାରିବ ନାହିଁ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ କାମ କରିପାରନ୍ତି। ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରୁ ଫେରିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ।

**ତୁଳା** କର୍ମଭାବସ୍ଥ ଚନ୍ଦ୍ର ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ , ପରିବହନ ଏବଂ ଦୂରଯାତ୍ରା କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁଙ୍କର ଆଗଭଳି ଭଲ ମନୋଭାବ ନ ଥିବା ଅନୁଭବ କରିପାରନ୍ତି। ରଚନାତ୍ମକ କାମରେ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ, ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା** ବୁଧାଦିତ୍ୟ ଯୋଗ ପ୍ରଭାବରୁ କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଶତ୍ରୁ ସାମୟିକ କାମଟିକୁ ଅଟକାଇ ଦେଇପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତରୁ ଉପକୃତ ହେବାର ସୂଚନା ରହିଛି।

**ଧନୁ** ନିଜ ଗୃହକୁ ରାଶ୍ୟାଧିପତି ବୃହସ୍ପତିଙ୍କ ଦୃଷ୍ଟିରୁ ଆରୋଗ୍ୟଲାଭ କରିବା ସହ ନୂତନ ଯୋଜନାରେ ସଫଳତା ପାଇବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ କଳହର ସୂତ୍ରପାତ ହେବ। ସ୍ଥଗିତ କାମକୁ ପୂରା କରିବା ସହ ଆଲୋଚନା, ଲେଖାପଢା କ୍ଷେତ୍ରରୁ ଶୁଭଫଳ ପାଇବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ।

**ମକର** କର୍ମଭାବରେ ମଙ୍ଗଳଗ୍ରହ ଅମଙ୍ଗଳ ବିନାଶ ପୂର୍ବକ ଜମିଜମା ସମ୍ବନ୍ଧୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ଉପର ଅଧିକାରୀଙ୍କ ହସ୍ତକ୍ଷେପ ଫଳରେ ବିବାଦୀୟ ପରିସ୍ଥିତି ବଦଳି ଯାଇପାରେ। ଦୂରଯାତ୍ରା କ୍ଷେତ୍ରରେ କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିଯିବ।

**କୁମ୍ଭ** ରାହୁଙ୍କ ପ୍ରଭାବରୁ ପ୍ରତ୍ୟେକ ପରିସ୍ଥିତିରେ କୌଶଳ ପ୍ରୟୋଗକରି କାମ ହାସଲ କରିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ କାର୍ଯ୍ୟରେ ମତମନ୍ତବ୍ୟ ଦେବା ଠିକ୍ ହେବନାହିଁ। ପ୍ରତିବାଦୀଙ୍କ ଅନୁପସ୍ଥିତିଜନିତ କଚେରି ମାମଲାରେ ବାଧା ହୋଇପାରେ। ଆଜିର ଅର୍ଥନୈତିକ ସ୍ଥିତି, ପାରିବାରିକ ପରିସ୍ଥିତି ଏବଂ ବନ୍ଧୁସମ୍ପର୍କ ପ୍ରାୟତଃ ଭଲ ରହିବ।

**ମୀନ** ସହକର୍ମୀଙ୍କ ସହାନୁଭୂତି ଯୋଗୁ ହାତକୁ ନେଇଥିବା କାମ ସମ୍ପନ୍ନରେ ଅସୁବିଧା ହେବ ନାହିଁ। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି। କଠୋର ପରିଶ୍ରମ ସମସ୍ୟା ସମାଧାନର ମାର୍ଗଦର୍ଶକ ସାଜିବ। ଚନ୍ଦ୍ର ଓ ବୁଧଙ୍କ ଶୁଭସଂସ୍ଥାନ ହେତୁ ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ସଫଳତା ପାଇବେ।

ଆଜି ସେପ୍ଟେମ୍ବର ୧୯ ତାରିଖ, ଆଶ୍ୱିନ କୃଷ୍ଣ ତ୍ରୟୋଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ସକାଳ ଘ. ୦୭।୦୬ ମି. ଗତେ, ମଘା/ସିଂହ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୫।୩୮ ଗତେ, ଘ.୦୬।୨୬ ମଧ୍ୟେ, ଘ.୦୭।୧୪ ଗତେ, ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୦।୦୯ ଗତେ, ଘ.୧୧।୪୦ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଆକ୍ରମଣର ମିଳିତ...

ସମୟରେ ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ ସେ ଉକ୍ତ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଗଲ୍ଫ ରିଜିଅନ୍‌ରେ ଆମେରିକାର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରହିଆସିଥିବା କାତାର ରାଜଧାନୀ ଦୋହାରେ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍‌ର ଶୀର୍ଷ ରାଜନେତାମାନଙ୍କୁ ହତ୍ୟା ପାଇଁ ଇସ୍ରାଏଲ୍ ଟାର୍ଗେଟ କରିବାର କିଛିଦିନ ପରେ ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ଏହି ଚୁକ୍ତି ସମ୍ପନ୍ନ ହୋଇଛି। ପ୍ରତିରକ୍ଷା ଚୁକ୍ତିର ଦିନକ ପରେ ଗୁରୁବାର ନୂଆଦିଲ୍ଲୀ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରତର ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହ ବ୍ୟାପକ ଜାତୀୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଦିଗରେ ସବୁ ପ୍ରକାର ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରସରକାରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ କଂଗ୍ରେସ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୂଟନୈତିକ ବିଫଳତା ବୋଲି ସମାଲୋଚନା କରିଛି।

ପାକିସ୍ତାନ-ସାଉଦିଆରବ ମିଳିତ ଘୋଷଣାନାମାରେ ଉଲ୍ଲେଖ କରାଯାଇଛି, ଏହି ପ୍ରତିରକ୍ଷା ଚୁକ୍ତି ସମ୍ପୃକ୍ତ କ୍ଷେତ୍ରରେ ନିରାପତ୍ତା ଓ ଶାନ୍ତିକୁ ସୁନିଶ୍ଚିତ କରିବା ଲାଗି ଉଭୟ ଦେଶର ସୁରକ୍ଷାକୁ ତ୍ୱରାନ୍ୱିତ କରିବା ଉପରେ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ୨ ଦେଶ ମଧ୍ୟରୁ କାହା ଉପରେ ବି ଆକ୍ରମଣ ହେଲେ ତାକୁ ଉଭୟେ ନିଜ ଉପରେ ଅତିକ୍ରମଣ ବିବେଚନା କରି ଏହାର ମିଳିତ ମୁକାବିଲା କରିବେ। ପାକିସ୍ତାନ ଓ ସାଉଦି ଆରବର ୮ ଦଶନ୍ଧି ପୁରୁଣା ଐତିହାସିକ ସହଭାଗିତାକୁ ଆଗକୁ ଆହୁରି ମଜବୁତ କରିବା ଦିଗରେ ଏହା ସହାୟକ ହେବ। ଭ୍ରାତୃତ୍ୱ ଓ ଇସ୍‌ଲାମିକ୍ ଏକତା ଆଧାରିତ ତଥା ଘନିଷ୍ଠ ପ୍ରତିରକ୍ଷା ସହଯୋଗକୁ ଭିତ୍ତିକରି ୨ ଦେଶ ଉପରୋକ୍ତ ସହମତି ପ୍ରକାଶ କରିଛନ୍ତି। ଗୁରୁବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଏକ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ କ୍ଷେତ୍ରୀୟ ଆହ୍ୱାନ ଓ ଦ୍ୱିପାକ୍ଷିକ ସହଯୋଗିତା ବୃଦ୍ଧି ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି।

କ୍ରାଉନ୍ ପ୍ରିନ୍ସଙ୍କ ନିରନ୍ତର ସମର୍ଥନ, ସାଉଦି ନିବେଶ ଓ ଦୁଇଦେଶର ବାଣିଜ୍ୟ ତଥା ବ୍ୟବସାୟ ବୃଦ୍ଧିକୁ ସେ ସମ୍ମାନ ଦିଅନ୍ତି। ତୈଳ ପ୍ରାଚୁର୍ଯ୍ୟ ରାଷ୍ଟ୍ରକୁ ଶେହବାଜଙ୍କ ଗସ୍ତ ପୂର୍ବରୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାକୁ ଉଭୟ ରାଷ୍ଟ୍ରର ସ୍ୱାର୍ଥ ସମ୍ବଳିତ ଏକ ଐତିହାସିକ ସୁଯୋଗ ବୋଲି ଅଭିହିତ କରିଥିଲା। ସପ୍ତାହେ ଭିତରେ ଉପସାଗରୀୟ ଅଞ୍ଚଳକୁ ଏହା ହେଉଛି ଶେହବାଜଙ୍କ ତୃତୀୟ ଗସ୍ତ। ଏହା ପୂର୍ବରୁ ଶେହବାଜ କାତାରକୁ ୨ ଥର (ଗୁରୁବାର ଓ ସୋମବାର) ଗସ୍ତ କରିଥିଲେ। ସେପ୍ଟେମ୍ବର ୯ରେ କାତାରରେ ଇସ୍ରାଏଲର ଆକ୍ରମଣ ପରିପ୍ରେକ୍ଷୀରେ ଦୋହାକୁ ସମର୍ଥନ କରିବା ଥିଲା ତାଙ୍କ ଗସ୍ତର ଉଦ୍ଦେଶ୍ୟ। ଶେହବାଜଙ୍କ ସଦ୍ୟ ରିୟାଧ ଗସ୍ତବେଳେ ତାଙ୍କ ସହ ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ୍ ମୁନିର, ବହିର୍ବ୍ୟାପାର ମନ୍ତ୍ରୀ ଇଶାକ୍ ଡାର୍, ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍, ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ୍, ସୂଚନା ମନ୍ତ୍ରୀ ଅତାଉଲ୍ଲାହ ତରାର, ପରିବେଶ ମନ୍ତ୍ରୀ ମୁସାଦିକ୍ ମଲିକ୍ ଏବଂ ସ୍ୱତନ୍ତ୍ର ସହଯୋଗୀ ତାରିକ୍ ଫତେମି ଯାଇଥିଲେ।

ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୪ ଦିନ ଧରି ସାମରିକ ସଂଘର୍ଷ ଲାଗିରହିବାର ୪ ମାସ ପରେ ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସମ୍ପନ୍ନ ହୋଇଛି। ଏହା ଉପରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି, ଜାତୀୟ ସୁରକ୍ଷା ସହ ଆଞ୍ଚଳିକ ଓ ବୈଶ୍ୱିକ ସ୍ଥିରତା ଉପରେ ଏହି ଚୁକ୍ତିର କି ପ୍ରଭାବ ପଡ଼ିବ, ନୂଆଦିଲ୍ଲୀ ତାହା ଅନୁଧ୍ୟାନ କରିବ। ଭାରତର ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଦେବା ଏବଂ ସବୁ କ୍ଷେତ୍ରରେ ବ୍ୟାପକ ଜାତୀୟ ନିରାପତ୍ତାକୁ ସୁନିଶ୍ଚିତ କରିବା ହେଉଛି ନୂଆଦିଲ୍ଲୀର ପ୍ରାଥମିକତା।

### ଅନାସ୍ଥା ଆଣିଲା...

ଯେ, ଗୃହ ମୁଲତବୀ ହେବା ପରେ କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମଙ୍କ ପ୍ରକୋଷ୍ଠରେ କିଛି ସମୟ ଧରି ଅନାସ୍ଥା ସମ୍ପର୍କରେ ଦଳର ସଦସ୍ୟଙ୍କ ସହ ଆଲୋଚନା ହୋଇଥିଲା। ପରେ ୧୫ ବିଧାୟକଙ୍କ ଦସ୍ତଖତ ଥିବା ଅନାସ୍ଥା ପ୍ରସ୍ତାବ ଚିଠି ବିଧାନସଭା ସଚିବ ସତ୍ୟବ୍ରତ ସାହୁଙ୍କ ଜରିଆରେ ବାଚସ୍ପତିଙ୍କୁ ପ୍ରଦାନ କରିଥିଲେ। ଏହାପରେ କାଡାମଙ୍କ ନେତୃତ୍ୱରେ କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ସିଏସ୍ ରାଜନ୍ ଏକ୍କା, ପବିତ୍ର ସାଉନ୍ତା ପ୍ରମୁଖ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ପ୍ରକୋଷ୍ଠରେ ଅନାସ୍ଥା ପ୍ରସ୍ତାବ ପାଇଁ ସହଯୋଗ ଲୋଡ଼ିବାକୁ ପହଞ୍ଚିଥିଲେ। ହେଲେ ସେଠାରେ ଉପସ୍ଥିତ ଥିବା ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ ଓ ଅନ୍ୟ ସଦସ୍ୟମାନଙ୍କ ସହ ଏନେଇ ଆଲୋଚନା ହୋଇଥିଲା। ଏହି ଅବସରରେ କାଡାମ କହିଛନ୍ତି, କଂଗ୍ରେସ ସବୁବେଳେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସିଛି। ରାଜ୍ୟରେ ଯେଉଁଭଳି ଭାବେ ନାରୀ ନିର୍ଯାତନା ବଢ଼ିଚାଲିଛି ଏବଂ ମହିଳାମାନେ ତ୍ରାହି ତ୍ରାହି ଡାକୁଛନ୍ତି ତାହା ସମସ୍ତେ ଜାଣିଛନ୍ତି। ରାଜ୍ୟରେ ଚାଷୀଙ୍କଠାରୁ ଆରମ୍ଭ କରି ବେକାର ଯୁବତୀଯୁବକ ଏବଂ ଆଦିବାସୀଙ୍କ ପର୍ଯ୍ୟନ୍ତ ସମସ୍ତେ ସମସ୍ୟା ଦେଇ ଗତି କରୁଛନ୍ତି। ଏହାକୁ ନେଇ କଂଗ୍ରେସ ଅନାସ୍ଥା ଆଗତ କରିଛି। ଆଶା କରୁଛୁ ରାଜ୍ୟବାସୀଙ୍କ ହିତ ପାଇଁ ବିଜେଡି ଆମକୁ ସମର୍ଥନ ଦେବ।

ଅପରପକ୍ଷେ ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ବିଜେଡି ଓ କଂଗ୍ରେସ ଭିତରେ 'ସିଲ୍‌ଭର ମେଡାଲ' ପାଇଁ ଲଢ଼େଇ ଚାଲିଛି। ଅନାସ୍ଥାର କୌଣସି ପ୍ରଭାବ ସରକାରଙ୍କ ଉପରେ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ଭାଜପା ବିଧାୟକ ବାବୁ ସିଂ କହିଛନ୍ତି, ଅନାସ୍ଥା ଆଣି କଂଗ୍ରେସ ଲୋକହସା ହେବ ଏବଂ 'ଜଗତେ କେବଳ ଜନେ ହସିବେ'। ବିଧାନସଭାରେ ଆବଶ୍ୟକ ସଂଖ୍ୟା ନ ଥାଇ କଂଗ୍ରେସ ଅନାସ୍ଥା ଆଣିବା କେବଳ ସତ୍ତା ବଞ୍ଚାଇବାକୁ ଉଦ୍ୟମ ଛଡ଼ା ଆଉ କିଛି ନୁହେଁ ବୋଲି ସେ କହିଛନ୍ତି।

### ବିଜେଡି ତଣ୍ଟିରେ...

ବୈଠକ କରିଥିଲେ। କମିଟିରେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ପ୍ରତାପ ଦେବ, ଅରୁଣ କୁମାର ସାହୁ, ମନୋହର ରନ୍ଧାରୀ, ବ୍ରଜ କିଶୋର ପ୍ରଧାନ, ସାରଦା ନାୟକ, ଗୌତମବୁଦ୍ଧ ଦାସ ଏବଂ ସାରଦା ଜେନା ରହିଛନ୍ତି। ଦଳ ପକ୍ଷରୁ ଅନାସ୍ଥାକୁ ସମର୍ଥନ ନ ଦେବା ନେଇ ଏକ ପ୍ରକାର ସ୍ଥିର ହୋଇଥିବା ଜଣାପଡ଼ିଛି। ବିଜେଡି ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ଉଠାଇ ଗୃହ ନ ଚଳାଇ ଦେବାକୁ ସ୍ଥିର କରାଯାଇଛି। ଏହାକୁ ବିଜେଡିରେ ବହୁ ବିଧାୟକ ଗ୍ରହଣ କରିନାହାନ୍ତି। ଭାଜପା ଏବଂ ବିଜେଡି ମଧ୍ୟରେ ଭଲ ସମ୍ପର୍କ ରହିଥିବା କଥା ଦୀର୍ଘଦିନରୁ ଚର୍ଚ୍ଚା ହୋଇଆସୁଛି। ସେଥିପାଇଁ ବିଜେଡିର ଅନେକ ନେତା ଏହାକୁ ବିରୋଧ ମଧ୍ୟ କରିଆସୁଛନ୍ତି। ଏବେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ନ କରିବା ଅର୍ଥ ପରୋକ୍ଷରେ ଭାଜପା ସହ ବିଜେଡିର ବୁଝାମଣା କଥା ପୁଣି ଥରେ ତଳସ୍ତରକୁ ଯିବ ବୋଲି ଦଳର ବହୁ ବିଧାୟକ ଯୁକ୍ତି ରଖୁଛନ୍ତି। ରାଜ୍ୟ ସରକାରଙ୍କ ବିରୋଧରେ ଯଦି ବିଜେଡି ପକ୍ଷରୁ ବିଭିନ୍ନ ପ୍ରସଙ୍ଗରେ ଅଭିଯୋଗ କରାଯାଉଛି ତେବେ ଅନାସ୍ଥାକୁ ସମର୍ଥନ ଦେବାରେ ଅସୁବିଧା କେଉଁଠି ବୋଲି ଦଳର ବିଧାୟକମାନେ ହିଁ କୁହାକୁହି ହେଲେଣି। ଏଭଳି ସ୍ଥିତିରେ ବିଜେଡି ତଣ୍ଟିରେ ଅନାସ୍ଥା ଏକ କଣ୍ଟା ଭଳି ଲାଗିବାକୁ ଯାଉଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଜେଡି ସବୁବେଳେ ସମଦୂରତା ନୀତି ଅବଲମ୍ବନ କରିଆସିଛି। ଅନାସ୍ଥାକୁ ବାଚସ୍ପତି ଏ ପର୍ଯ୍ୟନ୍ତ ଗ୍ରହଣ କରିନାହାନ୍ତି। ତେଣୁ ନଈ ନ ଦେଖୁଣୁ ଲଙ୍ଗଳା ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ସମଦୂରତା ନୀତି ବିଷୟରେ କହିବା ପରେ ବିଜେଡି ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ଦେବ ନାହିଁ ବୋଲି ପରୋକ୍ଷରେ ଇଙ୍ଗିତ କରିଥିବା ଚର୍ଚ୍ଚା ହେଉଛି। ସେପଟେ ଦଳ ଭିତରେ ବର୍ତ୍ତମାନ ଆଉ ଏକ ନୂଆ କଥା ଚର୍ଚ୍ଚାକୁ ଆସିଛି। ଦଳର ବହୁ ବରିଷ୍ଠ ନେତା ପୂର୍ବରୁ ଜଣେ ଆଇଏଏସ୍‌ଙ୍କ ପଛରେ ଯେମିତି ଦୌଡ଼ୁଥିଲେ ବର୍ତ୍ତମାନ ସେହିଭଳି ଆଉ ଜଣେ ଓଏଏସ୍ ଅଫିସରଙ୍କ ପାଖରେ ନିଜର ଓଜନ ଖସାଇବାକୁ ବସିଲେଣି ବୋଲି ଶୁଣିବାକୁ ମିଳୁଛି। ନବୀନ ନିବାସରେ ଅଧିକାଂଶ ବିଷୟ ବୁଝାବୁଝି କରୁଥିବା ଜଣେ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଦେଖା ହେବାକୁ ଦଳର ବରିଷ୍ଠ ନେତାମାନେ କୁଆଡ଼େ ସମୟ ମାଗୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ସେହି ଓଏଏସ୍ ଅଫିସର ଜଣଙ୍କ ଭି.କେ. ପାଣ୍ଡିଆନ୍‌ଙ୍କ ଏକାନ୍ତ ଅନୁଗତ ବୋଲି ସମସ୍ତେ ଜାଣନ୍ତି। ଅନାସ୍ଥା ପ୍ରସ୍ତାବକୁ ନେଇ ଚାଲିଥିବା ରାଜନୀତି ବିଷୟରେ ଚର୍ଚ୍ଚା ଆଉ ଆଲୋଚନା କରିବାକୁ ଅଧିକାଂଶ ନେତା ନବୀନ ନିବାସ ଯାଇ ସେହି ଓଏଏସ୍ ଅଧିକାରୀଙ୍କୁ ଭେଟିଥିବା ଜଣାପଡ଼ିଛି, ଯେତେବେଳେ କି ବିଜେଡି ସଭାପତି ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତରେ ଅଛନ୍ତି।

### ନ୍ୟାଶନାଲ ଜିଓଗ୍ରାଫିକ୍‌ର...

ଏହି ଅବସରରେ ଦୁର୍ଲଭ ବାଘମାନଙ୍କ ସୁରକ୍ଷା ଦିଗରେ ଓଡ଼ିଶା ବନ ବିଭାଗର ଉତ୍ସର୍ଗୀକୃତ ପରିଚାଳନା ଓ ଅଧିକାରୀମାନଙ୍କ ପ୍ରତିବଦ୍ଧତାକୁ ସେ ପ୍ରତ୍ୟକ୍ଷ ଭାବରେ ଦେଖିଥିଲେ। ଅନେକ ମାସର ଧୈର୍ଯ୍ୟ ଓ ପରିଶ୍ରମ ପରେ ବ୍ୟାଘ୍ର ଗବେଷକଙ୍କ ମଧ୍ୟରେ ଟି୧୨ ଭାବେ ପରିଚିତ ଥିବା ବାଘର ଏକ ଉତ୍କୃଷ୍ଟ ଫଟୋ ନେବା ତାଙ୍କ ପାଇଁ ଆନନ୍ଦଦାୟକ ମୁହୂର୍ତ୍ତ ଥିଲା। ତାଙ୍କ ଦ୍ୱାରା ନିଆଯାଇଥିବା ଏହି ଫଟୋ ଏବଂ ଷ୍ଟୋରି ନ୍ୟାଶନାଲ ଜିଓଗ୍ରାଫିକ୍ ମାଗାଜିନର କଭର ପେଜ୍‌ରେ ସ୍ଥାନିତ ହେବା ନିଶ୍ଚିତ ଭାବେ ତାଙ୍କ ପାଇଁ ସମ୍ମାନର ବିଷୟ ବୋଲି ପ୍ରସନ୍ନଜିତ କହିଛନ୍ତି। ଉକ୍ତ କଭର ଫଟୋର ଷ୍ଟୋରିରେ ବ୍ୟାଘ୍ର ସଂରକ୍ଷଣର ଜଟିଳ ବାସ୍ତବତା ଏବଂ ସ୍ୟୁଡୋ ମେଲାନିଷ୍ଟିକ୍ ପ୍ରଜାତିର ବାଘଙ୍କ ବିରଳ ଜେନେଟିକ ମ୍ୟୁଟେଶନ ସମ୍ପର୍କିତ ବୈଶିଷ୍ଟ୍ୟ ବିଷୟରେ ଲୋକଙ୍କ ପାଇଁ ବିସ୍ତୃତ ସୂଚନା ରହିଥିବା ନେଇ ନ୍ୟାଶନାଲ ଜିଓଗ୍ରାଫିକ୍‌ର ମୁଖ୍ୟ ସମ୍ପାଦକ ନାଥନ ଲମ୍ଫ୍ କହିଛନ୍ତି।

### ୧୩୫ ଶିଳ୍ପ ସଂସ୍ଥା...

ଋଷିକୁଲ୍ୟା, ବଂଶଧାରା, ନାଗାବଳୀ, କୋଲାବ, ଇନ୍ଦ୍ରାବତୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ବାହୁଦାରୁ ଶିଳ୍ପ ସଂସ୍ଥାଗୁଡ଼ିକ ଜଳ ନେଉଛନ୍ତି। ୧୩୫ଟି ଶିଳ୍ପ ସଂସ୍ଥା ୧୧ଟି ନଦୀରୁ ୧,୧୬୧.୭୧ କ୍ୟୁସେକ୍ ଜଳ ଟାଣୁଥିବାବେଳେ ୧,୦୩୭.୪୧ ମିଲିୟନ କ୍ୟୁବିକ୍ ମିଟର(ଏମ୍‌ସିଏମ୍) ଜଳ ବ୍ୟବହାର କରୁଛନ୍ତି। ଏବାବଦକୁ ପ୍ରମୁଖ ୧୩୫ଟି ଶିଳ୍ପ ସଂସ୍ଥା ଉପରେ ୩,୭୯୭.୧୪କୋଟି ଟଙ୍କା ବକେୟା ରହିଛି। ସେଥିମଧ୍ୟରେ କଟକ ଘଣ୍ଟିଖାଲସ୍ଥିତ ଆରତୀ ଷ୍ଟିଲ ଲି. ଉପରେ ମାର୍ଚ୍ଚ ୨୦୨୫ ସୁଦ୍ଧା ୫୮.୩୬୮କୋଟି ଟଙ୍କା ବକେୟା ରହୁଥିବାବେଳେ ପାରାଦ୍ୱୀପସ୍ଥିତ ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ଉପରେ ୧୦୮.୯୮୧କୋଟି, ସମ୍ବଲପୁରସ୍ଥିତ ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲି. ଉପରେ ୨୪୪.୧୦୯ କୋଟି, ପାରାଦୀପ ଫସ୍‌ଫେଟ୍ସ ଉପରେ ୪୫.୫୧୩ କୋଟି, ବିରଜା ଷ୍ଟିଲ୍ ଆଣ୍ଡ ଏନର୍ଜି ଉପରେ ୯୮କୋଟିରୁ ଅଧିକ ଟଙ୍କା ବକେୟା ରହିଛି। ସେହିପରି ଢେଙ୍କାନାଳସ୍ଥିତ ଭୂଷଣ ଷ୍ଟିଲ ଆଣ୍ଡ ଷ୍ଟ୍ରିପ ଉପରେ ୧୮୫କୋଟି, ଶ୍ରୀ ମହାବୀର ଫେରୋ ଆଲୟଜ ଉପରେ ୨୫.୭୪୦କୋଟି, ଜୟପୁରସ୍ଥିତ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଲି. ଉପରେ ୧୯୫.୮୩୯କୋଟି ଟଙ୍କା ବକେୟା ରହୁଛି।

ଏହି ୧୧ଟି ନଦୀରୁ ଚାଷ ପାଇଁ ୨୪,୧୫୪.୯୭ ଏମ୍‌ସିଏମ୍ ଜଳ ବ୍ୟବହାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେଥିମଧ୍ୟରେ ମହାନଦୀରୁ ୧୨,୭୧୦.୫୯ ଏମ୍‌ସିଏମ୍, ବ୍ରାହ୍ମଣୀରୁ ୩୩,୨୫.୪୮, ବୈତରଣୀରୁ ୧,୯୪୩.୬୫, ଋଷିକୁଲ୍ୟାରୁ ୧,୪୦୨.୪୭, ବଂଶଧାରାରୁ ୭୧୯.୭୪, ନାଗାବଳୀରୁ ୧୭୦.୮୯, କୋଲାବରୁ ୧,୪୦୨.୬୩, ଇନ୍ଦ୍ରାବତୀରୁ ୧,୫୮୦.୨୧, ସୁବର୍ଣ୍ଣରେଖାରୁ ୩୯୪,୮୦, ବାହୁଦାରୁ ୧୭୦,୧୬ ଏବଂ ଜମ୍ବୀରାରୁ ୬୬.୩୫ ଏମ୍‌ସିଏମ୍ ଜଳ ଚାଷ ପାଇଁ ବ୍ୟବହାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମଣ୍ଡା ପିଠା ଗୋଟି ଅଇଁଠା କଲି**
**କଷା କିଏ ମିଶାଇଲା**
**ଗଲା କଥା ଆଉ ଲେଉଟି ଆସେ କି**
**ଯେତେ ଆଶା କଲେ ଭଲା ?**

ଗତସ୍ୟ ଶୋଚନା ନାସ୍ତି। ଘଟିଯାଇଥିବା ଘଟଣା ପାଇଁ ମନସ୍ତାପ କରିବା ବା ଭାବି ଭାବି ସମୟ ନଷ୍ଟ କରିବା ଅନୁଚିତ। ସେହିପରି ଯାହା ବିତିଯାଇଛି ତାହା ଆଉ ଫେରି ଆସି ନ ଥାଏ। ଅତୀତ ସବୁବେଳେ ଅଫେରା। ତେଣୁ ପଛ କଥା ଚିନ୍ତା କରି ଅଯଥାରେ ସମୟ ନଷ୍ଟ କରିବାରେ କିଛି ଲାଭ ମିଳି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ମାଗିଖିଆ ଲାଗି ଖାଏ ନାହିଁ**
**କି ଲାଗିଖିଆ ମାଗି ଖାଏ ନାହିଁ।**

ଯିଏ ଭିକ ମାଗି ପେଟ ପୋଷେ ସେ କେବେ କଷ୍ଟ କରି କାମ କରିବାକୁ ଇଚ୍ଛା କରି ନ ଥାଏ। ସେହିପରି ଯିଏ କାମଦାମ କରି ନିଜ ପେଟ ପୋଷୁଥାଏ ସେ ପର ଆଗରେ ହାତ ପାତିବାକୁ ସଙ୍କୋଚ କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ୬୦ ବର୍ଷୀୟ ସୁଭଦ୍ରା ହିତାଧିକାରୀଙ୍କୁ ମିଳିବ ବାର୍ଦ୍ଧକ୍ୟ ପେନ୍‌ସନ

**ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)**

**■ ସୁଭଦ୍ରା ଲାଭ ଏଯାଏଁ ପାଇଥିଲେ ବି ସେମାନଙ୍କୁ ଭତ୍ତା ଦିଆଯିବ**
**■ ବୃଦ୍ଧାବସ୍ଥା, ଅକ୍ଷମତା, ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ, ବିଧବାଙ୍କ କ୍ଷେତ୍ରରେ ଏହା ଲାଗୁ ହେବ**

ସୁଭଦ୍ରା ହିତାଧିକାରୀ ୬୦ ବର୍ଷ ବୟସ ହେବା ପରେ ପେନ୍‌ସନ ପାଇଁ ଆବେଦନ କରିପାରିବେ। ସୁଭଦ୍ରା ଉପରେ ପ୍ରଥମ ରାଜ୍ୟସ୍ତରୀୟ ପରିଚାଳନା ଏବଂ ତଦାରଖ କମିଟି ବୈଠକର ସମୀକ୍ଷା ପରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ଗୁରୁବାର ଏହି ସୂଚନା ପ୍ରଦାନ କରାଯାଇଛି। ଏଥିସହ ମଧୁବାବୁ ପେନ୍‌ସନ ଯୋଜନା (ଏମ୍‌ବିପିୱାଇ) କିମ୍ବା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି)ରେ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ସରକାରଙ୍କ ପକ୍ଷରୁ ଚିଠି ଜାରି କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗତ ୧୬ ତାରିଖରେ ଏନେଇ ମହିଳା ଓ ଶିଶୁ ସୁରକ୍ଷା ବିଭାଗକୁ ଚିଠି ଲେଖାଯାଇଥିବା ସୂଚନା ଦିଆଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ୬୦ ବର୍ଷ ହେବା ପରେ ସୁଭଦ୍ରା ହିତାଧିକାରୀ ଏମ୍‌ବିପିୱାଇ/ଏନ୍‌ଏସ୍‌ଏପି ଅନ୍ତର୍ଗତ ଯେକୌଣସି ସାମାଜିକ ସୁରକ୍ଷା ପେନ୍‌ସନ ପାଇଁ ଆବେଦନ କରିପାରିବେ। କିନ୍ତୁ ପେନ୍‌ସନ ମଞ୍ଜୁରୀ ସମ୍ପୃକ୍ତ ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରିବା ଜରୁରୀ।

ଏହା ସହ ଏହି ବ୍ୟବସ୍ଥା ଉପଲବ୍ଧତା ଉପରେ ନିର୍ଭରକରିବ। ରାଜ୍ୟ ସରକାର ନିଜର ଆର୍ଥିକ କ୍ଷମତା ଏବଂ ବିକାଶର ସୀମା ମଧ୍ୟରେ ତଥା ପର୍ଯ୍ୟାପ୍ତ ସମ୍ବଳ ଆଧାରରେ ଦୁର୍ବଳ ଜନସଂଖ୍ୟାକୁ ସାମାଜିକ ସୁରକ୍ଷା ପେନ୍‌ସନ ସୁନିଶ୍ଚିତ କରାଇବେ। ବୃଦ୍ଧାବସ୍ଥା, ଅକ୍ଷମତା, ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ, ବିଧବାଙ୍କ କ୍ଷେତ୍ରରେ ଏହା ଲାଗୁହେବ। ଯଦିଓ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀମାନେ ପୂର୍ବରୁ ସରକାରଙ୍କ ଠାରୁ ଲାଭପାଇ ସାରିଛନ୍ତି କିନ୍ତୁ ଏମ୍‌ବିପିୱାଇ/ଏନ୍‌ଏସ୍‌ଏପି ଏବଂ ଉଭୟ ଅନ୍ତର୍ଗତ ଅପେକ୍ଷାରେ ରହିଥିବା ତାଲିକାଭୁକ୍ତ ଆବେଦନକାରୀ ତଥା ଏପର୍ଯ୍ୟନ୍ତ ଏପରି କୌଣସି ଲାଭ ପାଇ ନ ଥିବା କିମ୍ବା ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କ ତୁଳନାରେ ଅଧିକ ବୟସ୍କ/ଅଧିକ ଆବଶ୍ୟକତା ଥିବା ଆଦେନକାରୀଙ୍କୁ ପ୍ରାଥମିକତା ପ୍ରଦାନ ଦିଆଯିବ। ଏମ୍‌ବିପିୱାଇ/ଏନ୍‌ଏସ୍‌ଏପି ଅନ୍ତର୍ଗତ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କୁ ପେନ୍‌ସନ ମଞ୍ଜୁର କରିବା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା/ଛାଡ଼ ଆବଶ୍ୟକତା ନାହିଁ। ତଥାପି ସେମାନେ ନିଜ ଅନୁଯାୟୀ, ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନ କରିପାରିବେ ଏବଂ ଜିଲା ସାମାଜିକ ସୁରକ୍ଷା ଅଧିକାରୀମାନେ ସୁଭଦ୍ରା ହିତାଧିକାରୀଙ୍କୁ ଆବେଦନ କରିବାରେ ସମସ୍ତ ଆବଶ୍ୟକ ସହାୟତା ପ୍ରଦାନ କରିବେ। ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀ ସିଧାସଳଖ ଏମ୍‌ବିପିୱାଇ/ଏନ୍‌ଏସ୍‌ଏପିରେ ଆସିବେ ନାହିଁ। ସେମାନଙ୍କୁ ସେଥିପାଇଁ ୬୦ ବର୍ଷ ବୟସ ହେବା ପରେ ଆବେଦନ କରିବାକୁ ପଡ଼ିବ। ପ୍ରଥମେ ଅଧିକ ବୟସ୍କ/ଦୁର୍ବଳ ଏବଂ ଅପେକ୍ଷା ତାଲିକାରେ ଥିବା ଲୋକଙ୍କୁ ପ୍ରାଥମିକତା ମିଳିବ ବୋଲି ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

# ସୁନା ଚୋରି ପ୍ରସଙ୍ଗ ଉଠାଇଲା କଂଗ୍ରେସ

**ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)**

**ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଲେ କାଡାମ**

ବିଧାନସଭାର ବଜେଟ ଅଧିବେଶନ ସମୟରେ କଂଗ୍ରେସ ସଦସ୍ୟଙ୍କ ଚୋରି ଜିନିଷକୁ ଉଦ୍ଧାର କରିବା ପାଇଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଗୁରୁବାର ମଧ୍ୟାହ୍ନରେ କାଡାମ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ସଚିବଙ୍କୁ ଏକ ଚିଠି ପ୍ରଦାନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଗତ ଅଧିବେଶନକାଳରେ ନାରୀ ନିର୍ଯାତନା ନେଇ କଂଗ୍ରେସ ବିଧାୟକମାନେ ଗୃହ ତଦନ୍ତ କମିଟି ଗଠନ ଦାବି କରିବା ଯୋଗୁ ବିଧାନସଭାରୁ ନିଲମ୍ବିତ ହୋଇଥିଲେ। ସେତେବେଳେ ବାଚସ୍ପତିଙ୍କ ଏହି ନିର୍ଦ୍ଦେଶ ଅଗଣତାନ୍ତ୍ରିକ ବୋଲି କହି କଂଗ୍ରେସ ସଦସ୍ୟମାନେ ନାରାବାଜି କରିଥିଲେ। ଏହା ପରଦିନ ମାର୍ଚ୍ଚ ୨୬ରେ ବିଧାନସଭା ଗୃହ ମଧ୍ୟକୁ ସଦସ୍ୟମାନେ ପ୍ରବେଶ କରିବାବେଳେ ବିଧାନସଭାର ସୁରକ୍ଷା କର୍ମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ସେହି ସମୟରେ କିଛି ଅସାମାଜିକ ତତ୍ତ୍ୱ ବିଧାୟକମାନଙ୍କ ଘଣ୍ଟା, ସୁନା ଚେନ ଓ ବ୍ୟାଗରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ପ୍ୟାଣ୍ଟ ଶାର୍ଟ ମଧ୍ୟ ଚୋରି କରିନେଇଥିଲେ। ଉକ୍ତ ଜିନିଷକୁ ତୁରନ୍ତ ଉଦ୍ଧାର କରି ଫେରାଇବାକୁ ବାଚସ୍ପତିଙ୍କୁ ପତ୍ର ଲେଖିଛି ବୋଲି କାଡାମ କହିଛନ୍ତି।

# ପ୍ରାଚୀନ ଦୁର୍ଗାମେଢ଼କୁ ଅନୁଦାନ ଦେବେ ରାଜ୍ୟ ସରକାର

**ଭୁବନେଶ୍ୱର, ୧୮।୯(ସୌମ୍ୟରଞ୍ଜନ ରାଉତ)**

ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଧାର୍ମିକ ଭାବଧାରାକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ଆଉଏକ ନିଷ୍ପତ୍ତି ନେଇଛନ୍ତି। ଏବେ ପ୍ରାଚୀନ ଦୁର୍ଗାମେଢ଼କୁ ସରକାର ଦେବେ ଆର୍ଥିକ ଅନୁଦାନ। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ହୋଇଛି। ଏନେଇ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି। ପ୍ରତ୍ୟେକ ଜିଲାରେ ମେଢ଼ଗୁଡ଼ିକର ବର୍ଷ ଅନୁସାରେ ବିବରଣୀ ପ୍ରସ୍ତୁତ କରାଯିବ। ଆଗାମୀ ୨ ଦିନ ଭିତରେ ଏହାର ତାଲିକା କରାଯିବ। ଏଥିପାଇଁ ରହିଥିବା ଫର୍ମରେ ଜିଲା ହିସାବରେ ବର୍ଗୀକରଣ କରାଯାଇଛି। ୧୦୦ ବର୍ଷରୁ ଉର୍ଦ୍ଧ୍ୱ ମେଢକୁ 'କ' ବର୍ଗରେ, ୭୫ ବର୍ଷରୁ ଉର୍ଦ୍ଧ୍ୱ ମେଢକୁ 'ଖ' ବର୍ଗରେ ଓ ୫୦ ବର୍ଷରୁ ଉର୍ଦ୍ଧ୍ୱ ମେଢକୁ 'ଗ' ବର୍ଗରେ ସ୍ଥାନ ଦିଆଯାଇଛି। ଯେଉଁ ଜିଲ୍ଲାରେ ୫୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ମେଢ଼ ନ ଥିବ, ସେଠାରେ ସବୁଠାରୁ ୨ଟି ପୁରାତନ ମେଢ଼ର ବିବରଣୀ ଦେବାକୁ ସଂସ୍କୃତି ବିଭାଗ ନିର୍ଦ୍ଦେଶ ଦେଇଛି।




# ରାଜ୍ୟରେ ସରକାରୀ ମେଡିକାଲ କଲେଜ ସଂଖ୍ୟା ୧୪କୁ ବୃଦ୍ଧି

**ଭୁବନେଶ୍ୱର, ୧୮।୯ (ବନ୍ଦନା ସେଠୀ)**

ଓଡ଼ିଶାରେ ମେଡିକାଲ ଶିକ୍ଷା ଓ ତାଲିମ ବିକାଶ ନିମନ୍ତେ ରାଜ୍ୟ ସରକାର ଲଗାତର ପ୍ରଚେଷ୍ଟା କରି ଆସୁଛନ୍ତି। ରାଜ୍ୟରେ ସରକାରୀ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ସଂଖ୍ୟା ୧୨ରୁ ୧୪କୁ ବୃଦ୍ଧି ପାଇଛି। ଏଥିସହ ବ୍ୟାପକ ନୂଆ ନିଯୁକ୍ତି ଦିଆଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଚଳିତ ବର୍ଷ ଫୁଲବାଣୀଠାରେ ସରକାରୀ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଏବଂ ତାଳଚେରଠାରେ ପବିତ୍ର ମୋହନ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି। ୨୦୨୪ରେ ଯାଜପୁରଠାରେ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଥିଲା। ଏହାଛଡା ୨ଟି ସ୍ନାତକୋତ୍ତର ମେଡିକାଲ ପ୍ରତିଷ୍ଠାନ ଯଥା ପିଜିଆଇଏମ୍‌ଇଆର୍ ଭୁବନେଶ୍ୱର ଏବଂ ଏଏଚ୍‌ପିଜିଆଇସି କଟକରେ ନୂଆ ପ୍ରଫେସର ନିଯୁକ୍ତି ଦିଆଯାଇଛି। ଏଥିସହ ରାଜ୍ୟର ବିଭିନ୍ନ ଜିଲାରେ ଥିବା ମେଡିକାଲଗୁଡ଼ିକରେ ୯୧ଜଣ ଆସୋସିଏଟ୍ ପ୍ରଫେସର (୨୩ଟି ବିଶେଷଜ୍ଞ ବିଭାଗରେ) ଏବଂ ୭ଜଣ ଆସୋସିଏଟ୍ ପ୍ରଫେସର (୬ଟି ସୁପରସ୍ପେଶାଲିଟି ବିଭାଗରେ)ଙ୍କୁ ନିଯୁକ୍ତି ଦେଇଛନ୍ତି। ଏସସିବି ମେଡିକାଲ କଲେଜରେ ୧୫ଜଣ ସ୍ପେଶାଲିଷ୍ଟ ଓ ୪ଜଣ ସୁପର ସ୍ପେଶାଲିଷ୍ଟ, ଏମ୍‌କେସିଜି ବ୍ରହ୍ମପୁରରେ ୧୯ଜଣ ସ୍ପେଶାଲିଷ୍ଟ ଓ ୩ଜଣ ସୁପର ସ୍ପେଶାଲିଷ୍ଟ, ପିଆର୍‌ଏମ୍ ମେଡିକାଲ କଲେଜ ବାରିପଦାରେ ୬ଜଣ, ଏସ୍‌ଏଲ୍‌ଏନ ମେଡିକାଲ କଲେଜ କୋରାପୁଟରେ ୧୦ଜଣ, ଏଫ୍‌ଏମ୍ ମେଡିକାଲ କଲେଜ ବାଲେଶ୍ୱରରେ ୬ଜଣ, ବିବି ମେଡିକାଲ କଲେଜ ବଲାଙ୍ଗୀରରେ ଜଣେ, ଶ୍ରୀ ଜଗନ୍ନାଥ ମେଡ଼ିକାଲ କଲେଜ ପୁରୀରେ ୨ଜଣ, ସରକାରୀ ମେଡିକାଲ କଲେଜ ସୁନ୍ଦରଗଡ଼ରେ ୬ଜଣ, ଡିଡି ମେଡିକାଲ କଲେଜ କେନ୍ଦୁଝରରେ ୫ଜଣ, ଏସ୍‌ଆର୍‌ଏମ ମେଡିକାଲ କଲେଜ ଭବାନୀପାଟଣାରେ ୭ଜଣ, ଏମ୍‌ଜିକେ ମେଡିକାଲ କଲେଜ ଯାଜପୁରରେ ୨ଜଣ, ପିଏମ୍‌ପି ମେଡିକାଲ କଲେଜ ତାଳଚେରରେ ୮ଜଣ, ସରକାରୀ ମେଡିକାଲ କଲେଜ ଫୁଲବାଣୀରେ ୫ଜଣ, ପିଜିଆଇଏମ୍‌ଇଆର୍ କ୍ୟାପିଟାଲ ହସ୍ପିଟାଲରେ ୮ଜଣ ଆସୋସିଏଟ ପ୍ରଫେସରଙ୍କୁ ନୂଆ ନିଯୁକ୍ତି ଦିଆଯାଇଛି।

ଏହାବାଦ୍ ବିଭିନ୍ନ ମେଡିକାଲ କଲେଜରେ ୩୮ ପ୍ରଫେସର ଏବଂ ୨୭ ଆସୋସିଏଟ ପ୍ରଫେସର ପଦବୀକୁ ବିଭାଗୀୟ ପଦୋନ୍ନତି ମାଧ୍ୟମରେ ପୂରଣ କରାଯାଇଛି। କଟକ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କ୍ୟାନ୍‌ସର ପ୍ରତିଷ୍ଠାନରେ ନୂଆ ୧୦ଜଣ ସୁପର ସ୍ପେଶାଲିଷ୍ଟ ଆସୋସିଏଟ୍ ପ୍ରଫେସର ନିଯୁକ୍ତି ସହ ଶିକ୍ଷା ଓ ଚିକିତ୍ସା ସୁବିଧା ପରିସର ବୃଦ୍ଧି କରାଯାଇଛି। ସେହିପରି ଗୋଟିଏ ପ୍ରଫେସର ଏବଂ ୨ଟି ଆସୋସିଏଟ ପ୍ରଫେସର୍ ପଦବୀକୁ ପଦୋନ୍ନତି ମାଧ୍ୟମରେ ପୂରଣ କରାଯାଇଛି ବୋଲି ବିଭାଗୀୟ ତଥ୍ୟରୁ ଜଣାପଡିଛି।

# ସୀତାରାମ ୟେଚୁରୀ ସାମ୍ପ୍ରଦାୟିକତା ବିରୋଧରେ ସାଲିସ ନ କରି ଲଢ଼ିଥିଲେ



ସୀତାରାମ ୟେଚୁରୀଙ୍କ ୭୪ତମ ଜୟନ୍ତୀ ସ୍ମାରକୀ ବକ୍ତୃତାମାଳାରେ ଉଦ୍‌ବୋଧନ ଦେଉଛନ୍ତି ସିପିଆଇ(ଏମ୍) ନେତା ପ୍ରକାଶ କାରାତ୍।

**ଭୁବନେଶ୍ୱର, ୧୮।୯(ବନ୍ଦନା ସେଠୀ)**

ବିଶିଷ୍ଟ ସିପିଆଇଏମ୍ ନେତା ସୀତାରାମ ୟେଚୁରୀ ଭାରତର ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ଭାବନାକୁ ମଜବୁତ୍ କରିଥିଲେ। ସେ କେବେ ସାମ୍ପ୍ରଦାୟିକତା ବିରୋଧରେ କୌଣସି ସାଲିସ ନ କରି ଲଢ଼ିଥିଲେ। ୟେଚୁରୀ ତାଙ୍କ ରାଜନୈତିକ ଯାତ୍ରାରେ ସର୍ବଦା ଭାରତୀୟ ସମ୍ବିଧାନର ମୂଳ ନୀତିଗୁଡ଼ିକୁ ତୋଳି ଧରିଥିଲେ ଏବଂ ଏଗୁଡ଼ିକୁ ନଷ୍ଟ କରିବାକୁ ଚେଷ୍ଟା କରୁଥିବା ଶକ୍ତିମାନଙ୍କ ବିରୋଧରେ ଲଢ଼ିଥିଲେ ବୋଲି ସିପିଆଇ(ଏମ୍) ନେତା ପ୍ରକାଶ କାରାତ୍ କହିଛନ୍ତି। ଗୁରୁବାର ବୁଦ୍ଧ ମନ୍ଦିରରେ ଆୟୋଜିତ ସୀତାରାମ ୟେଚୁରୀ ସ୍ମାରକୀ ବକ୍ତୃତା 'ସୀତାରାମ ୟେଚୁରୀ: ଧର୍ମନିରପେକ୍ଷତା, ଗଣତନ୍ତ୍ର ଏବଂ ଭାରତବାସୀଙ୍କ ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ କାରାତ୍ ଯୋଗଦେଇ, ୟେଚୁରୀଙ୍କ ଧର୍ମନିରପେକ୍ଷତା, ଗଣତନ୍ତ୍ର ଏବଂ ଲୋକଙ୍କ ମୁକ୍ତିର ମୂଲ୍ୟବୋଧ ପ୍ରତି ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ଉଲ୍ଲେଖ କରିଥଲେ। ସର୍ବଦା ଜାତି, ଧର୍ମ, ଭାଷା ଏବଂ ଅଞ୍ଚଳ ନିର୍ବିଶେଷରେ ଲୋକଙ୍କ ଐକ୍ୟକୁ ପ୍ରୋତ୍ସାହିତ କରିଥିଲେ। ଏଥିସହ ସମାଜକୁ ବିଭକ୍ତ କରୁଥିବା ଘୃଣାର ରାଜନୀତିରୁ ସାବଧାନ କରିଥିଲେ। ସେ ଜରୁରୀକାଳରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ଏକଛତ୍ରବାଦୀ ପ୍ରବୃତ୍ତି ବିରୋଧରେ ଲଢିଥିଲେ। ସର୍ବଦା ସାମାଜିକ ନ୍ୟାୟ, ସମାନ ବିକାଶ ଏବଂ ଗରିବଙ୍କ କଲ୍ୟାଣ ପାଇଁ ଏବଂ ଲୋକାଭିମୁଖୀ ଭାରତର ଦୃଷ୍ଟିକୋଣକୁ ତାଙ୍କ ରାଜନୀତିର କେନ୍ଦ୍ରବିନ୍ଦୁ କରିଥିଲେ ବୋଲି କାରାତ୍ ମତ ରଖିଥିଲେ।

ସୀତାରାମ ୟେଚୁରୀ ସ୍ମୃତି କମିଟିର ଅଧ୍ୟକ୍ଷ ଅଳି କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟିର ସୁରେଶ ଚନ୍ଦ୍ର ପଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବରିଷ୍ଠ ସିପିଆଇ(ଏମ୍) ନେତା ଜନାର୍ଦ୍ଦନ ପତି, ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇଏମ୍‌ଏଲ ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏବଂ ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପୁଷ୍ପା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୁଭମିତ୍ରାଙ୍କୁ ନ୍ୟାୟ ଦାବିରେ ମହିଳା କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

**ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)**

ହତ୍ୟାର ଶିକାର ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ତାଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନିର୍ଦ୍ଦେଶକ୍ରମେ ମହିଳା କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ହାତରେ କ୍ୟାଣ୍ଡେଲ ଧରି କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମୃତକ ଶୁଭମିତ୍ରାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ସହ ଦୋଷୀକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରାଯାଇଥିଲା। ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ନିରୁପମା ପାତ୍ର, ସିଲି ସେଠୀ, ବିଶ୍ୱକଲ୍ୟାଣୀ କର, ଅମିତା ବିଶ୍ୱାଳ, ସୁନୀତା ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ ହେଲେ ଏମ୍‌ପି ଭର୍ତ୍ତୃହରି ମହତାବ

**କଟକ,୧୮।୯(କାର୍ତ୍ତିକ ସାହୁ)**

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଗତ ଅଗଷ୍ଟ ୨୦ରେ ଅନୁଷ୍ଠିତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ବୈଠକରେ ଏନେଇ ପ୍ରସ୍ତାବ ଗୃହୀତ ହୋଇଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ଆକ୍ଟ-୨୦୨୪ ର ଧାରା ୯-(୧) ଅନୁଯାୟୀ ଏମ୍‌ପି ମହତାବ ଆଗାମୀ ୩ ବର୍ଷ ଯାଏ ସିନେଟ ସଦସ୍ୟ ଭାବେ ରହିବେ। ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ ପକ୍ଷରୁ ଗୁରୁବାର ଏନେଇ ଏମ୍‌ପି ମହତାବଙ୍କୁ ପତ୍ର ପ୍ରେରଣ କରାଯାଇଥିବା ସୂଚନା ମିଳିଛି।




## ଭାଜପା ବିଧାୟକ ଦଳ ବୈଠକ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବିଧାନସଭା ୫୪ ନଂ ପ୍ରକୋଷ୍ଠରେ ଗୁରୁବାର ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକ।

ନମ୍ର ହେବା ଅର୍ଥ ହେଲା– ମନରେ, ପ୍ରାଣରେ ଏବଂ ଶରୀରରେ ସର୍ବଦା ସଚେତନ ରହିବା ଯେ, ଭଗବାନଙ୍କୁ ଛାଡି କିଛି ଜାଣି ହେବ ନାହିଁ– ନିଜର ଅସ୍ତିତ୍ୱ ପର୍ଯ୍ୟନ୍ତ ରହିବ ନାହିଁ ଓ କିଛି କାର୍ଯ୍ୟ କରିହେବ ନାହିଁ। ଭଗବାନଙ୍କ ବ୍ୟତୀତ ମଣିଷ କେବଳ ଅଜ୍ଞାନ, ଶକ୍ତିହୀନ ଓ ଅବ୍ୟବସ୍ଥିତ। –ଶ୍ରୀମା



# ପଡ଼ୋଶୀରେ ଅସ୍ଥିରତା



ନିରୁପମା ରାଓ

ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆରେ ଦେଖାଯାଉଥିବା ଅସ୍ଥିରତା ଉଭୟ ଭାରତ ଓ ତାହାର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ପାଇଁ ଅଧିକ ବିପଜ୍ଜନକ ହୋଇଛି। ନିକଟରେ ନେପାଳର ହିଂସାତ୍ମକ ବିଦ୍ରୋହରେ ଏହା ପ୍ରତିଫଳିତ ହୋଇଛି। ଭାରତର ପୂର୍ବଭାଗରେ ଥିବା ବାଂଲାଦେଶରେ ୨୦୨୪ରେ ମଧ୍ୟ ସମାନ ପ୍ରକାର ଉତ୍ତେଜନା ପ୍ରକାଶ ପାଇବା ଯୋଗୁ ସେଠାକାର ସରକାର କ୍ଷମତାଚ୍ୟୁତ ହୋଇଥିଲେ। ଏହା ସହ ଦକ୍ଷିଣ-ପୂର୍ବରେ, କୋର୍ଟ ନିର୍ଦ୍ଦେଶରେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ହଟାଇ ଦିଆଯିବା ଏବଂ ସୀମାରେ କାମ୍ବୋଡ଼ିଆ ସହ ଏହାର ସଂଘର୍ଷ ଭଳି ଘଟଣା ସାମ୍ନାକୁ ଆସିଛି। ଆର୍ମଡ୍ କନ୍‌ଫ୍ଲିକ୍ଟ ଲୋକେଶନ ଆଣ୍ଡ୍ ଇଭେଣ୍ଟ ଡେଟା ପ୍ରୋଜେକ୍ଟର ତଥ୍ୟ ଅନୁଯାୟୀ, ମ୍ୟାନ୍‌ମାରରେ ଆଙ୍ଗ୍ ସାନ୍ ସୁକିଙ୍କ ଗଣତାନ୍ତ୍ରିକ ସରକାରର ପତନ ଘଟାଇ ମିଲିଟାରି ଶାସନ ପ୍ରତିଷ୍ଠା ହେବା ପରଠାରୁ ଗୃହଯୁଦ୍ଧରେ ୨୦୨୧ରୁ ଏଯାବତ୍ ଅତିକମ୍‌ରେ ୮୦ ହଜାର ଲୋକଙ୍କ ଜୀବନ ଗଲାଣି। ଭାରତର ପଶ୍ଚିମରେ ପାକିସ୍ତାନରେ ଇସ୍‌ଲାମିକ ଉଗ୍ରବାଦୀ ଗୋଷ୍ଠୀ ସକ୍ରିୟ ହେବା ସହ ସେଠାରେ ଅର୍ଥନୀତି ଭୁଶୁଡ଼ି ପଡ଼ିବା ଶାସକୀୟ ପ୍ରଦର୍ଶନରେ ଦୁର୍ବଳତା ଦର୍ଶାଇଛି। ଦକ୍ଷିଣରେ, ଶ୍ରୀଲଙ୍କାରେ ୩ ବର୍ଷ ପୂର୍ବେ ଏହାର ପ୍ରଧାନମନ୍ତ୍ରୀ ବିତାଡ଼ିତ ହେବା ପରେ କିଛିଟା ସ୍ଥିରତା ଆସିଥାଇପାରେ, କିନ୍ତୁ ଏହାର ଅର୍ଥ ବ୍ୟବସ୍ଥାର ପୁନର୍ଗଠନର ସଙ୍କେତ ଦେଖାଯାଇନି। ଏହା ବ୍ୟତୀତ ଭାରତର ଉତ୍ତରରେ, ଆଞ୍ଚଳିକ କ୍ଷେତ୍ରରେ ପ୍ରାଧାନ୍ୟ ବୃଦ୍ଧି ପାଇଁ ଚାଇନାର ଆକାଂକ୍ଷା ଅସ୍ଥିରତାର ଆଉ ଏକ ଉତ୍ସ ବୋଲି କୁହାଯାଇପାରେ।

ବାଂଲାଦେଶରୁ ଆସୁଥିବା ଅଧିକ ଶରଣାର୍ଥୀ ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଅଶାନ୍ତ ସ୍ଥିତି ସୃଷ୍ଟି କରୁଛନ୍ତି। ଏହାବ୍ୟତୀତ ପାକିସ୍ତାନ ପ୍ରାୟୋଜିତ ସୀମାପାର ଆତଙ୍କବାଦ ଯୋଗୁ ଚଳିତବର୍ଷ ଯୁଦ୍ଧ ପରିସ୍ଥିତି ଉପୁଜିଥିଲା। ଏବେ ନେପାଳର ଅସ୍ଥିର ରାଜନୀତି ଚାଇନାକୁ ପୁନର୍ବାର ହସ୍ତକ୍ଷେପ କରିବାର ସୁଯୋଗ ଦେଇଛି। ଏଭଳି ଅସ୍ଥିରତାକୁ ଭାରତ କିଭଳି ଅନୁଧ୍ୟାନ କରି ହ୍ରାସ କରିବ ଏବଂ କିପରି ଆଞ୍ଚଳିକ ସ୍ଥିରତା ଆଣିବ ତାହାହିଁ ବଡ଼ ପ୍ରଶ୍ନ। ଏବେ ନେପାଳରୁ ଆରମ୍ଭ କରିବା। ଏହା ଏକ ମହତ୍ତ୍ୱାକାଂକ୍ଷୀ ସମ୍ବିଧାନ ଦ୍ୱାରା ତିଷ୍ଠି ରହିବାକୁ ସଂଗ୍ରାମ କରିଆସିଛି, ଯାହା ଦୁଇ ଦଶନ୍ଧି ପୂର୍ବେ ଏକ ଦୀର୍ଘ ମାଓ ବିଦ୍ରୋହକୁ ଶେଷ କରିବାକୁ ଗଢ଼ାଯାଇଥିଲା। ନେପାଳର ସରକାରୀ ସଂସ୍ଥାଗୁଡ଼ିକ ଦୁର୍ବଳ ରହିଛନ୍ତି ଓ ବାଧାର ସମ୍ମୁଖୀନ ହେଉଛନ୍ତି ଏବଂ ବିଚ୍ଛିନ୍ନତାବାଦ, ଦୁର୍ନୀତି ତଥା ଏକ ବିଶ୍ୱାସଯୋଗ୍ୟ ବ୍ୟବସ୍ଥା ଆଣିବାରେ ରାଜନୈତିକ ନେତାମାନଙ୍କ ଅକ୍ଷମତା ଯୋଗୁ ସ୍ଥିରତାର ଆଶା ବାରମ୍ବାର ଧୂଳିସାତ୍ ହୋଇଯାଇଛି। ଏହିସବୁ ଗମ୍ଭୀର ତ୍ରୁଟି ଯୋଗୁ ନିକଟରେ ସେଠାରେ ହିଂସା ଉପୁଜିଛି। ନେପାଳ ସହିତ ଆମର ଦୀର୍ଘ ତଥା ଖୋଲା ସୀମା ରହିଛି। ଏଣୁ ସେଠାରୁ ଅତ୍ୟଧିକ ଶରଣାର୍ଥୀ ଆଗମନ ଓ ସୀମାପାର



ଅପରାଧର ଆଶଙ୍କା ଅଛି। ତଥାପି ଭାରତ ସହ ଥିବା ଦୃଢ଼ ସାଂସ୍କୃତିକ, ଜାତିଗତ, ଧାର୍ମିକ ଓ ଆର୍ଥିକ ସମ୍ପର୍କ କିଭଳି ନଷ୍ଟ ନ ହେବ, ସେଥିପାଇଁ ନେପାଳ ସରକାର ସବୁବେଳେ ସତର୍କ ରହିବ। ତେବେ ନେପାଳର ଘରୋଇ ରାଜନୀତିରେ ବଢୁଥିବା ଚାଇନାର ପ୍ରଭାବକୁ ଅଣଦେଖା କରାଯିବା ଉଚିତ ନୁହେଁ, ଯାହା ରଣନୀତିକ ଦୃଷ୍ଟିରୁ ଭାରତ ପାଇଁ ଅତ୍ୟନ୍ତ ଚିନ୍ତାର କାରଣ ହେବ। ବାଂଲାଦେଶରେ, ଶେଖ୍ ହାସିନାଙ୍କୁ ବିତାଡ଼ିତ କରାଯିବା ପରଠାରୁ ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଚାଲିଛି। ହେଲେ ସେଠାରେ ଆଇନଶୃଙ୍ଖଳା ବଜାୟ ରଖିବା କିମ୍ବା ମାନବ ଅଧିକାର ସୁରକ୍ଷା କ୍ଷେତ୍ରରେ ଏହି ସରକାର ବିଫଳ ହୋଇଛି। କିଛି ଦଶନ୍ଧି ପୂର୍ବରୁ ଥିବା ତାହାର ଏକ ସମୃଦ୍ଧ ଅର୍ଥ ବ୍ୟବସ୍ଥା ଏବେ ଘରୋଇ ରାଜନୈତିକ ଅସ୍ଥିରତା ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ମାଡ଼ରେ ଚାପଗ୍ରସ୍ତ ହୋଇପଡ଼ିଛି। ରାଜନୈତିକ ଉତ୍ତେଜନାର ପରିବେଶ ଯୋଗୁ ଦେଶର ସଂଖ୍ୟାଲଘୁମାନେ ଅତ୍ୟଧିକ ଅସୁରକ୍ଷିତ ମଣୁଛନ୍ତି। ତେବେ ସୀମାରେ ପ୍ରବାଶନ ଓ ଆତଙ୍କବାଦ ହେଲେ ଢାକାରେ ବ୍ୟବସ୍ଥିତ ଶାସନ ଦରକାର। କିନ୍ତୁ ଏବକାର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ବିଫଳତାକୁ ଦେଖିଲେ ଭାରତ ପ୍ରତି ଅଧିକ ବିପଦ ରହିଛି ବୋଲି କୁହାଯାଇପାରେ।

ପ୍ରଥମ ଥର ପାଇଁ ଥାଇଲାଣ୍ଡର ବିପର୍ଯ୍ୟୟ ଓ କାମ୍ବୋଡ଼ିଆ ସହ ସୀମା ବିବାଦକୁ ଗୁରୁତ୍ୱ ଦିଆ ନ ଯାଇପାରେ, କିନ୍ତୁ ଭାରତ ତାହାର ଆକ୍ଟ ଇଷ୍ଟ ପଲିସିରେ ଦକ୍ଷିଣ-ପୂର୍ବ ଏସୀୟ ଦେଶ ସଂଗଠନର ୧୦ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଏକ ଗଭୀର ଆର୍ଥିକ ଓ ରଣନୀତିକ ସମ୍ପର୍କ ଯୋଡ଼ିବା ଆରମ୍ଭ କରିଛି। ସେହି ସଂଗଠନରେ କୌଣସି ଅସ୍ଥିରତା ସୃଷ୍ଟିହେଲେ ଏଭଳି ପଦକ୍ଷେପ ବିଗିଡ଼ିଯିବ। ଦୀର୍ଘଦିନରୁ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆ ମଧ୍ୟରେ ଥାଇଲାଣ୍ଡ ଏକ ସମ୍ପର୍କର ସେତୁ ଭାବେ ରହିଆସିଛି। ଯଦି ଏହାର ବ୍ୟବସ୍ଥା ଦୁର୍ବଳ ହୋଇଯାଏ ଏବଂ କାମ୍ବୋଡ଼ିଆ ସହ ସୀମା ଉତ୍ତେଜନା ବୃଦ୍ଧିପାଏ, ତେବେ ଭାରତର ଏକ ପରସ୍ପର ସମ୍ବନ୍ଧିତ ତଥା ସୁରକ୍ଷିତ ପ୍ରଶାନ୍ତ ମହାସାଗରୀୟ କରିଡର ସମ୍ଭବ ହୋଇପାରିବ ନାହିଁ।

ପାକିସ୍ତାନରେ ଦୀର୍ଘ ସମୟରୁ ସମସ୍ୟା ଲାଗି ରହିଛି। ୨୦୨୨ରେ ମିଲିଟାରି ସମର୍ଥନରେ ଇମ୍ରାନ୍ ଖାନ୍‌ଙ୍କ ନିର୍ବାଚିତ ସରକାରକୁ ବିଦା କରାଯିବା ପରେ ଦେଶର ସିଭିଲିଆନ୍ ଅଥରିଟିଗୁଡ଼ିକୁ ଲଗାତର ଅଣଦେଖା କରାଯାଇଆସୁଛି। ରକ୍ତାକ୍ତ ରାଜନୀତିରେ ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକ ସକ୍ରିୟ ହୋଇଯାଇଛନ୍ତି ଏବଂ ପାକିସ୍ତାନର ଦୁର୍ବଳ ଅର୍ଥ ବ୍ୟବସ୍ଥା ଏହାର ଗତିଶୀଳତାକୁ ଆହୁରି ବଢ଼ାଇଦେଇଛି। ଭାରତର ଦୃଷ୍ଟିକୋଣକୁ ଦେଖିଲେ ଏହାର ଆଭ୍ୟନ୍ତରୀଣ ସମସ୍ୟାଠାରୁ ପାକିସ୍ତାନର ସମସ୍ୟାଗୁଡ଼ିକ ଅଧିକ ଗୁରୁତ୍ୱ ରଖେ, କାରଣ ସେମାନେ ନିୟମିତ ଭାବେ କଶ୍ମୀରରେ ଲାଇନ୍ ଅଫ୍ କଣ୍ଟ୍ରୋଲ(ଏଲ୍‌ଓସି)ରେ ଅଧିକ ବିପଦ ସୃଷ୍ଟି କରିବା ସହ ଆତଙ୍କବାଦକୁ ପ୍ରୋତ୍ସାହିତ କରି ଆଞ୍ଚଳିକ ଶାନ୍ତିର ଆଶାକୁ ଭାଙ୍ଗି ଦେଉଛନ୍ତି। କେବଳ ଏତିକି ନୁହେଁ, ସେମାନେ ଆଣବିକ ବିପର୍ଯ୍ୟୟର ସଙ୍କଟ ସୃଷ୍ଟି କରୁଛନ୍ତି। ପାକିସ୍ତାନ- ଚାଇନାର ସମ୍ପର୍କ ବର୍ତ୍ତମାନର ସ୍ଥିତିକୁ ଆହୁରି ଜଟିଳ କରିଦେଇଛି।

ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ଗଣତନ୍ତ୍ରର ଅଧୋଗତି ହେବା ଲକ୍ଷ୍ୟ କରାଯାଉଛି। ସମ୍ବିଧାନର ପୁନର୍ଲିଖନ ହେଉଛି ଓ ନ୍ୟାୟାଳୟଗୁଡ଼ିକର ରାଜନୀତିକରଣ କରାଯାଉଛି। ଦୁର୍ବଳତାକୁ ଦେଖି ଅନେକ ସେନାଧକ୍ଷ ଖୋଲାଖୋଲି ଭାବେ ଗଣତନ୍ତ୍ରରେ ବାଧା ସୃଷ୍ଟି କରିବା ସହ ରାଜନେତାଙ୍କୁ ଜେଲ୍‌ରେ ରଖୁଛନ୍ତି କିମ୍ବା ନିର୍ବାସିତ କରୁଛନ୍ତି। ଏହି ଧାରାକୁ ପ୍ରତିହତ କରିବା ପାଇଁ ବିଶ୍ୱର ବୃହତ୍ ଗଣତାନ୍ତ୍ରିକ ଦେଶ ଭାରତ ପାଇଁ ଏକ ଅଧିକ ଦୃଢ଼ ଆଞ୍ଚଳିକ ରଣନୀତି ଆପଣାଇବାକୁ ପଡ଼ିବ। ଅବଶ୍ୟ ପାକିସ୍ତାନ ବ୍ୟତୀତ ଅଧିକାଂଶ ଦକ୍ଷିଣ ଏସିଆ ଦେଶ ଯେତେବେଳେ ସଙ୍କଟର ସମ୍ମୁଖୀନ ହୁଅନ୍ତି, ସେତେବେଳେ ଭାରତ ପ୍ରଥମେ ପଦକ୍ଷେପ ନେଇଥାଏ। କିନ୍ତୁ ଭାରତର ପଡ଼ୋଶୀମାନେ ଏହାର ସାହାଯ୍ୟ ଦରକାର ନାହିଁ ବୋଲି ଭାବି ସେମାନଙ୍କ ସୁରକ୍ଷା ବିଷୟକୁ ଅଣଦେଖା କରୁଛନ୍ତି। ତେବେ ଭାରତର ପଡ଼ୋଶୀ ଦେଶଗୁଡ଼ିକ ଅଧିକ ବିପଜ୍ଜନକ ସ୍ଥିତିରେ ନ ଥିଲେ ମଧ୍ୟ ବିଶ୍ୱର ଅନେକ ଦେଶ ଏହାକୁ ଅଧିକ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଉଛନ୍ତି। ଏହି ଅଞ୍ଚଳରେ ଟ୍ରମ୍ପଙ୍କ ଏକଚାଟିଆ ନୀତିକୁ ଛୋଟ ଦେଶଗୁଡ଼ିକ ପ୍ରତ୍ୟାଖ୍ୟାନ କରୁଛନ୍ତି। ଜାପାନ ଓ ଦକ୍ଷିଣ କୋରିଆ ଆଣବିକ ଅସ୍ତ୍ରଶସ୍ତ୍ରର ଅଧିକାରୀ ହେବାକୁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ଯାହାକୁ ନେଇ ବିତର୍କ ଚାଲିଛି।

ଝଡ଼ ସାମ୍ନାରେ ଭାରତ ମଜଭୁତ ଭାବେ ଠିଆ ହୋଇଥିଲେ ମଧ୍ୟ ଆଞ୍ଚଳିକ ଓ ଟ୍ରମ୍ପଙ୍କ ପ୍ରେରିତ ଅସ୍ଥିରତା ଯୋଗୁ ଦେଶର ଗୁରୁତ୍ୱପୂର୍ଣ୍ଣ ରଣନୀତିକ ସ୍ୱାଧୀନତା ବଜାୟ ରଖିବା କଷ୍ଟକର ହୋଇପଡୁଛି। ଏବେ ଆମେରିକା ସହ ସମ୍ପର୍କ ଦୃଢ଼ କରିବାର ସମୟ ନୁହେଁ, ବରଂ ଆମେରିକାର ନୀତିରେ ହଠାତ୍ ହୋଇଥିବା ପରିବର୍ତ୍ତନକୁ ବିରୋଧ କରାଯିବା ସହ ରଣନୀତିକ, ପ୍ରଯୁକ୍ତିଗତ ତଥା ଆର୍ଥିକ କ୍ଷେତ୍ରରେ ଆଞ୍ଚଳିକ ଭାଗୀଦାରି ଜାରି ରଖିବାକୁ ପଡ଼ିବ। ଦକ୍ଷିଣ ଏସିଆରେ ଭାରତ ତାହାର ପ୍ରାଧାନ୍ୟ ବିସ୍ତାର କରିବାକୁ ଚାହୁଁନାହିଁ। ବରଂ ଏହାର ଲକ୍ଷ୍ୟ ହେଉଛି ଏକ ସମ୍ମିଳିତ, ନିୟମ ଆଧାରିତ ଏବଂ ପରସ୍ପର ସମ୍ବନ୍ଧିତ ଆଞ୍ଚଳିକ କ୍ଷେତ୍ର ଗଢ଼ିବା, ଯଦ୍ଦ୍ୱାରା ବାରମ୍ବାର ଦେଖାଯାଉଥିବା ସଙ୍କଟର ଏକ ଇତିହାସରେ ପରିବର୍ତ୍ତନ ଆସିବା ଓ ଭବିଷ୍ୟତରେ ଏକ ସ୍ଥାୟୀ ସ୍ଥିରତା ପ୍ରତିଷ୍ଠା ହୋଇପାରିବ।

**ଭାରତର ପୂର୍ବତନ ବୈଦେଶିକ ସଚିବ**

## ଏଇ ଭାରତରେ

ରାଜସ୍ଥାନର ୱାଇଲ୍ଡ ଲାଇଫ ଫଟୋଗ୍ରାଫର ଶ୍ରବଣ ପଟେଲ ତଳ ଛାପରା ସଂରକ୍ଷିତ ଜଙ୍ଗଲର ପ୍ରାଣୀଙ୍କ ପାଇଁ ଛୋଟ ଜଳାଶୟ ନିର୍ମାଣ କରୁଛନ୍ତି। ଫଳରେ ଜଙ୍ଗଲୀ ପ୍ରାଣୀମାନେ ସବୁ ସମୟରେ ପାଣି ପିଇପାରୁଛନ୍ତି। ୨୦୨୨ରେ ବନ୍ୟପ୍ରାଣୀଙ୍କ ଫଟୋ ଉଠାଇବା ପାଇଁ ସେହି ସଂରକ୍ଷିତ ଜଙ୍ଗଲକୁ ଯାଇଥିବାବେଳେ ସେଠାରେ ଜଳାଭାବ ସ୍ଥିତିକୁ ଲକ୍ଷ୍ୟ କରି ସେ ଜଳାଶୟ ନିର୍ମାଣ ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ୧୩୦ଟି ପୋଖରୀ କରିସାରିଲେଣି। ଏଭଳି ପୋଖରୀକୁ ସ୍ଥାନୀୟ ଅଞ୍ଚଳରେ ଖୈଲି କୁହାଯାଏ । ପ୍ରତ୍ୟେକଟି ପାଇଁ ୩୦,୦୦୦ରୁ ୪୦,୦୦୦ ଟଙ୍କା ଖର୍ଚ୍ଚ ହେଉଛି। ସେ ପ୍ରଥମେ ଗୋଟିଏ ପୋଖରୀ କରି ତାହାକୁ ସୋସିଆଲ ମିଡ଼ିଆରେ ଶେୟାର କରିବା ପରେ ଏହାକୁ ଅନେକ ସମର୍ଥନ କରିଥିଲେ। ପରେ ସେ ‘ ୱାନ ରୁପି ପର୍ ଡେ ଫର୍ ୱାଇଲ୍ଡ ଲାଇଫ କଞ୍ଜରଭେସନ’ ହ୍ୱାଟ୍ସଆପ ଗ୍ରୁପ ଖୋଲିଥିଲେ । ଏବେ ଏଥିରେ ୧୦୦୦ ସଭ୍ୟ ଯୋଡ଼ି ହୋଇଛନ୍ତି ଓ ବର୍ଷକୁ ୩୬୫ ଟଙ୍କା ଦେଉଛନ୍ତି। ଏହା ବ୍ୟତୀତ ଅନ୍ୟ ଉତ୍ସରୁ ମଧ୍ୟ ଅନୁଦାନ ଆକାରରେ ଅର୍ଥ ମିଳୁଛି। ଏହି ଟଙ୍କାରେ ଶ୍ରବଣ ଓ ତାଙ୍କ ଟିମ୍ ଶତାଧିକ ଛୋଟ ଜଳାଶୟ ନିର୍ମାଣ କରିବାକୁ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୯ ସେପ୍ଟେମ୍ବର ୧୯୭୬

- ବିଶ୍ୱ ଚା’ବାଣିଜ୍ୟର ଶତକଡ଼ା ୭୫ ଭାଗ ବହନ କରୁଥିବା ଭାରତ ସମେତ ଅନ୍ୟ ୧୫ଟି ରାଷ୍ଟ୍ର ଏହି ବାଣିଜ୍ୟ କାରବାର ବୃଦ୍ଧି ନିମନ୍ତେ ଏକ ସଂଘ ପ୍ରତିଷ୍ଠା ପାଇଁ ରାଜି ହୋଇଛନ୍ତି।
- ମାଟିକଠାରେ ଥିବା ଏକ କୋଇଲା ଖଣି ଭୁଶୁଡ଼ି ପଡ଼ିବା ଫଳରେ ୧୭୦ ଜଣ ଖଣି ଶ୍ରମିକଙ୍କ ମୃତ୍ୟୁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | 9 | | | | | | |
| 7 | | | | | | | | |
| 1 | | | | 5 | | 8 | | 4 |
| | | | 7 | 4 | | | 1 | |
| 2 | 6 | | | | | | | |
| | | | 1 | 3 | | | | 2 |
| 6 | | | 4 | | | 1 | | |
| | 5 | | | 2 | | | 3 | 6 |
| | | | | 7 | | | 4 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 3 | 9 | 2 | 5 | 4 | 6 | 8 |
| 9 | 4 | 6 | 8 | 7 | 1 | 3 | 2 | 5 |
| 2 | 5 | 8 | 3 | 6 | 4 | 7 | 1 | 9 |
| 7 | 1 | 5 | 4 | 9 | 2 | 6 | 8 | 3 |
| 8 | 2 | 4 | 1 | 3 | 6 | 9 | 5 | 7 |
| 6 | 3 | 9 | 5 | 8 | 7 | 1 | 4 | 2 |
| 4 | 8 | 7 | 6 | 5 | 3 | 2 | 9 | 1 |
| 5 | 6 | 2 | 7 | 1 | 9 | 8 | 3 | 4 |
| 3 | 9 | 1 | 2 | 4 | 8 | 5 | 7 | 6 |

ଗତକାଲିର ଉତ୍ତର

# ଏ ଭାଗ ସରିବ ତ



ଡ. ସତ୍ୟନାରାୟଣ ମିଶ୍ର

ଧରାପୃଷ୍ଠରେ ମଣିଷ ପ୍ରଥମେ ଯେତେବେଳେ କେବଳ ଖାଦ୍ୟ ଅନ୍ୱେଷଣ କରୁଥିଲା, ସେତେବେଳେ କେବଳ ତାହାକୁ ଭାଗ କରୁଥିଲା ଓ ସେଥିରେ ଉପଯୁକ୍ତ ଭାଗ ହୋଇନଥିଲେ ମଧ୍ୟ କାହାର ଆପତ୍ତି ନ ଥିଲା। ମାତ୍ର ସମୟକ୍ରମେ ଯେତେବେଳେ ମଣିଷର କ୍ରମବିକାଶ ହେଲା, ସେତେବେଳେ ସେ ଭାଗ ଅଧିକାର ଓ ଦାବିକୁ ପ୍ରଥମେ ଏକ ପ୍ରମୁଖ ସମ୍ପତ୍ତି ଭାବରେ ନିର୍ଣ୍ଣୟକଲା। ତେଣୁ ଭାଗ ବା ଦାବି ଅଧିକାର ଧୀରେ ଧୀରେ ବ୍ୟକ୍ତିଠାରୁ ସମାଜ ଓ ତପ୍ୱରେ ରାଜ୍ୟ ତଥା ଦେଶ ମଧ୍ୟରେ ବିସ୍ତାରିତ ହେଲା। ଉକ୍ତ ଭାଗ ବା ଅଧିକାର ଦାବିର କ୍ଷୁଣ୍ଣ ହେଲେ ସେଥିପାଇଁ ନ୍ୟାୟାଳୟ ମଧ୍ୟ ବିଚାରକରିବା ପାଇଁ ଗଠନହୋଇ ନ୍ୟାୟ ପ୍ରଦାନକଲା। ତେବେ ବ୍ୟକ୍ତିଗତ ଭାଗରେ ତ୍ରୁଟି ହେଲେ ମଣିଷ ନିଜ ନିଜ ମଧ୍ୟରେ ସଂଶୋଧନ କରିଥାନ୍ତି। ମାତ୍ର ଅନେକ ସମୟରେ ସମାଜ ଉକ୍ତ ଭାଗ ଦ୍ୱାରା ଆକ୍ରାନ୍ତ ଓ ଜର୍ଜରିତ ହୋଇ ଜୀବନ ଦୁର୍ବିଷହ ହୋଇପଡୁଛି ପରିମାଣର ଅଂଶୀଦାରକୁ ଆଧାରକରି। ମଣିଷ ସମ୍ପ୍ରତି ପ୍ରାୟ ସମସ୍ତ ବ୍ୟବସ୍ଥାରେ ନିଜର ଭାଗକୁ ସାବ୍ୟସ୍ତ କରିବା ପାଇଁ ଲଢ଼େଇ କରୁଛି।

ବର୍ତ୍ତମାନର ସମାଜରେ ଏକ ବିଡ଼ମ୍ବନା ପରିଲକ୍ଷିତ ହୁଏ ଯେ ମଣିଷ କର୍ତ୍ତବ୍ୟ ପ୍ରତି ଯେତିକି ଯତ୍ନଶୀଳ ନୁହେଁ, ତା’ଠାରୁ ଅନେକ ଗୁଣରୁ ଅଧିକ ନିଜର ଅଧିକାର ବା ଭାଗକୁ ସାବ୍ୟସ୍ତ କରିବାରେ ବ୍ୟସ୍ତ। ଆମେ ଯଦି ଆମର ସଂସ୍କୃତି ପରମ୍ପରା ବା ପୁରାଣ ଗ୍ରନ୍ଥକୁ ଅବଲୋକନ କରିବା ତେବେ ସେଥିରୁ ଅନେକ କିଛି ଶିକ୍ଷା କରିବା, କାରଣ ଅତୀତ ସବୁବେଳେ ଶିକ୍ଷା ଦେଇଥାଏ କେଉଁଟା କରିବା ଉଚିତ ବା କେଉଁଟା କରିବା ଅନୁଚିତ। ମଣିଷ ଶରୀରରେ ଯେଉଁ ବିବେକ ଥାଏ ତାହା ହେଉଛି ଉକ୍ତ କରଣୀୟ ଓ ଅକରଣୀୟର ସିଦ୍ଧାନ୍ତକର୍ତ୍ତା। ତେଣୁ ସେ ଦୃଷ୍ଟିରୁ ବିଚାରକଲେ ଦୃଶ୍ୟମାନ ହୋଇଥାଏ ଯେ ଆଜି ପ୍ରତ୍ୟେକ ସମାଜରେ ମହାଭାରତ ଏକ ଉଦାହରଣ ହୋଇ ଶିକ୍ଷା ପ୍ରଦାନ କରିଥାଏ। ସେଥିରୁ ଗୋଟିଏ ଶିକ୍ଷା ସର୍ବାଗ୍ରେ ରହେ ଯେ ମହାଭାରତର ଉତ୍ପତ୍ତି ହୋଇଥାଏ କେବଳ ଭାଗର କଳଙ୍କିତ ଦୃଷ୍ଟିକୋଣରୁ। ଏଠାରେ କେବଳ ପାର୍ଥିବ ବସ୍ତୁର ଇନ୍ଦ୍ରିୟ ଲୋଭ ଓ ଜିଦ୍ ତଥା ଅହଙ୍କାର ପାଇଁ ଭାଗର ଆବିର୍ଭାବ ଓ ପରିଣାମ ହୋଇଥିଲା ଧ୍ୱଂସର ଇତିହାସ। ମାତ୍ର ରାମାୟଣର ତ୍ୟାଗ ଓ ସମର୍ପଣକୁ ମଣିଷ ନିଜର ଦୈନନ୍ଦିନ ଜୀବନ ଚର୍ଚ୍ଚାରେ କାର୍ଯ୍ୟକାରୀ ନ କରି ସେହି ଭାଗର ଅଦୃଶ୍ୟ ଛାଇ ପଛରେ ଏବେ ଧାବମାନ।

ଭାରତ ସ୍ୱାଧୀନ ହେବା ପରେ ଦୁଇ ଭାଗ ହୋଇଗଲା। ସମ୍ପ୍ରତି ସମାଜରେ ଧର୍ମର ମଧ୍ୟ ଭାଗ ହୋଇ ସାମ୍ପ୍ରଦାୟିକ ହିଂସାରେ ମଣିଷ ଆତଯାତ ହେଉଛି। ଏପରିକି ଗୋଟିଏ ଧର୍ମରେ ମଧ୍ୟ ଅନେକ ଭାଗହୋଇ ଧାର୍ମିକ ଦୃଷ୍ଟିକୋଣକୁ ଅଧିକ ଆଘାତ ଦେଉଛି। ସ୍ୱାଧୀନତା ପରେ ସାମ୍ବିଧାନିକ ବିଧି ବ୍ୟବସ୍ଥା ମଧ୍ୟରେ ଯେତେବେଳେ ମଣିଷ ପାରିବାରିକ ସମ୍ପତ୍ତିର ଅଧିକାର ପାଇବାରେ ସାମର୍ଥ୍ୟ ପାଇଲା, ତପ୍ୱରେ ପାରିବାରିକ ସମ୍ପର୍କରେ ଅନେକ ହିଂସା ବୃଦ୍ଧି ହେବାରେ ଲାଗିଲା, ତାହା ସମ୍ପତ୍ତିର ଭାଗ ପାଇଁ। ଏପରିକି ଭାଇ-ଭାଇ, ଭାଇ-ଭଉଣୀ ଓ ଅନ୍ୟ ସମ୍ପର୍କୀୟମାନଙ୍କ ମଧ୍ୟରେ ଭାଗକୁ କେନ୍ଦ୍ରକରି ସମ୍ପର୍କର ପୂର୍ଣ୍ଣଚ୍ଛେଦ ପଡ଼ିଲା। ତେଣୁ ଏଠାରେ ଭାଗ ଏକ ସହଯୋଗର



ସରଳରେଖା ପରିବର୍ତ୍ତେ ସମ୍ପର୍କରେ ଏକ ପାଚେରି ଦଣ୍ଡାୟମାନ କରିଥାଏ। ଭାରତ-ପାକିସ୍ତାନ ସୀମା ଭାଗକୁ ନେଇ ଅମାନବୀୟ ଘଟଣା ଘଟୁଛି ଏବଂ ସେଥିରୁ ପ୍ରତୀୟମାନ ହୁଏ ଯେ ସମାଜରେ ଭାଗ କ’ଣ ଏତେ ଜରୁରୀ, ଯାହା ପାଇଁ ବ୍ୟକ୍ତି ସମାଜର ଅମୂଲ୍ୟ ସମ୍ପଦ କେତେ ଧନ ଜୀବନ ନଷ୍ଟ ହେଉଛି। ସେଥିପାଇଁ ମହାତ୍ମା ଗାନ୍ଧୀ ଭାରତ ଓ ପାକିସ୍ତାନର ବିଭାଜନକୁ ରୋକିବାକୁ ସକ୍ରିୟ ଭାବରେ ଚେଷ୍ଟା କରିଥିଲେ ଯେଉଁଥିରେ ସେ ଫଳପ୍ରସୂ ହୋଇପାରି ନ ଥିଲେ। ଭାରତ ପାକିସ୍ତାନ ଭାଗ ହୋଇଗଲା ଓ ପରବର୍ତ୍ତୀ ସମୟରେ ପୁଣି ବାଂଲାଦେଶ ଭାଗହୋଇ ଭୌଗୋଳିକ ଇତିହାସ ପରିବର୍ତ୍ତନ ହେଲା। ଦେଶକୁ ଧାର୍ମିକ ଦୃଷ୍ଟିକୋଣରେ ଭାଗ କରିବାର ଧାରଣାକୁ ଗାନ୍ଧୀ ପ୍ରତ୍ୟାଖ୍ୟାନ ଓ ବିରୋଧ ମଧ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ଭାଗ ହେତୁ ସଂଘର୍ଷ, ହିଂସା ହେଉଥିବା ସ୍ଥାନକୁ ଯାଇ ତାହାର ନିରାକରଣ କରିବା ସହ ଉପବାସ ମାଧ୍ୟମରେ ଶାନ୍ତି ଫେରାଇ ଆଣିବାକୁ ସେ ଚେଷ୍ଟା କରିଥିଲେ।

ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବର୍ତ୍ତମାନ ଅନେକ ବ୍ୟକ୍ତି ରାଜନୀତିର ଆଧାର ମଧ୍ୟରେ ଭାଗ ପାଇଁ ନିମଜ୍ଜିତ ରହୁଛନ୍ତି। ଦେଶ ମଧ୍ୟରେ ଅନେକ ଗୋଷ୍ଠୀ ଆବିର୍ଭାବ ହୋଇ ଭିନ୍ନ ରାଜ୍ୟ, ଦେଶ, ଜିଲା ଇତ୍ୟାଦି କରି ଗଣତନ୍ତ୍ରରେ ଭାଗକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରିବାରେ ବ୍ୟସ୍ତ। ସମ୍ପ୍ରତି ସମଗ୍ର ଦେଶରେ ଏକ ସ୍ପର୍ଶକାତର ତଥା ରୋମାଞ୍ଚକର ସ୍ଥିତି ଜାଗ୍ରତ ହୋଇଛି, ତାହା ହେଉଛି ଜନନାୟକ ବା ମହାପୁରୁଷ ମାନଙ୍କୁ ଭାଗ କରିବା। ବର୍ତ୍ତମାନ ପ୍ରତିଷ୍ଠା, ସମର୍ଥନ, ସହାନୁଭୂତି ଆଦି ପାଇଁ ଦେଶ ବା ରାଜ୍ୟର ବିଶିଷ୍ଟ ମହାପୁରୁଷଙ୍କୁ ନେଇ ଭାଗକରିବା ଏକ ପରିତାପର ବିଷୟ। ଗୋଟିଏ ରାଜନୈତିକ ଦଳ ବା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଯଦି ଜଣେ ସୁନାମଧନ୍ୟ ମହାପୁରୁଷଙ୍କ ଜନ୍ମବାର୍ଷିକୀ ବା ମହାପ୍ରୟାଣକୁ ମାନ୍ୟତା ଦେଇ କିଛି ସାମାଜିକ କାର୍ଯ୍ୟକ୍ରମ କରେ ତେବେ ଅନ୍ୟ ଏକ ରାଜନୈତିକ ଦଳ ବା ସାମାଜିକ ଗୋଷ୍ଠୀ ଅନ୍ୟ ଏକ ମହାପୁରୁଷଙ୍କ ଜନ୍ମ ବା ମହାପ୍ରୟାଣ ଦିନକୁ ଭିନ୍ନ ଶୈଳୀରେ ପାଳନ କରିଥାନ୍ତି। ଅନ୍ୟପକ୍ଷରେ ବିଭିନ୍ନ ସମୟରେ ବିଭିନ୍ନ ପରିସ୍ଥିତିରେ ମହାପୁରୁଷଙ୍କ ନାମରେ ଅନେକ ଯୋଜନା କାର୍ଯ୍ୟକାରୀ ହୁଏ ଓ ସମୟକ୍ରମେ ତାହା ବନ୍ଦ ହୋଇ ପୁଣି ଅନ୍ୟ ଜଣେ ମହାପୁରୁଷଙ୍କ ନାମରେ ନାମିତ ହୋଇଯାଏ। ମହାପୁରୁଷମାନଙ୍କୁ ମଧ୍ୟ ଏ ସମାଜ ଭାଗ କରିଚାଲିଛି। ଅନେକ ସମୟରେ କେତେଜଣ ବ୍ୟକ୍ତି ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଅପମାନକରି ଭାଙ୍ଗି ଦେଇଥାନ୍ତି, ଯାହା ଏ ସମାଜ ପାଇଁ ଏକ ନିନ୍ଦନୀୟ ଘଟଣା ହୋଇଥାଏ। ଅତଏବ ଏହା ଏକ ସୁସ୍ଥ ମାନସିକତା ଓ ବ୍ୟବସ୍ଥା ହୋଇ ନ ପାରେ, ଯେଉଁଥିରେ ଉକ୍ତ ଜାତିର ଏବଂ ସମାଜର ସଂସ୍କାର ଓ ସଂସ୍କୃତି ଭୂଲୁଣ୍ଠିତ ହୋଇଥାଏ। ଏ ସମାଜ ଏଭଳି ଭାଗ ମନୋବୃତ୍ତି ଓ ଚିନ୍ତାଧାରାରୁ କ୍ଷାନ୍ତ ହେବା ଏକାନ୍ତ ଆବଶ୍ୟକ। ଅନ୍ୟଥା ମଣିଷ ଭାଗ କରିକରି ଚାଲିଥିବ ଓ ଯେତେବେଳେ ଭାଜ୍ୟ, ଭାଜକ ଓ ଭାଗଫଳ ଉପଯୁକ୍ତ ସ୍ଥାନରେ ଅବସ୍ଥିତ ହୋଇଯିବେ ସେତେବେଳେ ମଣିଷ ନିକଟରେ ଭାଗଫଳ ଥିବ କେବଳ ଶୂନ। ଅତଏବ ଏ ଭାଗ ସରିବ ତ ?

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ମଧୁସୂଦନନଗର , ଭୁବନେଶ୍ୱର**
**ମୋ:୯୯୩୭୩୪୫୯୦୦**

# ଅପରିବର୍ତ୍ତିତ ଭ୍ରଷ୍ଟାଚାର ସ୍ୱର



ସଚ୍ଚିଦାନନ୍ଦ ଦାଶ

ଓଡ଼ିଆରେ ଏକ ପ୍ରବାଦ ଅଛି, ‘ଯେତେ ମାଠିବୁ ମାଠେ, ମୁଁ ସେଇ ଦରପୋଡ଼ା କାଠେ।’ ଏହି ପ୍ରବାଦର ଆଉ ଏ ଅନୁରୂପ ପ୍ରବାଦ ଉଲ୍ଲେଖ କରାଯାଇପାରେ ଯଥା – ‘‘ଅଙ୍ଗାର ଶତ ଧୌତେନଂ, ମଳିନଂ ନ ଜାୟତେ’’ ଅର୍ଥାତ୍ ଅଙ୍ଗାରକୁ ଯେତେ ଧୋଇଲେ ମଧ୍ୟ ତା’ ଠାରୁ କଳା ମଇଳା ଅଂଶ କେବେହେଲେ ଛାଡ଼ି ଯିବନାହିଁ। ପ୍ରବାଦ ଦୁଇଟିର ମାଧ୍ୟମରେ ଅବଗତ କହିବାର ଉଦ୍ଦେଶ୍ୟ ହେଉଛି , ଆଜିର ଏଇ କଳୁଷିତ ସମାଜରେ କିପରି ଅପରିବର୍ତ୍ତିତ ଭ୍ରଷ୍ଟାଚାର ତଥା ଜଘନ୍ୟ ଓ ଘୃଣ୍ୟ ନ୍ୟୂନତମ କାର୍ଯ୍ୟକଳାପର ସ୍ରୋତ ବହିଚାଲିଛି, ଯାହାର କିଛି ପ୍ରତିବନ୍ଧକ ନାହିଁ କହିଲେ ଚଳେ।

ଆଜିର ଯୁଗରେ ଗଣବଳାତ୍କାର, ଶିଶୁ ବଳାତ୍କାର, ଚୋରି, ଶତ୍ରୁତାଜନିତ ହତ୍ୟାକାଣ୍ଡ ଇତ୍ୟାଦି, ନିତିଦିନିଆ କାରବାରରେ ପରିଣତ ହୋଇଯାଇଛି। ଆଜି ଗୋଟିଏ ଘଟଣା ଘଟିଲା ପରେ ମଧ୍ୟ ସମତୁଲ୍ୟ ଘଟଣା ସପ୍ତାହକ ପରେ ଘଟିଚାଲିଛି।। ପ୍ରକୃତରେ ଆମେ ଜନତା ଦିନକୁ ଦିନ ବିଶୃଙ୍ଖଳିତ ହୋଇଯାଉଛେ ନା ପ୍ରଶାସନ ଠିକ୍ ପଦକ୍ଷେପ ନେବାକୁ ଅକ୍ଷମ ବା ପ୍ରଶାସନର ନିୟନ୍ତ୍ରଣରେ କିଛି ଭୁଲ୍ ରହୁଛି। ଆସନ୍ତୁ ଉପରୋକ୍ତ କାରଣଗୁଡ଼ିକ ଉପରେ କିଞ୍ଚିତ୍ ଆଲୋଚନା କରିବା। ଏଥିରେ ଦୁଇଟି ଉପାଦାନ ସମ୍ପୃକ୍ତ ରହିଛି। ଗୋଟିଏ ହେଲା ଜନତା। ଦ୍ୱିତୀୟରେ ପ୍ରଶାସନର ଦକ୍ଷତା ଓ ବୁଦ୍ଧିମତ୍ତାର ସହିତ କାର୍ଯ୍ୟାନୋୟନର ସଫଳତା। ପ୍ରଥମେ ଜନତାଙ୍କ କଥାକୁ ବିଚାରକୁ ନେବା। ସାଧାରଣତଃ ଆମ ଲୋକମାନେ ସ୍ୱୟଂଶୃଙ୍ଖଳିତ ନୁହନ୍ତି ଏବଂ ସ୍ୱୟଂଶାସିତ ବା ସ୍ୱୟଂ ନିୟନ୍ତ୍ରିତ ହେବାର ଇଚ୍ଛାଶକ୍ତି ନାହିଁ। ଖୁବ୍ କମ ସଚେତନ ଲୋକ ସ୍ୱୟଂଶୃଙ୍ଖଳିତ ହେବା ଦେଖାଯାଉଛି। ଆମର ଉତ୍ତେଜିତ ଓ କୋଳାହଳ ପରିବେଶ ମଣିଷକୁ ଦୁର୍ନିତିଗ୍ରସ୍ତ, ହିଂସାପ୍ରଣୋଦିତ, ବ୍ୟଭିଚାରିତ କରିଦେଉଛି। ପ୍ରଶ୍ନ ଆସେ, ଆମ ଲୋକମାନେ କେତେ ନକାରାତ୍ମକ। ଯଦିଓ ଆମ ପାଖରେ ସକାରାତ୍ମକ ଓ ନକାରାତ୍ମକ ଲୋକଙ୍କର ଏକ ପରିସଂଖ୍ୟାନ ନାହିଁ ତଥାପି ଏକ କାଳ୍ପନିକ ଆକଳନ ଅନୁଯାୟୀ, ନକାରାତ୍ମକ ମନୋବୃତ୍ତିର ଜନତାଙ୍କ ପ୍ରତିଶତ ଅଧିକ ଏବଂ ସକାରାତ୍ମକ ମନୋବୃତ୍ତିର ଲୋକ ଖୁବ୍ କମ୍ ଦେଖାଯିବ। ବାସ୍ତବରେ ଉପରୋକ୍ତ ବିଶ୍ଳେଷଣ ଅନୁଯାୟୀ ଆମ ଦେଶରେ ଅପରାଧ ପ୍ରତିଶତ ଅଧିକ। ଯଦି ୨୦୨୪ର ସୁଖୀ ସୂଚକାଙ୍କକୁ ବିଚାରକୁ ନିଆଯାଏ, ଭାରତ ୧୪୭ଟି ଦେଶ ମଧ୍ୟରେ ୧୦୮ ତମ ର୍ୟାଙ୍କିଙ୍ଗରେ ଅଛି। ତେଣୁ ଉପରୋକ୍ତ ପରିସଂଖ୍ୟାନ ଓ ଅନୁଶୀଳନରୁ ସିଦ୍ଧାନ୍ତ ନିଆଯାଇପାରେ ଯେ, ଆମ ଦେଶର ଭ୍ରଷ୍ଟାଚାର ଓ ବ୍ୟାଭିଚାର ପାଇଁ ଜନତା ବେଶି ଦାୟୀ।

ପ୍ରଶାସନ ମଧ୍ୟ ସମାଜର ଅଧୋଗତି ପାଇଁ କିଛି ଅଂଶରେ ଦାୟୀ। ପ୍ରଶାସନର ପୁରୋଧା କହିଲେ ନିର୍ବାଚିତ ରାଜନେତା, ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀଙ୍କୁ ବୁଝାଏ। ଶାସନ ଚାଲିବାରେ ମୁଖ୍ୟ ଭୂମିକା ରହେ ରାଜନେତାଙ୍କର। ରାଜନୀତିର ଉର୍ଦ୍ଧ୍ୱରେ ରହି ପ୍ରଶାସନର ଯୋଜନା ଓ ଆଇନ ପ୍ରଣୟନ, କାର୍ଯ୍ୟାନ୍ୱୟନ, ଅର୍ଥର ସୁପରିବଣ୍ଟନ ବିନିଯୋଗ ଓ ନିଯୁକ୍ତି ଇତ୍ୟାଦିରେ ଠିକ୍ ଭାବରେ ନିଜକୁ ନିୟୋଜିତ କରିବା ଉଚିତ। ମାତ୍ର ଏବେ ପ୍ରଶାସନିକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଉଛି। ଅନେକ କ୍ଷେତ୍ରରେ ଦେଖାଯାଏ ବିଶୃଙ୍ଖଳିତ ଜନତା ପ୍ରଶାସନକୁ ଠିକ୍ ବାଟରେ ଚାଲିବାକୁ ଦିଅନ୍ତି ନାହିଁ। ଏଭଳି ସ୍ଥିତିରେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ପୋଲିସ ଷ୍ଟେଶନ ଖୋଲିବା ଓ ଅଧିକ ପୋଲିସ ପଦମାନ ସୃଷ୍ଟି କରାଯିବା ଉଚିତ। ହାରାହାରି ପୋଲିସ ଓ ଜନସଂଖ୍ୟାର ଅନୁପାତ ଭାରତରେ ଏକ ଲକ୍ଷ ଲୋକରେ ୧୫୩ ଜଣ ପୋଲିସ କର୍ମଚାରୀ। ମାତ୍ର ଜାତିସଂଘ ଦ୍ୱାରା ପ୍ରଯୋଜିତ ଅନୁଯାୟୀ ଅନୁପାତ ଏକ ଲକ୍ଷ ଲୋକଙ୍କୁ ନେଇ ୨୨୨ଟି ପୋଲିସ ରହିବା ଉଚିତ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ବିଶୃଙ୍ଖଳିତ ଜନତା ଓ ତ୍ରୁଟିପୂର୍ଣ୍ଣ ପ୍ରଶାସନ ଯୋଗୁ ଦେଶରେ ଭ୍ରଷ୍ଟାଚାର ନିଆଁ କୁହୁଳିବାରେ ଲାଗିଛି ; ଯାହା ଏକ ଅପରିବର୍ତ୍ତିତ ସ୍ୱର ରୂପେ ସମାଜରେ ଉଚ୍ଚାରିତ ହେବାକୁ ଲାଗିଲାଣି। ଆସନ୍ତୁ ଏକ ପରିବର୍ତ୍ତନଶୀଳ ଦୁନିଆ ତଥା ସମାଜ ଗଢ଼ି ତୋଳିବାକୁ ସମ୍ମିଳିତ ସ୍ୱରରେ ଆପ୍ରାଣ ଉଦ୍ୟମ କରିବା ନତୁବା ଆମ ସାମାଜିକ ଜୀବନ ଅସହ୍ୟ ହୋଇ ଉଠିବ।

**ସିଡିଏ, କଟକ**
**ମୋ :୭୦୦୮୬୫୦୬୯**

## ଚିରନ୍ତନୀ

ଶତ ଯୁଦ୍ଧେ ଜୟୀ ଯେହୁ
ବୃଷ୍ଟି ବିନ୍ଦୁସମ
ଗଢ଼ାଇଛି ନରମୁଣ୍ଡ ଗଣି ନାହିଁ ଭୟ ଅବା ଶ୍ରମ।
ଲୌହର କପାଟ ସମ ଅଭେଦ୍ୟ ଅଟଳ
ହୃଦୟ ବଳ, ଏହି ଦୃଷ୍ଟି ତଳେ ସବୁ
ପଡ଼ିଛି ତରଳି
ତୁଟିଅଛି ଲୁହାର ଶିକୁଳି !

–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନଦୀ ସଂଯୋଗୀକରଣ ହେଉ

ମହାଶୟ,

ବନ୍ୟାରୁ ଦେଶକୁ ସୁରକ୍ଷିତ ରଖିବା ପାଇଁ ଚିରସ୍ରୋତା ନଦୀଗୁଡ଼ିକର ପରସ୍ପର ସଂଯୋଗୀକରଣ ଏବଂ ନଦୀବନ୍ଧ ସହ ଆନିକଟ ନିର୍ମାଣ କରାଯାଉ। ଏହା ହେଲେ ନଦୀଗୁଡ଼ିକରେ ବନ୍ୟାଜଳ ନିୟନ୍ତ୍ରିତ ହେବା ସଙ୍ଗେ ସଙ୍ଗେ ବନ୍ୟାଜଳ ସମସ୍ତ ନଦୀକୁ ସମପ୍ରବାହିତ ହେବ ଏବଂ ଜଳ ବିପଦ ସଙ୍କେତ ସ୍ତରରେ ରହିପାରିବ । ଦ୍ୱିତୀୟତଃ, ଜଳ ସମ୍ପଦର ଠିକ୍ ବିନିଯୋଗ ହେବ। ସମୁଦ୍ରକୁ ବହିଯାଉଥିବା ନଦୀ ଜଳକୁ ରୋକାଯାଇପାରିବ। ଏହାଦ୍ୱାରା ଜଳ ସଙ୍କଟ ଦୂରହେବା ସହିତ କୃଷି ଓ ଜଳବିଦ୍ୟୁତ୍ ଉତ୍ପାଦନର କ୍ଷମତା ବୃଦ୍ଧିହେବ ଏବଂ ଦେଶ ଆତ୍ମନିର୍ଭରଶୀଳତା ଦିଗରେ ଆଗେଇ ଯିବ। ଏଥିପାଇଁ କେବଳ ଲୋଡ଼ା ପ୍ରଶାସନିକ ଦକ୍ଷତା ଓ ବଜେଟରେ ଅର୍ଥ ଆବଣ୍ଟନ । ପ୍ରତିବର୍ଷ ବନ୍ୟା ବିଭୀଷିକାର ଦୃଶ୍ୟ ବିଭିନ୍ନ ଗଣମାଧ୍ୟମ ଓ ଟିଭିରେ ଦୃଷ୍ଟିଗୋଚର ହୁଏ। ଏତଦ୍ ବ୍ୟତୀତ, ଗ୍ରୀଷ୍ମଦିନେ ବହୁ ସ୍ଥାନରେ ଲୋକମାନେ ପାଣି ପାଇଁ ମାଠିଆ ଗରା ବାଲ୍ଟି ଧରି ପ୍ରାୟ ଦୀର୍ଘପଥ ଚାଲି ଚାଲି ଯିବାର ଦେଖିବାକୁ ମିଳିଥାଏ । ଯଦି ନଦୀ ସଂଯୋଗୀକରଣ କରାଯାଇ ଡ୍ୟାମ ଓ ଆନିକଟ ନିର୍ମାଣ କରାଯାଏ ତେବେ ଭାରତରୁ ଜଳ ସଙ୍କଟ ଦୂର ହେବ।

**– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୟୁରିଆ ସାର ବଣ୍ଟନରେ ଅନିୟମିତତା

## ଯାଜପୁର ଜିଲା ଧାର୍ଯ୍ୟ କୋଟାରୁ ବଞ୍ଚିତ

■ ଘରୋଇ ଡିଲରଙ୍କ ଗୋଦାମକୁ ସାର ଯୋଗାଣ

**ଯାଜପୁର/ରସୁଲପୁର,୧୮।୯ (ହର୍ଷବର୍ଦ୍ଧନ ବେହେରା/ରଞ୍ଜିତ ରାଉତ):**

ଧାନଚାଷ ପାଇଁ ୟୁରିଆ ସାରର ଚାହିଦା ଅଧିକ ରହୁଛି। ଫଳରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଜିଲାକୁ ସାର ବଣ୍ଟନ କରାଯାଉଛି। ଏହି ପ୍ରକ୍ରିୟା ଖରିଫ ଚାଷ ପାଇଁ ଚଳିତ ବର୍ଷ ଏପ୍ରିଲରୁ ଆରମ୍ଭ ହୋଇଛି। ଶେଷ ୫ମାସ ମଧ୍ୟରେ ଯାଜପୁର ଜିଲାରେ ଲାଗିଥିବା ସାର ର୍ୟାକ୍‌ଗୁଡ଼ିକ ମଧ୍ୟରୁ ମାର୍କଫେଡ୍ ସଂସ୍ଥାକୁ ପ୍ରଦାନ କରାଯାଇଥିବା ସାର ପରିମାଣକୁ ସୁଷମ ବଣ୍ଟନ କରାଯାଇ ନ ଥିବା ଅଭିଯୋଗ ହେଉଛି। ବିଭିନ୍ନ କମ୍ପାନୀ ପକ୍ଷରୁ ଜିଲାକୁ ଆବଣ୍ଟନ ହୋଇଥିବା ଧାର୍ଯ୍ୟ ସାର କୋଟା ଠିକ୍ ଭାବରେ ପ୍ରଦାନ କରାଯାଇନାହିଁ। କମ୍ପାନୀ ଓ ମାର୍କଫେଡ୍ ସଲାସୁତୁରାରେ ସାର ଘରୋଇ ଡିଲର ଓ ବାହାର ରାଜ୍ୟକୁ ଚାଲାଣ କରୁଥିବା ସାଧାରଣରେ ଆଲୋଚନା ହେଉଛି।

ଚଳିତ ମାସ ୬ତାରିଖରେ କୃଷି ବିଭାଗ ପକ୍ଷରୁ ଯାଜପୁର ଜିଲାକୁ ଆବଣ୍ଟନ ହୋଇଥିବା ସାରର ବଣ୍ଟନ ପ୍ରକ୍ରିୟାକୁ ଉଦାହରଣ ଭାବରେ ନିଆଯାଇପାରେ। ଏହି କୋଟାରେ ଜିଲାକୁ ଆବଣ୍ଟନ ହୋଇଥିବା ସାର ଘରୋଇ ଡିଲର ଓ ଜିଲା ବାହାରକୁ ଯୋଗାଣ କରାଯାଇଥିବା ସ୍ପଷ୍ଟ ହୋଇଛି। ସାର ସୁଷମ ବଣ୍ଟନ ବ୍ୟବସ୍ଥାକୁ ତଦାରଖ କରିବା ଦାୟିତ୍ୱରେ ଜିଲା ପ୍ରଶାସନ, କୃଷି ଓ ସମବାୟ ବିଭାଗର ଢିଲାପଣ ଯୋଗୁ ଜିଲାରେ ୟୁରିଆ ସାର କଳାବଜାର ହେଉଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏନେଇ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଆସୁଛି। ତଥାପି ବଣ୍ଟନ ବ୍ୟବସ୍ଥାରେ ବିଶେଷ ସୁଧାର ଆସିପାରୁ ନାହିଁ। ଚାଷୀ ଆବଶ୍ୟକ ମୁତାବକ ସାର ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି କୁହାଯାଉଛି।

କୃଷି ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀଙ୍କ ପତ୍ର ସଂଖ୍ୟା-ଡିଏଏଫ୍‌ପି-ଏଫ୍‌ଇଆର୍‌ଟି-୦୦୦୮-୨୦୨୫-୩୦୫୧୫/ତା୦୬-୦୯-୨୫ ଅନୁସାରେ ଜିଲାକୁ ଶେଷ ଦଫାରେ ଇଫ୍‌କୋ କମ୍ପାନୀ ପକ୍ଷରୁ ୧୩୪୦ ମେଟ୍ରିକ୍ ଟନ୍ ସାର ଆବଣ୍ଟନ ହୋଇଛି। ସରକାରୀ ନିର୍ଦ୍ଦେଶ ଅନୁସାରେ ମାର୍କଫେଡ୍ ଜରିଆରେ ବ୍ଲକସ୍ତରରେ ଥିବା ପାକ୍ସ ଓ ଲାମ୍ପସ୍ ଜରିଆରେ ଚାଷୀଙ୍କୁ ସାର ବଣ୍ଟନ କରାଯିବାର ବ୍ୟବସ୍ଥା ରହିଛି। ସଂପୃକ୍ତ କୋଟାରୁ ଯାଜପୁର ଜିଲାକୁ ମାତ୍ର ୮୯୧.୮୧୦ ମେଟ୍ରିକ ଟନ ମାର୍କଫେଡ୍‌କୁ ପ୍ରଦାନ କରାଯାଇଥିଲା। ବଳକା ୪୪୮.୧୯୦ ମେଟ୍ରିକ ସାରକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଉକ୍ତ ପରିମାଣର ୟୁରିଆକୁ ଇଫକୋ କମ୍ପାନୀ ପକ୍ଷରୁ ଜିଲାର ୩ ଡିଲରଙ୍କୁ ପ୍ରଦାନ କରାଯାଇଛି ବୋଲି ଆଲୋଚନା ହେଉଛି। ସାର ମହଜୁଦ୍ ରଖିବା ପାଇଁ ମାର୍କଫେଡ ଗୋଦାମ ଗୃହର ଅଭାବ ନଥିବା ବେଳେ ଘରୋଇ ଡିଲରଗୁଡ଼ିକୁ କେଉଁ ପରିସ୍ଥିତିରେ ସାର ପ୍ରଦାନ କରାଯାଇଛି ତା'ର ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି। ସେହିପରି ଡିଲରମାନେ କମ୍ପାନୀ ଓ ମାର୍କଫେଡର ଅଧିକାରୀଙ୍କ ସଲାସୁତୁରାରରେ ରିହାତି ଦରରେ ମିଳୁଥିବା ସାରକୁ ହାତେଇ ମାଲାମାଲ ହେଉଛନ୍ତି। କିନ୍ତୁ ଚାଷୀ ଚଢ଼ା ଦରରେ ସାର କ୍ରୟକରି ଆର୍ଥିକ ଶୋଷଣର ଶିକାର ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ମାର୍କଫେଡ୍‌ର ଏରିଆ ମ୍ୟାନେଜର ଭାଗିରଥି ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି, ଇଫ୍‌କୋ ପକ୍ଷରୁ ଜିଲାକୁ ଶେଷ କୋଟାରେ ୧୩୪୦ ମେଟ୍ରିକ ଟନ୍ ସାର ଆବଣ୍ଟନ ହୋଇଥିଲା। ସେଥିରୁ ମାର୍କଫେଡ୍‌କୁ ୮୯୧.୮୧୦ ମେଟ୍ରିକ୍ ଟନ ସାର ପ୍ରଦାନ କରାଯାଇଥିଲା। ବାକି ସାର କେନ୍ଦ୍ରାପଡା ଓ ଢେଙ୍କାନାଳ ଜିଲାକୁ ପ୍ରଦାନ କରାଯାଇଥିଲା। କମ୍ପାନୀର ଇଚ୍ଛାଧୀନ କ୍ଷମତା ଅଛି, ସେମାନେ ଚାହିଁଲେ ଗୋଟିଏ ଜିଲାର କୋଟାରୁ ଅଧିକ ସାର ଆବଶ୍ୟକତା ଥିବା ଅନ୍ୟ ଜିଲାକୁ ଆବଣ୍ଟନ କରିପାରିବେ। ଏହାଛଡ଼ା କେତେଜଣ ଡିଲରକୁ ସାର ଦିଆଯାଇଥିଲା। ପରେ ଉକ୍ତ ସାରକୁ ଆଡ୍‌ଜଷ୍ଟ କରିଦିଆଯାଇଛି ବୋଲି ବିଶ୍ୱାଳ ସଫେଇ ଦେଇଛନ୍ତି।



# ଶ୍ରୀଶ୍ରୀଠାକୁରଙ୍କର ଆବିର୍ଭାବ ଦିବସ ପାଳିତ

**ଧର୍ମଶାଳା,୧୮।୯(ବଟକୃଷ୍ଣ ପରିଡ଼ା):**

ଜାରକାସ୍ଥିତ ଧର୍ମଶାଳା ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀ ଠାକୁରଙ୍କର ୧୩୮ତମ ଆବିର୍ଭାବ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶୁଭ ଆବିର୍ଭାବ ଲଗ୍ନ ଘୋଷଣା ହୋଇଥିଲା। ମା' ମାନଙ୍କ ଦ୍ୱାରା ମାତୃ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଶୃଙ୍ଖଳିତ ସମାଜ ପାଇଁ ନାରୀର ଭୂମିକା ଉପରେ ଆଲୋଚନା କରାଯାଇଥିଲା। ପ୍ରାର୍ଥନା ପରେ ସଂଗୀତାଞ୍ଜଳି କାର୍ଯ୍ୟକ୍ରମ କରାଯାଇ ଶ୍ରୀଶ୍ରୀ ଠାକୁରଙ୍କର ସତସଙ୍ଗ ଆୟୋଜନ କରାଯାଇଥିଲା। ଏହି ସତସଙ୍ଗକୁ ଋତ୍ୱିକ୍ ନାରାୟଣ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ। ସତସଙ୍ଗ ବିହାରର ସଭପତି ଋତ୍ୱିକ୍ ରାମଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଋତ୍ୱିକ୍ ପ୍ରମୋଦ ଶତପଥୀ ଠାକୁରଙ୍କ ଭାବଧାରା ଉପରେ ଆଲୋଚନା କରିଥିଲେ। ସତସଙ୍ଗ ହେଉଛି ମଣିଷ ତିଆରି କାରଖାନା, ଏହା ବିଶୃଙ୍ଖଳିତ ମଣିଷ ସମାଜକୁ ବଞ୍ଚିବା ପାଇଁ ରାହା ଦେଖାଏ, ଠାକୁରଙ୍କୁ ଗ୍ରହଣ କରି ତାଙ୍କର ହସ୍ତ ଲିଖିତ, ମୁଖ ନିଃସୃତ ବାଣୀକୁ ଅନୁସରଣ କରି ଚାଲିଲେ ମଣିଷ ସୁଖ ଶାନ୍ତି ସମୃଦ୍ଧି ପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟଅତିଥିଙ୍କ ମଧ୍ୟରେ ରମେଶ ଚନ୍ଦ୍ର ଜେନା, ଅଭିରାମ ଜେନା, ନାରଣ ଚନ୍ଦ୍ର ସାମଲ, ଦୁର୍ଯ୍ୟୋଧନ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। କୁଳମଣି ସାମଲ, ଅଜୟ ନାଥ ଓ ପ୍ରଦୀପ୍ତ ବରାଳଙ୍କ ସମେତ ଧର୍ମଶାଳା ଅଞ୍ଚଳର ସତସଙ୍ଗ ପ୍ରେମୀ ଗୁରୁଭାଇ ଗୁରୁମା'ମାନେ ସହଯୋଗ କରିଥିଲେ।

# ପର୍ସ ଫେରାଇଲେ ଖବରଦାତା

**ପାଣିକୋଇଲି,୧୮।୯(ବିକାଶ କୁମାର ମଲ୍ଲିକ):** ରାସ୍ତାରୁ ପାଇଥିବା ଏକ ପର୍ସକୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫେରାଇଛନ୍ତି ପାଣିକୋଇଲି ଧରିତ୍ରୀ ଖବରଦାତା ବିକାଶ କୁମାର ମଲ୍ଲିକ। ଗୁରୁବାର ଭୋରରୁ କେନ୍ଦୁଝର ଜିଲା ଘସିପୁରା ଥାନା ଶଙ୍ଖୋ ଗ୍ରାମର ସନ୍ତୋଷ ସାହୁ ପାଣିକୋଇଲି-ଷଠିପୁର ରାସ୍ତାରେ ଭଦ୍ରକ ଯାଉଥିବା ବେଳେ ତାଙ୍କ ପର୍ସଟି ରାସ୍ତାରେ ଖସି ପଡ଼ିଥିଲା। ଉକ୍ତ ପର୍ସରେ କିଛି ଟଙ୍କା ସହ ଡ୍ରାଇଭିଂ ଲାଇସେନ୍ସ, ଆଧାରକାଡ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଥିଲା। ବିକାଶ ପର୍ସ ପାଇବା ପରେ ଆଧାର କାର୍ଡରେ ଉଲ୍ଲେଖ ଥିବା ନମ୍ବର ଅନୁସାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯୋଗାଯୋଗ କରି ପର୍ସ ନେଇଯିବାକୁ ଅନୁରୋଧ କରିଥିଲେ। ପ୍ରେସ କ୍ଲବ ସଭାପତି ସୁବାସ ଧଳ, ତାରିଣୀ କୁମାର ପଟ୍ଟନାୟକ, ପ୍ରଦୀପ ମାଝୀଙ୍କ ଉପସ୍ଥିତିରେ ସନ୍ତୋଷଙ୍କୁ ଉକ୍ତ ପର୍ସଟିକୁ ହସ୍ତାନ୍ତର କରାଯାଇଥିଲା।

# ଯାଜପୁରରୋଡ୍ ପ୍ରେସ୍‌କ୍ଲବ୍, ଆଦର୍ଶ ଥାନା ପକ୍ଷରୁ ଚାରାରୋପଣ

**ଯାଜପୁରରୋଡ୍,୧୮।୯ (ପବିତ୍ର ରଞ୍ଜନ ମହାନ୍ତି):**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଉପଲକ୍ଷେ ମା' ପାଇଁ ଗଛ ଟିଏ(ଏକ ପେଡ ମା କେ ନାମ) କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ଯାଜପୁର ରୋଡ ଆଦର୍ଶ ଥାନା ଓ ଯାଜପୁର ରୋଡ୍ ପ୍ରେସ କ୍ଲବ ପକ୍ଷରୁ ସ୍ଥାନୀୟ ପୋଲିସ କଲୋନୀ କ୍ୟାମ୍ପସରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାଜପୁରରୋଡ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଯାଜପୁରରୋଡ ଥାନା ଅଧିକାରୀ ଆଶିଷ ସାହୁଙ୍କ ନେତୃତ୍ୱରେ ଏସ୍ଆଇ ଲିଙ୍ଗରାଜ ବେହେରା, ବିଶ୍ୱନାଥ ବଳ, ମିନି ଭୋଇ, ଜହର ଅବେଦିନ, ମାନସ ସାହୁ, ଏଏସଆଇ ହରେକୃଷ୍ଣ ସ୍ୱାଇଁ, ଗୃହଲକ୍ଷ୍ମୀ ପଟ୍ଟନାୟକ, ପ୍ରଭଞ୍ଜନ ଜେନା, ଜଗନ୍ନାଥ ଜେନା, ପ୍ରୋବେସନାଲ ଏସ୍ଆଇ ଯାଜ୍ଞସେନୀ ବଳ, ରୋଜାଲିନ ବରାଳ, ସଂକେତ ପଲାଇ, ସୁଧାଂଶୁ ଶେଖର, ସୁଦାମ ବାରିକ, ବିକାଶ ନାଏକ ଓ ଲକ୍ଷ୍ମଣ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ଓ ଖବରଦାତାମାନେ ଆଗାମୀ ଦିନରେ ମିଳିତ ଉଦ୍ୟମରେ ବ୍ୟାସନଗର ସହରକୁ ଗ୍ରିନ ସିଟିରେ ପରିଣତ କରିବା ପାଇଁ ଶପଥ ନେଇଥିଲେ। ପ୍ରେସକ୍ଲବ ସଭାପତି ସୁଜିତ ମଲ୍ଲିକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ସଞ୍ଜୟ ଖଣ୍ଡାଇ, ଉପସଭାପତି ପ୍ରଭୁଦତ୍ତ ମହାନ୍ତି, ଜନ୍ମେଜୟ ଦାଶ, ବିଶ୍ୱଜିତ କର, ସମ୍ପାଦକ ପ୍ରତାପ ଦାସ, ଶୁଭାଶିଷ ଦାସ, ଶୁଭାଶିଷ ରାଉତ, ଚନ୍ଦ୍ରକାନ୍ତ ପତି, ସୁଲଭ ଭୂତିଆ ପ୍ରମୁଖ ଚାରାରୋପଣ କରିଥିଲେ। ଗ୍ଲୋବାଲ ୱାର୍ମିଂକୁ ରୋକିବା ପାଇଁ ବ୍ୟାପକ ଚାରାରୋପଣର ଆବଶ୍ୟକତା ରହିଛି ଏବଂ ଏଥିପାଇଁ ଲୋକଙ୍କୁ ଅଧିକ ସଚେତନ କରାଯିବା ଦରକାର ବୋଲି ଏସଡିପିଓ ସ୍ୱାଇଁ କହିଥିଲେ।



ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ପୋଲିସ ଅଧିକାରୀ ଓ ପ୍ରେସ୍ କ୍ଲବ୍ କର୍ମକର୍ତ୍ତା।

# ବ୍ୟାସନଗରରେ ମା' ବିରଜାଙ୍କ ଷୋଡ଼ଶ ଦିବସୀୟ ପୂଜା




ମା' ବିରଜାଙ୍କ ପୂଜା ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

**ଯାଜପୁରରୋଡ୍,୧୮।୯(ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ବିରଜା ନଗରସ୍ଥିତ ବିରଜା ମନ୍ଦିରରେ ମା'ଙ୍କ ଷୋଡଶ ଦିବସୀୟ ପୂଜା ରବିବାରଠାରୁ ଆରମ୍ଭ ହୋଇଛି। ମନ୍ଦିର କମିଟି ତତ୍ତ୍ୱାବଧାନରେ ଧବଳଗିରି ନିକଟ ପଞ୍ଚମୁଖୀ ପୁଷ୍କରିଣୀରୁ ଶୋଭାଯାତ୍ରାରେ ଜଳ କଳସ ଅଣାଯାଇ ମା'ଙ୍କ ମନ୍ଦିରରେ ସ୍ଥାପନ କରାଯାଇଥିଲା। ୧୬ ଦିନ ଧରି ଯଥାବିଧି ରୀତିନୀତିରେ ଏହି ପୂଜା ଅକ୍ଟୋବର ୧ରେ ଉଦ୍‌ଯାପିତ ହେବବୋଲି କମିଟି ସଭାପତି ନିତ୍ୟାନନ୍ଦ ମହାଳିକ ସୂଚନା ଦେଇଛନ୍ତି।

ଉକ୍ତ ପୂଜା କାର୍ଯ୍ୟ ମନ୍ଦିର ପୂଜକ ପଣ୍ଡିତ କୈଳାସ ଚନ୍ଦ୍ର ଦାସ, ଗୌରାଙ୍ଗ ଚରଣ ଦାଶ ଶର୍ମା, ମାନସ ଚନ୍ଦ୍ର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଛି। କମିଟି ଉପଦେଷ୍ଟା ବିଜୟ ବରାଳ, ଚନ୍ଦ୍ରମଣି ସାମଲ, ନିରଞ୍ଜନ ବିଶ୍ୱାଳ, ନୀତିସଂଯୋଜକ ବୀରକିଶୋର ସାହୁ, ଉପସଭପତି ଶ୍ରୀକାନ୍ତ କୁମାର ପାଢ଼ୀ, ଅବସରପ୍ରାପ୍ତ ପ୍ରାଧାପକ କାମଦେବଦାସ, ସୁରେନ୍ଦ୍ର ନାୟକ, ସମ୍ପାଦକ ପ୍ରଫୁଲ୍ଲ ସାହୁ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର କାଣ୍ଡି, ଭାଗ୍ୟଧର ମହାରଣା, ପ୍ରକାଶ କୁମାର ସାହୁ, ଶ୍ରୀମନ୍ତ ସାହୁ, ବିମାନ ଆଇଚ, ଦିଲୀପ ମହାନ୍ତି, ଶ୍ରୀକାନ୍ତ ମହାକୁଡ଼, ଦିବ୍ୟାଂଶୁ ମହାନ୍ତି, କୃଷ୍ଣଚନ୍ଦ୍ର କାଣ୍ଡି, ବିଷ୍ଣୁଚରଣ ପଟ୍ଟନାୟକ ଓ ରଶ୍ମିରଞ୍ଜନ ମଲ୍ଲିକ ପ୍ରମୁଖ ସହଯୋଗ କରୁଛନ୍ତି। ମା'ଙ୍କ ପୂଜା ଉତ୍ସବରେ ଜନସାଧାରଣ ଯୋଗଦେଇ ବିଭୁ କୃପାଲାଭ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି।

# ଯୁବ ଆଇନଜୀବୀଙ୍କ ପରଲୋକ

**ଯାଜପୁର ଟାଉନ,୧୮।୯ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁରର ଯୁବ ଆଇନ୍‌ଜୀବୀ ତଥା ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏଶନ୍ ସହସଂପାଦକ ସରୋଜ ସ୍ୱାଇଁ (୩୬)ଙ୍କ ବୁଧବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। କିଛିଦିନ ତଳେ ସରୋଜଙ୍କ କଟକରେ ଏକ ଅସ୍ତ୍ରୋପଚାର ହୋଇଥିଲା। ସୁସ୍ଥ ହୋଇ ଗତ ୩ ଦିନ ତଳେ ସେ ତାଙ୍କ ନିଜଘର ଯାଜପୁରର ବାଣପୁର ଗ୍ରାମକୁ ଫେରିଥିଲେ। ବୁଧବାର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

ଗୁରୁବାର ଏହି ଖବର ପ୍ରଚାରିତ ହେବାମାତ୍ରେ ଜିଲା ଆଇନଜୀବୀ ମହଲରେ ଶୋକର ଛାୟା ଖେଳିଯାଇଥିଲା। ମରଶରୀରକୁ ଯାଜପୁର କୋର୍ଟ ପରିସରକୁ ଅଣାଯାଇଥିଲା। ସମସ୍ତ ଆଇନଜୀବୀ ତାଙ୍କ ଶବାଧାରାରେ ମାଲ୍ୟାର୍ପଣ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହା ପରେ ମୃତଦେହକୁ ପଟୁଆରରେ ବାରୁଣୀ ସ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ମୃତ୍ୟୁରେ ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏଶନ୍ ପକ୍ଷରୁ ସଭାପତି ପ୍ରତାପ ରାୟଙ୍କ ଆବାହକତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଯାଜପୁର ଆଇନଜୀବୀମାନେ ତାଙ୍କ ନିଜ କାର୍ଯ୍ୟରୁ ନିବୃତ ଥିବା ଦେଖାଯାଇଥିଲା। ଯାଜପୁର ବାର୍ ଆସୋସିଏଶନ୍ ଓ ଡିଷ୍ଟ୍ରିକ୍ଟ କ୍ରିମିନାଲ ବାର ଆସୋସିଏଶନ୍ ପକ୍ଷରୁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ତାଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

# ଟ୍ରକ୍ ମାଲିକ ସଂଘ ତରଫରୁ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା



**ପାଣିକୋଇଲି,୧୮।୯(ବିକାଶ କୁମାର ମଲ୍ଲିକ):**

ପାଣିକୋଇଲି ମା' ତାରିଣୀ ଟ୍ରକ ମାଲିକ ସଂଘ ତରଫରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ୨୦ ତମ ପୂଜା ପାଳିତ ହୋଇଯାଇଛି। ଆସୋସିଏଶନ ସଭାପତି ସନ୍ତୋଷ ବେହେରାଙ୍କ ନେତୃତ୍ୱରେ ଅଜୟ ମଲ୍ଲିକ, ଭାଗ୍ୟଧର ରାୟ, ଦାମୋଦର ସାହୁ, ପ୍ରଫୁଲ୍ଲ ସାମଲ, ସୁନୀଲ ନାୟକ, ମାୟାଧର ମହାନ୍ତି, ବିପିନ ଦାସ, ଅରୁପାନନ୍ଦ ମଲ୍ଲିକ, ଶେଖାୱତ ଅଲ୍ଲୀ, ମହମ୍ମଦ ଅଲ୍ଲୀ, ଗୌରାଙ୍ଗ ସାହୁ, ବିଟୁ ସେନାପତି, ଶେଖ ଅଲ୍ଲୀ ରାଜା ବେଗ, ଏହସାନ ବେଗ, ସାହେବଜାନ ବେଗ, ନବାବ ବେଗ, ଗୋବିନ୍ଦ ଦାସ, ସଚିନ ଦାସ, ମନୋରଞ୍ଜନ ପଣ୍ଡା, ଶେଖ ବାବର, କୈଳାସ ବିଶ୍ୱାଳ ଓ ବିଶ୍ୱନାଥ ନାୟକ ପ୍ରମୁଖ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ।

# ଗାଡ଼ି ଧକ୍କାରେ ଟ୍ରକ୍ ଚାଳକଙ୍କ ମୃତ୍ୟୁ

## ଚା' ପିଇବା ପାଇଁ ଯାଉଥିବାବେଳେ ଦୁର୍ଘଟଣା

**ପାଣିକୋଇଲି,୧୮।୯(ବିକାଶ କୁମାର ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ନିକଟରେ ଗୁରୁବାର ଭୋର ସମୟରେ ଅଜଣା ଗାଡ଼ି ଧକ୍କାରେ ଜଣେ ଟ୍ରକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଚାଳକ ନୟାଗଡ଼ ଜିଲା ଜୟପୁରା ଗ୍ରାମର ଶରତ ପ୍ରଧାନ ବୋଲି ସୂଚନା ମିଳିଛି। ଶରତ ଓଡି୦୪କ୍ୟୁ ୯୭୦୧ ଟ୍ରକର ଚାଳକ ଥିଲେ। ସେ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ପଥରପଦାସ୍ଥିତ ଏକ ବାଇକ ଶୋ'ରୁମ ସାମ୍ନାରେ ଗାଡ଼ି ରଖି ଚା' ପିଇବାକୁ ଯାଉଥିଲେ। ପଛପଟୁ ଏକ ଗାଡ଼ି ଆସି ତାଙ୍କ ଉପରେ ଚଢ଼ି ପଳାଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ପାଣିକୋଇଲି ପୋଲିସ ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଧର୍ମଶାଳା ମହାବିଦ୍ୟାଳୟରେ ଚାରାରୋପଣ




ଚାରାରୋପଣରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅଧ୍ୟାପକ।

**ଧର୍ମଶାଳା,୧୮।୯(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ଆରାଧନା ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସ୍ୱରୁପାନନ୍ଦ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହ ଗଛଟିଏ ପରିବେଶକୁ ସନ୍ତୁଳିତ ରଖିଥାଏ ବୋଲି କହିଥିଲେ। ଏହି ଅବସରରେ କଲେଜରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଅଧ୍ୟାପକ ଶ୍ରୀପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମା' ପାଇଁ ଗଛଟିଏ ଗୁରୁତ୍ୱପୂର୍ଣ୍ଣ। ତା'ର ଲାଳନ ପାଳନ ଦିଗରେ ଛାତ୍ରୀଛାତ୍ର ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଜିଲାପାଳଙ୍କୁ ରିପୋର୍ଟ ଦେଲେ କୋରେଇ ବିଡିଓ

## ମୁକୁନ୍ଦପୁର ପଞ୍ଚାୟତ ଷ୍ଟ୍ରିଟ୍ ଲାଇଟ ଦୁର୍ନୀତି ପ୍ରସଙ୍ଗ

■ ଦୁର୍ନୀତି ପ୍ରମାଣିତ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନାହିଁ

**କୋରେଇ,୧୮।୯(ଚନ୍ଦ୍ରକାନ୍ତ ପତି):**

କୋରେଇ ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତର ଷ୍ଟ୍ରିଟ୍‌ଲାଇଟ ଦୁର୍ନୀତି ପ୍ରସଙ୍ଗରେ ତଦନ୍ତ କରି ବିଡିଓ ଅବନୀକାନ୍ତ ସାହୁ ଯାଜପୁର ଜିଲାପାଳଙ୍କ ନିକଟରେ ରିପୋର୍ଟ ଦାଖଲ କରିଛନ୍ତି। ରିପୋର୍ଟ ଦାଖଲ ପାଇଁ ୧୦ ଦିନ ସମୟ ଦିଆଯାଇଥିଲା। କିନ୍ତୁ ବିଡିଓଙ୍କୁ ରିପୋର୍ଟ ଦାଖଲ କରିବାକୁ ଦେଢ଼ ମାସ ସମୟ ଲାଗିଯାଇଛି। ମାତ୍ର ଦୁର୍ନୀତି ହୋଇଥିବା ଜଣାପଡ଼ିବା ପରେ ମଧ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସୁଦର୍ଶନ ସାହୁଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କେବଳ ତାଙ୍କୁ କୋରେଇ ବ୍ଲକର ଅନ୍ୟ ଏକ ପଞ୍ଚାୟତକୁ ବଦଳି କରାଯାଇଛି। ଫଳରେ ବିଡିଓଙ୍କ ସ୍ୱଚ୍ଛତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଦୁର୍ନୀତିରେ ଲିପ୍ତଥିବା ସମ୍ପୃକ୍ତ ପିଇଓଙ୍କୁ ଚାକିରିରୁ ନିଲମ୍ବିତ କରିବା ସହ ହଡ଼ପ ହୋଇଥିବା ଟଙ୍କା ଆଦାୟ କରିବାକୁ ଦାବି ହୋଇଛି।



ପିଇଓ ସାହୁ ବିଭିନ୍ନ ଗ୍ରାମରେ ଷ୍ଟ୍ରିଟ ଲାଇଟ ଲଗାଇବା ନାଁରେ ବିପୁଳ ଟଙ୍କା ହଡ଼ପ କରିଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲାପାଳ ଜୁଲାଇ ୨୩, ୨୦୨୫ରେ ପତ୍ର ସଂଖ୍ୟା ୯୪୨ରେ ଏହାର ତଦନ୍ତ କରି ୧୦ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଏହାର ତଦନ୍ତ ଦାୟିତ୍ୱ ଏବିଡିଓ ଭରତଚନ୍ଦ୍ର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱାଗତ କୁମାର ଦାସ ଏବଂ ସହକାରୀ ଯନ୍ତ୍ରୀ ରାମପ୍ରସାଦ କାଲୋଙ୍କୁ ଦେଇଥିଲେ। ତଦନ୍ତକାରୀ ଅଧିକାରୀଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ୫ମ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ପଞ୍ଚାୟତରେ ୮୦ ନୂତନ ଷ୍ଟ୍ରିଟ୍ ଲାଇଟ ଲଗାଇବାକୁ ଅର୍ଥ ମଞ୍ଜୁର ହୋଇଥିଲା ଏବଂ ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ପିଇଓ ସାହୁ ନେଇଥିଲେ। କିନ୍ତୁ ସେ ୮୦ ଲାଇଟ ପରିବର୍ତ୍ତେ ମାତ୍ର ୯ଟି ନୂତନ ଲାଇଟ ଲଗାଇଛନ୍ତି ଏବଂ ପୂର୍ବରୁ ଲାଗିଥିବା ୫୯ଟି ଲାଇଟକୁ ମରାମତି କରି ଟଙ୍କା ଆତ୍ମସାତ୍ କରିଛନ୍ତି। ଏ ସମ୍ପର୍କରେ ବିଡିଓ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ଘଟଣାରେ ପିଇଓଙ୍କ ବଦଳି କରାଯାଇଛି।

# ଜଣେ ଶିକ୍ଷକଙ୍କ ଭରସାରେ ଚାଲିଛି ୯ ଶ୍ରେଣୀ




### ମଙ୍ଗରାଜପୁର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

- ଗୋଟିଏ କୋଠରିରେ ପାଠପଢୁଛନ୍ତି ସମସ୍ତ ଛାତ୍ରୀଛାତ୍ର
- ଶିକ୍ଷକ ନ ଥିବାରୁ ପ୍ରଥମ ଶ୍ରେଣୀରେ ନାହାନ୍ତି ପିଲା
- ସ୍କୁଲ ନଳକୂଅ ଅଚଳ, ପିଇବା ପାଣି ପାଇଁ ହନ୍ତସନ୍ତ ପିଲା
- ଦୂରରୁ ପାଣି ଆଣି ମଧ୍ୟାହ୍ନଭୋଜନ ରାନ୍ଧୁଛନ୍ତି ପାଚିକା



ଆଳି, ୧୮।୯ (ବନମାଳୀ ସେନାପତି)

ଦିନେ ଯେଉଁ ସ୍କୁଲରେ ପିଲାମାନେ ନାମ ଲେଖାଉଥିଲେ, ଏବେ ସେହି ସ୍କୁଲରୁ ଗୋଟିଏ ପରେ ଗୋଟିଏ ପିଲା ଟିସି ନେଇ ଅନ୍ୟତ୍ର ପଳାଇ ଯାଉଛନ୍ତି। ବିଦ୍ୟାଳୟରେ ୯ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ନିମନ୍ତେ ଜଣେ ଶିକ୍ଷକ ଥିବାବେଳେ ପାଠପଢ଼ା ଶୂନ। ଶିକ୍ଷକ କାର୍ଯ୍ୟାଳୟ ଓ ମଧ୍ୟାହ୍ନଭୋଜନ କାମ କରୁକରୁ ସମୟ ସରିଯାଉଛି। ପାଠ ପଢ଼ା ଠିକ୍‌ରେ ହେଉନାହିଁ। ଯାହାକି ପଢୁଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି। ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର କଳେବର ବୃଦ୍ଧି ନିମନ୍ତେ ବହୁ ଅର୍ଥ ଖର୍ଚ୍ଚ କରୁଥିବା ବେଳେ ଏହାର ବିକଳ ଚିତ୍ର କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ସଂସିଧା ପଞ୍ଚାୟତରେ ଥିବା ମଙ୍ଗରାଜପୁର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ପୂର୍ବରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢୁଥିଲେ। ଏବେ ବିଦ୍ୟାଳୟରେ ସଂଯୋଗ ହୋଇଛି ଶିଶୁ ବାଟିକା। ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀରେ ୫୪ଜଣ ଛାତ୍ରୀଛାତ୍ର ପଢୁଥିବାବେଳେ ପାଠପଢ଼ା ନିମନ୍ତେ ଜଣେ ମାତ୍ର ଶିକ୍ଷକ ଅଚ୍ୟୁତାନନ୍ଦ ମିଶ୍ର ଅଛନ୍ତି।

ମଙ୍ଗରାଜପୁର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏବେ ଶିଶୁ ବାଟିକାରେ ୪ଜଣ ଛାତ୍ରୀଛାତ୍ର ଥିବାବେଳେ ପ୍ରଥମ ଶ୍ରେଣୀରେ ଛାତ୍ରୀଛାତ୍ର ନାହାନ୍ତି। ଶିକ୍ଷକ ନ ଥିବାରୁ କେହି ପିଲା ଆଡ୍‌ମିଶନ ହୋଇ ନ ଥିବା ଜଣାପଡ଼ିଛି। ସେହିପରି ଦ୍ୱିତୀୟ ଶ୍ରେଣୀରେ ୩ ଜଣ, ତୃତୀୟ ଶ୍ରେଣୀରେ ୭, ୪ର୍ଥ ଶ୍ରେଣୀରେ ୨, ପଞ୍ଚମ ଶ୍ରେଣୀରେ ୪, ଷଷ୍ଠ ଶ୍ରେଣୀରେ ୧୪, ସପ୍ତମ ଶ୍ରେଣୀରେ ୭, ଅଷ୍ଟମ ଶ୍ରେଣୀରେ ୧୩ ଛାତ୍ରୀଛାତ୍ରଙ୍କୁ ମିଶାଇ ମୋଟ ୫୪ ଜଣ ପାଠ ପଢୁଥିବା ଜଣାପଡ଼ିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଅଚ୍ୟୁତାନନ୍ଦ ମିଶ୍ର ବ୍ରେନ ଷ୍ଟ୍ରୋକରେ ଆକ୍ରାନ୍ତ ହୋଇଥିବାରୁ, ସେ ଛାତ୍ରୀଛାତ୍ରମାନଙ୍କୁ ଠିକ୍ ଭାବରେ ପାଠ ପଢ଼ାଇ ପାରୁନାହାନ୍ତି। ପିଲାମାନେ ମଧ୍ୟ ଶିକ୍ଷକଙ୍କ ପାଠପଢ଼ା ଠିକ୍ ଭାବେ ବୁଝିପାରୁନାହାନ୍ତି। ଶିକ୍ଷକ ମିଶ୍ର କହିଛନ୍ତି, ସେ ଅସୁସ୍ଥ ଥିବାରୁ କାର୍ଯ୍ୟାଳୟ, ମଧ୍ୟାହ୍ନଭୋଜନ କାର୍ଯ୍ୟ କରିବାକୁ ପଡୁଛି। ଫଳରେ ସ୍କୁଲ କାମ ସହ ପିଲାମାନଙ୍କୁ ଠିକ୍ ଭାବରେ ପାଠ ପଢାଇ ପାରୁନାହାନ୍ତି। ବିଦ୍ୟାଳୟକୁ ଆଉ ୨ ଜଣ ଶିକ୍ଷକ ଆବଶ୍ୟକ ଥିବା ସେ କହିଛନ୍ତି। ସେ ଏକମାତ୍ର ଶିକ୍ଷକ ଥିବାରୁ ସବୁ ପିଲାଙ୍କୁ ଗୋଟିଏ କୋଠରିରେ ବସାଇ ପଢ଼ାଇବାକୁ ବାଧ ହେଉଛନ୍ତି। ଶିକ୍ଷକ ଯଦି କେଉଁଦିନ କାର୍ଯ୍ୟାଳୟ କାମରେ ଆଳି ଯାଉଛନ୍ତି ସେଦିନ ସ୍କୁଲରେ ତାଲା ଝୁଲୁଛି। ଏପରିକି ଶ୍ରେଣୀଗୃହରେ ପାଠ ଦେଇ କାର୍ଯ୍ୟାଳୟ କାମ କରୁଥିବା ନେଇ ଛାତ୍ରୀଛାତ୍ରମାନେ ପ୍ରକାଶ କରିଛନ୍ତି। ତେଣୁ ଆଉ ୨ ଜଣ ଶିକ୍ଷକ ନିଯୁକ୍ତ ହେଲେ ପାଠପଢ଼ା ଠିକ୍ ଭାବେ ହୋଇପାରିବ। ଅପରପକ୍ଷେ ବିଦ୍ୟାଳୟରେ ଥିବା ନଳକୂଅ ଅଚଳ ଥିବାରୁ ପାଣି ପାଇଁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଶୌଚାଳୟ ନ ଥିବାରୁ ପିଲାମାନେ ସ୍କୁଲ ପରିସରକୁ ଶୌଚ ନିମନ୍ତେ ଯାଉଥିବା ବେଳେ ସାପର ଭୟ ରହିଛି। ବହୁବିଧ ସମସ୍ୟା ଘେରରେ ଥିବା ଏହି ବିଦ୍ୟାଳୟର ସମସ୍ୟା ସମାଧାନ ଓ ଶିକ୍ଷକ ନିଯୁକ୍ତି ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଅଜିତ ବାରିକଙ୍କୁ ପଚାରିବାରୁ ବିଦ୍ୟାଳୟରେ ଖୁବ୍‌ଶୀଘ୍ର ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା ହେଉଥିବା ବେଳେ ଅନ୍ୟ ସମସ୍ୟା କିଭଳି ଭାବେ ଶୀଘ୍ର ସମାଧାନ ହେବ, ସେଥିପ୍ରତି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଛାତ୍ରୀଙ୍କ ହେମୋଗ୍ଲୋବିନ ପରୀକ୍ଷା

ରାଜନଗର, ୧୮।୯ (ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ୟୁଥ ରେଡ଼କ୍ରସ, ଷ୍ଟୁଡେଣ୍ଟ ସର୍ଭିସ ସେଣ୍ଟର ଓ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ସହଯୋଗରେ ସୁସ୍ଥ ନାରୀ ସଶକ୍ତି ପରିବାର ଅଭିଯାନରେ ଛାତ୍ରୀମାନଙ୍କ ହେମୋଗ୍ଲୋବିନ ପରୀକ୍ଷଣ ଶିବିର ଗୁରୁବାର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ଯୋଗଦେଇ ଏକ ସୁସ୍ଥ ନାରୀ ହିଁ ଏକ ସଶକ୍ତ ପରିବାର ଓ ଜାତି ଗଠନରେ ସହାୟକ ହୋଇପାରିବ ବୋଲି କହିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁଧାଂଶୁବାଳା ବେହୁରା, ଏଏନ୍‌ଏମ୍ କାଦମ୍ବିନୀ ପ୍ରଧାନ, ସ୍ମିତାରାଣୀ ସାମନ୍ତରାୟ ପ୍ରମୁଖ ସ୍ୱାସ୍ଥ୍ୟ ବିଭାଗ ଟିମ ୧୦୦ ଜଣ ଛାତ୍ରୀଙ୍କର ହେମୋଗ୍ଲୋବିନ ପରୀକ୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୟୁଥ ରେଡ଼କ୍ରସ କାଉନସେଲର ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ଅନୁସୟା ବେହେରା, ଡ. ପ୍ରଣତି ନାୟକ, ଅଧ୍ୟାପକ ପ୍ରତାପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## କାଉପଡ଼ା ପଞ୍ଚାୟତରେ ଆମ ଗାଁରେ ତହସିଲ କାର୍ଯ୍ୟାଳୟ


କାର୍ଯ୍ୟକ୍ରମରେ ଲୋକଙ୍କୁ ତହସିଲ ପକ୍ଷରୁ ପଟ୍ଟା, ପ୍ରମାଣ ପତ୍ର ପ୍ରଦାନ କରାଯାଉଛି।

ଡେରାବିଶ, ୧୮।୯ (ବେବର୍ତ୍ତା ଅଜୟ ଦାସ)

ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଆମ ଗାଁରେ ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ରମ ଡେରାବିଶ ବ୍ଲକ ଅଧୀନ କାଉପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଡେରାବିଶ ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା ଉଦ୍‌ଘାଟନ କରି ଗ୍ରାମାଞ୍ଚଳ ଜନସାଧାରଣଙ୍କ ବହୁବିଧ ସମସ୍ୟା ଏହା ମାଧ୍ୟମରେ ଦୂର ହୋଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ବିବିଧ ଓ ଜାତିଗତ ପ୍ରମାଣପତ୍ର ପ୍ରଦାନ, ପଟ୍ଟା ବଣ୍ଟନ ଓ ଇ-ପାଉତି ମାଧ୍ୟମରେ ରାଜସ୍ୱ ପୈଠ, ଦାଖଲ ଖାରଜ ମାମଲା, କିସମ ପରିବର୍ତ୍ତନ ମାମଲା, ଆପୋଷ ବୁଝାମଣାରେ ଜମି ବଣ୍ଟନ ମାମଲା, ସିକିମ ସତ୍ତ୍ୱ, ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗର ସମାଧାନ, ଜମି ପଟ୍ଟାର ପ୍ରଜାଖାନା ସଂଶୋଧନ ଓ ବସୁନ୍ଧରା ଯୋଜନା ମାଧ୍ୟମରେ ସ୍ଥାୟୀ ଘରଡିହ ପଟ୍ଟା ପ୍ରଦାନ ଏହି କାର୍ଯ୍ୟକ୍ରମର ରୂପରେଖ ବୋଲି ଅତିରିକ୍ତ ତହସିଲଦାର ବେହେରା ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ୧୨ ଟି ବିବିଧ ପ୍ରମାଣପତ୍ର, ୧୭୯ ଟି ପ୍ରଜାଖାନା ସଂଶୋଧନ ପ୍ରମାଣପତ୍ର, ୪ ଟି ଦାଖଲ ଖାରଜ ପଟ୍ଟା ଓ ୨ ଟି ଘରବାଡ଼ି ପଟ୍ଟା ବଣ୍ଟନ କରାଯାଇଥିଲା। ଏଥିରେ କାଉପଡ଼ା ସରପଞ୍ଚ ପ୍ରତାପ ବେହେରା, ରାଜସ୍ୱ ପରିଦର୍ଶକ ମାନସ ରଞ୍ଜନ ନାଥ, କାଉପଡା ରାଜସ୍ୱ ନିରୀକ୍ଷକା ସାଇଦର୍ଶିନୀ ଲେଙ୍କା ଓ ଆରପି ରୁଦ୍ର ପ୍ରସାଦ ସାହୁଙ୍କ ସମେତ ରାଜସ୍ୱ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗଗୁଡ଼ିକର ସମାଧାନ କରିଥିଲେ।

## ବିଧାନସଭାରେ ଉଠିଲା ପଟ୍ଟାମୁଣ୍ଡାଇ ରାଜସ୍ୱ ସବ୍‌ଡିଭିଜନ ପ୍ରସଙ୍ଗ

ପଟ୍ଟାମୁଣ୍ଡାଇ, ୧୮।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇକୁ ରାଜସ୍ୱ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ ପ୍ରସଙ୍ଗକୁ ନେଇ ରାଜନଗର ବିଧାୟକ ଧ୍ରୁବ ସାହୁ ଗୁରୁବାର ବିଧାନସଭାରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ବିଧାୟକ ସାହୁଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟରେ ସବ୍‌ଡିଭିଜନ ପୁନଃଗଠନ ପ୍ରକ୍ରିୟା ଅଦ୍ୟାବଧି କରାଯାଇନାହିଁ। ଓଡ଼ିଶା ରାଜସ୍ୱ ପ୍ରଶାସନ (ୟୁନିଟ୍) ଆଇନ ୧୯୬୩, ବର୍ତ୍ତମାନ ଭାରତୀୟ ନ୍ୟାୟ ସୁରକ୍ଷା ସଂହିତା ଆଇନ ୭(୩) ଅନୁଯାୟୀ ରାଜ୍ୟ ସରକାର କାର୍ଯ୍ୟ କରିବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉତ୍ତର ରଖିଥିଲେ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ୧୯୫୧ରେ ନିର୍ବାଚନମଣ୍ଡଳୀ ଘୋଷଣା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ୨୦୦୮ ଆଂଶିକ ସୀମା ପୁନଃ ନିର୍ଦ୍ଧାରଣରେ ଓଡ଼ିଶାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ(ସଂ) ନିର୍ବାଚନମଣ୍ଡଳୀ ନିଜର ସତ୍ତା ହରାଇ ବସିଲା। ନିର୍ବାଚନମଣ୍ଡଳୀ ବିଲୋପ ପରେ ପଟ୍ଟାମୁଣ୍ଡାଇର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଲା। ବହୁ ଗୌରବରେ ଗୌରବାନ୍ୱିତ ପଟ୍ଟାମୁଣ୍ଡାଇର ସ୍ୱାର୍ଥ ସମ୍ମାନ ଓ ସ୍ୱାଭିମାନର ପୁନଃ ପ୍ରତିଷ୍ଠା କରିବା ସମସ୍ତ ପଟ୍ଟାମୁଣ୍ଡାଇବାସୀଙ୍କ ଏକ ଆହ୍ୱାନ ଭାବେ ଦେଖାଦେଲା। ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ନେଇ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପକ୍ଷରୁ ଦୀର୍ଘବର୍ଷ ଧରି ବିଭିନ୍ନ ସମୟରେ ଆନ୍ଦୋଳନ, ଅନଶନ, ଧାରଣା, ପ୍ରତିବାଦ ସଭା ଜାରି ରହିଆସୁଛି। ଗତ ସରକାର ସମୟରେ ବିଧାନସଭା ଅଧିବେଶନରେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ପ୍ରସଙ୍ଗ ଉତ୍ଥାପନ କରିବା ପରେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ଏହା ବିଚାରାଧୀନ ଥିବା ସୂଚନା ଦେଇଥିଲେ। ମାତ୍ର ନୂତନ ସରକାର ପ୍ରତିଷ୍ଠା ହେବା ପରେ ବିଧାୟକ ସାହୁ ପଟ୍ଟାମୁଣ୍ଡାଇରେ ରାଜସ୍ୱ ସବ୍‌ଡିଭିଜନ ପ୍ରସଙ୍ଗ ୨୦୨୪ ଅଗଷ୍ଟରେ ଉତ୍ଥାପନ କରିଥିବା ବେଳେ ଚଳିତ ବିଧାନସଭା ଅଧିବେଶନରେ ପୁଣି ପ୍ରସଙ୍ଗ ଦୋହରାଇଛନ୍ତି। ପଟ୍ଟାମୁଣ୍ଡାଇ ରାଜସ୍ୱ ସବ୍‌ଡିଭିଜନ କେବେ ଘୋଷଣା କରାଯିବ ବୋଲି ବିଧାୟକ ସାହୁଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମ୍ପ୍ରତି ରାଜ୍ୟରେ ନୂତନ ରାଜସ୍ୱ ଉପଖଣ୍ଡ ପ୍ରକ୍ରିୟା କରାଯାଇନାହିଁ ବୋଲି ବିଧାନସଭା ଗୃହରେ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, କେନ୍ଦ୍ରାପଡ଼ା ଜିଲା ଗଠନ ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପଟ୍ଟାମୁଣ୍ଡାଇରେ ରାଜସ୍ୱ ସବ୍‌ଡିଭିଜନ ଗଠନ ହେବା ନେଇ ପ୍ରକାଶ କରିଥିଲେ। ମାତ୍ର ୨୪ ବର୍ଷ ବିଜେଡି ଶାସନ ବେଳେ ସବ୍‌ଡିଭିଜନ ମାନ୍ୟତା ମିଳିପାରି ନ ଥିଲା।

## ନ୍ୟାୟ ପାଇଁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଅନଶନ

କେନ୍ଦ୍ରାପଡ଼ା, ୧୮।୯ (ଜଗନ୍ନାଥ ଧଳ)




କେନ୍ଦ୍ରାପଡା ଜିଲା ରାଜକନିକା ଥାନା ପେଗରପଡ଼ା ଗ୍ରାମର ୨ ମହିଳା ପୋଲିସଠାରୁ ସହାୟତା ପାଇନାହାନ୍ତି। ଅଭିଯୁକ୍ତଙ୍କ ନାମରେ ଅଭିଯୋଗପତ୍ର ଦେଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏପରି ଅଭିଯୋଗ ଆଣି ପେଗରପଡା ଗ୍ରାମର ମଲ୍ଲୀ ମଲ୍ଲିକ ଓ ଝରଣା ମଲ୍ଲିକ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାରଠାରୁ ନ୍ୟାୟ ଦାବିରେ ଅନଶନରେ ଅଛନ୍ତି। ସେମାନଙ୍କୁ ସମର୍ଥନ କରି ଶତାଧିକ ମହିଳା ଏହି ଅନଶନସ୍ଥଳରେ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ସେମାନେ କହିଛନ୍ତି, ମଲ୍ଲୀଙ୍କ ଏକ କ୍ୟାବିନକୁ ଭଡା ନେଇ ଝରଣା ଏକ ଦୋକାନ ଖୋଲିଛନ୍ତି। ଜୁଲାଇ ୨୫ ରାତିରେ ଏହି ଗ୍ରାମର ଗୋଟିଏ ପରିବାରର ବାପା ଓ ପୁଅ ପ୍ରଥମେ ଦୋକାନ ସାମଗ୍ରୀ ଚୋରି କରି ନେଇଥିଲେ। ଏନେଇ ଥାନାରେ ଅଭିଯୋଗପତ୍ର ଦେବା ପରେ ସେହି ଅଭିଯୁକ୍ତମାନେ କ୍ୟାବିନ ଚାରିପଟେ ଏକ କଣ୍ଟାବାଡ ଦେଇ ଦୋକାନକୁ ଯିବା ପାଇଁ ରାସ୍ତା ବନ୍ଦ କରିଛନ୍ତି। ଏ ନେଇ ପ୍ରଥମେ ଥାନା, ପରେ ଏସ୍‌ପି ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ମଲ୍ଲୀ ଓ ଝରଣା ଦଳିତ ମହିଳା ହୋଇଥିବାରୁ ଜିଲା ପୋଲିସ ଅଣଦେଖା କରୁଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ସେମାନେ ଅନଶନରେ ବସି ରହିବେ ବୋଲି କହିଛନ୍ତି।

## ନାମଲେଖା ପାଇଁ ଛାତ୍ରୀଙ୍କୁ କେସିସିଏଲ ପକ୍ଷରୁ ଆର୍ଥିକ ସହାୟତା



ଡେରାବିଶ, ୧୮।୯ (ବ୍ୟବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି (କେସିସିଏଲ)ର ମୁଖ୍ୟ କାର୍ଯ୍ୟାଳୟରେ ଉଚ୍ଚଶିକ୍ଷା ପାଇଁ ଜଣେ ମେଧାବୀ ଛାତ୍ରୀ ସୁଶ୍ରୀ ରଶ୍ମିତା ସ୍ୱାଇଁଙ୍କୁ ଗୁରୁବାର ସମିତି ସଭାପତି ପ୍ରମୋଦ କୁମାର ସାହୁ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତର ଦକ୍ଷିଣଖଣ୍ଡ ଭୋଲ ନିବାସୀ ରମେଶ ଚନ୍ଦ୍ର ସ୍ୱାଇଁ ଓ ମା' ପ୍ରମିଳା ସ୍ୱାଇଁଙ୍କ କନ୍ୟା ରଶ୍ମିତା ବର୍ତ୍ତମାନ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀର ପ୍ରଥମ ବର୍ଷରେ ଉଦ୍ଭିଦ ବିଜ୍ଞାନ ସମ୍ମାନ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଚଳିତ ଓଜେଇ ପରୀକ୍ଷାରେ ସେ କୃତିତ୍ୱର ସହ ଉନ୍ନୀତ ହୋଇ ବିଏସ୍‌ସି ନର୍ସିଂ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଚଳିତ ମାସ ୨୫ ତାରିଖ ସୁଦ୍ଧା କନ୍ଧମାଳ ଜିଲା ସଦର ମହକୁମାସ୍ଥିତ ସରକାରୀ ନର୍ସିଂ କଲେଜରେ ନାମ ଲେଖାଇବାକୁ ଇଣ୍ଟିମେଶନ ଲେଟର ଆସିଛି। ଏ ଖବର କେସିସିଏଲର ସଭାପତି ସାହୁ ଜାଣିବା ପରେ ସମିତିର ମୁଖ୍ୟ କାର୍ଯ୍ୟାଳୟରେ ସମ୍ପାଦକ ଅରବିନ୍ଦ ସାହୁ, ମୁଖ୍ୟ ସାଧାରଣ ପରିଚାଳକ ମନୋଜ ସାହୁ, ମୁଖ୍ୟ ଶାଖା ବରିଷ୍ଠ ପରିଚାଳକ ପଙ୍କଜ ମଲ୍ଲିକଙ୍କ ସମେତ ବହୁ କର୍ମଚାରୀଙ୍କ ଗହଣରେ ଏକ ନିରାଡ଼ମ୍ବର ଉତ୍ସବରେ ସଭାପତି ସାହୁ ରଶ୍ମିତା ସ୍ୱାଇଁଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ସମୟରେ ରଶ୍ମିତାଙ୍କ ପିଉସୀ ରମା କୁମାରୀ ସ୍ୱାଇଁ ଉପସ୍ଥିତ ଥିଲେ। ସମିତିର ଏହି କାର୍ଯ୍ୟକୁ ସର୍ବତ୍ର ପ୍ରଶଂସା କରାଯାଇଛି।

## ପ୍ରାଥମିକ ଶିକ୍ଷକଙ୍କ ସମସ୍ୟା ସମାଧାନ ପାଇଁ ଦାବିପତ୍ର


ଜିଲାପାଳଙ୍କୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଦାବିପତ୍ର ଦେଉଛନ୍ତି।

କେନ୍ଦ୍ରାପଡ଼ା, ୧୮।୯ (ଜଗନ୍ନାଥ ଧଳ)

ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଶିକ୍ଷକଙ୍କ ସମସ୍ୟା ସାମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ସଭାପତି ଦିବାକର ବାରିକ, ସମ୍ପାଦକ ଅକ୍ଷୟ କୁମାର ପୋଥାଳ, ଆବାହକ ବିପିନ ବିହାରୀ ପାତ୍ର ପ୍ରମୁଖ କହିଛନ୍ତି, ଶିକ୍ଷକଙ୍କ ଶିକ୍ଷାଦାନ ଦ୍ୱାରା ସୁସ୍ଥ ସମାଜ ଗଠନ ହୋଇଥାଏ। ତେବେ ଶିକ୍ଷକ ଏବେ ଅବହେଳାର ଶିକାର ହେଉଛନ୍ତି। ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ନିଯୁକ୍ତିକୁ ଗୁରୁତ୍ୱ ରାଜ୍ୟ ସରକାର ଦେଇଛନ୍ତି। ଫଳରେ ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧାରରେ ରହିଯାଉଛି। ନିୟମିତ ଶିକ୍ଷକ ମାନ୍ୟତା, ଶିକ୍ଷା ସହାୟକ ଓ କନିଷ୍ଠ ଶିକ୍ଷକଙ୍କୁ ୬ ବର୍ଷରେ ମୂଳ ଚାକିରି ସହ ଗଣନା କରିବା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା, ୨୦୧୧ ମସିହା ପୂର୍ବ ନିଯୁକ୍ତ ଶିକ୍ଷକଙ୍କ ପଦୋନ୍ନତିରେ ବାଧକ ନ ହେବା, ସ୍ୱାସ୍ଥ୍ୟବୀମା ଲାଗୁ ସହ ପୁରୁଣା ପେନସନ ନୀତି ପ୍ରଚଳନ ପାଇଁ ସଂଘ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ଆସନ୍ତା ୧୯ ତାରିଖ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହେଲେ ୨୦ତାରିଖଠାରୁ ବିଧାନସଭାଠାରେ ଆନ୍ଦୋଳନ ହେବ ବୋଲି ଏହି ଦାବିପତ୍ରରେ ଉଲ୍ଲେଖ ଥିବା ସେମାନେ କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଭସାଣି ଉତ୍ସବରେ ବାଜିବନି ଡିଜେ

ପଟ୍ଟାମୁଣ୍ଡାଇ, ୧୮।୯ (କଳ୍ପତରୁ ନାୟକ)

ପାର୍ବଣ ଋତୁର ଆଗମନରେ ଶାରଦୀୟ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ ଗୁରୁବାର ପଟ୍ଟାମୁଣ୍ଡାଇ ଥାନାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪ଟି ପୂଜା ମଣ୍ଡପର କର୍ମକର୍ତ୍ତା ଓ ଶାନ୍ତି କମିଟି ସଦସ୍ୟମାନେ ଯୋଗଦେଇ ଆଲୋଚନା କରିଥିଲେ। ଏ ନେଇ ବିଭାଗୀୟ ଅଧିକାରୀ ଏବଂ ସମସ୍ତ କମିଟିର ସଦସ୍ୟଙ୍କ ସହିତ ବିସ୍ତୃତ ଭାବରେ ଆଲୋଚନା ହୋଇଛି। ସମସ୍ତ ସ୍ଥାନରେ କିପରି ଆଇନ ପରିସ୍ଥିତି ନିୟନ୍ତ୍ରଣରେ ରହିବ ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି।

ପୂର୍ବବର୍ଷ ପୂଜା ଉତ୍ସବରେ ଯେଉଁଭଳି ଭାବେ ଜନଗହଳୀ ନିୟନ୍ତ୍ରଣ ହେଉଥିଲା ସେହିଭଳି ଭାବେ ଗାଡ଼ି ଚଳାଚଳ ଏବଂ ବଜାର ମଧ୍ୟକୁ ୪ ଚକିଆ ଓ ୨ ଚକିଆ ଯାନ ଚଳାଚଳ ନିଷେଧ କରାଯିବ। ସେହିପରି ଭସାଣି ଉତ୍ସବକୁ ଶୃଙ୍ଖଳାର ସହିତ ପାଳନ କରିବାକୁ ଡିଜେ ବାଜିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ସକାଳ ୭ଟାରୁ ରାତି ୧୦ଟା ମଧ୍ୟରେ ସମସ୍ତ ମେଢ଼ ବିସର୍ଜନ ହେବ ବୋଲି ସ୍ଥିର ହୋଇଥିଲା।

### ଦୁର୍ଗା ପୂଜା ପାଇଁ ଥାନାରେ ଶାନ୍ତି କମିଟି ବୈଠକ

ଆଇଆଇସି ବନ୍ଦନା ପାତ୍ର ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ପୌରାଧ୍ୟକ୍ଷ ହେମନ୍ତ ସାହୁ, ଅତିରିକ୍ତ ତହସିଲଦାର ଦିଲୀପ ନାଏକ, ପୌରନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କ ସମେତ ଅନ୍ୟ ବିଭାଗୟ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଅନ୍ୟପକ୍ଷରେ ପୂଜା ଉତ୍ସବକୁ ମଦ ବିହୀନ କରିବା ସହିତ ବଜାର ଭିତରୁ ଗୋରୁ ହଟାଇବା, ମେଡିକାଲ ଛକ ପୋଖରିଆପଡା ରାସ୍ତାରେ ଅଳିଆ ହଟେଇବା, ଫାଷ୍ଟ ଏଡ୍ ସୁବିଧା ରଖିବାକୁ ବିଭାଗୀୟ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା ହୋଇଥିଲା। ସେହିପରି ଆଇନ ଶୃଙ୍ଖଳା ସହିତ ବିଭିନ୍ନ ଛକରେ ଅସ୍ଥାୟୀ ପୋଲିସ କ୍ୟାମ୍ପ କରାଯିବ। ପୋଲିସ ସମଗ୍ର ପୂଜା ଉତ୍ସବ ଉପରେ କଡା ନଜର ରଖିବାକୁ ନିବେଦନ କରାଯାଇଛି। ପୂଜାକୁ ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ କରାଯିବା ସହିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯିବାକୁ ଆଲୋଚନା ହୋଇଥିଲା।


ବୈଠକରେ ଆଇଆଇସି ବନ୍ଦନା ପାତ୍ର ଏବଂ ପ୍ରଶାସନିକ ଅଧିକାରୀ।

## ଜବରଦଖଲରେ ଅନାବାଦୀ, ରକ୍ଷିତ, ନଦୀ, ନାଳ, ଜଳାଶୟ

ପଟ୍ଟାମୁଣ୍ଡାଇ, ୧୮।୯ (କଳ୍ପତରୁ ନାୟକ)

- ଉଦ୍‌ବୃତ୍ତ ଜଳ ନିଷ୍କାସନରେ ବାଧା
- ୨ ମାସ ହେବ ପ୍ରାଣୀ ଚିକିତ୍ସାଳୟରେ ଆଣ୍ଠୁଏ ପାଣି, କାର୍ଯ୍ୟାଳୟ ଅଚଳ
- ନୟନଯୋଡ଼ି ଜବରଦଖଲ, ଚାଷଜମି ପଡ଼ିଆ



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ଓ ଆଖପାଖ ଅଞ୍ଚଳରେ ଗୋଚର, ଅନାବାଦୀ, ରକ୍ଷିତ, ନଦୀ, ପ୍ରାକୃତିକ ନାଳ, କେନାଲ, ନୟନଯୋଡ଼ି ଓ ଜଳାଶୟଗୁଡ଼ିକ ଜବରଦଖଲ ହେବାରେ ଲାଗିଛି। ଜବରଦଖଲକାରୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଚଳିତବର୍ଷ ବହୁ ସରକାରୀ କାର୍ଯ୍ୟାଳୟରେ ଜଳ ଜମି ରହିଛି। ଭବିଷ୍ୟତରେ ଏହା ଆହୁରି ଅଧିକ ସମସ୍ୟା ସୃଷ୍ଟି କରିବ। ଏପରି କି ସହରରେ ଜଳମଗ୍ନ ହେବା ସହ ଆଖପାଖ ଅଞ୍ଚଳରେ ଚାଷଜମି ପଡିଆ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଜିଲା ପ୍ରଶାସନ ଓ ପଟ୍ଟାମୁଣ୍ଡାଇ ପୌର ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ଜବରଦଖଲମୁକ୍ତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ବୁଦ୍ଧିଜୀବୀ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ବୃହତ୍ତମ ସହର ପଟ୍ଟାମୁଣ୍ଡାଇରେ କାମଧନ୍ଦା, ଚାକିରି ତଥା ଝିଅପୁଅଙ୍କୁ ପାଠ ପଢ଼ାଇବା ପାଇଁ ଗ୍ରାମାଞ୍ଚଳରୁ ଲୋକ ପଟ୍ଟାମୁଣ୍ଡାଇ ସହରମୁହାଁ ହେଉଛନ୍ତି। ଏ ନେଇ ପ୍ରଥମେ ଭଡ଼ାରେ, ପରେ ବିଭିନ୍ନ ସ୍ଥାନରେ ଜାଗା କିଣି ଘରଦ୍ୱାର ନିର୍ମାଣ କରିଚାଲିଛନ୍ତି। ସହରର ଜନସଂଖ୍ୟା ବୃଦ୍ଧି ଓ ଲୋକଙ୍କ ଚାହିଦା ଅନୁସାରେ ଜମିର ମୂଲ୍ୟ ବଢ଼ି ଚାଲିଛି। ସରକାରଙ୍କ ଧାର୍ଯ୍ୟ ଦରଠାରୁ ଢେର ଚଢ଼ାଦରରେ ଏଠାରେ ଜମି ବିକ୍ରି ହେଉଛି। ଏଭଳି ସ୍ଥିତିରେ ଯେ ଯେଉଁଠି ପାଇଲେ ସରକାରୀ ଓ ଜଳାଶୟ ଜାଗା ମାଡ଼ି ବସି ଘର ନିର୍ମାଣ କରୁଛନ୍ତି। ତାହା ପ୍ରାକୃତିକ ନାଳ ହେଉ କି ଜଳଉତ୍ସ କିମ୍ବା ନୟନଯୋଡ଼ି କି ନଦୀପଠା, ଯେଉଁଠି ସୁବିଧା ହେଲା ଲୋକେ ଘର ନିର୍ମାଣ କରି ରହିଲେ। କେତେଜଣ ଧନୀ ଶ୍ରେଣୀର ଲୋକ ପୋତା ଗୋବରୀ ନଦୀକୁ ଜବରଦଖଲ କରି ଘରଦ୍ୱାର କରିଥିବା ବେଳେ କେତେକ ସ୍ଥାନରେ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହୋଇଛି। କେତେଜଣ ଚାକିରିଆ ମଧ୍ୟ ଏହାର ଫାଇଦା ଉଠାଇ ନଦୀନାଳଗୁଡ଼ିକୁ ପୋତି ବଡ଼ବଡ଼ ଅଟ୍ଟାଳିକା ମଧ୍ୟ କରିଛନ୍ତି। ଫଳରେ ଗତ ୨ମାସ ହେବ ପ୍ରାଣୀ ଚିକିତ୍ସାଳୟ ବର୍ଷା ପାଣି ଜମି ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷା ପାଣି ଭର୍ତ୍ତି ହୋଇ ଚିକିତ୍ସାଳୟ ପରିସରରେ ଅଧାଆଣ୍ଠୁ ପାଣି ରହିଥିବା ବେଳେ କାର୍ଯ୍ୟାଳୟ ମଧ୍ୟରେ ଅପରିଷ୍କାର ଜଳ ପ୍ରବେଶ କରି ପ୍ରାଣୀ ଚିକିତ୍ସାରେ ବାଧା ସୃଷ୍ଟି କରୁଛି। ଶିକ୍ଷାବିତ୍ ସଞ୍ଜୟ ତରାଇ କହିଛନ୍ତି, ଅତୀତରେ ପଟ୍ଟାମୁଣ୍ଡାଇ ବଜାର ବିଦ୍ୟୁତ୍ କାର୍ଯ୍ୟାଳୟ ପାଖରୁ ଜଳସମ୍ପଦ ବିଭାଗ କେନାଲ ମାଟିଆ ମାଇନର ଦେଇ ଗୋବରୀ ନଦୀକୁ ସଂଯୋଗ ଥିଲା। ସହରର ଉଦ୍‌ବୃତ୍ତ ବର୍ଷାଜଳ ସେହି ମାଇନର କେନାଲ ଓ ନାଳ ଦେଇ ଗୋବରୀ ନଦୀକୁ ନିଷ୍କାସନ ହେଉଥିଲା। ଏବେ ଏହି କେନାଲ ପୋତି ରାସ୍ତା ହୋଇଥିବା ବେଳେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଗଲାଣି। ଆଉ ପୋତା ଗୋବରୀ ନାଦୀର ସତ୍ତା ମିଳୁନାହିଁ। ଜବରଦଖଲକାରୀଙ୍କ ବେପରୁଆ ମନୋଭାବ ଯୋଗୁ ଭବିଷ୍ୟତରେ ସହରବାସୀ ଅସୁବିଧା ଭୋଗିବେ। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ୨୦୧୮ରୁ ୨୦୨୫ ମଧ୍ୟରେ ପଟ୍ଟାମୁଣ୍ଡାଇ ସହର ଓ ଏହାର ଆଖପାଖରେ ଥିବା ଅମଳକ୍ଷମ ଉର୍ବର ଚାଷଜମି କିସମ ପରିବର୍ତ୍ତନ ହୋଇ ଘରବାଡ଼ି ହୋଇଛି। ପୋଖରିଆପଡ଼ା କେନାଲ ପାଖ ଜମି, ତାତନା ରାସ୍ତାର ଦୁଇପାର୍ଶ୍ୱ ଉର୍ବର ଜମି, ପ୍ରହରାଜପୁର ରାସ୍ତାର ଉଭୟପାର୍ଶ୍ୱ ଜମିରେ କୋଠା ହୋଇ ଚାଲିଛି। ସେହିଭଳି ପଟ୍ଟାମୁଣ୍ଡାଇ ପୋଖରିଆପଡ଼ା ବକ୍ତାରପୁର ଦେଇ କଖାରୁଣୀ ପୋଲ ପର୍ଯ୍ୟନ୍ତ ୨ ପାର୍ଶ୍ୱ ଜମିରେ କୋଠା ଗଢ଼ି ଉଠି ନୟନଯୋଡ଼ି ଜବରଦଖଲ ହୋଇଛି। ଫଳରେ ତଳପଟ ଚାଷଜମିକୁ ଜଳସେଚନ ହୋଇ ନ ପାରି ପଡ଼ିଆ ପଡ଼ିଛି। ପଟ୍ଟାମୁଣ୍ଡାଇ ବଜାର ସଂଲଗ୍ନ ବେଲତଳ, ଦକ୍ଷିଣଦିଆ, ପୋଖରିଆପଡ଼ା, ଗୋବରୀ ନଦୀର ଦୁଇପାର୍ଶ୍ୱ ଜମିକୁ ଜବରଦଖଲକାରୀ ଘରଦ୍ୱାର କରି ଚାଲିଛନ୍ତି। ଫଳରେ ଉଭୟପାର୍ଶ୍ୱ ଜମିକୁ ଜଳସେଚନ ହୋଇ ପାରୁ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଚାଷ ପ୍ରତି ବିମୁଖଭାବ ସୃଷ୍ଟି ହେବାରୁ ଜମି ପଡ଼ିଆ ରହୁଛି। ଏ ଦିଗରେ ରାଜ୍ୟ ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାର ପଞ୍ଚାନନ ନାୟକଙ୍କୁ ପଚାରିବାରେ ଚାଷଜମିରୁ ଘରବାଡ଼ି କରିବା ଦରଖାସ୍ତ ଉପରେ ଜିଜ୍ଞାସା କଲା ପରେ ଆପ୍ରୁଭାଲ ଦିଆଯିବ। ମାତ୍ର ନୟନଯୋଡ଼ି ଜବରଦଖଲ କରାଇ ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

# ୨୦ରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ସର୍ଭେ

■ ଜବରଦଖଲରେ ନୀଳମାଧବ ମନ୍ଦିର ଚତୁଃପାର୍ଶ୍ୱ
■ ଜବରଦଖଲକାରୀଙ୍କ ଯୋଗୁ ପୀଠ ବିକାଶରେ ବାଧକ ସାଜୁଛି

ଖଣ୍ଡପଡ଼ା,୧୮।୯
(ଅଜୟ କୁମାର ମହାରଣା)

ଧାର୍ମିକ ତଥା ଐତିହ୍ୟପୂର୍ଣ୍ଣ କ୍ଷେତ୍ର ଭାବରେ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ କଣ୍ଟିଲୋର ଶ୍ରୀନୀଳମାଧବ କ୍ଷେତ୍ର ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ବେଳେ କଂସା ଓ ପିତଳ ବାସନ ଶିଳ୍ପ ପାଇଁ ମଧ୍ୟ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଛି। ଏଥିପାଇଁ ବର୍ଷତମାମ୍ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଶ୍ରୀଜୀଉଙ୍କ ଦର୍ଶନ ତଥା ବ୍ୟବସାୟ ଲକ୍ଷ୍ୟରେ ଏଠାକୁ ଆସିଥାନ୍ତି। ଅତୀତରେ ବିଭିନ୍ନ ଅଞ୍ଚଳକୁ ଯାନବାହାନରେ ଯାତାୟାତ କରିବା ପାଇଁ ଗମନାଗମନର ସୁବିଧା ନ ଥିବାରୁ ଲୋକେ ପାଦରେ ଚାଲି ଚାଲି ଯାଉଥିଲେ। ବିଶେଷକରି ରାଜ୍ୟର ପଶ୍ଚିମାଞ୍ଚଳ ଭାବରେ ଜଣାଶୁଣା ବଉଦ, ଫୁଲବାଣୀ, ବଲାଙ୍ଗୀର, ସମ୍ବଲପୁର ଓ ଛତିଶଗଡ଼ରୁ ଯାତ୍ରୀମାନେ ପାଦରେ ଚାଲି ଚାଲି ବଣ ପାହାଡ ଅତିକ୍ରମ କରି ମହାନଦୀର କୂଳେ କୂଳେ ଗଣିଆ, କଣ୍ଟିଲୋ ଦେଇ ପୁରୀ ଶ୍ରୀଜଗନ୍ନାଥ ଜୀଉଙ୍କ ଦର୍ଶନରେ ଆସିଥାନ୍ତି। ସମ୍ପୃକ୍ତ ଯାତ୍ରୀମାନେ କଣ୍ଟିଲୋରେ ଦିନରୁ ଦୁଇଦିନ ବିଶ୍ରାମ ନେଇ ଶ୍ରୀଜଗନ୍ନାଥଙ୍କ ଆଦି ପୀଠ ଭାବେ ପରିଚିତ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉଙ୍କୁ ଦର୍ଶନ କରି ପୁରୀ ଶ୍ରୀକ୍ଷେତ୍ରକୁ ଯାତ୍ରା କରିଥାନ୍ତି। ଏଣୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ ସମେତ ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ କାହିଁ କେଉଁ କାଳରୁ ଧର୍ମପ୍ରାଣ ବ୍ୟକ୍ତିମାନେ ଏଠାରେ ଜଳାଶ୍ରୟ ଓ ପୋଖରୀମାନ ଖନନ କରିଥିଲେ। ହେଲେ ଏସବୁ ଜଳାଶୟ ସହ ଶ୍ରୀନୀଳମାଧବ ମନ୍ଦିର ପୂର୍ବ ଓ ପଶ୍ଚିମ


ମନ୍ଦିର ପଶ୍ଚିମପାର୍ଶ୍ୱଠାରୁ ଯାତ୍ରାପଦା ବଜାର ରାସ୍ତା, ମାଳବନ୍ଧକୁ ଜବରଦଖଲ କରି ବ୍ୟବସାୟ ପ୍ରତିଷ୍ଠାନ ରହିଛି।

ପାର୍ଶ୍ୱଗୁଡିକୁ ଜବରଦଖଲକାରୀମାନେ କବ୍ଜା କରିନେଲେଣି। କଣ୍ଟିଲୋ ଅଞ୍ଚଳର ବିଭିନ୍ନ ସ୍ଥାନ ମହାନଦୀର ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ ଓ ଜଳାଶ୍ରୟ ଉପରେ ଏବେ ସ୍ଥାୟୀ ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ ହୋଇ ଚାଲିଥିଛି। ବିଭାଗୀୟ ଅଧିକାରୀମାନଙ୍କ ଏଥିପ୍ରତି ଅଙ୍କୁଶ ରହୁନାହିଁ। ସମସ୍ତଙ୍କ ଜାଣତରେ ଜବରଦଖଲ ଗୃହ ନିର୍ମାଣ କାର୍ଯ୍ୟ ହେଉଥିଲେ ମଧ୍ୟ କାହାର ମୁହଁ ଖୋଲୁନାହିଁ। ବାରମ୍ବାର ଅଭିଯୋଗ ପରେ ଏବେ ନୟାଗଡ଼ ଜିଲ୍ଲା ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଆସନ୍ତା ୨୦ ତାରିଖ ପୂର୍ବାହ୍ନ ୧୧ ରେ ଶ୍ରୀନୀଳମାଧବ ମନ୍ଦିର ଚତୁଃପାର୍ଶ୍ୱ ତଥା ଚନ୍ଦନ ପୋଖରୀ ପାରିପାର୍ଶ୍ୱିକ ସ୍ଥାନ, ମନ୍ଦିର ପୂର୍ବ ଓ ପାଶ୍ଚିମ ପାର୍ଶ୍ୱଠାରୁ ମୁଖ୍ୟ ରାସ୍ତା, ମନ୍ଦିର ପରିକ୍ରମା ପଥ ପୂର୍ବଦ୍ୱାରଠାରୁ ପଶ୍ଚିମଦ୍ୱାର ସହିତ ମନ୍ଦିରର ଆଖପାଖ ଅଞ୍ଚଳ, ବିଶେଷକରି ଜବରଦଖଲରେ ରହିଥିବା ସମସ୍ତ ଜାଗାକୁ ତହସିଲ ପ୍ରଶାସନ ପକ୍ଷରୁ କଣ୍ଟିଲୋ ରାଜସ୍ୱ ନିରୀକ୍ଷକଙ୍କ ସମେତ କେତେଜଣ ପ୍ରମୁଖ ଅଧିକାରୀଙ୍କୁ ନେଇ ସର୍ଭେ କାର୍ଯ୍ୟ କରାଯିବ। ଏ ନେଇ ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୫୭୭/୧୭।୯।୨୫କ୍ରମେ ସୂଚନା ମିଳିଛି। ତେବେ ଏହି କାର୍ଯ୍ୟରେ ଜନସାଧାରଣ ସହଯୋଗ କରିବାକୁ କଣ୍ଟିଲୋ ରାଜସ୍ୱ ନିରୀକ୍ଷିକା ନିବେଦିତା ଶତପଥୀ ତାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୩୮/୧୭।୯।୨୫ରେ ସର୍ବ ସାଧାରଣଙ୍କ ଅବଗତ ନିମନ୍ତେ ସୂଚନା ପ୍ରଦାନ କରିଥିବା ଜଣାଯାଇଛି।

## ନୟାଗଡ଼ ଜିଲ୍ଲା ଭାଜପା କୃଷକ ମୋର୍ଚ୍ଚାର ଚାରାରୋପଣ



ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ କର୍ମକର୍ତ୍ତା।

ଓଡ଼ଗାଁ, ୧୮।୯
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲ୍ଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନଙ୍କ ନେତୃତ୍ୱରେ କୋମଣ୍ଡ ଗ୍ରାମର ଇଷ୍ଟଦେବୀ ମା' ଅନ୍ଧାର ବାଉତୀଙ୍କ ପୀଠସ୍ଥଳରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ବୁଧବାର ଶତାଧିକ ଚାରାରୋପଣ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ନୟାଗଡ଼ ଜିଲ୍ଲା ଓ ଆଖପାଖ ଅଞ୍ଚଳର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ମୋଦିଙ୍କ ଦୀର୍ଘାୟୁ କାମନା କରି ମା' ଅନ୍ଧାର ବାଉତୀଙ୍କ ପୂଜାର୍ଚ୍ଚନା କରିବା ସହିତ ଦୀପଦାନ ମଧ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ପଣ୍ଡା, ଭାଜପା ନେତା ଜଗନ୍ନାଥ ପାଣିଗ୍ରାହୀ, ପଞ୍ଚାୟତ ପ୍ରମୁଖ ବିନାୟକ ପ୍ରଧାନ, ବରିଷ୍ଠ କାର୍ଯ୍ୟକର୍ତ୍ତା ବିଦେଶୀ ମହାକୁଡ, ରାମଚନ୍ଦ୍ର ସାହୁ, ନବକିଶୋର ସେନାପତି, ଭାଗବତ ନାଏକ, ଧୋବା ନାଏକ, ଗୌରାଙ୍ଗ ପ୍ରଧାନ, ଗୋବର୍ଦ୍ଧନ ପାତ୍ର, ଯୁବନେତା ଜଗନ ଦାସ, ସରୋଜ ମହାପାତ୍ର, ବିଭୂତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଦଶପଲ୍ଲା ନିର୍ବାଚନମଣ୍ଡଳୀର ସମୀକ୍ଷା କଲେ ଏମ୍ପି

ନୟାଗଡ଼,୧୮।୯(ଲୋକନାଥ ମିଶ୍ର)

ନୟାଗଡ ଜିଲାପରିଷଦ ସମ୍ମିଳନୀ କକ୍ଷ ସୃଜନରେ କନ୍ଧମାଳ ଏମ୍ପି ସୁକାନ୍ତ କୁମାର ପାଣିଗ୍ରାହୀ ଦଶପଲ୍ଲା ନିର୍ବାଚନମଣ୍ଡଳୀର ସମୀକ୍ଷା କରିଛନ୍ତି। ଉନ୍ନତିମୂଳକ କାର୍ଯ୍ୟର ତ୍ୱରାନ୍ୱିତ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଗଣିଆ, ଦଶପଲ୍ଲା ଓ ନୂଆଗାଁ ବ୍ଲକ ପାଇଁ ୨୦ ଜଣ ଲେଖାଏ ୬୦ ପିଲାଙ୍କୁ ଯୁବ ଉଦ୍ୟୋଗୀ ଭାବେ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ସରକାରୀ ଯୋଜନାଗୁଡିକ ଲୋକାଭିମୁଖୀ କରିବା ସହ ନୂଆ ନୂଆ ରୋଜଗାର ସୃଷ୍ଟି କରିବାକୁ ଗୁରୁତ୍ୱ ଦେଇଥିଲେ। ଏଥିରେ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ସମୀକ୍ଷାରେ ଏମ୍ପିଙ୍କୁ ସହଯୋଗ କରିଥିଲେ। ଶେଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ପ୍ରଶାସନର ସମାଧାନ ଉଦ୍ୟମ ବିଫଳ, ୧୬୩ ଧାରା ଲାଗୁ



ବୈଠକରେ ଉପଜିଲାପାଳ କର୍ଣ୍ଣଦେବ ସମାଦାର, ବିଡିଓ, ତହସିଲଦାର ଓ ପୋଲିସ ଅଧିକାରୀମାନେ।

ଭାପୁର, ୧୮।୯( ପ୍ରଭାତ ବରାଡ)

### ଖେଳପଡ଼ିଆକୁ ନେଇ ତଳମାରଡ଼ା-ପଦ୍ମାବତୀ ଗାଁ ମଧ୍ୟରେ ବିବାଦ ଘଟଣା

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ପଦ୍ମାବତୀ ପଞ୍ଚାୟତ ଅନ୍ତର୍ଗତ ପଦ୍ମାବତୀ ଓ ତଳମାରଡା ଗ୍ରାମ ମଧ୍ୟରେ ସୀମା ନିର୍ଦ୍ଧାରଣ ନେଇ ହାଇସ୍କୁଲ ଖେଳପଡିଆକୁ ନେଇ ଦୀର୍ଘବର୍ଷ ଧରି ବିବାଦ ଲାଗି ରହିଥିଲା। ଏ ନେଇ ଗୁରୁବାର ଜିଲ୍ଲା ପ୍ରଶାସନ ପକ୍ଷରୁ ସମାଧାନ ପାଇଁ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲେ ମଧ୍ୟ ଉଦ୍ୟମ ବିଫଳ ହୋଇଥିବା ଜଣାପଡୁଛି। ଶେଷରେ ଜିଲା ପ୍ରଶାସନ ପକ୍ଷରୁ ସମାଧାନ ନ ହେଲା ପର୍ଯ୍ୟନ୍ତ ୧୬୩ ଧାରା ଲାଗୁ ରହିବ ବୋଲି ସୂଚନା ଦିଆଯାଇଥିଲା।

ଭାପୁର ବ୍ଲକ ସଦ୍ଭାବନା ଗୃହରେ ଉପଜିଲାପାଳ କର୍ଣ୍ଣଦେବ ସମାଦାରଙ୍କ ତତ୍ତ୍ୱାବଧାନରେ ଉକ୍ତ ବୈଠକରେ ଭାପୁର ବିଡିଓ ଶାରଦା ପ୍ରସନ୍ନ ପଣ୍ଡା, ତହସିଲଦାର ଅର୍ଜୁନ କୁମାର ପ୍ରଧାନ, ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ, ଫତେଗଡ଼ ଥାନା ଆଇଆଇସି ପଞ୍ଚାନନ ପରିଡ଼ା ସମେତ ପଦ୍ମାବତୀ ଓ ତଳମାରଡ଼ା ଗ୍ରାମର ବୃଦ୍ଧିଜୀବୀମାନଙ୍କୁ ନେଇ ଆଲୋଚନା ହୋଇଥିଲା। ଦୁଇ ଗାଁ ମଧ୍ୟରେ ବିବାଦ ଯୋଗୁ ପଦ୍ମାବତୀ ଗ୍ରାମର କେତେଜଣ ଯୁବକ ତଳମାରଡା ଗ୍ରାମର ଛାତ୍ରୀଛାତ୍ରମାନଙ୍କୁ ପଦ୍ମାବତୀ ଗ୍ରାମକୁ ଘରୋଇ ଟିଉସନକୁ ଆସିବାକୁ ବାରଣ କରିବା, ପଦ୍ମାବତୀ ଗ୍ରାମକୁ ଆସି ଦୋକାନରୁ କୌଣସି ସାମଗ୍ରୀ ନ କିଣିବାକୁ ବାରଣ କରିଥିଲେ। ଏହାକୁ ପ୍ରଶାସନ ଓ ବୃଦ୍ଧିଜୀବୀ ନାପସନ୍ଦ କରିଥିଲେ। ତଳମାରଡା ଗ୍ରାମବାସୀଙ୍କ ଦାବି ରହିଥିଲା ଯେ, ସୀମା ନିର୍ଦ୍ଧାରଣ କରିବା, ସେମାନଙ୍କ ଗ୍ରାମ ନାମ ପଞ୍ଚାୟତ କାର୍ଯ୍ୟାଳୟ, ହାଇସ୍କୁଲ ତାଙ୍କ ଗାଁ ନାମକୁ ଯୋଡିବା। ତହସିଲ ପକ୍ଷରୁ ସୂଚନା ଦେଇଥିଲେ ହାଇସ୍କୁଲ, ମେଡିକାଲର, ଖେଳପଡିଆ ତଳମାରଡା ମୌଜାର ବୋଲି। ଉଭୟ ଗ୍ରାମର ନାଁ ରଖିବାକୁ ହେଲେ ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ରହିବ। ସେଥିପାଇଁ ବିଳମ୍ବ ହୋଇପାରେ ବୋଲି ଆଲୋଚନା ହୋଇଥିଲା। ଏହି ପଡ଼ିଆରେ ସରକାରୀ କାର୍ଯ୍ୟକ୍ରମ ହେବ। ହେଲେ କୌଣସି ବ୍ୟକ୍ତିଗତ କାର୍ଯ୍ୟକ୍ରମ ନ ହେବା ପାଇଁ ଆଲୋଚନା ହୋଇଥିଲା। ପଦ୍ମାବତୀ ଗ୍ରାମବାସୀ ଏହି ପଡ଼ିଆରେ ଦଶହରା ପୂଜା ଭସାଣି ନ କରିବାକୁ ଦାବି କରିଥିଲେ। ଫଳରେ ଉଭୟପକ୍ଷ ପକ୍ଷରୁ କେହି ରାଜି ନ ହେବାରୁ ସମାଧାନ ହୋଇ ପାରି ନ ଥିଲା।

## ସୁସ୍ଥ ନାରୀ, ସଶକ୍ତ ପରିବାର କାର୍ଯ୍ୟକ୍ରମ

ଓଡ଼ଗାଁ, ୧୮।୯
(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀ ଡ. ନିଲାଞ୍ଜନ ଦାସଙ୍କ ନେତୃତ୍ୱରେ ସୁସ୍ଥ ନାରୀ, ସଶକ୍ତ ପରିବାର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ମହିଳାମାନଙ୍କ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ଏ ଅଭିଯାନ ପାଇଁ ନାମ ପଞ୍ଜୀକୃତ ପ୍ରକ୍ରିୟା ବୁଧବାରଠାରୁ ଆରମ୍ଭ ହୋଇଛି। ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ସ୍ୱତନ୍ତ୍ର ପଞ୍ଜୀକରଣ କୋଠରିର ଉଦ୍‌ଘାଟନ କରିଛନ୍ତି। ଏଥିରେ ଡା. ପ୍ରଣତୀ ଶର୍ମାଙ୍କ ସହିତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା କାର୍ଯ୍ୟକ୍ରମଟି ଆସନ୍ତା ୨୨ ତାରିଖରେ ଶେଷ ହେବ। ଏହି ଉପଲକ୍ଷେ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୨ ତାରିଖରେ ଆୟୋଜିତ ହେବାକୁ ଥିବା ମେଗା ହେଲ୍‌ଥ କ୍ୟାମ୍ପରେ ଏକ ଘରୋଇ ହସ୍ପିଟାଲ ଭୁବନେଶ୍ୱରରୁ ଶଲ୍ୟ ବିଭାଗ ଡା. ସୋନାଲୀ ମହାନ୍ତି, ଗ୍ୟାଷ୍ଟ୍ରୋ ସାଇନ୍ସ ଏବଂ ହେପାଟୋଲୋଜି ବିଭାଗର ବରିଷ୍ଠ ଡା. ଦେବକାନ୍ତ ମିଶ୍ରଙ୍କ ଉପସ୍ଥିତିରେ ମହିଳାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ହେବ। ଓଡ଼ଗାଁ ଅଞ୍ଚଳର ମହିଳାମାନେ ବର୍ତ୍ତମାନଠାରୁ ସେମାନଙ୍କ ନାମ ପଞ୍ଜୀକୃତ କରି ୨୨ ତାରିଖରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିନେବା ପାଇଁ କୁହାଯାଇଛି।

## ବ୍ଲକସ୍ତରୀୟ ଉଲ୍ଲାସ ତାଲିମ ଶିବିର


ଶିବିର ଉପସ୍ଥିତ ଅତିଥିମାନେ।

ଭାପୁର,୧୮।୯ (ପ୍ରଭାତ ବରାଡ)

ଭାପୁର ବ୍ଲକସ୍ତରୀୟ ଉଲ୍ଲାସ ତାଲିମ ଶିବିର ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାପୁର ଗୋଷ୍ଠୀ ଶିକ୍ଷାଧିକାରିଣୀ ମୋନାଲିସା ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉଲ୍ଲାସ ତାଲିମ ଶିବିରରେ ୧୦୪ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟ ସାଧନ ନିମନ୍ତେ ଅଣସାକ୍ଷର ବ୍ୟକ୍ତିଙ୍କୁ ସାକ୍ଷର କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏହି ଉଲ୍ଲାସ ଯୋଜନା କରିଛନ୍ତି। ଶିକ୍ଷାଧିକାରିଣୀ ରଥ ଉଲ୍ଲାସ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ୧୫ ବର୍ଷରୁ ଉର୍ଦ୍ଧ୍ୱ କ'ଣ ସାକ୍ଷର ତଥା ନିରକ୍ଷରଙ୍କୁ ସାକ୍ଷର କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଶିକ୍ଷୟିତ୍ରୀଶିକ୍ଷକମାନେ ପିଲାଙ୍କ ଘରକୁ ଯାଇ ସାକ୍ଷର ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ଉଲ୍ଲାସ ପୋର୍ଟାଲରେ ପଞ୍ଜୀକରଣ କରିବେ। ପ୍ରତି ୧୦ ଜଣ ଅଣ ସାକ୍ଷରଙ୍କୁ ପାଠ ପଢ଼ାଇବାକୁ ଜଣେ ଶିକ୍ଷକ କିମ୍ବା ସ୍ୱେଚ୍ଛାସେବୀ ରହିବେ। ଏହି ଉଲ୍ଲାସ ତାଲିମ ଶିବିରରେ ୧୦ଜଣ ସାଧନ କର୍ମୀ ଉପସ୍ଥିତ ରହିଥିଲେ। ଉଲ୍ଲାସ କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର କର ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଭ୍ରମଣ


ନୟାଗଡ଼ରୁ ତୀର୍ଥଯାତ୍ରୀଙ୍କୁ ବ୍ରହ୍ମପୁର ନେଇ ଯାଉଥିବା ବସର ଶୁଭାରମ୍ଭ ଅବସରରେ ଉପସ୍ଥିତ ପୁରୀ ଏମ୍ପି ସମ୍ବିତ ପାତ୍ର, କନ୍ଧମାଳ ଏମ୍ପି ସୁକାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ।

ନୟାଗଡ,୧୮।୯ (ଲୋକନାଥ ମିଶ୍ର)

ସରକାରଙ୍କ ତୀର୍ଥଯାତ୍ରା ଭ୍ରମଣ ଯୋଜନାରେ ନୟାଗଡ଼ ଜିଲାର ୧୧୯ଜଣ ବରିଷ୍ଠ ନାଗରିକ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ପ୍ରଥମ ପର୍ଯ୍ୟାୟରେ ଗୁରୁବାର ବାହାରିଛନ୍ତି। ଏହି ଅବସରରେ ପୁରୀ ଏମ୍ପି ସମ୍ବିତ ପାତ୍ର, କନ୍ଧମାଳ ଏମ୍ପି ସୁକାନ୍ତ କୁମାର ପାଣିଗ୍ରାହୀ, ପୂର୍ବତନ କନ୍ଧମାଳ ଏମ୍ପି ପ୍ରତ୍ୟୁଶା ରାଜେଶ୍ୱରୀ ସିଂ, ଜିଲାପାଳ, ନୟାଗଡ଼ ଅକ୍ଷୟ ସୁନୀଲ ଅଗ୍ରୱାଲ, ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ପ୍ରମୁଖ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ପୂର୍ବାହ୍ନରେ ସମସ୍ତ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତ ଯାତ୍ରୀ ୪ଜଣ ଏସ୍‌କର୍ଟ ଅଧିକାରୀଙ୍କ ସହିତ ୩ଟି ବସ୍ ଯୋଗେ ବ୍ରହ୍ମପୁର ଯାତ୍ରା କରିଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଟ୍ରେନ୍ ଯୋଗେ ଅଯୋଧ୍ୟା ଓ ବାରାଣାସୀ ଅଭିମୁଖେ ଯାତ୍ରା କରିବେ। ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କ ପାଇଁ ସେମାନଙ୍କ ସମସ୍ତ ଖର୍ଚ୍ଚ ସହ ଯାତ୍ରା ସମୟରେ ତୀର୍ଥସ୍ଥାନରେ ରହିବା, ଯିବାଆସିବା ଓ ଚିକିତ୍ସା ସୁବିଧା ଏବଂ ଖାଦ୍ୟପେୟ ଇତ୍ୟାଦିର ସମସ୍ତ ସୁବନ୍ଦୋବସ୍ତ ସରକାରଙ୍କ ଦ୍ୱାରା କରାଯାଇଛି। ଚଳିତ ମାସ ୨୪ ତାରିଖରେ ତୀର୍ଥ ଭ୍ରମଣ ସାରି ସମସ୍ତ ତୀର୍ଥଯାତ୍ରୀ ଫେରିବାର କାର୍ଯ୍ୟକ୍ରମ ରହିଛି।

## ୨ୟ ଶ୍ରେଣୀ ଛାତ୍ରୀଙ୍କୁ ମାଡ଼ ଘଟଣା: ପ୍ରଧାନଶିକ୍ଷକ ନିଲମ୍ବିତ

ନୟାଗଡ଼,୧୮।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଗୋଡିବିଡା ପ୍ରାଥମିକ ବିଦ୍ୟାଳୟର ୨ୟ ଶ୍ରେଣୀ ଛାତ୍ରୀଙ୍କୁ ମାଡମରା ଘଟଣାରେ ସ୍କୁଲର ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ଦାଶ ବୁଧବାର ନିଲମ୍ବିତ ହୋଇଛନ୍ତି। ଦଶପଲ୍ଲା ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲ ନିଲମ୍ବନ କରିଛନ୍ତି। ବିଦ୍ୟାଳୟର ୨ ଛାତ୍ରୀଙ୍କ ମଧ୍ୟରେ ଚପଲ ଫୋପଡା ଫିଙ୍ଗାକୁ ନେଇ ମଙ୍ଗଳବାର ପିଟାପିଟି ହୋଇଥିଲେ। ଏହି ଘଟଣାରେ ପ୍ରଧାନଶିକ୍ଷକ ଉତ୍ତେଜିତ ହୋଇ ଛାତ୍ରୀଙ୍କୁ ମାର୍‌ପିଟ୍ କରିଥିଲେ। ତେବେ ମାଡ ଖାଇଥିବା ୨ୟ ଶ୍ରେଣୀ ଛାତ୍ରୀ ପ୍ରିୟଦର୍ଶିନୀଙ୍କର ସିକିଲସେଲ ରୋଗ ଥିବାରୁ ସେ ଗୁରୁତର ହୋଇପଡିଥିଲେ। ସମ୍ପୃକ୍ତ ପ୍ରସଙ୍ଗକୁ ନେଇ ପରିବାର ଲୋକ ଦଶପଲ୍ଲା ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷେ ନିଲମ୍ବିତ ପ୍ରଧାନଶିକ୍ଷକ ହରିହରନଗର ସରକାରୀ ୟୁପି ସ୍କୁଲରେ ଡ୍ୟୁଟି କରିବାକୁ କୁହାଯାଇଛି।

## ହୃଦ୍‌ରୋଗରେ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ସ୍ୱେଚ୍ଛାସେବୀଙ୍କ ରକ୍ତଦାନ

ଖଣ୍ଡପଡ଼ା, ୧୮।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ୬ନଂ. ୱାର୍ଡରେ ଶାନ୍ତିଲତା ସିଂହ(୬୫) ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଏବେ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି। ଡାକ୍ତରଙ୍କ ପରାମର୍ଶକ୍ରମେ ହୃଦ୍‌ରୋଗୀ ଶାନ୍ତିଲତାଙ୍କ ଅସ୍ତ୍ରୋପଚାର ହେବ। ଏଥି ନିମନ୍ତେ ଅଧିକ ରକ୍ତର ଆବଶ୍ୟକତା ଥିବା ନେଇ ଜଣାପଡିବା ପରେ ପରିବାରବର୍ଗ ଚିନ୍ତାରେ ପଡି ଯାଇଥିଲେ। ତେବେ ଖଣ୍ଡପଡ଼ା ଯୁବକ ସଂଘର ସଦସ୍ୟମାନେ ଏହି ଗରିବ ଶ୍ରେଣୀର ମହିଳାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ଯୁବକ ସଂଘର ବରିଷ୍ଠ ସଦସ୍ୟ ମହେନ୍ଦ୍ର କୁମାର ବାରିକଙ୍କ ପ୍ରେରଣାକ୍ରମେ ୬ ଜଣ ସଦସ୍ୟ ଏମ୍ସ ହସ୍ପିଟାଲରେ ଗୁରୁବାର ପହଞ୍ଚି ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ଜଣାଯାଇଛି। ଖଣ୍ଡପଡ଼ା ଯୁବକ ସଂଘର ସଦସ୍ୟଙ୍କ ଏଭଳି ଉଦ୍ୟମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ହୃଦ୍‌ରୋଗରେ ଆକ୍ରାନ୍ତ ମହିଳାଙ୍କ ପ୍ରତି ପ୍ରଶାସନ ସଦୟ ହେବାକୁ ପରିବାରବର୍ଗ ନିବେଦନ କରିଛନ୍ତି।

## ଗଛ ବଞ୍ଚିଲେ ଆମେ ବଞ୍ଚିବା

### ଏକ୍ ପେଡ୍ ମା' କେ ନାମ୍, ସଚେତନତା କାର୍ଯ୍ୟକ୍ରମ

ଖଣ୍ଡପଡା,୧୮।୯(ଅଜୟ କୁମାର ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନରେ ସାରା ଦେଶରେ ତଥା ରାଜ୍ୟରେ ମା' ଙ୍କ ନାମରେ ଗୋଟିଏ ଚାରାରୋପଣ ସ୍ଲୋଗାନକୁ କାର୍ଯ୍ୟକାରୀ କରାଯାଉଛି। ଏହାର ସଫଳ ରୂପାୟନ ପାଇଁ ସମାଜର ପ୍ରତ୍ୟେକ ସ୍ତରରୁ ସଫଳ ଉଦ୍ୟମ ହେବା ଜରୁରୀ। ପୃଥିବୀରେ ମନୁଷ୍ୟ ସମାଜ ସହିତ ସମସ୍ତ ଜୀବଜନ୍ତୁ ଓ କୀଟପତଙ୍ଗ ବସବାସ କରିବାର ସମାନ ଅଧିକାର ରହିଛି। ତେବେ ମନୁଷ୍ୟ ସମାଜ ଈଶ୍ୱରଙ୍କ ସୃଷ୍ଟିରେ ନିଜକୁ ଶ୍ରେଷ୍ଠ ଜୀବ ବୋଲି ଭାବୁଛି। ସମସ୍ତେ ବଞ୍ଚିବା ଆଉ ସମସ୍ତେ ବଢ଼ିବା ଏହି ନ୍ୟାୟରେ ଜଗତର ହିତ ପାଇଁ ବିଭିନ୍ନ ସଭା ସମିତିରେ ନିଜେ କିଛି ନ କରି କଥାରେ କିମ୍ବା ଭାଷଣରେ ପରିବେଶ ସୁରକ୍ଷା ପାଇଁ ଅନ୍ୟମାନଙ୍କୁ ପରାମର୍ଶ ଦିଆଯାଉଛି। ଏହା ଅପେକ୍ଷା କିଛି କରି ଦେଖାଇବା ଆଜିର ଆହ୍ୱାନ ବୋଲି କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ବୁଧବାର ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମରେ ପରିବେଶବିତ୍ ତଥା ଗଛସାର ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ ଯୋଗଦେଇ


ଗଛସାର ଅନ୍ତର୍ଯ୍ୟାମୀ ସାହୁ ଚାରାରୋପଣ କରୁଛନ୍ତି।

ଉପସ୍ଥିତ ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ପରିବେଶ ସୁରକ୍ଷା ସମ୍ପର୍କିତ ବହୁ ଫଟୋଚିତ୍ର ପ୍ରଦର୍ଶିତ କରି ଏହାର ଯଥାର୍ଥତା ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଯୋଗା ଯାଇଥିବା ବିଭିନ୍ନ କିସମର ଚାରାରୋପଣ ସହ ସେଗୁଡିକର ଉପଯୁକ୍ତ ସୁରକ୍ଷା ପ୍ରତି ସମସ୍ତେ ଯତ୍ନବାନ ହେବାକୁ ସାହୁ ପରାମର୍ଶ ଦେଇଥିଲେ। ଏହାଛଡ଼ା ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଆତ୍ମୀୟ ସ୍ୱଜନଙ୍କ ନାମରେ ଏକାଧିକ ଚାରା ରୋପଣ ପାଇଁ ପରାମର୍ଶ ଦେଇଥିଲେ। ବିଶେଷ କରି ଗଛ ବଞ୍ଚିଲେ ଆମେ ବଞ୍ଚିବା ପରାମର୍ଶ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷା ନନ୍ଦିତା ବାରିକ, ଅଧ୍ୟାପିକା ଜୟଶ୍ରୀ ସାହୁ, ଲିପିକା ସାହୁ, ରୀମା ପ୍ରଧାନ, ନମିତା ସାହୁ, ଅଧ୍ୟାପକ ସୁଜଳ କୁମାର ମହାରଣା, ଓମ୍ ପ୍ରକାଶ ସାହୁ, ମାନଗୋବିନ୍ଦ ରାଉତ, ହୃଷୀକେଶ ମିଶ୍ର, ପ୍ରଶାନ୍ତ କୁମାର ସ୍ୱାଇଁ, ଡ. ନିରୋଦ କୁମାର ମନ୍ତ୍ରୀ, ସୁମନ୍ତ କୁମାର ଜେନାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଚାରାରୋପଣ ଉପରେ ଗୁରୁତ୍ୱ ଦେଇଥିଲେ।

## ମାଙ୍କଡ଼କୁ ଖାଇବାକୁ ଦେଇ ହଟହଟା ହେଲେ ବାଟୋଇ

### ବନ ବିଭାଗ କାର୍ଯ୍ୟକୁ ପ୍ରଶଂସା କଲେ ବୁଦ୍ଧିଜୀବୀ

ନୂଆଗାଁ, ୧୮।୯ (ଧନେଶ୍ୱର ସାହୁ)

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଅଧୀନ ରାସ୍ତାରେ ବୁଲୁଥିବା ମାଙ୍କଡମାନଙ୍କୁ ଗୁରୁବାର ବାଇକ୍‌ରେ ଯାଉଥିବା ବାଟୋଇ ଖାଇବାକୁ ଦେବା ସମୟରେ ବନ କର୍ମଚାରୀଙ୍କ ହାବୁଡରେ ପଡି ହଟହଟା ହୋଇଛନ୍ତି।

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ମାଇଛେଳିଠାରୁ ପଞ୍ଚୁପାଣ୍ଡବ ପର୍ଯ୍ୟନ୍ତ ଅନେକ ମାଙ୍କଡ ରାସ୍ତାରେ ବସି ରହୁଛନ୍ତି। ରାସ୍ତାରେ ଯାଉଥିବା ବାଟୋଇମାନେ ମାଙ୍କଡମାନଙ୍କୁ ପ୍ରତିଦିନ ଖାଇବାକୁ ଦେଉଥିବାରୁ ସେମାନେ ଜଙ୍ଗଲ ଛାଡି ଖାଦ୍ୟ ଉଦ୍ଦେଶ୍ୟରେ ରାସ୍ତାରେ ବସି ରହୁଛନ୍ତି। ଅନେକ ସମୟରେ ଖାଦ୍ୟ


ଦମ୍ପତିଙ୍କୁ ବନ କର୍ମଚାରୀ ତାଗିଦା କରୁଛନ୍ତି।

ଆଶାରେ ବସିଥିବା ମାଙ୍କଡଙ୍କୁ ଗାଡି ମାଡି ଯାଉଛି। ସେହିପରି ଖାଦ୍ୟ ଆଶାରେ ମାଙ୍କଡ ରାସ୍ତାରେ ଦୌଡିବା ଫଳରେ ଅନେକ ବାଟୋଇ ମଧ୍ୟ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। କଲେଜ ଛାତ୍ରୀଛାତ୍ର କିମ୍ବା କୌଣସି ଲୋକ ସାଇକେଲରେ ଗଲେ ମାଙ୍କଡ ସେମାନଙ୍କୁ ଆକ୍ରମଣ କରିବା ପାଇଁ ଦୌଡୁଛନ୍ତି। ଏପରି ସମସ୍ୟା ବିଷୟରେ ବାରମ୍ବାର ଅଭିଯୋଗ ହେବା ପରେ ମହିପୁର ବନ ବିଭାଗ ପକ୍ଷରୁ ମାଙ୍କଡମାନଙ୍କୁ ଖାଇବାକୁ ଦେବା ଦଣ୍ଡନୀୟ ଅପରାଧ ବୋଲି ଲେଖି ସୂଚନା ଫଳକ ଲଗାଯାଇଛି। କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ। ଲୋକମାନେ ସେହି ସୂଚନା ଫଳକ ନିକଟରେ ହିଁ ଖାଇବାକୁ ଦେଲେ। ଦିନକୁ ଦିନ ରାସ୍ତାରେ ମାଙ୍କଡମାନଙ୍କ ଦୌରାତ୍ମ୍ୟରେ ବାଟୋଇମାନେ ଅତିଷ୍ଠ ହେଉଥିବା ମହିପୁର ରେଞ୍ଜରଙ୍କ ନିକଟରେ ଅଭିଯୋଗ ହୋଇ ଆସୁଥିଲା। ତେଣୁ ରାସ୍ତାରେ ମାଙ୍କଡମାନଙ୍କୁ ଖାଇବାକୁ ଦେଉଥିବା ବାଟୋଇମାନଙ୍କୁ ବାରଣ କରିବା ଉଦ୍ଦେଶ୍ୟରେ ମହିପୁର ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ଅମ୍ରିତ କୁମାର ସାହୁ ବନ କର୍ମଚାରୀଙ୍କୁ ରାସ୍ତାରେ ପହରା ଦେବା ପାଇଁ ନିୟୋଜିତ କରିଛନ୍ତି। ଗୁରୁବାର ବାଇକ୍‌ରେ ଯାଉଥିବା ଦମ୍ପତି ନିଜ ଛୁଆକୁ ଖୁସି କରାଇବା ପାଇଁ ରାସ୍ତାରେ ଠିଆ ହୋଇ ମାଙ୍କଡମାନଙ୍କୁ ଖାଇବାକୁ ଦେଉଥିବା ବନ କର୍ମଚାରୀଙ୍କ ନଜରକୁ ଆସିବାରେ ସେ ଯାଇ ବାରଣ କରିଥିଲେ ଏବଂ କିଛି ସମୟ ଧରି ପଚରାଉଚରା କରିବାର ଭିଡିଓ ମଧ୍ୟ ଉତ୍ତୋଳନ କରିଥିଲେ। ତେବେ ବାଟୋଇ ଦମ୍ପତି କିଛି ସମୟ ହଟହଟା ହେବା ପରେ ନିଜର ଭୁଲ ସ୍ୱୀକାର କରି ଛୁଆର ଖୁସି ପାଇଁ ମାଙ୍କଡଙ୍କୁ ଖାଇବାକୁ ଦେଉଥିଲେ,ଆଉ କେବେ ମାଙ୍କଡମାନଙ୍କୁ ଖାଇବାକୁ ନ ଦେବାର ପ୍ରତିଶ୍ରୁତି ଦେଇ ଯାଇଥିଲେ।

## ସଂକ୍ଷେପରେ

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

ବିଞ୍ଝାରପୁର,୧୮।୯(ରାମକୃଷ୍ଣ ଦାସ): ବିଞ୍ଝାରପୁର ପୋଲିସ ଗୁରୁବାର ମଇଁନ୍ଦା ଅଞ୍ଚଳରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହକୁ ଜବତ କରିଛି। ମୃତକ ଅଳକୁଣ୍ଡ ଥାନା ଅନ୍ତର୍ଗତ ପଇରଖ ଗ୍ରାମର କୃଷ୍ଣ ସେଠୀ (୬୫) ବୋଲି ଜଣାପଡ଼ିଛି। ବିଞ୍ଝାପୁର ଥାନା ମଇଁନ୍ଦା ନିକଟ ବିଲକୁ ଗୁରୁବାର ସକାଳେ କେତେଜଣ ମହିଳା ଘାସ କାଟିବାକୁ ଯାଇଥିବାବେଳେ ବିଲ ମଝିରେ ଥିବା ପ୍ରହରାଜ ଘେରାରେ ଜଣେ ବ୍ୟକ୍ତିଙ୍କ କ୍ଷତବିକ୍ଷତ ମୃତଦେହ ଝୁଲୁଥିବା ଦେଖିଥିଲେ। ମୃତଦେହରୁ ଦୁର୍ଗନ୍ଧ ବାହାରୁ ଥିଲା। ଏହି ଘଟଣା ପ୍ରଘଟ ହେବାପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏହି ଘଟଣାଟି ପାଖାପାଖି ୪/୫ ଦିନ ତଳର ବୋଲି ପୋଲିସ ସନ୍ଦେହ କରୁଛି। ଅନ୍ୟପକ୍ଷରେ କୃଷ୍ଣ ଗତ ୧୩ ତାରିଖ ସକାଳୁ ନିଖୋଜ ଥିବା ତାଙ୍କ ପରିବାର ଲୋକେ ଅଳକୁଣ୍ଡ ଥାନାରେ ଅଭିଯୋଗ କରିଥିଲେ। ଏନେଇ ବିଞ୍ଝାରପୁର ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୨୬/୨୫ ରୁଜୁ ହୋଇଛି।

### ରାଜପଥ କଡ଼ରୁ ବାଇକ୍ ଚୋରି

ଚଣ୍ଡିଖୋଲ,୧୮।୯(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ଥାନା ଖଇରା ଗ୍ରାମର ବସନ୍ତ ସାମଲଙ୍କ ବାଇକ୍ ରାଜପଥ କଡ଼ରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ବସନ୍ତ ବାଇକ୍ ନେଇ ବୁଧବାର ସକାଳେ ୧୬ ନମ୍ବର ଜାତୀୟ ରାଜପଥର ବଡ଼ଚଣା ଛକ ଡଲଫିନ ପେଟ୍ରୋଲ ଟାଙ୍କି ନିକଟକୁ ଯାଇଥିଲେ। ସେଠାରେ ବାଇକ ରଖି ଫୁଲ ତୋଳିବାକୁ ଯାଇଥିଲେ। ଫୁଲ ତୋଳି ମାତ୍ର ୧୦ ମିନିଟ ପରେ ବସନ୍ତ ଫେରିବାବେଳକୁ ବାଇକ ଆଉ ସେଠାରେ ନ ଥିଲା। ସେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ମିଳିଲା

ବରୀ,୧୮।୯(ମହେନ୍ଦ୍ର ସ୍ୱାଇଁ): ବରୀ-ରାମଚନ୍ଦ୍ରପୁର ଥାନା ମଦାରୀ ପଞ୍ଚାୟତ ମେଢୁଆକୂଳ ଗ୍ରାମର ନିଖୋଜ ବୃଦ୍ଧ ଭିକାରି ଚରଣ ସାହୁ(୬୨)ଙ୍କ ମୃତଦେହ ମିଳିଛି। ୬ ଦିନ ତଳେ ଚାଷ କାର୍ଯ୍ୟ କରିବାକୁ ଯାଇ ଭିକାରି ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ ବି କୌଣସି ସୂଚନା ପାଇ ନ ଥିଲେ। ଗୁରୁବାର ସନ୍ଧ୍ୟାରେ ଗ୍ରାମର କେତେଜଣ ଲୋକ ତଳି ପକାଇବାକୁ ବିଲକୁ ଯାଇଥିବାବେଳେ ନିକଟସ୍ଥ ନାଳ ନିକଟରେ ଏକ ଗଳିତ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବୃଦ୍ଧଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ଥାନାରେ ନଂ.୧୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବାଜବାଟି ଖାଦାନ ପାଲଟିଛି ପୋଖରୀ

- ଚୁକ୍ତିଠାରୁ ବହୁ ଅଧିକ ଗଭୀର ଖନନ
- ଏନଜିଟିରେ ମାମଲା ପରେ ଲିଜଧାରୀଙ୍କୁ ଜବାବ ଦାଖଲ ନୋଟିସ

ଯାଜପୁର,୧୮।୯(ହର୍ଷବର୍ଦ୍ଧନ ବେହେରା): ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଗତ ପ୍ରାୟ ୩ ଦଶନ୍ଧି ହେବ ମୂଲ୍ୟବାନ କଳାପଥର ଲୁଟ୍ ଅଭିଯୋଗ ହୋଇଆସୁଛି। ବର୍ତ୍ତମାନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି), ଷ୍ଟେଟ ଏନଭାରମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି(ସିଆ), ଡାଇରେକ୍ଟର ଜେନେରାଲ ଅଫ ମାଇନ୍ସ ସେଫ୍ଟି(ଡିଜିଏମ୍‌ଏସ୍) ପ୍ରଭୃତି ବିଭାଗର ଆଇନ ଓ ଗାଇଡଲାଇନକୁ ବି କଳାପଥର ବ୍ୟବସାୟୀମାନେ ମାନୁନାହାନ୍ତି। ଏହାକୁ ବିଭାଗୀୟ ସଂପୃକ୍ତ ଅଧିକାରୀମାନେ ହାଲୁକା ଭାବେ ଗ୍ରହଣ କରି ନେଉଥିବାରୁ ଆଇନ ଅନୁସାରେ ଖାଦାନରେ ୬ ମିଟର ସ୍ଥଳେ ୯ ମିଟର ଗଭୀର ପର୍ଯ୍ୟନ୍ତ ଖୋଳି କଳାପଥର ଲୁଟ ହେଉଛି। ଫଳରେ କେତେକ କଳାପଥର ପାହାଡ଼ ଏବେ ପୋଖରୀର ରୂପ ନେଇଛି। ଏଭଳି ଏକ ଘଟଣାକୁ ନେଇ ଅରୁଣ କୁମାର ଜେନା ଓ ଅନ୍ୟମାନେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ରେ ୧୧/୨୦୨୫/ଇଜେଡରେ ଏକ ମାମଲା ରୁଜୁ କରିବା ପରେ ଭୁବନେଶ୍ୱର ଟିକେଏସ୍ କନ୍‌ସଲଟାନ୍ସି ସଂସ୍ଥା ଦ୍ୱାରା ବାଜବାଟି ପାହାଡର ଖାଦାନ ନମ୍ବର ୩ ଓ ୫ ରେ ମାପଚୁପ ହୋଇଛି। ଉକ୍ତ ମାପଚୁପରେ ଅସୁରକ୍ଷିତ ଖାଦାନ ବୋଲି ସଂସ୍ଥା ପକ୍ଷରୁ ଦର୍ଶାଯିବାପରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ(ଡିଡିଏମ୍) ଜୟପ୍ରକାଶ ନାୟକ ୬।୯।୨୦୨୫ରେ ସିଆ ସଦସ୍ୟ



ବାଜବାଟି ଖାଦାନରୁ ପଥର ଲୁଟ୍ ହୋଇଛି।

ସଚିବଙ୍କ ନିକଟରେ ସତ୍ୟପାଠ ଦାଖଲ କରିଛନ୍ତି। ଏହାବାଦ ସଂପୃକ୍ତ ଲିଜଧାରୀ ଅଗ୍ରୱାଲ ଇନଫ୍ରାବ୍ୟୁଲ୍ଡ ପ୍ରାଇଭେଟ ଲିଃକୁ ବିଭାଗ ପକ୍ଷରୁ ଜବାବ ଦାଖଲ ହୋଇଛି। ତେବେ ସିଆ ପକ୍ଷରୁ ଜବାବ ଦାଖଲ ହୋଇ ନ ଥିବାରୁ ମାମଲାର ଶୁଣାଣି ଘୁଞ୍ଚି ଘୁଞ୍ଚି ଯାଉଥିବା ଅଭିଯୋଗକାରୀ ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁସାରେ, ବାଜବାଟି ପାହାଡ଼ର ଉପରୋକ୍ତ ଖାଦାନ ଲିଜ ପାଇଁ ମିଥ୍ୟା ସୂଚନା ଓ କାଗଜପତ୍ର ଦାଖଲ କରି ପରିବେଶ ମଞ୍ଜୁରୀ ବା ଏନଭାରମେଣ୍ଟ କ୍ଲିୟରାନ୍ସ(ଇସି) ହାସଲ କରାଯାଇଛି। ଏହାସହ ଆଇନ ଓ ଚୁକ୍ତିକୁ ଉଲ୍ଲଂଘନ କରି ଏହି ଖାଦାନରୁ ଅସୁରକ୍ଷିତ ଭାବେ କଳାପଥର ଉତ୍ତୋଳନ ହେଉଛି। ୨୩।୧।୨୦୨୫ରେ ଏହି ମାମଲାର ଶୁଣାଣି କରି ଏନଜିଟି ପକ୍ଷରୁ ଜଷ୍ଟିସ ବି.ଅମିତ ସ୍ଥାଲେକର ଏବଂ ଏକ୍ସପର୍ଟ ମେମ୍ବର ଅରୁଣ କୁମାର ବର୍ମା ୪ ସପ୍ତାହ ମଧ୍ୟରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଏସପିସିବି, ସିଆ, ଡିଜିଏମ୍‌ଏସ୍, ସିପିସିବି, ଡେପୁଟି ଡାଇରେକ୍ଟର ଜେନେରାଲ ଅଫ ଫରେଷ୍ଟ ପ୍ରମୁଖଙ୍କୁ ଜବାବଦାଖଲ ନୋଟିସ ହୋଇଥିଲା। ଖାଦାନରେ ଅତ୍ୟଧିକ ଗଭୀର କରାଯାଇ ଅସୁରକ୍ଷିତ ଭାବେ ବିସ୍ଫୋରଣ କରାଯାଉଛି। ୧୬।୩।୨୦୨୩ରେ ଧର୍ମଶାଳା ତହସିଲଦାର ବେଆଇନ ଉତ୍ତୋଳନ ପାଇଁ ଏହି ଖାଦାନର ଲିଜଧାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହାସହ ୨୦୦ ମିଟର ଦୂରତା ମଧ୍ୟରେ ବାଜବାଟି ଗ୍ରାମ, ଅଙ୍ଗନୱାଡି କେନ୍ଦ୍ର, ବାବା ଗୌଡ଼ବୁଧ ମନ୍ଦିର, ନାକପୋଲ-ମାଣ୍ଡିଆ ରାସ୍ତା ଏବଂ ୫୦୦ ମିଟର ଦୂରତା ମଧ୍ୟରେ ଗ୍ରାମ୍ୟ ପୋଖରୀ, ଖୁଣ୍ଟା ପୋଖରୀ, ବାଜବାଟି ପ୍ରାଇମେରୀ ସ୍କୁଲ, କାହ୍ନୁପୁର ଅଙ୍ଗନୱାଡି କେନ୍ଦ୍ର, ହନୁମାନ ମନ୍ଦିର ସମେତ ନୂଆଖୁଣ୍ଟା, ଖାରସୋହଲ, କଣ୍ଟାମାଳିଆ ପ୍ରାଇମେରି ସ୍କୁଲ ରହିଛି। ମାଇନିଂ ପ୍ଲାନ ଅନୁସାରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଏଥିପାଇଁ ପ୍ରତିଷ୍ଠିତ କ୍ରଶରରେ ମଧ ନିତିନିୟମ ପାଳନ ହେଉନାହିଁ।

ଅନୁମତିଠାରୁ ଢେରଗୁଣ ଅଧିକ କଳାପଥର ଉତ୍ତୋଳନ ହୋଇଥିବାରୁ ରାଜ୍ୟ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏନ୍‌ଜିଟିରେ ଅଭିଯୋଗକାରୀ ଅରୁଣ ଜେନା ଓ ଅନ୍ୟମାନଙ୍କ ପକ୍ଷରୁ ଆଇନଜୀବୀ ଶଙ୍କରପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି। ଏନଜିଟିର ନିର୍ଦ୍ଦେଶ ମତେ ଯାଜପୁର ଡିଡିଏମ୍ ତାଙ୍କ ସତ୍ୟପାଠରେ ଦାଖଲ କରିଛନ୍ତି ଯେ, ୨୨।୨।୨୦୨୫ରେ ଖାଦାନର କଟକଣା ଅଞ୍ଚଳରୁ କଳାପଥର ଉତ୍ତୋଳନ କରାଯାଇଛି। ଏହାବାଦ ନିକଟବର୍ତ୍ତୀ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର, ଗ୍ରାମ ଓ ଗ୍ରାମରାସ୍ତାଠାରୁ ସୁରକ୍ଷିତ ଦୂରତା ପାଳନ କରାଯାଇ ନାହିଁ। ତେଣୁ ଲିଜଧାରୀଙ୍କ ବିରୋଧରେ ଆଇନ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ସୁପାରିସ କରିଛନ୍ତି। ଅନ୍ୟପକ୍ଷେ ଉକ୍ତ ଖାଦାନଗୁଡିକରେ କେତେ ପରିମାଣର କଳାପଥର ଉତ୍ତୋଳନ ହୋଇଛି ସେ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନ ଥିବା ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ପାଣି ସୂଚନା ଦେଇଛନ୍ତି।

ଏ ସଂକ୍ରାନ୍ତରେ ଡିଡିଏମ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଆଇନ ଅନୁସାରେ ମାପଚୁପ କରି ସମସ୍ତ ତଥ୍ୟ ସତ୍ୟପାଠ ଜରିଆରେ ଦାଖଲ କରାଯାଇଛି। ସିଆର ରିପୋର୍ଟ ଆଧାରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ

ଧର୍ମଶାଳା,୧୮।୯(ବଟକୃଷ୍ଣ ପରିଡ଼ା): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ଧର୍ମଶାଳାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ବ୍ଲକର ସମସ୍ତ ସ୍କୁଲ, କଲେଜ୍ ଓ ଗ୍ରାମପଞ୍ଚାୟତରେ ଚାରାରୋପଣ କରାଯାଇଛି। ଉତ୍ତରାପ୍ରତାପ ପଞ୍ଚାୟତ ଅନ୍ତର୍ଗତ ନରସିଂହପୁରସ୍ଥିତ ଶ୍ରୀଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟ ଓ ଗ୍ରାମପଞ୍ଚାୟତ ମିଳିତ ଆନୁକୁଲ୍ୟରେ ନରସିଂହପୁର ଉତ୍ତରପ୍ରତାପର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଛି। ମହାବିଦ୍ୟାଳୟ ରାଷ୍ଟ୍ରୀୟ ସେବା ଯୋଜନା ଅଧିକାରୀ ସୁଜାତା ଦାସ ଓ ଧର୍ମଶାଳା ବ୍ଲକ ସହକାରୀ ଯନ୍ତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପାତ୍ର ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଞ୍ଜନ ପ୍ରଧାନ ଉପସ୍ଥିତ ରହି ସହଯୋଗ କରିଥିଲେ। ଧର୍ମଶାଳା ମହିଳା ଯୁକ୍ତ ୨ କଲେଜ୍ ପକ୍ଷରୁ ଅଧ୍ୟକ୍ଷା କବିତା ସାମଲ ଚାରାରୋପଣ ଉପକାରିତା ଉପରେ ଆଲୋକପାତ କରିଥିଲେ। କଲେଜ୍ ପରିସରରେ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଚାରାରୋପଣ କରି ଏହାର ଦାୟିତ୍ୱ ନେବା ପାଇଁ ଶପଥ ନେଇଥିଲେ। ଗଙ୍ଗାଧରପୁର ପଞ୍ଚାୟତ ପରିସରରେ ସରପଞ୍ଚ ତ୍ରିଲୋଚନ ଜେନାଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଥିଲା। ସେହିପରି ଅଭୟପୁର ପଞ୍ଚାୟତ ଅଚ୍ୟୁତପୁରର ଚତରହୁଡ଼ା ଓ ଅଭୟପୁର ଗ୍ରାମୀଣ ପାର୍କ ପରିସରରେ ସରପଞ୍ଚ ସ୍ନେହାଞ୍ଜଳି ଗନ୍ତାୟତଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଥିଲା।

# ସାର କଳାବଜାର ବନ୍ଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର




ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଯାଜପୁର ଟାଉନ,୧୮।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଅଲ୍ ଇଣ୍ଡିଆ କିଷାନ କ୍ଷେତମଜଦୁର ସଂଗଠନ(ଏଆଇକେକେଏମ୍) ଯାଜପୁର ଜିଲା କମିଟି ତରଫରୁ ଗୁରୁବାର ସାର କଳା ବଜାର ବନ୍ଦ ସହ ସାର, କୀଟନାଶକକୁ ରିହାତି ଦରରେ ସମସ୍ତ ଚାଷୀଙ୍କୁ ଯୋଗାଇଦେବାକୁ ଦାବି ହୋଇଛି। ଏନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ଜିଲା ସଭାପତି ଚୈନ ସାହୁ, ସମ୍ପାଦକ ଅଚ୍ୟୁତ ପ୍ରଧାନଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ବ୍ଲକରୁ ଚାଷୀ ପ୍ରତିନିଧି ଆସି ଯାଜପୁର ମେଡିକାଲ ଛକ ନିକଟରେ ଏକତ୍ରିତ ହୋଇଥିଲେ। ସେଠାରୁ ସଂଗଠନର ବ୍ୟାନର ଧରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ନାରାୟଣ ପରିଡ଼ା, ପ୍ରଫୁଲ୍ଲ ବେହେରା, ବିଶ୍ୱନାଥ ସାହୁ, କୀର୍ତ୍ତନ ମଲ୍ଲିକ, ବିଜୟ ସାମଲ, ରାଜକିଶୋର ନାଥ, ବିଷ୍ଣୁ ମଲ୍ଲିକ, ପବିତ୍ର ସାହୁ, ପ୍ରଫୁଲ୍ଲ ଦାସ, ଗାଲୋଖ ରଥ, ପ୍ରମୋଦ ମଲ୍ଲିକ ପ୍ରମୁଖ ଚାଷୀ ପ୍ରତିନିଧି ବକ୍ତବ୍ୟ ରଖିଥିଲେ। ଏହାପରେ ସେମାନେ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବା ସହ ଚାଷୀଙ୍କ ୩ଟି ଜରୁରୀ ଦାବି ଉପରେ ଆଲୋଚନା କରିଥିଲେ।

### ମୋବାଇଲ ଚୋରି ଅଭିଯୋଗରେ ଯୁବକ ଗିରଫ

କଳିଙ୍ଗନଗର,୧୭।୯(ଶୁଭାଶିଷ ରାଉତ): ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ଫୁଲଝର ହାଟରୁ ମୋବାଇଲ ଚୋରି କରୁଥିବାବେଳେ ସ୍ଥାନୀୟ ଲୋକେ ଜଣେ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ତାଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଯାଜପୁର ଅକରପଡା ଅଞ୍ଚଳର ଲକ୍ଷ୍ମଣ ଦାସ। ବୁଧବାର ହାଟରେ ଲକ୍ଷ୍ମଣ ମୋବାଇଲ ଚୋରି କରୁଥିବାବେଳେ ଧରା ପଡ଼ି ଯାଇଥିଲେ। ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଥାନା ଅଧିକାରୀ ପ୍ରମୋଦିନୀ ସାହୁ ପହଞ୍ଚି ଲକ୍ଷ୍ମଣଙ୍କୁ କାବୁ କରି ଥାନାକୁ ଆଣିଥିଲେ। ଏନେଇ ଥାନାରେ ନଂ.୧୮୮/୨୫ରେ ଏକ ମାମଲା ରୁଜୁ ହୋଇଛି।

### ୫ଫେରାର୍ ଅଭିଯୁକ୍ତ ଗିରଫ

ଡିଗିରିଆ,୧୮।୯(ଜାଫର ଖାଁ): ୫ ଫେରାର ଆସାମୀଙ୍କୁ ଡିଗିରିଆ ପୋଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଡିଗିରିଆ ଥାନା ବିନ୍ଧାଣିମା ଗ୍ରାମରେ ୨୦୨୪ରେ ହୋଇଥିବା ଗଣ୍ଡଗୋଳରେ ୪ ଫେରାର୍‌ଙ୍କ ନାମରେ ମାମଲା ରୁଜୁ ହୋଇଥିଲା। କୋର୍ଟଙ୍କ ଜାରି ୱାରେଣ୍ଟ ବଳରେ ସେମାନଙ୍କୁ ଗିରଫ କରାଯାଇଛି।

# ଆଇଟିଇପି ଲାଗୁ ଆଳରେ ଶିକ୍ଷକ ଶିକ୍ଷାର ଘରୋଇକରଣ ବନ୍ଦକର: ଏଆଇଡିଏସ୍‌ଓ




ଯାଜପୁର ଟାଉନ,୧୮।୯(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଓ ଡିଗ୍ରୀ ମହାବିଦ୍ୟାଳୟକୁ ଜାରି କରାଯାଇଥିବା ନୋଟିସ୍ ବିରୋଧରେ ଏଆଇଡିଏସ୍‌ଓ ଯାଜପୁର ଜିଲା କମିଟି ପକ୍ଷରୁ ଆନ୍ଦୋଳନ କରାଯାଇଛି। ଏଥିସହିତ ୪ ଦଫା ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଇଣ୍ଟିଗ୍ରେଡେଡ୍ ଟିଚର ଏଜୁକେଶନ ପ୍ରୋଗ୍ରାମ (ଆଇଟିଇପି) ଲାଗୁ ଆଳରେ ଶିକ୍ଷକ ଶିକ୍ଷାର ଘରୋଇକରଣ ବନ୍ଦ କରିବାକୁ ଦାବିପତ୍ରରେ ଦର୍ଶାଯାଇଛି। ଏନେଇ ଏକ ପ୍ରତିବାଦ ସଭା ଯାଜପୁର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ଜାରି ନୋଟିସ୍ ଅନୁଯାୟୀ ଯେଉଁ ଶିକ୍ଷାନୁଷ୍ଠାନ ୪ ବର୍ଷିୟା ଆଇଟିଇପି ପାଇଁ ଆବେଦନ କରୁଛନ୍ତି, ସେମାନେ ଚୁକ୍ତି ଭିତ୍ତିକ ଅତିଥି ଶିକ୍ଷକ ନିଯୁକ୍ତ କରିବେ ଏବଂ ଛାତ୍ରୀଛାତ୍ରଙ୍କଠାରୁ ଆଦାୟ ହୋଇଥିବା କୋର୍ସ-ଫିରୁ ହିଁ ସେମାନଙ୍କୁ ଦରମା ଦେବେ। ସେଥିପାଇଁ ଛାତ୍ରୀଛାତ୍ରଙ୍କଠାରୁ ବାର୍ଷିକ ମୁଣ୍ଡପିଛା କୋର୍ସ୍ ଫି ୪୫ହଜାର ଟଙ୍କା ଆଦାୟ କରିବେ। ଉକ୍ତ ପ୍ରତିବାଦ ସଭାରେ ଏଆଇଡିଏସ୍‌ଓ ଯାଜପୁର ଜିଲା ସଭାନେତ୍ରୀ ସଂଯୁକ୍ତା ସାହୁ ଯୋଗଦେଇ କହିଥିଲେ, ଏହା ଦ୍ୱାରା ଶିକ୍ଷକ ଶିକ୍ଷାର ସମ୍ପୂର୍ଣ୍ଣ ଘରୋଇକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଛାତ୍ରୀଛାତ୍ର ତୀବ୍ର ଆର୍ଥିକ ଶୋଷଣର ଶିକାର ହେବେ। ସରକାରଙ୍କ ଏହି ଶିକ୍ଷା ମାରଣ ନୀତିକୁ ପ୍ରଭାତୀ ମଲ୍ଲିକ, ମଧୁସୁଦନ ସେଠୀ ଓ ପଲ୍ଲୀ ମଲ୍ଲିକ ଦୃଢ଼ ନିନ୍ଦା କରିଛନ୍ତି।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପକ।

ବଡ଼ଚଣା,୧୮।୯(ଦିଲୀପ କୁମାର ମହାନ୍ତି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ବଡ଼ଚଣା ବ୍ଲକ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ମା' ପାଇଁ ଗଛଟିଏ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଉଛି। ଏହି ଉପଲକ୍ଷେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ସଭାରେ ସଂଯୋଜକ କିଶୋର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ଯୋଗଦେଇ ପରିବେଶ ସୁରକ୍ଷା ଯୁଦ୍ଧରେ ଆମକୁ ଜଣେ ଜଣେ ସିପାହୀ ହେବାକୁ ପଡ଼ିବ ବୋଲି କହିଥିଲେ। ଏଥିସହିତ ମା'ଯେପରି ସନ୍ତାନର ଯତ୍ନ ନିଏ ସେହିପରି ବୃକ୍ଷର ଯତ୍ନ ନେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ନାରାୟଣ ଚନ୍ଦ୍ର ମୁଦୁଲି ଯୋଗଦେଇ ପରିବେଶ ପ୍ରଦୂଷଣ, ଭୂତଳ ଜଳସ୍ତର ହ୍ରାସ, ପାନୀୟ ଜଳ ସଙ୍କଟ ନେଇ ଚିନ୍ତା ପ୍ରକଟ କରିବା ସହିତ ଏହାର ସମାଧାନ ପାଇଁ ବ୍ୟାପକ ଚାରାରୋପଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରର ଶତାଧିକ ଚାରାରୋପଣ କରାଯାଇଥିଲା।

ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଯାଇ ଅରଖପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବନ୍ଧା ପଦ୍ମଲାଭପୁର ଓ ଧନଞ୍ଜୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ଓ ରାସ୍ତାର ଉଭୟ ପାର୍ଶ୍ୱରେ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ପୁଷ୍ପଲତା ସିଂହ, ସରପଞ୍ଚଙ୍କ ପ୍ରତିନିଧି ଗୌତମ କୁମାର ସିଂହ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରମାକାନ୍ତ ତ୍ରିପାଠୀ, ସହକାରୀ ଡାଟା ଏଣ୍ଟ୍ରି ଅପରେଟର ଅନିଲ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ନାରାୟଣ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ।

# ଖରସ୍ରୋତା ଘେରିବନ୍ଧ ରାସ୍ତା ବିପର୍ଯ୍ୟସ୍ତ

ବରୀ,୧୯।୯(ମହେନ୍ଦ୍ର ସ୍ୱାଇଁ) : ଯାଜପୁର ଜିଲା ବରୀ ବ୍ଲକ ଅଧୀନ ଖରସ୍ରୋତା ନଦୀର ଡାହାଣ ପାର୍ଶ୍ୱ କନ୍ତିଆ-ବୋଦୁଅ-ଭଅଁରା ଘେରିବନ୍ଧ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଯାତାୟାତ କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଘେରି ବନ୍ଧ ଦେଇ କନ୍ତିଆ, କୁମୁକା, ସରବରା, ବୋଦୁଅ, ପାଳସାହି, ବରିଲୋ ଆଦି ଗ୍ରାମର ଜନସାଧାରଣ ବ୍ଲକ କାର୍ଯ୍ୟାଳୟ, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ କାର୍ଯ୍ୟାଳୟ, ବ୍ୟାଙ୍କ, କଲେଜ ଓ ଦୈନିକ ହାଟକୁ ଯାତାୟାତ କରିଥାନ୍ତି। ଚଳିତ ବର୍ଷ ବର୍ଷା ଋତୁ ଆରମ୍ଭରୁ ଜଳସମ୍ପଦ ବିଭାଗ ତରଫରୁ ଘେରି ବନ୍ଧ ମରାମତି ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। ମାତ୍ର ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ଉପଯୁକ୍ତ ଭାବେ ଏହି କାର୍ଯ୍ୟକୁ ନିରୀକ୍ଷଣ ନ କରିବା ଯୋଗୁ ନିୟୋଜିତ ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରିଥିବା ଅଭିଯୋଗ ହେଉଛି। ଠିକାଦାର କିଛି କିଛି ସ୍ଥାନରେ କ୍ରଶର ଡଷ୍ଟ ପକାଇ ଯେନତେନ ପ୍ରକାରେ ମରାମତି କରିଛନ୍ତି। ମରାମତି ସମୟରେ ସ୍ଥାନୀୟ ଲୋକେ ବିଭାଗୀୟ ଯନ୍ତ୍ରୀଙ୍କୁ ଏଭଳି ନିମ୍ନମାନର କାର୍ଯ୍ୟ ଉପରେ ଅଭିଯୋଗ କରିଥିଲେ ମଧ ସେମାନଙ୍କ କଥାକୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ବିଞ୍ଝାରପୁର ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ସ୍ୱାଧୀନ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଘେରିବନ୍ଧ ରାସ୍ତା ପୂର୍ତ୍ତ ବିଭାଗ ଅଧୀନକୁ ଏକ ମାସ ପୂର୍ବରୁ ସ୍ଥାନାନ୍ତର ହୋଇସାରିଛି। ତେଣୁ ମରାମତି ଦାୟିତ୍ୱ ଏବେ ପୂର୍ତ୍ତ ବିଭାଗର ବୋଲି ଯନ୍ତ୍ରୀ ପ୍ରକାଶ କରିଛନ୍ତି।



ରାସ୍ତାରେ ଖାଲ ସୃଷ୍ଟି ହୋଇ ପାଣି ଜମିରହିଛି।

# ଆଧ୍ୟାତ୍ମିକ ପରିବେଶ, ଭାଇଚାରା ମୁଖ୍ୟ ଆକର୍ଷଣ

## ସୋମନାଥ ବଣିକ ସଂଘ, ଦୁର୍ଗାପୂଜା
## ଅଳଙ୍କାରରେ ଝଲସିବେ ମା'

ଜଗତ୍‌ସିଂହପୁର, ୧୮।୯
(ପ୍ରମୋଦ କୁମାର ନାୟକ)

ଦୀର୍ଘ ୬୪ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୬୧ରୁ ଜଗତ୍‌ସିଂହପୁର ହାଟ ବଜାରରେ ଦୁର୍ଗାପୂଜା ହୋଇଆସୁଛି। ସେତେବେଳେ ସୋମନାଥ ବଣିକ ସଂଘ ପକ୍ଷରୁ ମୁରବି ଗୋପୀନାଥ ମହାପାତ୍ର, ସୁଦର୍ଶନ ପଟ୍ଟନାୟକ, ନିମାଇଁ ମହାପାତ୍ର, ବାମନ ଚରଣ ମହାପାତ୍ରଙ୍କ ନେତୃତ୍ୱରେ ଏବଂ ବ୍ୟବସାୟୀମାନଙ୍କ ସହଯୋଗରେ ଏହି ପୂଜା ଆରମ୍ଭ ହୋଇଥିଲା। ଦୋକାନୀ ବାବାଜୀ ସାହୁ ଓ ଲୋକନାଥ ସାହୁ ପ୍ରମୁଖଙ୍କ ଭୂମିକା ମଧ୍ୟ କିଛି କମ୍ ନ ଥିଲା। ପ୍ରଥମେ ବନଦୁର୍ଗା ୧୨ବର୍ଷ ପର୍ଯ୍ୟନ୍ତ ପୂଜା ପାଉଥିଲେ। ତା' ପରଠାରୁ ମହିଷମର୍ଦ୍ଦିନୀ ସ୍ଥାୟୀ ମଣ୍ଡପରେ ପୂଜା ପାଇ ଆସୁଛନ୍ତି।


କାରିଗର ମା'ଙ୍କ ମୃଣ୍ମୟ ମୂର୍ତ୍ତି ତିଆରି କରୁଛନ୍ତି।

ଏ ସମ୍ପର୍କରେ କାରିଗର ସୋମନାଥ ମହାରଣା କହିଛନ୍ତି, ଦୀର୍ଘ ୩୫ ବର୍ଷ ଧରି ହାଟବଜାର ସ୍ଥାୟୀ ମଣ୍ଡପରେ ମୂର୍ତ୍ତି ଓ ମେଢ଼ ନିର୍ମାଣ କରିଆସୁଛି। ବିଗତ ବର୍ଷଗୁଡ଼ିକ ପରି ଚଳିତବର୍ଷ ମା' ଦୁର୍ଗା, ମହିଷାସୁର, ମା' ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, କାର୍ତ୍ତିକ ଓ ସେମାନଙ୍କ ବାହାନ ଆଦି ସ୍ଥାନିତ ହୋଇଛନ୍ତି। ଏ ବର୍ଷ ମା' ଦୁର୍ଗାଙ୍କ ମୂର୍ତ୍ତିର ଉଚ୍ଚତା ୭ ଫୁଟ ରହିଛି। କିନ୍ତୁ ମେଢ଼ର ଉଚ୍ଚତା ୨୨ରୁ ୨୫ ଫୁଟ ଭିତରେ ହେବ। ଏଥିମଧ୍ୟରେ ମୂର୍ତ୍ତି ଦୋମାଟିଆ ହୋଇ ସାରିଲାଣି। ଚଣ୍ଡୀପାଠ ଆରମ୍ଭ ହୋଇଗଲାଣି। ଖଡ଼ିଚଢ଼ା ଅମାବାସ୍ୟାରୁ ନବରାତ୍ର ପୂଜା ଆରମ୍ଭ ହେବ। ନବମୀରେ ସରିବ। ଅର୍ଥାତ୍ ଷଷ୍ଠୀଠାରୁ ପୂଜା ହୃଦୟସ୍ପର୍ଶୀ ହେବ। ଚଳିତବର୍ଷ ମା'ଙ୍କ ସାଜସଜ୍ଜା ବେଶ୍ ଆକର୍ଷଣୀୟ ହେବ ବୋଲି ଆଶା। ମା' ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀଙ୍କର ଚାନ୍ଦି ସାଜ ଅଛି। ଏପରି କି ମୁକୁଟ, ଆୟୁଧ ଆଦି ରହିଛି। କେତେକ ଅଳଙ୍କାର ଯଥା ହାର, ଚିକ, ମୁଦି, ଟିକା, ତିତା, କାନପେଣ୍ଡି ଓ ଫୁଲ ଆଦି ସୁନାର ଥିବାରୁ ମା' ଝଲସିବେ ବୋଲି ସେ କହିଛନ୍ତି।



"ଷଷ୍ଠୀ ଦିନ ମା'ଙ୍କ ଚକ୍ଷୁଦାନ ଓ ନବମୀରେ ସନ୍ଧି ପୂଜା। ପରେ ଦଶମୀ ଓ ବିସର୍ଜନ। ଏହି ସମୟରେ ନିଆରା ପରିବେଶ ସୃଷ୍ଟି ହୁଏ। ପୂଜା ମଣ୍ଡପ ନିକଟରେ ଅନେକ ଦୋକାନ ସହ ମିନାବଜାର ଆଦି ପଡ଼ିବାର ସମ୍ଭାବନା ରହିଛି। ପରମ୍ପରା ଅନୁଯାୟୀ ପ୍ରଥମେ ସୋମନାଥ ବଣିକ ସଂଘ ମେଢ଼ ଭସାଣି ଦିନ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ହେବାକୁଥିବା ମେଳଣରେ ପ୍ରବେଶ ପାଇଁ ଥାନପତି ମହାଦେବ କ୍ଲବ ଅଭ୍ୟର୍ଥନା କରିଥାନ୍ତି। ଏହି ସମୟରେ ପ୍ରତ୍ୟେକଙ୍କ ନଜର ପ୍ରଥମେ ସୋମନାଥ ବଣିକ ସଂଘ ମେଢ଼ ଉପରେ ରହିଥାଏ। ତେଣୁ ମା' ଦୁର୍ଗା ଜଗତ୍‌ସିଂହପୁରବାସୀଙ୍କୁ ଆଶୀର୍ବାଦ କରନ୍ତୁ।
-ବିନାୟକ ପଟ୍ଟନାୟକ, ସଭାପତି, ସୋମନାଥ ବଣିକ ସଂଘ, ହାଟବଜାର, ଚାତ୍ରା



"ସଂଘ ପକ୍ଷରୁ ପ୍ରତିବର୍ଷ ଦଶହରାରେ ପୂଜାକୁ ଗୁରୁତ୍ୱ ଦିଆଯାଇଥାଏ। ପ୍ରତିବର୍ଷ ପରି ଚଳିତବର୍ଷ ଭାବାବେଗ ପରିବେଶରେ ଦୁର୍ଗା ପୂଜା କରାଯିବାକୁ ସମସ୍ତ ପ୍ରସ୍ତୁତି ସରିଛି। ସଂଘର ମୁଖ୍ୟ ଲକ୍ଷ୍ୟ ହେଲା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ସହ ବ୍ୟବସାୟୀ, ସ୍ଥାନୀୟ ଲୋକମାନଙ୍କ ଭିତରେ ଭାଇଚାରା ବୃଦ୍ଧି କରିବା, ଯାହା ଆତ୍ମସନ୍ତୋଷ ଦେଇଥାଏ।
-ପାରିଜାତ ମହାପାତ୍ର, କୋଷାଧ୍ୟକ୍ଷ, ସୋମନାଥ ବଣିକ ସଂଘ, ହାଟବଜାର, ଚାତ୍ରା

# ବିଦେଶୀ ମଦ, ୩୨ ହଜାର ଟଙ୍କା ନେଇଗଲେ ଦୁର୍ବୃତ୍ତ

## ମଦ ଦୋକାନରୁ ଚୋରି




ବାଲିକୁଦା,୧୮।୯(ତାପସ ସ୍ୱାଇଁ)

ବାଲିକୁଦା ଥାନା ଅନ୍ତର୍ଗତ ଅନନ୍ତପୁର ଫାଣ୍ଡି ଅଧୀନ ତିହୁଡି ମରିଚପୁର ମୁଖ୍ୟ ରାସ୍ତା କଡ଼ରେ ଥିବା ଦଶବାଟିଆ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଗ୍ରିଲ ତାଲା ଭାଙ୍ଗି ଅନେକ ବିଦେଶୀ ମଦ ଓ ୩୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରି ନେଇଛନ୍ତି। ଏପରିକି ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଓ ହାର୍ଡ ଡିସ୍କ ମଧ୍ୟ ଚୋରି କରି ନେଇଛନ୍ତି। ଏନେଇ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଖବରପାଇ ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ସନ୍ଧାନୀ କୁକୁର ସାହାଯ୍ୟରେ ଅନୁସନ୍ଧାନ କରିଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୧୦ ଟା ୧୫ ମିନିଟରେ ଦୋକାନରେ କାର୍ଯ୍ୟ କରୁଥିବା ୫ ଜଣ କର୍ମଚାରୀ ଦୋକାନର ଶଟର୍ ପକାଇ ତାଲା ପକାଇଥିଲେ। ଏଥିସହ ସମ୍ମୁଖରେ ଥିବା ଗ୍ରିଲ ରେ ୨ଟି ତାଲା ପକାଇ ନିଜ ଘରକୁ ଯାଇଥିଲେ। ସକାଳ ପ୍ରାୟ ୬ ଟାରେ ଦୋକାନରେ କାର୍ଯ୍ୟ କରୁଥିବା ଆଶିଷ ଦଳାଇ ନିଜର କୌଣସି ଏକ କାର୍ଯ୍ୟରେ ଦଶବାଟିଆ ବଜାର ଯାଉଥିବାବେଳେ ଗ୍ରିଲ ତାଲା ଖୋଲାଥିବା ଦେଖି ଭିତରେ ନିଜର ସାଥୀ କର୍ମଚାରୀ ଥିବା ଭାବି ଡାକ ପକାଇଥିଲେ। ହେଲେ ଭିତରେ କେହି ଶୁଣି ନ ଥିବା ବେଳେ ସିସିଟିଭି କ୍ୟାମେରା ଭାଙ୍ଗି ସାଥୀରେ ନେଇ ଯାଇଥିବା ଦେଖି ଅନ୍ୟ ସାଥୀମାନଙ୍କୁ ଦୋକାନରୁ ଚୋରି ସମ୍ପର୍କରେ ଅବଗତ କରାଇଥିଲେ। ଏସମ୍ପର୍କରେ ନିକଟସ୍ଥ ଫାଣ୍ଡି ଅଧିକାରୀଙ୍କୁ ଜଣାଇବା ପରେ ପୋଲିସ ପହଞ୍ଚି ତନାଘନା ଆରମ୍ଭ କରିଛି।

# ୪ ଟ୍ରାକ୍ଟର ବାଲି ଜବତ, ୫ ଗିରଫ

## ବିରିଡ଼ି ଥାନା ଅଞ୍ଚଳରେ ବାଲି ଚୋରା ଚାଲାଣ

ଜଗତ୍‌ସିଂହପୁର, ୧୮।୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ବାଲି ଚୋରା ଚାଲାଣ ଉପରେ ଅଙ୍କୁଶ ଲାଗୁନି। ବର୍ଷା ଦିନରେ ନଦୀଗୁଡ଼ିକର ଅଧିକାଂଶ ସ୍ଥାନରେ ପାଣି ଥିବାରୁ ମାଫିଆମାନେ ପୂର୍ବରୁ ବିଭିନ୍ନ ସ୍ଥାନରେ ଗଚ୍ଛିତ କରି ରଖିଥିବା ବାଲି ବର୍ଦ୍ଧିତ ଦରରେ ଚୋରା ଚାଲାଣ କରୁଛନ୍ତି । ବିରିଡ଼ି ଥାନା ଅନ୍ତର୍ଗତ ବିଲୁଆଖାଉ ନଦୀର କେତେକ ସ୍ଥାନରେ ବାଲି ବହୁ ପରିମାଣର ଥିବା ସାଙ୍ଗକୁ ପାଣି ରହୁ ନ ଥିବାରୁ ସେଠାରୁ ଏବେ ବାଲି ଚୋରା ଚାଲାଣ ହେବାରେ ଲାଗିଛି। ଖବରପାଇ ବିରିଡ଼ି ଥାନା ପୋଲିସ ଚଢ଼ାଉ କରି ୪ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିବାବେଳେ ୪ ଜଣ ଚାଳକ ଓ ଜଣେ ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଚାଳକମାନେ ହେଲେ ଏହି ଥାନା ଅନ୍ତର୍ଗତ ଉତ୍ତର ଶାସନ ଗ୍ରାମର ଶ୍ରୀଧର ଭୋଇ (୪୫), ପପୁନ ଭୋଇ (୨୬), ଗୋସାଣିଦେଈପୁର ନୂଆଗାଁ ଗ୍ରାମର ବିନୟ କୁମାର ଭୋଇ (୩୪), ହାଜିପୁରର ଆଶିଷ ଭୋଇ (୨୧)। ଏଥିସହ ୩ଟି ଟ୍ରାକ୍ଟରର ମାଲିକ ତଥା ହାଜିପୁରର ଅରୂପ ରଞ୍ଜନ ପରିଡ଼ା (୨୯)ଙ୍କୁ ପୋଲିସ ଗିରଫ କରିଛି। ଆଉ ଜଣେ ଟ୍ରାକ୍ଟର ମାଲିକ ଫେରାର ହୋଇଯାଇଥିବା ବିରିଡ଼ି ଆଇଆଇସି ସବ୍ୟସାଚୀ ରାଉତ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ବିରିଡ଼ି ଥାନା ଏସ୍‌ଆଇ ପୁଷ୍ପିତା ପ୍ରଧାନ କରିଥିବା ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତିରେ ସେ ରାତ୍ରି ପାଟ୍ରୋଲିଂ କରୁଥିବାବେଳେ ହାଜିପୁର ଧାନକୁଦ ଜଗନ୍ନାଥ ମନ୍ଦିର ନିକଟ ବିଲୁଆଖାଇ ପଠାରୁ ବାଲି ଉଠୁଥିବା ଦେଖିଥିଲେ। ବିଶେଷକରି ୪ଟି ଟ୍ରାକ୍ଟରରେ ବାଲି ବୋଝେଇ ହୋଇଥିବା ଦେଖି ସେଗୁଡ଼ିକୁ ଅଟକାଇ ଚାଳକମାନଙ୍କୁ କାଗଜପତ୍ର ଯାଞ୍ଚ ପାଇଁ ମାଗିଥିଲେ। ତନଖି ପରେ ଜଣାଯାଇଥିଲା ଓଆର୍ ୧୭ଇ ୮୦୦୯ ନମ୍ବର ବିଶିଷ୍ଟ ଟ୍ରାକ୍ଟରର ଇଞ୍ଜିନ ନମ୍ବର ଦେଖାଯାଉ ନ ଥିଲା। ସେହିପରି ଓଡି ୨୧ଆର୍ ୮୨୨୩ ଟ୍ରାକ୍ଟରର ଡାଲା ସଂଖ୍ୟା ନ ଥିଲା। ସେହିପରି ଅନ୍ୟ ୨ଟି ଟ୍ରାକ୍ଟର(ନଂ. ଓଡି ୨୧ଏମ୍ ୫୩୨୪ ନମ୍ବର ଏବଂ ଓଡି ୨୧ଡି ୨୩୪୧ ନମ୍ବର) ମଧ୍ୟ କାଗଜପତ୍ର ଠିକ୍ ନ ଥିଲା। ଅରୂପଙ୍କ ସହ ଅନ୍ୟ ଜଣେ ଟ୍ରାକ୍ଟର ମାଲିକ ବାଲି ଚୋରା ଚାଲାଣ ସମ୍ପର୍କରେ ଯୋଜନା କରିବା ସହ ପରିଚାଳନା କରୁଥିଲେ।

ସୂଚନାଯୋଗ୍ୟ, ବୁଧବାର ଗାଡ଼ିଗୁଡ଼ିକ ଜବତ ସହ ଚାଳକମାନଙ୍କୁ ଅଟକ ରଖାଯାଇ ଜଗତ୍‌ସିଂହପୁର ଖଣି ଅଧିକାରୀଙ୍କୁ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଚିଠି କରାଯାଇଥିଲା। ଜିଲା ଖଣି ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସ୍ଥାନୀୟ ପୋଲିସ ସହାୟତାରେ କ୍ଷେତ୍ର ପରିଦର୍ଶନ କରି ବାଲି ଚୋରି ହୋଇଥିବା ଜାଣିବା ସହ ଯୋଜନାବଦ୍ଧ ଭାବରେ ଏଭଳି ବାଲିଥିବା ସ୍ପଷ୍ଟ କଲାପରେ ବିରିଡ଼ି ଥାନାରେ ମାମଲା (ନଂ. ୨୪୨/୨୫) ରୁଜୁ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା ।

## ମା' ସିଦ୍ଧିଦାତ୍ରୀଙ୍କ ବୈଷ୍ଣବୀ ମାତା ବେଶ

ନାଉଗାଁ,୧୮।୯ (ସୁଧା ବେହୁରା)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାୟୋସ୍ଥିତ ସିଦ୍ଧିଶ୍ରୀକ୍ଷେତ୍ର ପୀଠରେ ଶାରଦୀୟ ପାର୍ବଣର ୪ର୍ଥ ଦିବସ ପୂଜା ଅବସରରେ ମା'ସିଦ୍ଧିଦାତ୍ରୀଙ୍କୁ ବୈଷ୍ଣବୀ



ମାତା ବେଶରେ ସୁସଜ୍ଜିତ କରାଯାଇଛି। ଏହି ବେଶକୁ ପୀଠର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମକୁ ଆଶ୍ରମର ସମ୍ପାଦକ ଅକ୍ଷୟ ମିଶ୍ର ଓ ଆଶ୍ରମବାସୀ ପରିଚାଳନା କରୁଛନ୍ତି। ମା'ଙ୍କର ଏହି ବେଶ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି।

## ସୁବ୍ରତଙ୍କୁ ପିଏଚ୍.ଡି.


ପାରାଦୀପ, ୧୮।୯(ଶରତ ରାଉତ)

ପାରାଦୀପ ନୂଆବଜାର ଅଞ୍ଚଳରେ ରହୁଥିବା ମେଧାବୀ ଛାତ୍ର ଡା.ସୁବ୍ରତ କୁମାର ବରାଳ ପିଏଚ୍‌ଡି ହାସଲ କରିଛନ୍ତି। ମହାରାଷ୍ଟ୍ର ନାଗପୁରଠାରେ ତାଙ୍କୁ ଏହି ଉପାଧି ମିଳିଛି। ଭିଏନ୍‌ଆଇଟିରେ ପଢୁଥିବା ମେକାନିକାଲ ଇଞ୍ଜିନିୟରିଂ କ୍ଷେତ୍ରରେ ସେ ଉଲ୍ଲେଖନୀୟ ପାରଦର୍ଶିତା ହାସଲ କରିଛନ୍ତି। ତାଙ୍କ ମା'ତୁଳସୀ ବରାଳ ଜଣେ ବିଶିଷ୍ଟ ସାହିତ୍ୟ ସାଧିକା ଏବଂ ବାପା ଶରତ ଜଣେ ସରକାରୀ କର୍ମଚାରୀ। ସୁବ୍ରତଙ୍କୁ ଏହି ସଫଳତା ମିଳିବା ପରେ ତାଙ୍କ ସାଥୀ ଓ ଆତ୍ମୀୟସ୍ୱଜନ ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ମଣ୍ଡପ ଦର୍ଶାଉଛି ସଙ୍ଗଠନ ଦକ୍ଷତା

ପାରାଦୀପ, ୧୮।୯(ଶରତ ରାଉତ)

ପାରାଦୀପର ବିଶ୍ୱକର୍ମା ପୂଜା ଆରମ୍ଭ ୧୯୬୭ ମସିହାରୁ ଆରମ୍ଭ ହୋଇଛି। ସେତେବେଳେ ବୋଟ ମାଲିକ, ଲେଦ ସଂଘ, ଶ୍ରମିକ ସଂଗଠନ, ମେକାନିକ ସହ ଜଡିତ ସଂଗଠନ ଏହାକୁ ଆରମ୍ଭ କରିଥିଲେ। ପରେ ଶ୍ରମିକ ସଂଗଠନଗୁଡ଼ିକ ଆରମ୍ଭ କରିଥିଲେ। ୧୯୮୦ବେଳକୁ ଏହା ପ୍ରସିଦ୍ଧ ହୋଇଯାଇଥିଲା, ଯାହାର ମଣ୍ଡପ ସାଜସଜ୍ଜା ବଡ଼ ଓ ଆକର୍ଷଣୀୟ ରହୁଥିଲା ତାହା ବଡ ସଂଗଠନ ବୋଲି ଜଣାଯାଏ। ଏହି ଧାରା ୨୦୨୦ ପର୍ଯ୍ୟନ୍ତ ଚାଲିଥିଲା। କୋଭିଡ ଯୋଗୁ ୩ବର୍ଷ ପୂଜା ବନ୍ଦ ରହିଥିଲା। ଗତ ଦୁଇ ବର୍ଷ ହେଲା ପୂଜା ଆୟୋଜନ କମିବାରେ ଲାଗିଛି। ବିଶେଷକରି ବଡ଼ ତୋରଣ କରୁଥିବା ଜଗତ୍‌ସିଂହପୁର ଜିଲା ଟ୍ରକ୍‌ମାଲିକ ସଂଘ ଓ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ଏବର୍ଷ ତୋରଣ କରିନାହାନ୍ତି। ଉକ୍ତ ୨ ସଂଗଠନର ମୁଖିଆ ହେଲେ ବାପି ସର୍ଖେଲ ଓ ସନ୍ତୋଷ କୁମାର ପଟ୍ଟନାୟକ। ଏମାନେ ମଣ୍ଡପ ନ କରିବା ଘଟଣା ମାସେ ହେଲା ଆଲୋଚନା ହେଉଛି। ଘଟଣା ସମ୍ପର୍କରେ ଜିଲା ଟ୍ରକ ମାଲିକସଂଘ ସଭାପତି ପଟ୍ଟନାୟକ କୁହନ୍ତି, ପ୍ରତିବର୍ଷ ଆମ୍ଭେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ମଣ୍ଡପ କରୁଛୁ। ଲୋକଙ୍କ ଦ୍ୱାରା ଆମ ତୋରଣ ପସନ୍ଦ ହେଉଛି। କିନ୍ତୁ ପୁରସ୍କାର ଦୌଡରୁ ବାଦ ପଡୁଛି। ଏହି କାରଣ ଯୋଗୁ ଚଳିତବର୍ଷ କରିନାହୁଁ। ସମାନ କଥା ସର୍ଖେଲ ମଧ୍ୟ କହିଛନ୍ତି।


ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘର ମେଢ଼।

ସେହିପରି ଏକଦା ସବୁଠାରୁ ଆକର୍ଷଣୟ ମଣ୍ଡପ କରୁଥିବା ଉତ୍କଳ ପୋର୍ଟ ୟୁନିୟନ ଏବେ ସବୁଠାରୁ ଛୋଟ ମଣ୍ଡପ କରିଛନ୍ତି। ଡକ୍‌ମଜଦୁର ୟୁନିୟନ ମଣ୍ଡପ ଖର୍ଚ୍ଚ କମିବାରେ ଲାଗିଛି। ଏଚଏମଏସ୍ ୟୁନିୟନ ମଣ୍ଡପ ଅଞ୍ଚଳରେ ତୋରଣ କରିନାହାନ୍ତି। କେବଳ ପ୍ରଥା ରକ୍ଷା କରିବା ଭଳି ୟୁନିୟନ ଘର ମଧ୍ୟରେ କରୁଛନ୍ତି। ବନ୍ଦର ବିଭାଗର ତୋରଣଗୁଡ଼ିକ ଆଉ ପ୍ରତିଯୋଗିତାରେ ନ ରହିବା ଭଳି ଆୟୋଜନ କରୁଛନ୍ତି। ସରକାର ବଦଳିବା ପରେ ଆଉ କେତୋଟି ନୂଆ ୟୁନିୟନ ପ୍ରଭାବ ବିସ୍ତାର କରୁଛନ୍ତି। ସେହି ସଂଗଠନଗୁଡ଼ିକ ପୂଜା ମଣ୍ଡପ ଅଞ୍ଚଳରେ ତୋରଣ କରିନାହାନ୍ତି କିନ୍ତୁ ତାଙ୍କ ଘର ନିକଟରେ କରିଥିବା ତୋରଣ ପ୍ରତିଯୋଗିତାରେ ରହିବା ଭଳି କରିଛନ୍ତି। ଏମାନଙ୍କ ମଧ୍ୟରୁ କେବଳ ବୋଟ୍ ମାଲିକସଂଘ ଓମ୍ପା ତା'ର ଆୟୋଜନ ଅପରିବର୍ତ୍ତିତ ରଖିଛି।

## ମା' ପାଇଁ ଗଛଟିଏ ଅଭିଯାନରେ ବ୍ୟାପକ ଚାରାରୋପଣ

କୁଜଙ୍ଗ/ ରଘୁନାଥପୁର, ୧୮।୯(ମନୋଜ ପ୍ରଧାନ/ ରାଜେନ୍ଦ୍ର ନାରାୟଣ ସିଂହ)

କୁଜଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ 'ମା' ପାଇଁ ଗଛଟିଏ ଅଭିଯାନ'ରେ ଚାରା ରୋପଣ କରାଯାଇଛି । ଏହି କ୍ରମରେ ବାଲିଆ ପଞ୍ଚାୟତ ଓ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ବ୍ୟାପକ ଚାରାରୋପଣ କରାଯାଇଛି। ବୁଧବାର ସକାଳେ ବଡ଼ଙ୍ଗରୁ ପାନପଲ୍ଲୀକୁ ସଂଯୋଗ କରୁଥିବା ନଦୀବନ୍ଧ ରାସ୍ତା କଡରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚାରାରୋପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବାଲିଆ ପଞ୍ଚାୟତ ନାଏବ ସରପଞ୍ଚ ସମରେନ୍ଦ୍ର ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରଘୁନାଥ ଚମ୍ପିଆ, ଏଡିଇଓ ଡଲି ରାଣୀ ରାଉତ, ସହକାରୀ ଶିକ୍ଷକ ସଞ୍ଜୟ କୁମାର ଦାସ, ବାଲିଆ ସିଆର୍‌ସିସି ବିଶ୍ୱବିଜୟୀ ପ୍ରସନ୍ନ କୁମାର ପ୍ରମୁଖ ଚାରାରୋପଣ କରିଥିଲେ।

ସେହିପରି ରଘୁନାଥପୁର ବ୍ଲକର ବିଭିନ୍ନ ପଞ୍ଚାୟତ, ସ୍କୁଲ, କଲେଜ ଓ ଅଙ୍ଗନୱାଡି କେନ୍ଦ୍ରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତଅଁରା ପଞ୍ଚାୟତରେ ସରପଞ୍ଚ ବଟକୃଷ୍ଣ ନାୟକ ଓ ଇଓ ସୁରତି ନାୟକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ତାରେଣୀଗଡ଼ାରେ ୫ ଶହ ଚାରା ରୋପଣ କରାଯାଇଥିଲା। ଅନୁରୂପ ଭାବେ ରେତୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରାଙ୍କ ଉଦ୍ୟମରେ ଗନ୍ଧାପୁର ଗାଦିବ୍ରହ୍ମ ପୀଠରେ ଚାରା ରୋପଣ ହୋଇଥିଲା। ରେତୁଆ ବୃନ୍ଦାବନ ଚନ୍ଦ୍ର ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ ଚାରା ଲଗାଇଥିଲେ। ରାଢ଼ଙ୍ଗ ବଡ ପୋଖରୀ, ପୂଜା ଓ ଜିରା ଗ୍ରାମ ଶ୍ମଶାନ ଏବଂ କଳିଙ୍ଗାରେ ସରପଞ୍ଚ ସୁଶୀଳ ବାରିକ, ସମିତି ସଭ୍ୟା ପ୍ରାନ୍ତରଶ୍ମି ପାଲ ଚାରା ଲଗାଇଥିଲେ।

# ପୋଷଣ ମାସ ଶୁଭାରମ୍ଭ, ସୁଭଦ୍ରା ଯୋଜନା ୧ ବର୍ଷ ପୂର୍ତ୍ତି ପାଳନ

ରଘୁନାଥପୁର, ୧୮।୯
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ମା' ପାଇଁ ଗଛଟିଏ ଲଗାଇବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାଛଡା ପୋଷଣ ମାସ ଶୁଭାରମ୍ଭ ହେଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ, ବ୍ଲକ ସମନ୍ୱିତ ଶିଶୁ ଅଧିକାରିଣୀ ତୃପ୍ତିଲତା ମହାନ୍ତି, ମୁଖ୍ୟସେବିକା ଲିପିସା ପ୍ରିୟଦର୍ଶିନୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଅଧିକାରୀ ଡା. ସୁକାନ୍ତ କୁମାର ଦଳେଇ, ଅଙ୍ଗନୱାଡି କର୍ମୀ ରେଶ୍ମୋରାଣୀ ଖଟୁଆ, ସୁନୀତା ସ୍ୱାଇଁ, ସବିତା ଧର, ଶୁଭ୍ରା ସ୍ୱାଇଁ ଏବଂ ବହୁ ଆଶାକର୍ମୀ ଉପସ୍ଥିତ ଥିଲେ। ଏହାଛଡା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ସିଡିପିଓ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସୁଭଦ୍ରା ଯୋଜନାର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ବିରଞ୍ଚି ନାରାୟଣ ବେହେରା, ବିପିସି ଶଶାଙ୍କ ଶେଖର ସ୍ୱାଇଁ ଓ ବିପିଏମ୍ ଲିପିକା ଷଡଙ୍ଗୀ ଉପସ୍ଥିତ ଥିଲେ।

# ଆସ ସ୍କୁଲଯିବା ପାଇଁ ପଦଯାତ୍ରା

ନାଉଗାଁ,୧୮।୯(ସୁଧା ବେହୁରା)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶାନୁସାରେ ଗୁରୁବାର ନାଉଗାଁ ବ୍ଲକର ସମସ୍ତ ବିଦ୍ୟାଳୟରେ ଆସ ସ୍କୁଲଯିବା ପାଇଁ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟିର ସଦସ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ। ଯେଉଁ ପିଲାମାନେ ଅଧାରୁ ପାଠ ବନ୍ଦ କରିଛନ୍ତି କିମ୍ବା ଆଦୌ ବିଦ୍ୟାଳୟକୁ ଆସୁନାହାନ୍ତି ସେମାନଙ୍କୁ ଚିହ୍ନଟ କରିବା ସହ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଉକ୍ତ ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି।

# ପ୍ରଥମ ଥର କ୍ୱାର୍ଟର ଫାଇନାଲ ଖେଳିବ ଜଗତ୍‌ସିଂହପୁର

## ୪ର୍ଥ ରାଜ୍ୟସ୍ତରୀୟ ଜୁନିୟର ହକି ପ୍ରତିଯୋଗିତା

ପାରାଦୀପ,୧୮।୯(ଶରତ ରାଉତ)

ରାଉରକେଲାର ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ପରିସରରେ ଓଡ଼ିଶା ସରକାର ଓ ହକି ଆସୋସିଏଶନ ଓଡ଼ିଶା ପକ୍ଷରୁ ମିଳିତ ଭାବେ ଆୟୋଜିତ ୪ର୍ଥ ରାଜ୍ୟସ୍ତରୀୟ ଜୁନିୟର ହକି ପ୍ରତିଯୋଗିତାରେ ଜଗତସିଂହପୁର ଜୁନିୟର ବାଳକ ଟିମ୍ ପ୍ରଥମ ଥର କ୍ୱାର୍ଟର ଫାଇନାଲ ଖେଳିବ। ବୁଧବାର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନୟାଗଡ଼ ଜିଲା ଜୁନିଅର ହକି ଦଳକୁ ୪-୨ ଗୋଲ ବ୍ୟବଧାନରେ ପରାସ୍ତ କରି ଜଗତ୍‌ସିଂହପୁର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଏହି ଦଳ ତାର ପ୍ରଥମ ମ୍ୟାଚରେ ବାଲେଶ୍ୱର ଦଳକୁ ୧୦-୦ ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା। ଏହି ବିଜୟ ପରେ ବିଭିନ୍ନ କ୍ରୀଡ଼ା ସଂଗଠନ ଆଗାମୀ ମ୍ୟାଚ ପାଇଁ ଶୁଭକାମନା ଜଣାଇଛନ୍ତି। ହକି ଦଳରେ ୧୬ ଜଣ ଖେଳାଳି ଥିବାବେଳେ ସୁମିତ୍ ଲାକ୍ରା କୋଚ ଓ ଶାଶ୍ୱତ କୁମାର ଭାରତୀୟ ଟିମ ମ୍ୟାନେଜର ଭାବରେ କାର୍ଯ୍ୟ ଭାର ତୁଲାଉଛନ୍ତି। ଡିଏଭି ପବ୍ଲିକ ସ୍କୁଲ, ପିପିଏଲ୍ ପାରାଦୀପଠାରେ ଓଡ଼ିଶା ସରକାର ଓ ଟାଟା ହକି ସହଯୋଗରେ ସ୍ଥାପିତ ଗ୍ରାସରୁଟ ହକି ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା ପରେ ଜଗତ୍‌ସିଂହପୁର ଜିଲାରେ ହକି ଖେଳରେ ଖେଳାଳିମାନେ ଅଭୂତପୂର୍ବ ସଫଳତା ହାସଲ କରିଥିବା ଡିଏଭି ସ୍କୁଲର କ୍ରୀଡ଼ା ଶିକ୍ଷକ ଶାଶ୍ୱତ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଏହି କେନ୍ଦ୍ରର ପ୍ରାୟ ୧୪ ଜଣ ଖେଳାଳି ଜାତୀୟସ୍ତରରେ ଓ ୧୩୫ ଜଣ ଖେଳାଳି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।


ହକି ପ୍ରତିଯୋଗିତାରେ ଭାଗନେଇଥିବା ଜଗତ୍‌ସିଂହପୁରର ଖେଳାଳିମାନେ।

# 'ନିର୍ଦ୍ଧାରିତ ସମୟ ସୀମା ଭିତରେ କାର୍ଯ୍ୟ ଶେଷ କର'

## କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଜଗତ୍‌ସିଂହପୁର ଜିଲା ଗସ୍ତ

ଜଗତ୍‌ସିଂହପୁର, ୧୮।୯
(ପ୍ରମୋଦ କୁମାର ନାୟକ)

ସରକାରୀ ବିଭାଗଗୁଡ଼ିକ ନିର୍ଦ୍ଧାରିତ ସମୟ ସୀମା ଭିତରେ କାର୍ଯ୍ୟ କରିବା ଉଚିତ। ଏଥିପ୍ରତି ଅଧିକାରୀମାନେ ଦାୟିତ୍ୱବାନ ହେବାକୁ ପଡ଼ିବ। ତାହା ନ ହେଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଗୁରୁବାର କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ଗୁହା ପୁନମ ତାପସ କୁମାର ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସି ବିଭାଗୀୟ ଅଧିକାରୀଙ୍କୁ ଏହି ପରାମର୍ଶ ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟାଳୟ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟର କାର୍ଯ୍ୟଧାରା ତଥା ସମ୍ପୃକ୍ତ ବିଭାଗ ଅନ୍ତର୍ଗତ ଉନ୍ନୟନମୂଳକ ଯୋଜନା, ପ୍ରକଳ୍ପର ସ୍ଥିତି, ଅଗ୍ରଗତି ସମ୍ପର୍କରେ ଆର୍‌ଡିସି ସମୀକ୍ଷା ଓ ନିରୀକ୍ଷଣ କରିଥିଲେ। ଏହି ଅବସରରେ କମିଶନର ଜିଲାପାଳଙ୍କ କାର୍ଯ୍ୟାଳୟର ରାଜସ୍ୱ, ରେଜିଷ୍ଟ୍ରାର, ଜିଲା ଅବକାରୀ ଅଧୀକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲା କ୍ରୀଡା ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ଯୋଗାଣ ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ଜିଲା ପଞ୍ଚାୟତ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଓ ଜିଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଉପବିଭାଗ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟଧାରା ନିରୀକ୍ଷଣ କରିଥିଲେ।


ମିଶନ ଶକ୍ତି କାଫେ ଆର୍‌ଡିସି ଓ ଜିଲାପାଳ ବୁଲି ଦେଖୁଛନ୍ତି।

ଜିଲାପାଳ ଜେ. ସୋନାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲାପାଳ (ପାରାଦୀପ) ନିରଞ୍ଜନ ବେହେରା, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତ୍‌ସିଂହପୁର ଓ ପାରାଦୀପ ପୌରପରିଷଦ ନିର୍ବାହୀ ଅଧିକାରୀ, ତହସିଲଦାର, ବିଡିଓମାନଙ୍କ ସମେତ ଡେପୁଟି କଲେକ୍ଟର, ସହକାରୀ କଲେକ୍ଟର ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆର୍‌ଡିସି ଜଗତ୍‌ସିଂହପୁରରେ ପହଞ୍ଚିଲା ପରେ ପ୍ରଥମେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରି ଅଧ୍ୟକ୍ଷାଙ୍କ ସହ ମହାବିଦ୍ୟାଳୟର ସୁବିଧା, ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଏହାପରେ ସେ ସ୍ଥାନୀୟ ନିଁପୁର ଗ୍ରାମ ନିକଟରେ ପ୍ରସ୍ତାବିତ ଜିଲା ମୁଖ୍ୟ ଚିକିତ୍ସାଳୟର ଜମି ପରିଦର୍ଶନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଯାଇ ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ଏହି ପରିସର ମିଶନ ଶକ୍ତି କାଫେ, ଆହାର କେନ୍ଦ୍ର ପରିଦର୍ଶନ ସହ ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଆସ ସ୍କୁଲ ଯିବା ପଦଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ସହ ଏହି ଯୋଜନା ବିଷୟରେ ଆଲୋଚନା କରିବା ସହ ଜିଲାରେ ଶିକ୍ଷା କ୍ଷେତ୍ରର ବିଭିନ୍ନ ଯୋଜନା ଓ ଏହାର ସଫଳ ରୂପାୟନ ନିମନ୍ତେ ପରାମର୍ଶ ଦେଇଥିଲେ। ଡ୍ରପ୍ ଆଉଟ୍ ପରେ ପୁଣି ବିଦ୍ୟାଳୟରେ ନାମ ଲେଖାଇଥିବା ୫ ଜଣ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବାଣ୍ଟିବା ସହ ସେମାନଙ୍କର ଅଭିଜ୍ଞତା ପଚାରିଥିଲେ। ପାଠପଢ଼ି ଭଲ ମଣିଷ ହେବା ପାଇଁ ଉତ୍ସାହିତ କରିଥିଲେ।

## ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର ଘଟଣା, ଯୁବକ କୋର୍ଟ ଚାଲାଣ

ଗୋପାଳପୁର,୧୮।୯(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଧିନସ୍ଥ ଏକ ଗ୍ରାମର ନାବାଳିକା ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର ମାମଲାରେ ଗୁରୁବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କୋଳଥିଗାଁ ଦିବାକର ଦାସ (୧୯)। ଏହି ଥାନା ଅଧିନସ୍ଥ ଏକ ଗ୍ରାମର ଯୁକ୍ତ ଦୁଇ ବାଣିଜ୍ୟ ଦ୍ୱତୀୟ ବର୍ଷର ଛାତ୍ରୀଙ୍କୁ କୋଳଥିଗାଁ ଦିବାକର ଦାସ ପ୍ରୋଲାଭନ ଦେଖି ସେପ୍ଟେମ୍ବର ୪ ତାରିଖରେ ଘରରୁ ଅପହରଣ କରି ନେଇ ଯାଇଥିଲେ। ଛାତ୍ରୀଙ୍କ ପରିବାର ଲୋକ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ଟେର ପାଇ ନ ଥିଲେ। ଏନେଇ ପରିବାର ଲୋକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେଶ୍ ନଂ. ୩୯୩/୨୫ ପ୍ରକାରେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଛାତ୍ରୀ ଓ ଦିବାକର ତାମିଲନାଡୁରେ ଥିବା ଖବର ପାଇ ବୁଧବାର ଗୋଳନ୍ଥରା ଥାନାର ଏକ ପୋଲିସ ଟିମ ସେଠାରେ ଚଢ଼ାଉ କରି ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଦିବାକରକୁ କାବୁ କରିଥିଲା। ଛାତ୍ରୀ ଜଣକ ପୋଲିସ ନିକଟରେ ଶାରୀରିକ ସମ୍ପର୍କ ରଖିଥିବା ନେଇ ପ୍ରକାଶ କରିଥିଲେ। ପରେ ପୋଲିସ ମାମଲାକୁ ପରିବର୍ତ୍ତନ କରି ବଳାତ୍କାର ମାମଲା ରୁଜୁ କରିଥିଲା। ଉଭୟଙ୍କ ଡାକ୍ତରି ମାଇନା କରିବା ପରେ ଦିବାକରକୁ ପୋଲିସ ଗିରଫ କରିଥିଲା। ବିଏନ୍ଏସ୍ଏସ୍ ୧୮୩ ଧାରା ଅନୁସାରେ ନାବାଳିକା ଛାତ୍ରୀଙ୍କ ବିଚାରପତିଙ୍କ ନିକଟରେ ବୟାନ ରେକର୍ଡ କରାଯାଇଥିଲା। ଗୁରୁବାର ଦିବାକରକୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

## ପୃଥକ୍ ଦୁର୍ଘଟଣାରେ ୪ ଗୁରୁତର

ମୋହନା,୧୮।୯(ମନ୍ମଥ ମିଶ୍ର): ଅଡ଼ବା ଓ ମୋହନା ଥାନା ଅଞ୍ଚଳରେ ଗୁରୁବାର ପୃଥକ୍ ଦୁଇଟି ଦୁର୍ଘଟଣାରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ମୋହନା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ଅପରାହ୍ନ ୪ଟାରେ ଅଡବା ଥାନା ଦାମଦୁଆ ନିକଟରେ ପିକ୍ଅପ ଭ୍ୟାନ ସହ ବାଇକ ଧକ୍କା ହୋଇଥିଲା। ଫଳରେ ବାଇକରେ ଥିବା ଟାଙ୍ଗୀଲିପଦରର ସନ୍ତୋଷ ମଲ୍ଲିକ (୩୫) ଓ ତାଙ୍କ ଭଉଣୀ ହିକିରିକୁପା ଗାଁର ବିଦ୍ୟାବତୀ ମଲ୍ଲିକ(୩୫) ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ପ୍ରଥମେ ଅଡବା ମେଡିକାଲ ଓ ପରେ ମୋହନା ମେଡିକାଲ ଆଣିଥିଲେ। ମୋହନାରୁ ସେମାନଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି। ସେହିପରି ମୋହନା ଥାନା ପି. ଗୋବିନ୍ଦପୁରରେ ଅଟୋ ସହ ବାଇକ ଧକ୍କା ହୋଇଛି। ଏଥିରେ ମେରାମା ଗାଁର ପ୍ରଦୀପ ମଲ୍ଲିକ (୩୫) ଓ ତାଙ୍କ ସ୍ତ୍ରୀ ରାଜେନ୍ଦ୍ରି (୨୫) ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ମୋହନା ମେଡିକାଲ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

## ବାଇକ୍-କାର୍ ଧକ୍କା, ୩ ଆହତ

ଖଜୁରିପଡ଼ା,୧୮।୯ (ବିଦୁର ବେହେରା) ଖଜୁରିପଡ଼ା ଥାନା ଅନ୍ତର୍ଗତ ଗିଣ୍ଡ୍ରାପଙ୍ଗା ପଞ୍ଚାୟତର ଘୋଡ଼ାଗାଡୁ ଛକରେ ବାଇକକୁ କାର ଧକ୍କା ଦେଇଛି। ଫଳରେ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ମୁତାବକ ଭୁଲ୍ଲା କନାଲି ଗାଁର ସୁନିଲ ଦିଗାଲ ସ୍ତ୍ରୀ ସୁନୀତା ଦିଗାଲ ଏବଂ ୪ବର୍ଷୀୟ ପୁଅ ସତ୍ୟଜିତ ଦିଗାଲ ଫୁଲବାଣୀରୁ ନିଜ ଗାଁକୁ ବାଇକରେ ଫେରୁଥିବା ବେଳେ ଘୋଡ଼ାଗାଡୁ ଛକରେ ଓଡ଼ି ୦୨ ସିଏଲ୍ ୫୭୩୭ କାର ସହିତ ଧକ୍କା ହୋଇଛି। ବାଇକରେ ବସିଥିବା ସୁନିଲ ଦିଗାଲଙ୍କ ସ୍ତ୍ରୀ, ପୁଅ ଆହତ ହୋଇଛନ୍ତି। ସମସ୍ତଙ୍କୁ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଛି।

# ୩ ଜଣ ଦୋଷୀ ସାବ୍ୟସ୍ତ, ୮ ମାସ କାରାଦଣ୍ଡ

### ୧୮ ବର୍ଷ ତଳେ ମରଣାତ୍ମକ ଆକ୍ରମଣ ଘଟଣାରେ ରାୟ ପ୍ରକାଶ

ଭାପୁର, ୧୮।୯(ପ୍ରଭାତ ବରାଡ)

ଗୁରୁବାର ଦିନ ଗୋଟିଏ ପରିବାରର ୩ଜଣ ସଦସ୍ୟଙ୍କୁ ମରଣାତ୍ମକ ଆକ୍ରମଣ ଅଭିଯୋଗରେ ଏକ ମାମଲା ବିଚାର କରି ଭାପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଦୀପ୍ତିମୟୀ ସାହୁ ୩ ଜଣ ଅଭିଯୁକ୍ତଙ୍କୁ ଗୁରୁବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ୮ ମାସ କାରଦଣ୍ଡାଦେଶ ଦେଇଛନ୍ତି। ୧୫୦୦ ଟଙ୍କା ଜରିମାନା ଦେବାକୁ ରାୟ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟରେ ଏକ ମାସ ୧୫ ଦିନ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ହେଲେ ଯମୁନା ନାୟକ, ପ୍ରହଲ୍ଲାଦ ନାୟକ ଓ ପରବାସୀ ନାୟକ।

ଫତେଗଡ ଥାନା ଅନ୍ତର୍ଗତ ବନମାଳୀପୁର ପଞ୍ଚାୟତ ବାସୁଦେବପୁର (କାଚେରାସାହି) ଗ୍ରାମର କବିରାଜ ନାୟକ ଅପରାହ୍ନ ସମୟରେ ନିଜ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହିତ ମାରଣାଅସ୍ତ୍ରରେ ମରଣାତ୍ମକ ଆକ୍ରମଣ କରିଥିଲେ। ଏହାକୁ ରୋକିବାକୁ ଯାଇଥିବା ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ। ଏ ନେଇ ପୀଡିତ ପରିବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ ପରେ ଅଭିଯୁକ୍ତମାନଙ୍କ ବିରୋଧରେ ଦଫା ୩୪୧/୩୨୩/୩୨୪/୨୯୪/୩୪ରେ ନଂ. ୧୧୦/୨୦୦୭ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଦାଖଲ ହେବାପରେ ମାମଲାର ବିଚାର ଭାପୁରସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତିଙ୍କ ଅଦାଲତରେ ଜି ଆର କେସ ନଂ. ୧୯୮/୨୦୦୭ରେ ପରିଚାଳିତ ହୋଇ ଆସୁଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ଦସ୍ତାବିଜକୁ ଆଧାର କରି ବିଚାରପତି ସାହୁ ଗୁରୁବାର ଅଭିଯୁକ୍ତକାରୀଙ୍କୁ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଉକ୍ତ ମାମଲାକୁ ଫତେଗଡ ଥାନାର ଏଏସ୍ଆଇ ପାଣ୍ଡୁ ଚରଣ ମହାପାତ୍ର ତଦନ୍ତ କରିଥିବା ସରକାରଙ୍କ ପକ୍ଷରୁ କ୍ୟାଡ଼ର ଏପିପି ଅନୁ ରଞ୍ଜନା ବେହେରା ପରିଚାଳନା କରୁଥିବାବେଳେ ଏପିପି କେଦାରନାଥ ସାହୁ ଏବଂ କୈଳାସ ଚନ୍ଦ୍ର ସାହୁ ସହଯୋଗ କରିଥିଲେ।

## ଅଟକ ୨ ଶିକାରୀ ଜେଲ ଗଲେ



ଗିରଫ ଶିକାରୀ।

ନୟାଗଡ଼/ରଣପୁର,୧୮।୯ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ବନ୍ୟପ୍ରାଣୀଙ୍କ ମାଂସ ଜବତ ଘଟଣାରେ ଅଟକ ଥିବା ୨ ଶିକାରୀଙ୍କ ଜାମିନ ନାମଞ୍ଜୁର ପରେ ମାନପୁର ଗାଁର ଆନନ୍ଦ ଚନ୍ଦ୍ର ଜେନା ଓ ଜଳନ୍ଧର ଜେନାଙ୍କୁ ରଣପୁର ସବ୍‌ଜେଲକୁ ଯିବାକୁ ପଡିଛି। ମଙ୍ଗଳବାର ରାତିରେ ମା' ବ୍ରାହ୍ମଣୀ ଦେବୀ ଏଗାର ମୌଜା ଜଙ୍ଗଲକୁ ୨ ଶିକାରୀ ବନ୍ଧୁକ ନେଇ ଯାଇଥିଲେ। ବିଳମ୍ବିତ ରାତିରେ ଜଙ୍ଗଲୀ ମାଂସ ଧରି ଘରକୁ ଫେରିଥିଲେ। ବୁଧବାର ମାଂସ ସିଝା ଯାଇଥିବାବେଳେ ବନବିଭାଗର କର୍ମଚାରୀ ଚଢ଼ାଉ କରି ଘରୁ ମାଂସ ଓ ବନ୍ଧୁକ ଜବତ କରିଥିଲେ। ତେବେ ଜବତ ମାଂସ କେଉଁ ଜଙ୍ଗଲୀ ଜନ୍ତୁର ଜଣାପଡି ନ ଥିବାରୁ ପରୀକ୍ଷଣ ପାଇଁ ସାମ୍ପୁଲ ପଠା ଯାଇଛି।

# ୨ ମାସ ହେଲା ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ

### ଗଡ଼ିଆସାହି ପଞ୍ଚାୟତ

ଖଣ୍ଡପଡ଼ା, ୧୮।୯ (ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ବ୍ଲକ ଅଧୀନ ଗଡିଆସାହି ପଞ୍ଚାୟତର ପିତାମହୁଲ, ପଥରଗଣ୍ଡ, ନଟବରପୁର ଶାସନ, ନୂଆ ଗଡ଼ିଆସାହି ଓ ହରିଜନସାହି ବାସିନ୍ଦା ୨ ମାସ ଧରି ମୁଖ୍ୟମନ୍ତ୍ରୀ ବସ ସେବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ପରେ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ଗଡିଆସାହି ପଞ୍ଚାୟତର ବିଭିନ୍ନ ଗ୍ରାମ ଦେଇ ମୁଖ୍ୟମନ୍ତ୍ରୀ ବସ ସେବା ଆରମ୍ଭ କରିଥିଲେ। ଫଳରେ ୨ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଓ ଛାତ୍ରୀଛାତ୍ର ଉକ୍ତ ବସ ସେବା ଦ୍ୱାରା ବିଶେଷ ଭାବେ ଉପକୃତ ହେଉଥିଲେ। ତେବେ ଗଡିଆସାହି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ମୁଖ୍ୟମନ୍ତ୍ରୀ ବସ ସେବା ପୁଣି ପ୍ରଚଳନ ନେଇ ସ୍ଥାନୀୟ ସରପଞ୍ଚ ପ୍ରତିମା ଆଚାର୍ଯ୍ୟ ଏ ସମ୍ପର୍କରେ ପଞ୍ଚାୟତ ସିମିତି ବୈଠକରେ ବିଡିଓ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଅଦ୍ୟାବଧି କୌଣସି ସୁଫଳ ମିଳି ନ ଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଉକ୍ତ ବସ ସେବା ଉପଲବ୍ଧ ନିମନ୍ତେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ନୟାଗଡ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ନଚେତ ଗଡିଆସାହି ପଞ୍ଚାୟତବାସୀ ଆଗାମୀଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଏହାଛଡା ଗଡିଆସାହି ଛକରେ ଖଳିସାହି–କୋସ୍କା ରାସ୍ତାକୁ ଅବରୋଧ କରିବେ ବୋଲି ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରାଙ୍କ ସମେତ ଗଡିଆସାହି ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି।


## ଭାଗବତ ସପ୍ତାହ ସମାପନ

ଛତ୍ରପୁର,୧୮।୯(ସନ୍ତୋଷ ପାଢ଼ୀ)

ଛତ୍ରପୁର ଉପକଣ୍ଠ କରପଡା ଗ୍ରାମ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଭାଗବତ ସପ୍ତାହ ପ୍ରବଚନ ସମାପ୍ତ ହୋଇଛି। ଉକ୍ତ କାର୍ଯ୍ୟକ୍ରମର ଅନ୍ତିମ ଦିନରେ ଭାଗବତ ଭାସ୍କର ଜଗନ୍ନାଥ ପଣ୍ଡା ଶ୍ରଦ୍ଧାଳୁମାନଙ୍କୁ ସରଳ ଭାବରେ ଭାଗବତ କଥା ପ୍ରସଙ୍ଗ ବାଖ୍ୟା ପ୍ରବଚନ ମାଧ୍ୟମରେ କହିଥିଲେ। ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥିଲା। ଶେଷ ଦିନରେ ମା' ରାମଚଣ୍ଡୀ ପୂଜା କମିଟି ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ନାୟକଙ୍କ ଦ୍ୱାରା ବ୍ୟାସପୂଜା କରି ସମାପନ କରାଯାଇଥିଲା। ଏହି ଆଧାତ୍ମିକ କାର୍ଯ୍ୟକ୍ରମକୁ ଜ୍ୟୋର୍ତିବିଦ ଦୀପକ କୁମାର ଦାସ ସଂଯୋଜନା କରିଥିଲେ। ଶେଷରେ ଭାଗବତ ତୁଙ୍ଗୀର ଜଗନ୍ନାଥ ନାୟକ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। କରପଡା ଗ୍ରାମର ଭାଗବତ ତୁଙ୍ଗି ର ମୁଖ୍ୟ ପରିଚାଳକ ନିଶାକର ନାୟକ ଙ୍କ ସହିତ ଶତାଧିକ ଭକ୍ତ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ୨୧ରେ ପ୍ରତିଷ୍ଠା ଦିବସ ପାଳନ

## ବ୍ୟାନର ଲଗାଇଲେ ମାଓବାଦୀ




ବାଲିଗୁଡ଼ା,୧୮।୯(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା, ସୁଡ୍ରା ଓ ଖମଣଖୋଲ ପଞ୍ଚାୟତରୁ ଫିରିଙ୍ଗିଆ ବ୍ଲକ୍‌କୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ଏକାଧିକ ସ୍ଥାନରେ ଗୁରୁବାର ସକାଳେ କେକେବିଏନ୍ ମାଓବାଦୀ ସଂଗଠନ ପକ୍ଷରୁ ବ୍ୟାନର ଲଗାଯାଇଛି। ଆସନ୍ତା ୨୧ ତାରିଖରେ ମାଓବାଦୀମାନେ ୨୧ତମ ପ୍ରତିଷ୍ଠା ଦିବସ ପାଳନ କରିବେ। ଏହି ଅବସରରେ ବିପ୍ଳବୀଙ୍କୁ ଉତ୍ସାହିତ କରନ୍ତୁ ବୋଲି ବ୍ୟାନରରେ ଉଲ୍ଲେଖ ଥିବା ଦେଖିବାକୁ ମିଳିଛି। ଦୀର୍ଘ ଦିନପରେ କେକେବିଏନ୍ ମାଓବାଦୀ ସଙ୍ଗଠନର ଏହି ବ୍ୟାନର ଦେଖି ଅଞ୍ଚଳରେ ପୁଣି ଭୟ ସୃଷ୍ଟି ହୋଇଛି। ସେପଟେ କନ୍ଧମାଳ ପୋଲିସ୍ ପକ୍ଷରୁ ମାଓବାଦୀ ଦମନ ପାଇଁ ଜୋରଦାର୍ ପ୍ରଚେଷ୍ଟା ଚାଲିଥିବା ବେଳେ ଦୀର୍ଘଦିନ ପରେ ପୁଣି ଥରେ ବାଲିଗୁଡ଼ା ଥାନା ଅଞ୍ଚଳରେ ମାଓବାଦୀ ସଙ୍ଗଠନର ନିଜର ସ୍ଥିତି ଜାହିର କରିଛି। ଏହା ପୋଲିସ୍ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

# ରମ୍ଭାରେ ବିଶ୍ୱକର୍ମା ସମାଜର ବୈଠକ



ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା।

ରମ୍ଭା,୧୮।୯(ବନବାସୀ ସେଠୀ)

ରମ୍ଭା ସହର ଗାୟତ୍ରୀ ଶକ୍ତି ପୀଠ ପରିସରରେ ବିରୁଳି ତାଲୁକା ବିଶ୍ୱକର୍ମା ସମାଜ ପକ୍ଷରୁ ସଭାପତି ଯୋଗୀନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ୩୪ ତାଲୁକାର ସଭାପତି ସନ୍ତୋଷ ମହାରଣା, ସମ୍ପାଦକ ହାଡୁ ବନ୍ଧୁ ମହାରଣା, ପୂର୍ବ ଖଣ୍ଡ ତାଲୁକା ଯାଞ୍ଚ କମିଟି ଅଧକ୍ଷ ନିରଞ୍ଜନ ମହାରଣା, ଉପଦେଷ୍ଟା ତଥା ୩୪ ତାଲୁକା ଉପସଭାପତି ବାବୁଲା ମହାରଣା, ବିରୁଳି ତାଲୁକା ରାଜଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣା, ସମ୍ପାଦକ ଦଣ୍ଡପାଣି ମହାରଣା, ଉପସଭାପତି ଗୋପାଳକୃଷ୍ଣ ମହାରଣା, ସହ ସମ୍ପାଦକ କିଶୋର ଚନ୍ଦ୍ର ମହାରଣା, କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମହାରଣା, ଉପଦେଷ୍ଟା କାଶୀନାଥ ମହାରଣା, ସୁଦର୍ଶନ ମହାରଣା, ଲଡୁ କିଶୋର ମହାରଣା, ସଭ୍ୟ ହରିହର ମହାରଣା, ନିରଞ୍ଜନ ମହାରଣା, ପିଣ୍ଟୁ ମହାରଣା, ଦୁର୍ଯ୍ୟୋଧନ ମହାରଣା, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାରଣା, କବିରାଜ ମହାରଣା, କେଦାର ମହାରଣା, ପୂର୍ବତନ ଉପଦେଷ୍ଟା ଦିବାକର ମହାରଣା ସମେତ ରମ୍ଭାବାସୀ ଓ କାର୍ଯ୍ୟକାରୀ କମିଟି ଉପସ୍ଥିତି ରହିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଧର ମହାରଣା, ବାବୁଲା ମହାରଣା ସଂଯୋଜନା କରିଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଚକାପାଦ, ୧୮।୯ (ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ୍ ଶଙ୍କରାଖୋଲ ଠାରେ ଗୁରୁବାର ମା'ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତଙ୍କ ଶୁଭ ସମୟରେ କମିଟିର ସମସ୍ତ ସଭ୍ୟମାନଙ୍କ ଉପସ୍ଥିତିରେ ପାରମ୍ପରିକ ବାଦ୍ୟରେ ଶୁଭଖୁଣ୍ଟି ଅଣାଯାଇ ସ୍ଥାପନ କରାଯାଇଥିଲା। ଆଶ୍ୱିନ ପୂର୍ଣ୍ଣିମା ଠାରୁ ପୂଜା ଆରମ୍ଭ ହେବ ବୋଲି କମିଟି ସଭାପତି ବିଷ୍ଣୁ ଚରଣ ଦିଗାଲ କହିଛନ୍ତି। ଚଳିତ ବର୍ଷ କମିଟି ପକ୍ଷରୁ ୨ ଦିନ ପ୍ରବଚକ ବୀରେନ୍ଦ୍ର ପଣ୍ଡା ପ୍ରବଚନ ଦେବେ। ଫୁଲବାଣୀ ନଟରାଜ କଳାନିକେତନ ଦ୍ୱାରା ଡେନ୍ସ ପ୍ରୋଗ୍ରାମ, ୨ ଦିନ ଓଡଗାଁ ନାଟ୍ୟ କଳା ପରିଷଦର ପୌରାଣିକ ନାଟକ ଦିନବେଳେ ମଞ୍ଚସ୍ଥ ହେବା ସହ ବିଶିପଡା ସାଂସ୍କୃତିକ ପରିଷଦର ସାମାଜିକ ନାଟକ କହିବାକୁ ଲାଜ ଶୁଣିଲେ ପାପର ତ୍ରିମୁଖୀ ଲଢ଼େଇ ହେବା ସହ ମିନା ବଜାର ହେବାର କାର୍ଯ୍ୟକ୍ରମ ରହିଛି। ପୂଜା କମିଟି ଉପସଭାପତି କିରାପ ପ୍ରଧାନ, ସମ୍ପାଦକ ଚିତ୍ର କହ୍ନର, ସହ ସମ୍ପାଦକ ଅଶୋକ ମଲ୍ଲିକ ଓ କୋଷାଧ୍ୟକ୍ଷ ବିକ୍ରମ ଦିଗାଲ ୧୨ଦିନ ଧରି ପୂଜା ଓ ବିଭିନ୍ନ କାର୍ଯ୍ୟକ୍ରମ କିପରି ଶାନ୍ତି ଶୃଙ୍ଖଳା ସହ ସମାପନ ହେବ କମିଟିର ସମସ୍ତ ସଦ୍ୟସଙ୍କୁ ଅନୁରୋଧ କରିଛନ୍ତି।

## ତୀର୍ଥଯାତ୍ରାରେ ଗଲେ ବରିଷ୍ଠ ନାଗରିକ



ତୀର୍ଥ କରିବାକୁ ଯାଇଥିବା ଲୋକେ।

ଫୁଲବାଣୀ,୧୮।୯(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାର ବିଭିନ୍ନ ବ୍ଲକ୍‌ରୁ ୯୧ ଜଣ ବରିଷ୍ଠ ନାଗରିକ ୨ଟି ବସ୍ ଯୋଗେ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ବସ୍ ଯୋଗେ ବ୍ରହ୍ମପୁର ଏବଂ ସେଠାରୁ ଟ୍ରେନ୍ ଯୋଗେ ଅଯୋଧ୍ୟା ଓ ବାରଣାସୀ ଯିବେ। ଏନେଇ ଜିଲାପାଳ ବେଦଭୂଷଣ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଜିଲା ପର୍ଯ୍ୟଟନ ଅଧିକାରୀ କୁମୁଦିନୀ ମଲ୍ଲିକ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା ଓ କୁଶଳ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା, ସହକାରୀ ଜିଲାପାଳ ଅନୁପମ ଆଚାର୍ଯ୍ୟ, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀ, ଫୁଲବାଣୀ ବିଡ଼ିଓ ସୌମ୍ୟରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୩୦ କେଜି ଗୋମାଂସ ଜବତ, ଜଣେ ଗିରଫ

ମୋହନା,୧୮।୯(ମନ୍ମଥ ମିଶ୍ର):

ଗଜପତି ଜିଲା ମୋହନା ଥାନା ଚନ୍ଦ୍ରଗିରିରେ ସ୍କୁଟିରେ ଚାଲାଣ ହେଉଥିବା ୩୦ କେଜି ଗୋମାଂସକୁ ପୋଲିସ ଗୁରୁବାର ଜବତ ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଚାନ୍ଦିପୁଟର ଟିଟୁ ଚରଣ ମନ୍ତ୍ରୀ (୨୩)। ଏହି ଘଟଣାରେ ଉକ୍ତ ଗାଁର ଜଣଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ଗୁରୁବାର ଚାନ୍ଦିପୁଟ ଗାଁର ଟିଟୁ ସ୍କୁଟିରେ ବଡ଼ ବସ୍ତା ଧରି ଯାଉଥିଲେ। ସନ୍ଦେହରେ ସ୍ଥାନୀୟ ବଜରଙ୍ଗ ଦଳର କେତେଜଣ ଯୁବକ ସ୍କୁଟି ଅଟକାଇ ଯାଞ୍ଚ କରିବାରୁ ମାଂସ ଦେଖି ଚନ୍ଦ୍ରଗିରି ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ସୁନୀଲ ସେଠି ଘଟଣା ସ୍ଥଳରେ ପହଞ୍ଚି ଗୋମାଂସ ଜବତ କରିଛନ୍ତି। ଏ ନେଇ ମୋହନା ଥାନାରେ ନଂ.୧୫୯/୨୫ରେ ମାମଲା ରୁଜୁ କରାଯାଇଛି।

# ବଢ଼ିଛି ବାଘୁଆ ଜଳଭଣ୍ଡାର ଜଳସ୍ତର



ବାଘୁଆ ଜଳଭଣ୍ଡାର

ବୁଗୁଡା,୧୮।୯(କାଳିଚରଣ ଦାଶ)

ଏଇ କିଛିଦିନ ହେଲା ଲଗାତର ଭାବେ ବର୍ଷା ହେବା ଯୋଗୁ ବାଘୁଆ ଜଳଭଣ୍ଡାରର ଜଳସ୍ତର ସାମାନ୍ୟ ବୃଦ୍ଧି ପାଇ ୯୧୩.୧୮ ହେକ୍ଟର ମିଟର ଜଳ ଗଚ୍ଛିତ ଥିବା ଜଣାପଡ଼ିଛି। ୩୧୦୦ ହେକ୍ଟର ମିଟର ଜଳ ଧାରଣ କ୍ଷମତା ଥିବା ବାଘୁଆ ଜଳଭଣ୍ଡାରରେ ଗତ ୩୧ ଅଗଷ୍ଟରେ ୩୮୦.୦୧ ହେକ୍ଟର ମିଟର ଅର୍ଥାତ୍ ୧୨.୨୬% ଜଳ ରହିଥିଲା ବେଳେ ତାହା ଚିନ୍ତାର କାରଣ ପାଲଟିଥିଲା। ତେବେ କିଛିଦିନ ବର୍ଷା ହେବା ହେତୁ ଜଳଭଣ୍ଡାରରେ ଗଚ୍ଛିତ ଜଳର ପରିମାଣ ବୃଦ୍ଧି ପାଇ ସେପ୍ଟେମ୍ବର ୧୬ ସୁଦ୍ଧା ୯୧୩.୧୮ ହେକ୍ଟର ମିଟରରେ ପହଞ୍ଚିଥିଲେ ସୁଦ୍ଧା ସ୍ଥିତି ନଗଣ୍ୟ ରହିଛି। ଚଳିତ ସେପ୍ଟେମ୍ବର ୧୬ତାରିଖ ସୁଦ୍ଧା ବର୍ଷା ଯୋଗୁ ୫୩୩.୧୭ ହେକ୍ଟର ମିଟର ଅର୍ଥାତ୍ ୧୭.୨% ଜଳ ବୃଦ୍ଧି ପାଇ ଏବେ ୨୯.୪୬%ରେ ପହଞ୍ଚିଛି। ଅନ୍ୟପକ୍ଷରେ ବର୍ଷା ଯୋଗୁ ଚାଷୀଙ୍କ ଜମିକୁ ଜଳ ମିଳିବା ସାଙ୍ଗକୁ ବାଘୁଆ ଜଳଭଣ୍ଡାରର ଜଳସ୍ତରରେ ମଧ୍ୟ ବୃଦ୍ଧି ଘଟିଥିବାରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ତେବେ ଅଞ୍ଚଳର ଚାଷୀଙ୍କ ଆବଶ୍ୟକତାକୁ ଭିତ୍ତିକରି ଆଗାମୀ ଅକ୍ଟୋବର ପ୍ରଥମ ସପ୍ତାହ ପରେ ବାଘୁଆ ଜଳଭଣ୍ଡାରର ଉଭୟ କେନାଲରେ ପାଳିକରି ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଉଥିବା ନେଇ ବିଭାଗୀୟ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ପାଳ କହିଛନ୍ତି।

# ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ

ବେଲଗୁଣ୍ଠା/ ଆର,ଉଦୟଗିରି,୧୮।୯(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ/ ମନୋଜ କୁମାର ପାଢୀ)

ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁସ୍ଥନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧୀକ୍ଷକ ଡାକ୍ତର ସବିତା ବେହେରାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମକୁ ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ଭୋଳ ଉଦ୍‌ଘାଟନ କରିଥିଲେ। ବେଲଗୁଣ୍ଠା ବିଡିଓ କଳାକୃଷ୍ଣ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର ମୁଖ୍ୟବକ୍ତା ଓ ଅନ୍ୟତମ ଅତିଥି ରୂପେ ସିଡିପିଓ ନଳିନୀ ମହାରଣା ଯୋଗଦେଇଥିଲେ। ନାରୀ ସୁସ୍ଥ ରହିଲେ ହିଁ ସମାଜ ଆଗକୁ ଯାଇପାରିବ ବୋଲି ତହସିଲଦାର ପ୍ରଧାନ ପ୍ରକାଶ କରିଥିବା ବେଳେ ଜଣେ ନାରୀ ଝିଅ, ନଣନ୍ଦ, ଭାଉଜ, ମାଆ, ସ୍ତ୍ରୀ, ମାଉସୀ, ପିଉସୀ, ଭଉଣୀ ଭଳି ଭୂମିକାରେ ବିଭିନ୍ନ ସମସ୍ୟା ଭିତରେ ନିଜ ପରିବାରକୁ ସୁରକ୍ଷା ଦେଉଥିବାରୁ ତା'ର ସୁସ୍ଥତା ପ୍ରତି ସମାଜ ଯତ୍ନବାନ ହେବା ଆବଶ୍ୟକ ବୋଲି ବ୍ଲକ୍ ଅଧ୍ୟକ୍ଷା କହିଥିଲେ। ଏଥିରେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ନିବେଦିତା ମହାପାତ୍ରଙ୍କ ସମେତ ଡା. ସନ୍ଦୀପ ପଣ୍ଡା, ଡା. ଆଶିଷ ମହାପାତ୍ର, ଡା. ଅଂଶୁମାନ ଦୀକ୍ଷିତ୍, ଡା. ସବିତା ବେହେରା ପ୍ରମୁଖ ମହିଳାମାନଙ୍କ ଚିକିତ୍ସା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ମାନସୀ ଦାସ, ଟିବି ସୁପରଭାଇଜର ଦୁର୍ଗା ପ୍ରସାଦ ପାତ୍ର ଏବଂ ମ୍ୟାଲେରିଆ ସୁପରଭାଇଜର କୃଷ୍ଣ ଚୌଧୁରୀ, ଆଇସିଡିଏସ୍ ସୁପରଭାଇଜର, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ରହିଥିଲେ। ବିପିଏମ୍ ଦୁର୍ଗା ପ୍ରସାଦ ପଟ୍ଟନାୟକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସେହିପରି ଗଜପତି ଜିଲା ଆର. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିପିପି କନସଲଣ୍ଟାଣ୍ଟ ଅନୁଜା ବେହେରା, ଜେଡି ଏସଜେଏଚ ଏଫଡବ୍ଲ୍ୟୁ ଡଃ.ପୁଷ୍ପାଞ୍ଜଳୀ ମିଶ୍ର ,ଏସଡିଏମ ଏନଏଚଏମ କମଳା କାନ୍ତ ସାହୁ, ଜିଲା ସ୍ତରୀୟ ଅଧିକାରୀ ଏବଂ ସ୍ଥାନୀୟ ବିଡିଓ, ମେଡିକାଲ ଇନଚାର୍ଜ ,ସରପଞ୍ଚ , ଥାନା ଏସଆଇ ଓ ଏମ୍‌ପି ପ୍ରତିନିଧି ମଞ୍ଚାସୀନ ରହି କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଡାକ୍ତରମାନଙ୍କ ଦ୍ୱାରା ଆସିଥିବା ରୋଗୀମାନଙ୍କ ପରୀକ୍ଷା,ଚିକିତ୍ସା ତଥା ମହିଳାଙ୍କ ପଞ୍ଜିକୃତ ହୋଇଥିଲା।

# ଦୁର୍ଘଟଣା ପରେ ସମ୍ପର୍କ ତୁଟିଲା

## ସ୍ତ୍ରୀ ହରାଇଲେ ଦୃଷ୍ଟିଶକ୍ତି, ହାତ ଛାଡ଼ିଦେଲେ ସ୍ୱାମୀ

ବାରିପଦା, ୧୮ା୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଭୋଲାଗଡ଼ିଆ ଗ୍ରାମର ଜଣେ ମହିଳା ଏବେ ବେସାହାରା ହୋଇପଡ଼ିଛନ୍ତି। ସଡ଼କ ଦୁର୍ଘଟଣାରେ ତାଙ୍କ ଦୃଷ୍ଟିଶକ୍ତି ଚାଲିଯିବା ପରେ ସାତଜନ୍ମର ସାଥୀ ହୋଇ ଜୀବନ ବିତାଇବାକୁ ଶପଥ ନେଇଥିବା ସିଆର୍‌ପିଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିବା ସ୍ୱାମୀ ହାତ ଛାଡ଼ିଦେଇଛନ୍ତି। ଚିକିତ୍ସା ନିମନ୍ତେ ଔଷଧ କିମ୍ବା ଭରଣପୋଷଣ ପାଇଁ ସହଯୋଗ କରୁ ନ ଥିବାରୁ ଦିବ୍ୟାଙ୍ଗ ସାଜିଥିବା ମହିଳା ଜଣକ ଏବେ ନ୍ୟାୟ ପାଇଁ ସଂଘର୍ଷ କରୁଛନ୍ତି। ସେନା ଅଧିକାରୀଙ୍କଠାରୁ ଆରମ୍ଭକରି ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ବାପଘର ଲୋକେ ଝିଅକୁ ନ୍ୟାୟ ଦେବାପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ନେତାନନ୍ଦ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଭୋଲାଗଡ଼ିଆ ଗ୍ରାମର ଲକ୍ଷ୍ମଣ ମାରାଣ୍ଡିଙ୍କ ଝିଅ ସୀତାଙ୍କୁ ବଡ଼ହାଲିଆ ଗ୍ରାମର ଗୁମୁଦା ହାଁସଦା ୨୦୧୮ ନଭେମ୍ବର ୨୫ରେ ପ୍ରେମ ବିବାହ କରିଥିଲେ। ଗୁମୁଦା ଜଣେ ସିଆର୍‌ପିଏଫ୍ ଯବାନ ହୋଇଥିବା ବେଳେ ଏବେ ସେ ବିହାର ରେଜିମେଣ୍ଟ ୨୦୫ କୋବ୍ରା ବାଟାଲିୟନରେ କାର୍ଯ୍ୟରତ ଅଛନ୍ତି। ତେବେ ବିବାହର କିଛି ବର୍ଷ ହସଖୁସିରେ କଟିବା ପରେ ୨୦୨୪ ସେପ୍ଟେମ୍ବର ୪ରେ ସ୍ତ୍ରୀ ଓ ସ୍ୱାମୀ ଉଦଳାରୁ ଘରକୁ ଫେରୁଥିବା ବେଳେ ବାରିପଦା–ଉଦଳା ରାସ୍ତାର ନାହୁଆ ଛକ ନିକଟରେ ଅନ୍ୟ ଏକ ବାଇକ୍ ତାଙ୍କୁ ଧକ୍କାଦେଇଥିଲା। ଏଥିରେ ଉଭୟେ ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହୋଇଥିଲେ। ଗୁମୁଦାଙ୍କ ଗୋଟିଏ ଗୋଡ଼ ଭାଙ୍ଗିଯାଇଥିବା ବେଳେ ସୀତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ୱାମୀ ସୁସ୍ଥ ହୋଇ ଚାକିରିରେ ଯୋଗଦେଇଥିବା ବେଳେ ୨ମାସ ଧରି ଆଇସିୟୁରେ ରହିବା ପରେ ସୀତା ଶାଶୁଘରକୁ ଫେରିଥିଲେ। ମାତ୍ର ଦୁର୍ଘଟଣାରେ ଦୁଇଟି ଆଖି ସମ୍ପୂର୍ଣ୍ଣ ନଷ୍ଟହୋଇଥିବାରୁ ଶାଶୁଘର ଲୋକେ ସୀତାଙ୍କ ସେବାଯତ୍ନ କରିବାକୁ ଅମଙ୍ଗ ହୋଇ ନଭେମ୍ବରରେ ତାଙ୍କୁ ବାପଘରକୁ ପଠାଇ ଦେଇଥିଲେ। ସେହିଦିନଠାରୁ ସୀତା ବାପଘରେ ରହି ଆସୁଛନ୍ତି। ଗୋଟିଏ ପଟେ ଆଖି ହରାଇଥିବା ଓ ଅନ୍ୟପଟେ ସ୍ୱାମୀ ହାତ ଛାଡ଼ିଦେବାରୁ ସେ ଅସହାୟ ହୋଇପଡ଼ିଛନ୍ତି। ଇତିମଧ୍ୟରେ ଗୁମୁଦା ଦ୍ୱିତୀୟ ବିବାହ ପାଇଁ ସଜବାଜ ହେଉଥିବା ବେଳେ ସୀତା ଘଟଣା ସମ୍ପର୍କରେ ଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ଆର୍ଥିକ ସହାୟତା ପାଇଁ ସୀତା ସିଆର୍‌ପିଏଫ୍ ମୁଖ୍ୟାଳୟ ଦିଲ୍ଲୀ ଏବଂ ବିହାରରେ ନିବେଦନ କରିଛନ୍ତି। ଦିବ୍ୟାଙ୍ଗ ସୀତାଙ୍କୁ ନ୍ୟାୟ ପ୍ରଦାନ ସହ ସରକାରୀ ସୁବିଧା ଯୋଗାଇଦେବାକୁ ତାଙ୍କ ବାପଘର ଲୋକେ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ଗୁମୁଦାଙ୍କ ମତାମତ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ହେଁ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।


ସୀତା ମାରାଣ୍ଡି

# ବୁଲା ଗୋରୁ ପାଇଁ ଦୁର୍ଘଟଣା, ୩ବର୍ଷରେ ୧୬୦୧ଜଣଙ୍କ ମୃତ୍ୟୁ


ବୈଠକରେ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

ଭୁବନେଶ୍ୱର, ୧୮ା୯ (ବନ୍ଦନା ସେଠୀ)

ରାସ୍ତାରେ ବୁଲୁଥିବା ଗୋରୁ ପାଇଁ ସଡ଼କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି। ଏହା ଦୁର୍ଘଟଣା ଓ ମୃତ୍ୟୁର ପ୍ରମୁଖ କାରଣ ପାଲଟୁଛି। ରାଜ୍ୟରେ ଗୋରୁଙ୍କ ବିଚରଣ କାରଣରୁ ଦୁର୍ଘଟଣା ଘଟି ୩ବର୍ଷରେ ୧୬୦୧ଜଣଙ୍କ ଜୀବନ ଯାଇଛି। ୨୦୨୨ରେ ୯୫୨ ଦୁର୍ଘଟଣାରେ ୫୨୧ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୩ରେ ୧,୧୬୮ ଦୁର୍ଘଟଣା ଘଟି ୬୪୩ ମୃତ୍ୟୁ ଏବଂ ୨୦୨୪ରେ ୯୦୩ଟି ଦୁର୍ଘଟଣାରେ ୪୩୭ ଜଣଙ୍କ ମୃତ୍ୟୁ ହୋଇଥିବା ଓଡ଼ିଶା ସଡ଼କ ଦୁର୍ଘଟଣା ତଥ୍ୟରୁ ଜଣାଯାଇଛି। ସେହିପରି ୨୦୨୨ରୁ ୨୦୨୫ ଅଗଷ୍ଟ ପର୍ଯ୍ୟନ୍ତ ଯାନବାହନ ଧକ୍କାରେ ୩୩୧ ପ୍ରାଣୀଙ୍କର ମୃତ୍ୟୁ ହୋଇଛି। ଏହି ପରିସଂଖ୍ୟାନ ସମନ୍ୱିତ କାର୍ଯ୍ୟାନୁଷ୍ଠାନର ଜରୁରୀ ଆବଶ୍ୟକତାକୁ ଦର୍ଶାଉଛି ବୋଲି ମତ ପ୍ରକାଶ ପାଇଛି। ନିରାପଦ ଯାତ୍ରା ସହିତ ରାସ୍ତାଘାଟରେ ବୁଲୁଥିବା ଗୋରୁ ପାଇଁ ଦୁର୍ଘଟଣାଜନିତ ସମସ୍ୟାର ସମାଧାନ ପାଇଁ ଗୁରୁବାର ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ରାଜ୍ୟରେ ସଡ଼କ ସୁରକ୍ଷା ବୃଦ୍ଧି ସହିତ ଉଭୟ ମଣିଷ ଏବଂ ପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ନେଇ ପ୍ରମୁଖ ସଚିବ ଗୁରୁତ୍ୱାରୋପ କରିଥିଲେ। ପ୍ରଥମଥର ଏକ ସମନ୍ୱିତ ମଡେଲରେ ପ୍ରାଣୀମାନଙ୍କ ପାଇଁ ବାଡ଼ ଦେବା, ସହଜରେ ରାସ୍ତାପାର ପାଇଁ ବ୍ୟବସ୍ଥା କରିବା, ଜବତ ଏବଂ ଦଣ୍ଡ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ, ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ୟୁନିଟ୍ ମାଧ୍ୟମରେ ସ୍ୱାସ୍ଥ୍ୟସେବା ସହାୟତା, ରାସ୍ତାକଡର ଲୋକମାନଙ୍କୁ ସଚେତନ କରିବା ଏବଂ ଓଡ଼ିଶାର ରାସ୍ତାଗୁଡ଼ିକୁ ସମସ୍ତଙ୍କ ପାଇଁ ସୁରକ୍ଷିତ ରଖାଯିବ ବୋଲି ସେ କହିଥିଲେ। ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ପ୍ରାଣୀପାଳନ ଏବଂ ପ୍ରାଣୀଚିକିତ୍ସା ସେବା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଚିହ୍ନଟ ହୋଇଥିବା ଜାତୀୟ ରାଜପଥର ଷ୍ଟ୍ରେଚ୍‌ଗୁଡ଼ିକୁ ନିକଟବର୍ତ୍ତୀ ପୌରାଞ୍ଚଳ ସହିତ ସଂଯୋଗ କରିବା ପାଇଁ ଏକ ମିଶନ୍ ମୋଡ୍‌ରେ ରଣନୀତି ଉପରେ ଧ୍ୟାନ ଦିଆଯାଇଥିଲା। ଏହାଦ୍ୱାରା ବର୍ତ୍ତମାନ ରାଜ୍ୟରେ ଥିବା ତଥା ନୂତନ ଗୋଶାଳା ମାଧ୍ୟମରେ ଗୋ–ନିୟନ୍ତ୍ରଣ ଏବଂ ଆଶ୍ରୟସ୍ଥଳ ସୁନିଶ୍ଚିତ କରାଯାଇପାରିବ। ଆଲୋଚନାରେ ବୁଲା ପଶୁଙ୍କ ଉପସ୍ଥିତି ସହିତ ରାଜପଥରେ ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକୁ ଚିହ୍ନଟ କରିବା, ଗୋଶାଳାଗୁଡ଼ିକୁ ସୁଦୃଢ଼ କରିବା ଏବଂ ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିକାଶ ବିଭାଗ ସହାୟତାରେ ଏନ୍‌ଜିଓଗୁଡିକ ସହିତ ସେବାମୁଖୀ ସହଭାଗୀତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. MCSW-BOBRN-REHAB-25-26-17
କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ BOBRN ୱାଗନଗୁଡ଼ିକର ପୁନର୍ବାସ।
ବିଜ୍ଞାପିତ ମୂଲ୍ୟ : ₹ 30,50,22,156.00, EMD : ₹ 16,75,100/-, ଶେଷ ହେବା ଅବଧି : 36 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.22.09.2025ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.10.2025ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II), CRW/ମଞ୍ଚେଶ୍ୱର
PR-609/Q/25-26



## PARADIP PORT AUTHORITY

Tender No.ENG/CE/1523/ NDC3/2024/290 Dt.12.09.2025
DEVELOPMENT OF NORTH DOCK COMPLEX-3 (NDC-3) BERTH FOR HANDLING DRY BULK CARGO ON CAPTIVE BASIS
INVITATION OF REQUEST FOR QUALIFICATION (RFQ)

Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date & time of submission of RFQ Applications is 12.11.2025 till 1400 hours.

Sd/- Executive Engineer (C)
Project Implementation Office
Paradip Port Authority
PPA/PR/43/2025-2026 dtd. 18.09.2025


# ଜିଏସ୍‌ଟି ସଂସ୍କାର ୨ ଲକ୍ଷ କୋଟିର ଆର୍ଥିକ ପ୍ରୋତ୍ସାହନ ଦେବ: ଚୁଗ୍



ଭୁବନେଶ୍ୱର, ୧୮ା୯(ସୁନିତ୍ ମିଶ୍ର)

ଜିଏସ୍‌ଟି ସୁଧାର ଦ୍ୱାରା କେବଳ ଜିଏସ୍‌ଟି ହାର ବା ଟିକସରେ କମ୍ ହେବ ନାହିଁ ବରଂ ଏହା ସାଧାରଣ ଜନତାଙ୍କର ଜୀବନଯାପନରେ ଏକ ବ୍ୟାପକ ପରିବର୍ତ୍ତନକାରୀ ଐତିହାସିକ ପଦକ୍ଷେପ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ କହିଛନ୍ତି। ଭାଜପା ବୁଦ୍ଧିଜୀବୀ ପ୍ରକୋଷ୍ଠ ଆନୁକୂଲ୍ୟରେ ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଆଗାମୀ ପିଢ଼ିର ଜିଏସ୍‌ଟି ସୁଧାର ପ୍ରସଙ୍ଗରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇ ଚୁଗ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୧୧ବର୍ଷ ଶାସନ ମଧ୍ୟରେ ଆର୍ଥିକ ଶୃଙ୍ଖଳା ଓ ଦୂରଦର୍ଶୀ ନୀତି ପାଇଁ ଭାରତ ବିଶ୍ୱର ସବୁଠାରୁ ଦୃଢ଼ ଓ ଦ୍ରୁତ ଗତିରେ ବଢୁଥିବା ଅର୍ଥନୀତି ହୋଇପାରିଛି। ନୂତନ ପିଢ଼ିର ଜିଏସ୍‌ଟି ସୁଧାର ଦ୍ୱାରା ଦେଶବାସୀଙ୍କୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ମିଳିବ। ଏହା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଏକ ମଜଭୁତ ଶକ୍ତି ଏବଂ ଗତି ପ୍ରଦାନ କରିବ। ମୋଦି ସରକାରଙ୍କର ଜିଏସ୍‌ଟି ୨.୦ ସୁଧାର ଦ୍ୱାରା ଓଡ଼ିଶାର ଡବଲ ଇଞ୍ଜିନ ସରକାରକୁ ନୂତନ ଗତି ମିଳିବ। ୧୨% ହାରରେ ଥିବା ଜିଏସ୍‌ଟି ବର୍ଗର ପ୍ରାୟ ୯୯% ସାମଗ୍ରୀକୁ ୫% ହାରକୁ ଅଣାଯାଇଛି ଏବଂ ୨୮% ହାରରେ ଥିବା ପ୍ରାୟ ୯୦% ସାମଗ୍ରୀକୁ ୧୮% ହାରକୁ କମାଇ ଦିଆଯାଇଛି। ଏଥିରେ ଉପଭୋକ୍ତାଙ୍କ ସଞ୍ଚୟ ବଢ଼ିବ, ଆବଶ୍ୟକ ସାମଗ୍ରୀର ଦାମ କମିବ ଓ ଦେଶୀୟ ଚାହିଦା ମଜଭୁତ ହେବ। ରାଜ୍ୟ ଭାଜପା ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକଙ୍କ ପୌରୋହିତ୍ୟରେ ଏହି ଆଲୋଚନାଚକ୍ରରେ ଦଳର ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

# ରେଭେନ୍‌ଶାରେ ୪ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ

କଟକ,୧୮ା୯ (କାର୍ତ୍ତିକ ସାହୁ)

ନୂତନ ଶିକ୍ଷା ନୀତି–୨୦୨୦ ଅନୁଯାୟୀ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ୪ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ପାଇଁ ନାଶନାଲ କାଉନସିଲ ଫର୍ ଟିଚର ଏଜୁକେଶନ (ଏନ୍‌ସିଟିଇ)ରୁ ସ୍ୱୀକୃତି ମିଳିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ଏନେଇ ସୂଚନା ପ୍ରଦାନ କରାଯାଇଛି। ସୂଚନା ଯେ, ରେଭେନ୍‌ଶା ଶିକ୍ଷା ବିଭାଗ ପକ୍ଷରୁ ଏହି ପାଠ୍ୟକ୍ରମ ପାଇଁ ଗତବର୍ଷ ଆବେଦନ କରାଯାଇଥିଲା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାକ୍ ମାନ୍ୟତାରେ ଗ୍ରେଡ୍ ଏ ପ୍ଲସ ପ୍ଲସ ଥିବାରୁ ସର୍ବୋଚ୍ଚ ପଏଣ୍ଟ ହାସଲ କରିଥିଲା। ଏହାପରେ ଏନ୍‌ସିଟିଇ ପକ୍ଷରୁ ଆଭାସି ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ଓ ଶୈକ୍ଷିକ ସୁବିଧାଗୁଡ଼ିକର ନିରୀକ୍ଷଣ କରାଯାଇଥିଲା। ଶିକ୍ଷା ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଷ୍ଟାଫ ତାଲିକା ପ୍ରଦାନ କରାଯିବା ପରେ ଏନ୍‌ସିଟିଇ ଏହାକୁ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛି। ଏହି ସ୍ୱୀକୃତି ମିଳିବା ପରେ ପୂର୍ବରୁ ଚାଲିଥିବା ପାରମ୍ପରିକ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏବିଏଡ୍, ବିଏସ୍‌ସି ବିଏଡ୍ ସ୍ଥାନରେ ଆଗାମୀ ଶିକ୍ଷା ବର୍ଷ ୨୦୨୬–୨୭ରେ ନୂତନ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ (ବିଏ–ବିଏଡ, ବିଏସ୍‌ସି–ବିଏଡ୍) ଆରମ୍ଭ ହେବ। ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ରମାନେ ନାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ କରାଯାଉଥିବା ନାଶନାଲ କମନ ଏଣ୍ଟ୍ରାନ୍ସ ଟେଷ୍ଟରେ ଯୋଗ୍ୟ ବିବେଚିତ ହେଲେ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ୪ ବର୍ଷିଆ ପାଠ୍ୟକ୍ରମ ସରିବା ପରେ ଛାତ୍ରୀଛାତ୍ରମାନେ କେନ୍ଦ୍ରୀୟ ତଥା ରାଜ୍ୟ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଭାବେ ନିଯୁକ୍ତି ପାଇପାରିବେ।


## ଜରୁରୀ ସୂଚନା

ଏତଦ୍ ଦ୍ୱାରା ସର୍ବସାଧାରଣ / ସୁନାରଣ ଗ୍ରହୀତା ମାନଙ୍କୁ ଜଣାଇ ଦିଆ ଯାଉଛି କି HDFC ଚଣ୍ଡିଖୋଲ ଶାଖା ଗତ ୨୮/୦୭/୨୦୨୫ ତାରିଖରୁ ପୁରୁଣା ପରିସରରୁ ନୂତନ ପରିସର କୁ ସ୍ଥାନାନ୍ତରିତ ହୋଇଛି।
ଆମର ପୁରୁଣା ଠିକଣା ହେଉଛି
HDFC ବ୍ୟାଙ୍କ S.N ପ୍ଲାଜା, [illegible], ଚଣ୍ଡିଖୋଲ ଯାଜପୁର।
ନୂତନ ଠିକଣା ହେଉଛି
HDFC ବ୍ୟାଙ୍କ ଲିମିଟେଡ୍, [illegible], ଚଣ୍ଡିଖୋଲ, [illegible], ଜିଲ୍ଲା - ଯାଜପୁର, ଓଡିଶା- [illegible]
HDFC BANK



## OFFICE OF THE PRINCIPAL
## NEELAMADHAB MAHAVIDYALAYA, KANTILO

AT/PO-KANTILO, DIST-NAYAGARH, PIN-752078 (ODISHA)
NAAC Accredited "C" Grade

Letter No. 1530 Date : 17.09.2025

CORRIGENDUM

The Quotation Call advertisement by Neelamadhab Mahavidyalaya, Kantilo in the Dharitri Daily for supplying of IT products where the last date of proposal arrival was 05.09.2025. But as per direction of Higher Education, Govt. of Odisha the last date to receive the quotation is 25.09.2025. So interested IT firms may send their Quotation to the undersigned. Other facts shall remain same.

Sd./- Principal
N.M.Mahavidyalaya, Kantilo



## GOVERNMENT OF ODISHA
WORKS DEPARTMENT
## OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA

TELEPHONE & Fax : 06846-243242, E-mail : eepwd.balliguda@gmail.com

e-procurement notice
Bid Identification No. S.E. BLG-10/2025-26
No.B-517 Dated : 10.09.2025

| Sl. No. | Name of the Work | Buildings & Road Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.45.58 lakh to 99.16 lakh |
| 2 | No. of Works | 7 (Seven) Only |
| 3 | Period & time of completion | 06 (Six) & 08 (Eight) Months |
| 4 | Date & time of availability of the bid document in the portal | 20.09.2025 to 07.10.2025 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 07.10.2025 |
| 6 | Date & Time of bid opening | 11.30 hours on Dated 08.10.2025 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website www.tendersodisha.gov.in.
Corrigendum if any, shall only be published in the above website.

Sd./- Superintending Engineer
Balliguda (R&B) Division
OIPR-34162/11/0003/2526



## ଦ.ପୂ. ରେଳପଥ - ଟେଣ୍ଡର

[illegible]

ପ୍ରତ୍ୟେକ ପାଇଁ ତା.[illegible] ୧୫.୩୦ ଘଟିକା [illegible]

ଇ-ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପଲୋଡ୍ କରାଯିବା ଜରୁରୀ। (PR-642)


# ପ୍ରଧାନଶିକ୍ଷକଙ୍କ ସହ ୩ ଶିକ୍ଷକ ନିଲମ୍ବିତ

## ସ୍କୁଲରେ ଶିକ୍ଷକ ଗଣ୍ଡଗୋଳ ଘଟଣା

ପାରଳାଖେମୁଣ୍ଡି,୧୮ା୯ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋସାଣି ବ୍ଲକ ମାଛମରା ସ୍କୁଲର ଦୁଇ ଶିକ୍ଷକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ପ୍ରଧାନଶିକ୍ଷକଙ୍କ ସମେତ ୩ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। କ୍ରୀଡା ଶିକ୍ଷକ ଏବଂ ହିନ୍ଦୀ ଶିକ୍ଷକଙ୍କୁ ଆକ୍ରମଣ କରିଥିବାରୁ ଦୁଇ ସହକାରୀ ଶିକ୍ଷକ ବି.ରାଜଶେଖରମ ଓ ଏସ. ଜୟ ରାଓ ନିଲମ୍ବିତ ହୋଇଛନ୍ତି। ସେହିପରି ପରିଚାଳନାଗତ ତ୍ରୁଟି ଓ ସରକାରୀ ସ୍ତରରେ ଆସିଥିବା ଟିଭି, ପିଲାଙ୍କ ପାଇଁ ଆସିଥିବା ସାମଗ୍ରୀଗୁଡିକର ଅପବ୍ୟବହାର କରିଥିବା ଅଭିଯୋଗରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ରଥଙ୍କୁ ନିଲମ୍ବିତ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିଲମ୍ବିତ ଏହି ୩ ଜଣ ଶିକ୍ଷକ ଗୋଷାଣୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ହେବେ। ସୂଚନାଯୋଗ୍ୟ, ମାଛମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ମଙ୍ଗଳବାର ସାମାନ୍ୟ ବଚସାକୁ ନେଇ ଦୁଇ ଶିକ୍ଷକ ଗୋଷ୍ଠୀ ମଧ୍ୟରେ ହାତାହାତି ହୋଇଥିଲା। ଶିକ୍ଷକଙ୍କ ଗଣ୍ଡଗୋଳରେ ଜଣେ ଛାତ୍ର ମଧ୍ୟ ଆହତ ହୋଇଥିଲେ। ଆହତ ଛାତ୍ରଙ୍କଠାରୁ ଘଟଣା ବିଷୟରେ ଜାଣିବା ପରେ ଅଭିଭାବକମାନଙ୍କ ସହ ଗ୍ରାମବାସୀ ବୁଧବାର ସ୍କୁଲକୁ ଆସି ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯାହାଫଳରେ ଉକ୍ତ ସ୍କୁଲରେ ସେଦିନ 'ଏକ ପେଡ୍ ମା'କେ ନାମ' କାର୍ଯ୍ୟକ୍ରମ ମଧ୍ୟ ହୋଇପାରି ନ ଥିଲା। ପରେ ବ୍ଲକ ଶିକ୍ଷା ଅଧିକାରୀ ଉକ୍ତ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରି ଜିଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ମାୟାଧର ସାହୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବୁଧବାର ରାତିରେ ପ୍ରଧାନଶିକ୍ଷକ ଓ ୨ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି।

# ୬୦ ବର୍ଷ ଛୁଇଁଥିବା ହିତାଧିକାରୀ ସୁଭଦ୍ରାରୁ ବାଦ୍ ପଡ଼ିବା ଦୁର୍ଭାଗ୍ୟଜନକ: ବିଜେଡି

ଭୁବନେଶ୍ୱର, ୧୮ା୯ (ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ ମଧ୍ୟରୁ ୬୦ ବର୍ଷ ଛୁଇଁଥିବା ପ୍ରାୟ ୯୩, ୭୯୨ ଜଣ ମହିଳା ଏଥିରୁ ମିଳୁଥିବା ସୁବିଧା ପାଇବାରୁ ବାଦ୍ ପଡ଼ିବେ। ଏହା ସ୍ପଷ୍ଟ ହୋଇଥିବା ବେଳେ ସେମାନେ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନ କରିପାରିବେ ବୋଲି ସରକାରଙ୍କ ତରଫରୁ ଦିଆଯାଇଥିବା ମନ୍ତବ୍ୟ ବାସ୍ତବିକ କଟା ଘା'ରେ ଚୂନ ଲଗାଇବା ସଦୃଶ ବୋଲି ବିଜେଡି କହିଛି। ଦଳ ତରଫରୁ ଜାରି କରାଯାଇଥିବା ଏକ ବିବୃତିରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ନିର୍ବାଚନ ସମୟରେ ଭାଜପା ତା'ର ଇସ୍ତାହାରରେ ସୁଭଦ୍ରା ଯୋଜନା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ଭାଜପା କ୍ଷମତାକୁ ଆସିବା ପରେ ପ୍ରତ୍ୟେକ ମହିଳାଙ୍କୁ ନ ଦେଇ କେବଳ ୨୧ରୁ ୬୦ ବର୍ଷର ଆର୍ଥିକ ଅନଗ୍ରସର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ଏବେ ୬୦ ବର୍ଷ ଛୁଇଁଥିବା ପ୍ରାୟ ୯୩, ୭୯୨ ଜଣ ମହିଳା ସୁଭଦ୍ରା ଯୋଜନାରୁ ବାଦ୍ ପଡିବେ ବୋଲି ସ୍ପଷ୍ଟ ହୋଇଛି। ଏମାନେ ଏବେ ସୁଦ୍ଧା ମାତ୍ର ୨ଟି କିସ୍ତି ପାଇଛନ୍ତି। ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଉଛି ବୋଲି ସରକାର ଦାବି କରୁଥିବା ବେଳେ ବାଦ୍ ପଡ଼ିବାକୁ ଯାଉଥିବା ମହିଳାମାନେ କ'ଣ ଲାଭ ଦେଲେ କୁହନ୍ତୁ। ଏହାଛଡା ବାଦ୍ ପଡ଼ିଥିବା ମହିଳାମାନେ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନ କରିପାରିବେ ବୋଲି ଯାହା କୁହାଯାଇଛି, ତାହା ଗ୍ରହଣୀୟ ନୁହେଁ। କାରଣ, ସାମାଜିକ ସୁରକ୍ଷା ଯୋଜନାରେ ପୂର୍ବରୁ ପ୍ରାୟ ୬ ଲକ୍ଷ ଲୋକ ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନକରି ଅପେକ୍ଷାରେ ଅଛନ୍ତି ବୋଲି ଲେନିନ୍ କହିଛନ୍ତି।


## ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ

କଚେରୀ ରୋଡ, ପୁରୀ–୭୫୨୦୦୧, ଓଡ଼ିଶା
Regd No-32, Pu Dt.28.11.1956, RBI License No-RPCD/Bhubaneswar 10/11 Dt.21.03.2012
Kacheri Road, Puri-752001, Ph:224553, Odisha, email:ho@upnccb.com

ନୋଟିସ ସଂଖ୍ୟା 951, ତା.18.09.25 ରିଖ

### ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି

ଏତଦ୍ୱାରା ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୬୦ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା.୨୬.୦୯.୨୦୨୫ ରିଖ ଶୁକ୍ରବାର ଦିନ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସଂସ୍କୃତି ଭବନ ପୁରୀଠାରେ ଅନୁଷ୍ଠିତ ହେବ, ଉକ୍ତ ସାଧାରଣ ସଭାରେ ସମିତିର ସଭାପତି/କ୍ଷମତା ପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ।

**ବିଶେଷ ଦ୍ରଷ୍ଟବ୍ୟଃ** ସାଧାରଣ ସଭାରେ ଯୋଗଦାନ ନିମନ୍ତେ ସମିତିର ସଭାପତି କିମ୍ବା ପ୍ରଶାସକଙ୍କ ଦ୍ୱାରା ଅନୁମୋଦିତ ନିର୍ଦ୍ଧାରଣର ଅବିକଳ ନକଲ ନିଜ ସାଙ୍ଗରେ ଆଣିବାକୁ ଅନୁରୋଧ ଏବଂ ଦିନ ସକାଳ ୦୯.୩୦ ଘଟିକାଠାରୁ ସଂସ୍କୃତି ଭବନ ପୁରୀଠାରେ ପଞ୍ଜୀକରଣ କରାଯିବ।

**କାର୍ଯ୍ୟସୂଚୀ:**
୧. ତା.୦୬.୧୨.୨୦୨୪ ରିଖରେ ଅନୁଷ୍ଠିତ ୫୯ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢୀକରଣ।
୨. ୨୦୨୪–୨୫ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଦୃଢୀକରଣ।
୩. ୨୦୨୪–୨୫ ଆର୍ଥିକ ବର୍ଷର ସମୀକ୍ଷା ଫର୍ଦ୍ଦ ପଠନ ଓ ଗ୍ରହଣ।
୪. ଆଗାମୀ ୨୦୨୫–୨୬ ଆର୍ଥିକ ବର୍ଷ ନିମନ୍ତେ ଆୟ ବ୍ୟୟ ଅଟକଳ (ବଜେଟ) ଅନୁମୋଦନ ଓ ଶୀର୍ଷ ବ୍ୟାଙ୍କକୁ ପ୍ରେରଣ।
୫. ୨୦୨୪–୨୫ ଆର୍ଥିକ ବର୍ଷର ନେଟ ଲାଭର ଆବଣ୍ଟନ ନିମନ୍ତେ ନିଷ୍ପତ୍ତି ଗ୍ରହଣ।
୬. ୨୦୨୬–୨୭ ଆର୍ଥିକ ବର୍ଷ ନିମନ୍ତେ ବ୍ୟବସାୟିକ ଉନ୍ନୟନ ଯୋଜନା ଅନୁମୋଦନ।
୭. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)

ପରିଚାଳନା ପରିଷଦଙ୍କ ଅନୁମୋଦନ କ୍ରମେ
Sd./– (ଶ୍ରୀଯୁକ୍ତ ସାରଥୀ ଶତପଥୀ)
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ


# କୋଇଲା ଖଣିରେ ମୃତକଙ୍କ ପରିବାରକୁ ମିଳିବ ୨୫ ଲକ୍ଷ ଅନୁକମ୍ପା ରାଶି

ତାଳଚେର,୧୮ା୯ (ମନୋଜ ନନ୍ଦ)

କୋଇଲା ଖଣିରେ କାର୍ଯ୍ୟରତ କୌଣସି ଠିକା ଶ୍ରମିକଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାରକୁ ୧୫ ଲକ୍ଷ ପରିବର୍ତ୍ତେ ୨୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରେ ଏ ନେଇ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହାକୁ ନେଇ ତାଳଚେର କୋଇଲା ଖଣିର ସମସ୍ତ ଠିକା ଶ୍ରମିକ ଖୁସି ପ୍ରକଟ କରିଛନ୍ତି। ଏହି ବିଜ୍ଞପ୍ତି ପ୍ରକାଶ ପରେ ଭାଜପା ଓ ଶ୍ରମିକମାନଙ୍କ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କୋଇଲା ମନ୍ତ୍ରୀ ଜି. କିସାନ ରେଡ୍ଡୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବରିଷ୍ଠ ନେତା କାଳନ୍ଦୀ ସାମଲଙ୍କୁ ଧନ୍ୟବାଦ ଜଣାଯାଇଛି। ଭାଜପା ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ, ସମସ୍ତ ମଣ୍ଡଳ ସଭାପତି ଅଜୟ ସାହୁ, ସୁଶାନ୍ତ ସାମଲ, ରାଜେଶ ଦଳେଇ, ଦୀପକ ଦାସ, ମାନସ ସାହୁ ଓ ସନ୍ତୋଷ ମହାନ୍ତିଙ୍କ ସମେତ ସମସ୍ତ ପଦାଧିକାରୀ ଓ ଶ୍ରମିକ ନେତା ଧନ୍ୟବାଦ ଜଣାଇଛନ୍ତି।


## इंडियन बैंक Indian Bank
इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ: ବ୍ରହ୍ମପୁର, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି–୨ (ପୂର୍ବ), ସହୀଦ ନଗର, ଭୁବନେଶ୍ୱର–୭୫୧୦୦୭

ପରିଶିଷ୍ଟ–୪[ରୁଲ୍–୮(୧)]
## ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବରମୁଣ୍ଡା ଶାଖା /** ଋଣଗ୍ରହୀତାମାନେ: ୧) ମେସର୍ସ ବାସୁଦେବ ଏଜେନ୍ସି, ୨) ଶ୍ରୀମତୀ ଯଶୋରିକା ମହାନ୍ତି, ମେସର୍ସ ବାସୁଦେବ ଏଜେନ୍ସିର ସ୍ୱତ୍ୱାଧିକାରୀ, ସ୍ୱାମୀ: ପ୍ରଭଞ୍ଜନ ମହାନ୍ତି / ଜାମିନ୍‌ଦାର: ଶ୍ରୀ ପ୍ରଭଞ୍ଜନ ମହାନ୍ତି, ପିତା: ନିରଞ୍ଜନ ମହାନ୍ତି, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୧୬୨, ଧର୍ମ ବିହାର, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | ଟ.୩୨,୬୬,୦୪୪.୦୦ + ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ | ୧୧.୦୭.୨୦୨୩ / ୧୭.୦୯.୨୦୨୫ | ଜମି ଯାହାର କ୍ଷେତ୍ର: ଏକର୦.୬୯ ଡିସିମିଲି (୩୦୦୫ ବର୍ଗଫୁଟ), ଆର୍‌ଏସ୍‌ଡ଼ି ନଂ.: ୧୧୦୮୧୧୨୬୩୭୯, ଭଲ୍ୟୁମ ନଂ.: ୫୩୧, ତା.୨୨.୧୦.୨୦୧୧, ଖାତା ନଂ.: ୫୪୦/୧୨୯୭, ପ୍ଲଟ୍ ନଂ.: ୫୯/୨୬୫୮/୩୬୭୦, ମୌଜା: ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ ନଂ.–୨୬, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା, ଏହାର ଚଉହଦୀ- ପୂର୍ବ: ଶ୍ରୀମତୀ ପୁବାଲୀ ରଣା (ବିକ୍ରେତା)ଙ୍କ ପ୍ଲଟ, ପଶ୍ଚିମ: ପ୍ଲଟ୍ ନଂ. ୨୬୫, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୧୩୯ |
| **ଶଙ୍ଖେଶ୍ୱରହାଟ ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ସନ୍ତୋଷ କୁମାର ସାହୁ / ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ ଧୁନ ଚନ୍ଦ୍ର ସାହୁ ଏବଂ ୨) ଶ୍ରୀ ଜୟଦେବ ସାହୁ, ସମସ୍ତଙ୍କ ଠିକଣା- ସା: ଶଙ୍ଖେଶ୍ୱରହାଟ, ପୋ: ଶଙ୍ଖେଶ୍ୱର, ଥାନା: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର, ପିନ୍–୭୫୪୧୩୭ (ଓଡ଼ିଶା) | ଟ.୪,୪୬,୬୮୧.୦୦ + ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ | ୧୮.୦୬.୨୦୨୫ / ୧୮.୦୯.୨୦୨୫ | ଶ୍ରୀ ସନ୍ତୋଷ କୁମାର ସାହୁ, ଶ୍ରୀ ଜୟଦେବ ସାହୁ ଏବଂ ଶ୍ରୀ ଧୁନ ଚନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୦୪/୧୯୦, ପ୍ଲଟ୍ ନଂ.: ୧୬୪୭, କ୍ଷେତ୍ର: ଏକର୦.୧୯ ଡିସିମିଲି ଏବଂ ଖାତା ନଂ.: ୭୦୪/୩, ପ୍ଲଟ୍ ନଂ.: ୧୬୪୭/୨୩୫୩, କ୍ଷେତ୍ର: ଏକର୦.୧୯ଡିସିମିଲି, ମୌଜା: କୋଲଟା, ଥାନା: ତିର୍ତ୍ତୋଲ, ତହସିଲ: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ଚୌହଦୀ: ୧) ଖାତା ନଂ.: |

୭୦୪/୧୯୦, ପ୍ଲଟ୍ ନଂ.: ୧୬୪୭ର ଚଉହଦୀରେ- ଉତ୍ତର: ଧୁନ ସାହୁଙ୍କ ପ୍ଲଟ୍, ଦକ୍ଷିଣ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍, ପୂର୍ବ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍, ପଶ୍ଚିମ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍, ୨) ଖାତା ନଂ.: ୭୦୪/୩, ପ୍ଲଟ୍ ନଂ.: ୧୬୪୭/୨୩୫୩ର ଚଉହଦୀରେ- ଉତ୍ତର: ଧୁନ ସାହୁଙ୍କ ପ୍ଲଟ୍, ଦକ୍ଷିଣ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍, ପୂର୍ବ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍, ପଶ୍ଚିମ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍,

ତାରିଖ: ୧୮.୦୯.୨୦୨୫
ସ୍ଥାନ: ଭୁବନେଶ୍ୱର
ସ୍ୱା/– କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ


ଓମ୍ମ ସଂଘ ।


ପାରାଦୀପ ଟ୍ରକ୍ ମାଲିକ ସଂଘ ।


ବନ୍ଦର ବିଦ୍ୟୁତ୍ ବିଭାଗ।

## ବିଶ୍ୱକର୍ମା ପୂଜା ମହୋତ୍ସବର ଦ୍ୱିତୀୟ ଦିନ

**ଗହଳି ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଛି**

ପାରାଦୀପ,୧୮।୯(ଶରତ ରାଉତ)

ପାରାଦୀପର ଗଣପର୍ବ ବିଶ୍ୱକର୍ମା ପୂଜା ମହୋତ୍ସବ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଅନୁକୂଳ ପାଗ ଓ ଆକର୍ଷଣୀୟ ତୋରଣ ଯୋଗୁ ଦିନ ତମାମ ପୂଜା ଅଞ୍ଚଳରେ ଭିଡ ଦେଖିବାକୁ ମିଳିଛି। ବିଶେଷକରି ଅପରାହ୍ନ ୪ଟା ପରେ ଥାନାଛକ ଠାରୁ ହୋଟେଲ ଛକ ପର୍ଯ୍ୟନ୍ତ ଗହଳି ଲାଗିଛି। ରାସ୍ତା କଡରେ ଉଠା ଦୋକାନ, ଜୟଦେବ ଭବନ ପରିସରରେ ମୀନାବଜାର, ଦୋଳି ଓ ବ୍ୟାଙ୍କ ଛକରେ ମେଳା ପଡ଼ିଛି। ସନ୍ଧ୍ୟାରେ ପ୍ରାୟ ୩ଟି ମଣ୍ଡପ ପାଖରେ ମେଲୋଡି ହୋଇଛି।


ଡମ୍ପର ମାଲିକ ସଂଘ ।

## ହାଇଓ୍ୱା ମାଡ଼ିଯିବାରୁ ଯୁବକଙ୍କ ମୃତ୍ୟୁ

ଡେରାବିଶ,୧୮।୯ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଗୋଲରାହାଟ ପଞ୍ଚାୟତ ଶ୍ରୀଦଧିବାମନଜୀଉଙ୍କ ମନ୍ଦିର ନିକଟସ୍ଥ ରାସ୍ତାରେ ଏକ ସଡ଼କ ଦୁର୍ଘଟଣା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଅନାମ ବେହେରା(୪୦) ହୋଇଥିବା ବେଳେ ସ୍ଥାନୀୟ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ନୂଆହାଟ ଗ୍ରାମର ଅକ୍ଷୟ ବେହେରାଙ୍କ ପୁଅ ବୋଲି ଜଣାଯାଇଛି। ଅନାମ ଗୁରୁବାର ପୂର୍ବାହ୍ନରେ ଶ୍ରୀଦଧିବାମନଜୀଉ ମନ୍ଦିର ନିକଟସ୍ଥ ରାସ୍ତାରେ ଏକ ସ୍କୁଟି ଯୋଗେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏକ ହାଇଓ୍ୱାକୁ ଅତିକ୍ରମ କରୁଥିଲା। ଏହି ସମୟରେ ଉକ୍ତ ଡାଇଓ୍ୱାଟି ଅନାମଙ୍କ ଉପରକୁ ମାଡିଯାଇଥିଲା। ଫଳରେ ଅନାମଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ, ଅନାମ ଓ ତାଙ୍କ ମା' ବଳଭଦ୍ରପୁର କରତକଳ ଶିଳ୍ପାଞ୍ଚଳ ନିକଟରେ ଏକ ଚା' ଜଳଖିଆ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ଅନାମଙ୍କ ସ୍ତ୍ରୀଙ୍କ ସମେତ ଛୋଟ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଅନାମଙ୍କ ମୃତ୍ୟୁରେ ପରିବାର ବେସାହାରା ହୋଇପଡିଛନ୍ତି। ଏହିଘଟଣାକୁନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏନେଇ ଡେରାବିଶ ଥାନାରେ କୌଣସି ମାମଲା ରୁଜୁହୋଇନଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଥାନା ବାରଣ୍ଡାରେ ସରପଞ୍ଚଙ୍କ ଅନଶନ


ଥାନା ସମ୍ମୁଖରେ ସରପଞ୍ଚମାନେ ଅନଶନରେ ବସିଛନ୍ତି ।

**ରାଜପୁର ମହିଳା ସରପଞ୍ଚଙ୍କୁ ଘରେ ପଶି ସଂଘବଦ୍ଧ ଆକ୍ରମଣ ଘଟଣା**

- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆମ୍ବେଡକର ବିଚାର ଲୋହିଆ ମଞ୍ଚ ପକ୍ଷରୁ ଧାରଣା
- ପୂର୍ବତନ ସରପଞ୍ଚ, ଅନ୍ୟମାନଙ୍କ ନାଁରେ ମାମଲା ପ୍ରତ୍ୟାହାର ଦାବି

ରାଜନଗର, ୧୮।୯ (ଭାସ୍କର ରାଉତରାୟ)

ମହିଳା ସରପଞ୍ଚଙ୍କୁ ତାଙ୍କ ଘରେ ପଶି ସଂଘବଦ୍ଧ ଭାବେ ଆକ୍ରମଣ କରାଯିବା ଘଟଣାରେ ପୋଲିସ ମାମଲା ରୁଜୁ କରି ବସିଛି। ଏହି ଘଟଣାକୁ ନେଇ ରାଜନଗର ରାଜନୀତି ସରଗରମ ହୋଇପଡିଛି। ଗୁରୁବାର ରାଜନଗର ଥାନା ଆଗରେ ୩ଟି ଧାରଣା ଦେଖିବାକୁ ମିଳିଛି। ରାଜପୁର ସରପଞ୍ଚ ରାଣୀମଞ୍ଜରୀ ସେଠୀ ନିଜେ ନ୍ୟାୟ ପାଇଁ ଥାନା ବାରଣ୍ଡାରେ ଧାରଣାରେ ବସିଛନ୍ତି। ସରପଞ୍ଚଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆମ୍ବେଡକର ବିଚାର ଲୋହିଆ ମଞ୍ଚ ଓ ମାମଲା ପ୍ରତ୍ୟାହାର ଦାବିରେ ପୂର୍ବତନ ସରପଞ୍ଚଙ୍କ ସମର୍ଥନରେ ରାଜନଗର ବ୍ଲକର ଅନୁସୂଚିତ ଜାତି ସମ୍ପ୍ରଦାୟର ଲୋକେ ଧାରଣାରେ ବସିଛନ୍ତି।

ରାଜନଗର ବ୍ଲକ ରାଜପୁର ପଞ୍ଚାୟତର ସରପଞ୍ଚ ରାଣୀମଞ୍ଜରୀ ସେଠୀଙ୍କୁ ତାଙ୍କ ଘରେ ପଶି ଆକ୍ରମଣ ନେଇ ଗତ ୬ ତାରିଖରେ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଆଜିଯାଏ ଗିରଫ କରିନାହିଁ। ଏହି ଘଟଣାରେ ପୂର୍ବରୁ କେନ୍ଦ୍ରାପଡ଼ା ଜିଲା ସରପଞ୍ଚ ସଂଘର ସଭାନେତ୍ରୀ ଚାମେଲୀ ଓଝାଙ୍କ ନେତୃତ୍ୱରେ ସରପଞ୍ଚମାନେ ରାଜନଗର ଆଇଆଇସି, କେନ୍ଦ୍ରାପଡ଼ା ଜିଲାପାଳ, କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ। ବୁଧବାର ରାତି ପ୍ରାୟ ୨ଟା୩୦ରେ ତାଙ୍କ ଘରର କବାଟ ଓ ଝରକାକୁ କେତେଜଣ ଦୁର୍ବୃତ୍ତ ଗୋଇଠା ମାରି ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଭଲରେ ଏତଲା ଉଠାଇ ଆଣ, ନଚେତ୍ ଘର ସହ ପୂରା ପରିବାରକୁ ପେଟ୍ରୋଲ ଢାଳି ଜାଳିଦେବୁ ବୋଲି ଧମକ ଦିଆଯାଇଥିବା ନେଇ ଗୁରୁବାର ଆଉ ଏକ ଅଭିଯୋଗ ସରପଞ୍ଚ ସେଠୀ କରିବା ସହ ନ୍ୟାୟ ପାଇଁ ଥାନା ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଘରେ ମରିବା ଅପେକ୍ଷା ନ୍ୟାୟ ନ ପାଇବା ଯାଏ ଥାନା ଆଗରେ ବସି ରହିବି ବୋଲି ସେ କହିଛନ୍ତି। ସରପଞ୍ଚଙ୍କୁ ନ୍ୟାୟ ଦାବିରେ ମହିଳାମାନେ ମଧ୍ୟ ଥାନା ବାରଣ୍ଡାରେ ବସି ରହିଛନ୍ତି।

ମହିଳା ଓ ଅନୁସୂଚିତ ଜାତି ସରପଞ୍ଚଙ୍କୁ ଘରେ ପଶି ଆକ୍ରମଣ ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଗୁରୁବାର ଆମ୍ବେଡକର ଲୋହିଆ ବିଚାର ମଞ୍ଚ ପକ୍ଷରୁ ଥାନା ଆଗରେ ଧାରଣା ଦିଆଯାଇଛି। ଏଥିରେ ମଞ୍ଚର ଜିଲା ସଭାପତି ରବୀନ୍ଦ୍ର ସେଠୀ, ଜିଲା ସମ୍ପାଦକ ଦଶରଥ ମଳିକ, ରାଜନଗର ବ୍ଲକ ସମ୍ପାଦକ ବାବନ ଜେନା, କେନ୍ଦ୍ରାପଡ଼ା ଜିଲା ଦଳିତ ଜାତିସଂଘର ସଭାପତି ବାରେଣୀ ସେଠୀ, ପଟ୍ଟାମୁଣ୍ଡାଇ ବ୍ଲକ ଦଳିତ ଜାତିସଂଘ ସଭାପତି କଳ୍ପତରୁ ମଲ୍ଲିକ, ସମ୍ପାଦକ ଦିଲୀପ ମଳିକ, କେନ୍ଦ୍ରାପଡା ଜିଲା ସମତା ମୌଳିକ ଦଳ ସଭାପତି ଖଗେଶ୍ୱର ମଳିକ, ମଞ୍ଚର କେନ୍ଦ୍ରାପଡ଼ା ଜିଲା ମହିଳା ସଭାନେତ୍ରୀ ପ୍ରମିଳା ସେଠୀ, ସମ୍ପାଦକ ସୀତା ସେଠୀ ପ୍ରମୁଖ ଧାରଣାରେ ବସି ରହିଛନ୍ତି।

ଅନ୍ୟପକ୍ଷରେ ରାଜନଗର ଅନୁସୂଚିତ ଜାତି ସମ୍ପ୍ରଦାୟ ପକ୍ଷରୁ ଥାନା ଆଗରେ ମଧ୍ୟ ଧାରଣା ଦିଆଯାଇଛି। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସ୍ୱାର୍ଥ ସାଧନ ପାଇଁ ଅନୁସୂଚିତ ଜାତି ସଂଘକୁ ବ୍ୟବହାର କରି ରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନିମାଇଁ ଚରଣ ରାଉତ ଓ ଅନ୍ୟମାନଙ୍କ ନାଁରେ ବର୍ତ୍ତମାନର ସରପଞ୍ଚ ମିଥ୍ୟା ଅଭିଯୋଗ କରିଛନ୍ତି। ଏହି ମାମଲାରେ ପୂର୍ବତନ ସରପଞ୍ଚ ଓ ଅନ୍ୟମାନଙ୍କର ସମ୍ପୃକ୍ତି ନ ଥାଇ ତାଙ୍କୁ ଫସାଇବାକୁ ଚକ୍ରାନ୍ତ କରିଛନ୍ତି। ପୂର୍ବତନ ସରପଞ୍ଚ ଓ ଅନ୍ୟମାନଙ୍କ ନାଁରେ ହୋଇଥିବା ଅଭିଯୋଗ ପ୍ରତ୍ୟାହାର ଦାବିରେ ଥାନା ଆଗରେ ଶ୍ରୀଚରଣ ସେଠୀ, ରବୀନ୍ଦ୍ର ସେଠୀ, ବ୍ରହ୍ମାନନ୍ଦ ସେଠୀ, ଗୋପାଳ ମଳିକ, ସୂର୍ଯ୍ୟକାନ୍ତ ସେଠୀ ପ୍ରମୁଖ ମୁଖ୍ୟ ଫାଟକରେ ଧାରଣାରେ ବସିଛନ୍ତି।

**ସେଲ୍‌ଫି କର୍ନରେ ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଙ୍କିତା


@ ଦିଲୀପ


@ ରଶ୍ମିରଞ୍ଜନ


@ ସରିତା


@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବୁଲା ଷଣ୍ଢଙ୍କ ବେକ୍‌ରେ ରେଡିୟମ ଫିତା ଲଗାଇଲେ ଯୁବକ



ରାଜକନିକା,୧୮।୯(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଅଞ୍ଚଳରେ ଦିନକୁଦିନ ବୁଲା ଷଣ୍ଢଙ୍କ ଦୈରାତ୍ମ୍ୟ ବଢି ଚାଲିଛି। ରାସ୍ତାଘାଟ, ବିଲବାଡି, ଗଳିକନ୍ଦିରେ ମାଳମାଳ ଷଣ୍ଢ ଏବେ ଦେଖିବାକୁ ମିଳୁଛନ୍ତି। ଗାଡି ଦୁର୍ଘଟଣାରେ ବି ବହୁତ ଷଣ୍ଢ ମୃତାହତ ହେଉଛନ୍ତି। ଏହାର ନିରାକରଣ ପାଇଁ କେତେଜଣ ସଚେତନ ଯୁବକ ଷଣ୍ଢଙ୍କ ବେକରେ ରେଡିୟମ୍ ଲଗାଇବାର ପ୍ରୟାସ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଦୁର୍ଘଟଣା ଅନେକ ମାତ୍ରାରେ କମିବ ବୋଲି ଯୁବକମାନେ କହିଛନ୍ତି। ଏହାର ନେତୃତ୍ୱ ନେଇଥିବା ସାମାଜିକ କର୍ମୀ ସଞ୍ଜିବ ନାୟକ କହିଛନ୍ତି, ବୁଧବାର ଷଣ୍ଢମାନଙ୍କୁ ଠାବ କରାଯାଇ ସେମାନଙ୍କ ବେକରେ ରେଡିୟମ୍ ଫିତା ପିନ୍ଧା ଯିବାର ପ୍ରୟାସ ଆରମ୍ଭ ହୋଇଛି। ଯୁବକମାନଙ୍କ କହିବା କଥା ରାତି ଅନ୍ଧାରରେ ଷଣ୍ଢମାନେ କଟକ-ଚାନ୍ଦବାଲି ରାସ୍ତା, ରାଜକନିକା-ଓଳାଭର ରାସ୍ତା, ଓଳାଭର-କଣ୍ଡିଆ ରାସ୍ତାରେ ଅନବରତ ଯିବା ଆସିବା କରିଥାନ୍ତି। ତାହା ପୁଣି ରାତି ଅନ୍ଧାରରେ। ଏଥିପାଇଁ ଗାଡି ଚାଳକମାନେ ସେମାନଙ୍କୁ ଦେଖି ନ ପାରି ଦୁର୍ଘଟଣାର ଶୀକାର ହେଉଛନ୍ତି। ଯାହାଫଳରେ କେଉଁଠି ଷଣ୍ଢଙ୍କ ଜୀବନ ଯାଇଥାଏ ତ କେଉଁଠି ଗାଡ଼ି ଚାଳକ ଅଥବା ସବୁଦିନ ପାଇଁ ପଙ୍ଗୁ ହୋଇ କଷ୍ଟ ଅନୁଭବ କରିଥାନ୍ତି। ଏଭଳି ସ୍ଥିତିକୁ ଆଖି ଆଗରେ ରଖି ସଚେତନ ଯୁବକମାନେ ନିଜସ୍ୱ ଖର୍ଚ୍ଚରେ ରେଡିୟମ ଫିତା ଷଣ୍ଢଙ୍କ ବେକରେ ଲଗାଇ ନୂଆ ପ୍ରୟାସ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୦ଟି ଷଣ୍ଢଙ୍କ ବେକରେ ଫିତା ଲଗାଇଥିଲେ। ଯଦିଓ ଷଣ୍ଢଙ୍କୁ ଧରି ତାଙ୍କ ବେକରେ ରେଡିୟମ୍ ଫିତା ଲଗାଇବା କଷ୍ଟକର ତଥାପି ବି ସାହାସର ସହ ଏଭଳି କରାଯାଇଛି। ଆଗାମୀଦିନରେ ସମସ୍ତ ବୁଲା ଷଣ୍ଢଙ୍କୁ ବେକରେ ଏହି ଫିତା ଲଗାଯିବ ବୋଲି ସୁଶାନ୍ତ ନାୟକ, ଅବିନାଶ ବେହେରା, ପ୍ରଦୀପ୍ତ ବେହେରା, ରାକେଶ ସାମଲ, ଦୀପକ ନାୟକ, ଶୁଭମ୍ ଦଳାଇ, ସମୀର ବେହେରା, ଚଗଲା ସାହୁ ପ୍ରମୁଖ କହିଛନ୍ତି। ଯୁବକମାନଙ୍କ ଏମିତି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବିଜେଡିର ବାଲିଚନ୍ଦ୍ରପୁର ଥାନା ଘେରାଉ

**ଥାନା ଅଧିକାରୀଙ୍କ ବଦଳି ଦାବି**

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୮।୯ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ):

ବଡ଼ଚଣା ବିଜେଡି ପକ୍ଷରୁ ଗୁରୁବାର ବାଲିଚନ୍ଦ୍ରପୁର ଥାନା ଘେରାଉ କରାଯାଇଛି। ଏଥିସହିତ ଥାନା ଅଧିକାରୀଙ୍କ ବଦଳି ଦାବି କରାଯାଇଛି। ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚଣ୍ଡିଆ ପାହାଡ଼ରୁ ଦାମୀ ମୂର୍ତ୍ତି ପଥର ଚାଲାଣ ହେଉଛି। ମାଣ୍ଡୁକା, କେଶରାଇପୁର ଓ ଶୁଖୁଆପଡ଼ା ପାହାଡ଼ରୁ ଦୈନିକ ପଥର ଚୋରାଚାଲାଣ ହେଉଛି। ସେହିପରି ବିଭିନ୍ନ ନଦୀରୁ ବାଲି ଚୋରାଚାଲାଣ ହେଉଛି। ବିଭିନ୍ନ ଅଞ୍ଚଳରୁ ମାଟି ମଧ୍ୟ ଚୋରାଚାଲାଣ କରାଯାଉଛି। ମାତ୍ର ସବୁ ଜାଣି ପୋଲିସ ନୀରବତା ଅବଲମ୍ବନ କରି ମୋଟା ଅଙ୍କର ଚାନ୍ଦା ଆଦାୟ କରୁଛି। କେବଳ ସେତିକି ନୁହେଁ, ସଧାରଣ ଲୋକଙ୍କ ନାମରେ ମିଛ ମାମଲା ରୁଜୁ କରି ହଇରାଣ କରୁଛି। ଗତ ୫ ତାରିଖରେ ୧୫ଜଣ ମହିଳା ଆସି ଥାନା ଘେରାଉ କରିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀଙ୍କ ନାମରେ ପୋଲିସ ମିଛ ମାମଲା ରୁଜୁ କରିଛି ବୋଲି ବିଜେଡି ଅଭିଯୋଗ କରିଛି। ଥାନା ଅଧିକାରୀ ମିଛ ମାମଲା ରୁଜୁ କରୁଥିବାରୁ ତାଙ୍କ ବିରୋଧରେ ଏସ୍‌ପି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦଳ ଦାବି କରିଛି।


ବିଜେଡି କର୍ମୀମାନେ ଥାନା ଘେରାଉ କରିଛନ୍ତି ।

ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ବହୁ କର୍ମୀ ବାଲିଚନ୍ଦ୍ରପୁର ବଜାର ପରିକ୍ରମା କରି ଆସି ଥାନା ନିକଟରେ ପ୍ରତିବାଦ ସଭା କରିଥିଲେ। ସରପଞ୍ଚ ଜ୍ଞାନ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ପୂର୍ବତନ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନନ୍ଦ, କୈଳାସ ଚନ୍ଦ୍ର ରାଉତ, ସରସ୍ୱତୀ ବେହେରା, ଗଗନ ସ୍ୱାଇଁ, ଦିଲୀପ ସାମଲ, ମନ୍ମଥକେଶରୀ ସାହେବରାୟ, ନିରଞ୍ଜନ ବିଶ୍ୱାଳ, ପ୍ରବୀର ସାମଲ, ଜସୋଦିପ୍ତ ସାମଲ ପ୍ରମୁଖ ବକ୍ତବ୍ୟ ରଖି ପୋଲିସ କାର୍ଯ୍ୟଧାରା ଉପରେ ବର୍ଷିଥିଲେ।

ପ୍ରାରମ୍ଭରେ କର୍ମୀ ବାଲିଚନ୍ଦ୍ରପୁର ବଜାର ପରିକ୍ରମା କରି ବଜାର ମଧ୍ୟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଏକ ଶୋଭାଯାତ୍ରାରେ ଯାଇ ଥାନା ଘେରାଉ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ଚରଣ ମହାରଣା, ଲକ୍ଷ୍ମୀଧର ବାନା, ଦିବାକର ସେଠୀ, ଗୋଲାମ କିବିରିଆ ଖାଁ, ଦେବେନ୍ଦ୍ର ଜେନା, ତ୍ରୈଲୋକ୍ୟନାଥ ଜେନା, ନାରାୟଣ ମଲ୍ଲିକ, ବିଜୁ ପ୍ରସାଦ ଦାସ, ନିରଞ୍ଜନ ମହାନ୍ତି, କୁଳମଣି ବାରିକ, ବନ୍ଦିତା ମହାରଣା, ରଶ୍ମି ରଞ୍ଜନ ବଳ, ଜାନକୀ ବଲ୍ଲଭ ପ୍ରଧାନ, ଆଶିଷ ରଞ୍ଜନ ଚୌଧୁରୀ, ଗଣେଶର ସାମଲ, ଅଶୋକ ବିଶାଳ, ପ୍ରଦୀପ୍ତ ମହାନ୍ତି, ହିମାଂଶୁ ଶେଖର ଦେଓ, ପ୍ରବାସ ଦାସ, ସୁମନ୍ତ ଜେନା, ଶ୍ରୀକାନ୍ତ ସାମଲ, ରଞ୍ଜିତ ସାମଲ, ଉମେଶ ଚନ୍ଦ୍ର ସାମଲ, ଶୁଭମ ରାୟ, ସେକ ଅବଦୁଲ ମୋମିନ, ବରଦା ପ୍ରସାଦ ରାୟ, ସୁଲତାନ ସଇଫୁଲ୍ଲା ଖାଁ, ମହେନ୍ଦ୍ର ସେନାପତି, ଦେବଦତ୍ତ ସାମଲ, ସେକ୍ ଇମାମୁଦ୍ଦିନ, ସୁରଞ୍ଜି ବଳସାମନ୍ତ, ସୁବାସ ଚନ୍ଦ୍ର ଖଣ୍ଡେଇ, ଅନିରୁଦ୍ଧ ପାଢ଼ୀ, ନିତ୍ୟାନନ୍ଦ ମଲ୍ଲିକ, ନିରଞ୍ଜନ ସାମଲ, ଅଶ୍ୱିନ ବଳ, ତନ୍ମୟ କୁମାର ସିଂ ଓ ସତ୍ୟବ୍ରତ ସାମଲଙ୍କ ସମେତ ବହୁ କର୍ମୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ମାନଗୋବିନ୍ଦ ସେଠୀ ଧନ୍ୟବାଦ ଦେଇଥିଲେ।

# ଟ୍ରେଞ୍ଚ ଖୋଳିପାରୁନି ବନ ବିଭାଗ

- ୩ ରେଞ୍ଜ ପାଇଁ ମଞ୍ଜୁର, ଗୋଟିଏ ରେଞ୍ଜରେ କାମ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମିଳିଥିଲା ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ନୟାଗଡ଼,୧୮।୯ (ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡର ୩ଟି ରେଞ୍ଜରେ ଟ୍ରେଞ୍ଚ ଖନନ ପାଇଁ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅନୁଦାନ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମିଳିଥିଲା। ତେବେ ୩ଟି ରେଞ୍ଜ ମଧ୍ୟରୁ ମାତ୍ର ଗୋଟିଏ ରେଞ୍ଜରେ ଟ୍ରେଞ୍ଚ ଖନନରେ ୧ଲକ୍ଷ ୪୩ ହଜାର ୨ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷ ଚାଲିଥିବାବେଳେ ୨୦୨୪-୨୫ ବର୍ଷର ଟ୍ରେଞ୍ଚ ଅନୁଦାନ ବନ ବିଭାଗ ଖର୍ଚ୍ଚ କରିପାରି ନ ଥିବାରୁ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି।

ଜଙ୍ଗଲ ଜନ୍ତୁ ଗାଁମୁହାଁ ନ ହେବା ଓ ଗାଁର ଗୃହପାଳିତ ପ୍ରାଣୀ ଜଙ୍ଗଲକୁ ଯାଇ ନ ପାରିବା ପାଇଁ ବିଭିନ୍ନ ଜଙ୍ଗଲରେ କ୍ୟାଟଲ ପ୍ରୁଭ ଟ୍ରେଞ୍ଚ ଖନନ କରାଯାଉଛି। ଏଥିପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନୁଦାନ ମିଳିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୩ଟି ରେଞ୍ଜରେ ୩ଟି ଟ୍ରେଞ୍ଚ ଖୋଳିବା ପାଇଁ ଅନୁଦାନ ମିଳିଥିଲା। ନୟାଗଡ଼ ରେଞ୍ଜ ଖେଡ଼ପଡ଼ା ସେକ୍ସନ ହାତୀମୁଣ୍ଡା ରିଜର୍ଭ ଫରେଷ୍ଟର କମ୍ପାର୍ଟମେଣ୍ଟ ୬ରେ ୨ କିମି ୫୦୦ ମିଟର ଟ୍ରେଞ୍ଚ ଖୋଳିବାକୁ ୧୦ ଲକ୍ଷ ୬୩ ହଜାର ୧୨୫ ଟଙ୍କା ଆସିଥିଲା। ତେବେ ୧୫୦୦ ମିଟର ଖୋଳାଯାଇ ୧ଲକ୍ଷ ୪୩ ହଜାର ୨ଟଙ୍କା ଖର୍ଚ୍ଚ ହୋଇଛି। ଅବଶିଷ୍ଟ ଟ୍ରେଞ୍ଚ ଖୋଳାଯାଇନାହିଁ। ଅପରପକ୍ଷେ ଖଣ୍ଡପଡ଼ା ରେଞ୍ଜ ସିଙ୍ଘାପଡ଼ା ସେକ୍ସନର ସାପୁଆ ରିଜର୍ଭ ଫରେଷ୍ଟରେ ୩ କିମି ପାଇଁ ୧୨ ଲକ୍ଷ ୭୫ ହଜାର ଓ ପଞ୍ଚରିଡ଼ା ରେଞ୍ଜ ଦର୍ପନାରାୟଣପୁର ସେକ୍ସନ ଶୁକରମଲ୍ଲା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ୨ କିମି ଟ୍ରେଞ୍ଚ ଖୋଳିବା ପାଇଁ ୮ ଲକ୍ଷ ୫୦୫ଟଙ୍କା ଅନୁଦାନ ମିଳିଥିଲା। ତେବେ ଖଣ୍ଡପଡ଼ା ଓ ପଞ୍ଚରିଡ଼ା ରେଞ୍ଜରେ ଟ୍ରେଞ୍ଚ ଖୋଳାଯାଇ ପାରି ନ ଥିବା ଜଣାପଡିଛି। ଏ ନେଇ ଖଣ୍ଡପଡାର ବିକ୍ରମ ପ୍ରଧାନ କହିଛନ୍ତି, ବନ ବିଭାଗ କାମ୍ପା ଯୋଜନାରେ ଅତି ସହଜରେ ସରକାରୀ ଅନୁଦାନ ଖର୍ଚ୍ଚ କରୁଛି। କିନ୍ତୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଟଙ୍କା ଖର୍ଚ୍ଚ କରିବାରେ ବିଳମ୍ବ କରୁଛି। ଯାହାର ନଜିର ଟ୍ରେଞ୍ଚ ଖନନରୁ ଜଣାପଡିଛି। ବନ ବିଭାଗ କେଉଁ କାମ କେଉଁ ଜଙ୍ଗଲରେ କରୁଛି ତାହା ଜଣାପଡୁନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ କାମ କରିବା ସ୍ଥାନରେ ସୂଚନା ଫଳକ ଲାଗୁନାହିଁ। ଏଣୁ ବନ ବିଭାଗର କାମ ସମ୍ପର୍କରେ ସାଧାରଣ ଲୋକ ଜାଣିପାରି ନ ଥାନ୍ତି। ବାଲୁଗାଁ ଅଞ୍ଚଳର ଦୀନବନ୍ଧୁ ସାହୁ କହିଛନ୍ତି, ହାତୀମୁଣ୍ଡା ଜଙ୍ଗଲର କମ୍ପାର୍ଟମେଣ୍ଟ ୬ର କେଉଁ ସ୍ଥାନରେ ଟ୍ରେଞ୍ଚ ଖୋଳା ହୋଇଛି ଆମେ ଦେଖିବାକୁ ପାଉନାହୁଁ। ବୋଧେ ପୋତି ହୋଇ ଯାଇଛି ନ ହେଲେ ସ୍ୱଳ୍ପ ଖୋଳି କାଗଜକଲମରେ କାମ ଦେଖାଯାଇଛି, ଯାହା ତଦନ୍ତ ସାପେକ୍ଷ। ଦର୍ପନାରାୟଣପୁର ଅଞ୍ଚଳର ସୁଧାକର ନାୟକ କହିଛନ୍ତି, ଜଙ୍ଗଲରେ ଟ୍ରେଞ୍ଚ ଖୋଳିବା ଜରୁରୀ। ଗାଁମୁହାଁ ବନ୍ୟପ୍ରାଣୀଙ୍କୁ ଏହା ରୋକିପାରିବ। ତେବେ ସରକାର ଅନୁଦାନ ଯୋଗାଉଥିଲେ ମଧ୍ୟ ଟ୍ରେଞ୍ଚ ଖୋଳା ଯାଇ ପାରୁନାହିଁ। ଏ ନେଇ ଜିଲା ପରିଷଦ ବୈଠକରେ ଆଲୋଚନା କରି ପଦକ୍ଷେପ ନେବା ଜରୁରୀ। ନୟାଗଡ଼ର ଦୁଷ୍ମନ୍ତ ସ୍ୱାଇଁ କହିଛନ୍ତି, ବନ ବିଭାଗ କେଉଁ ଜଙ୍ଗଲରେ ଟ୍ରେଞ୍ଚ ଖୋଳିଛି, ଏଥିପାଇଁ କେତେ ଟଙ୍କା ବିନିଯୋଗ ହୋଇଛି ତାହା ସାର୍ବଜନୀନ କରିବା ଦରକାର।

ଜଙ୍ଗଲରେ ଟ୍ରେଞ୍ଚ ଖୋଳିବା ଜରୁରୀ ହୋଇଥିଲେ ହେଁ ଖୋଳା ନ ଯିବା ଦୁର୍ଭାଗ୍ୟର ବିଷୟ। ହାତୀମାନେ ଗାଁମୁହାଁ ନ ହେବା ପାଇଁ ପୂର୍ବରୁ ଟ୍ରେଞ୍ଚ ଖୋଳା ଯାଉଥିବା ଜାଣିବାକୁ ପାଇଥିଲୁ। ଏବେ କ୍ୟାଟେଲ ପ୍ରୁଭ ଟ୍ରେଞ୍ଚ ଖୋଳା ଯାଉଥିବା ଜାଣିବାକୁ ପାଇଲୁ। ନୟାଗଡ଼ ଡିଏଫ୍‌ଓ ଦେବାର୍ଚ୍ଚନ ବେହେରାଙ୍କୁ ପଚାରିବାରେ ହାତୀଙ୍କ ପାଇଁ ନୁହେଁ କ୍ୟାଟେଲ ପ୍ରୁଭ ଟ୍ରେଞ୍ଚ ଖୋଳା ଯାଇଛି। ନୟାଗଡ଼ ବନଖଣ୍ଡର ନୟାଗଡ଼ ରେଞ୍ଜ ଖେଡ଼ପଡ଼ା ସେକ୍ସନ ହାତୀମୁଣ୍ଡା ରିଜର୍ଭ ଫରେଷ୍ଟର କମ୍ପାର୍ଟମେଣ୍ଟ ୬ରେ ୧୫୦୦ ମିଟର ଟ୍ରେଞ୍ଚ ଖନନ ହୋଇଛି। ଅନ୍ୟ କୌଣସି ସ୍ଥାନରେ ଟ୍ରେଞ୍ଚ ଖନନ ହୋଇନାହିଁ ବୋଲି ସେ କହିଛନ୍ତି।

## ଶ୍ରୀନୀଳମାଧବ ପୀଠରେ ମା' ବିମଳାଙ୍କ ଜୟଦୁର୍ଗା ବେଶ



ଖଣ୍ଡପଡ଼ା,୧୮।୯ (ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଶ୍ରୀନୀଳମାଧବ ପୀଠର ଇଷ୍ଟଦେବୀ ମା' ବିମଳାଙ୍କ ୧୬ ପୂଜା ଦ୍ୱିତୀୟା ଓଷାଠାରୁ ଆରମ୍ଭ ହୋଇଯାଇଛି। ଏହି ପାରମ୍ପରିକ ପର୍ବ ମହାନବମୀ ପର୍ଯ୍ୟନ୍ତ ଚାଲିବ। ମହାଳୟା ଅମାବାସ୍ୟାଠାରୁ ମା'ଙ୍କର ନବରାତ୍ରି ପୂଜା ଆରମ୍ଭ ହେବା ସହ ପ୍ରତିଦିନ ଚଣ୍ଡୀପାଠ, ହୋମଯଜ୍ଞ କରାଯିବ। ତେବେ ଗୁରୁବାର ଦ୍ୱାଦଶୀ ତିଥିରେ ମା' ବିମଳାଙ୍କୁ ଜୟଦୁର୍ଗା ବେଶରେ ସଜ୍ଜିତ କରାଯାଇଛି। ଏହାଛଡା ଶ୍ରୀନୀଳମାଧବ ଜୀଉଙ୍କ ସ୍ୱତନ୍ତ୍ର ବେଶ ଏବଂ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଙ୍କିତା



@ ଦିଲୀପ



@ ରଶ୍ମିରଞ୍ଜନ



@ ସରିତା



@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଓଡ଼ଗାଁ ବନାଞ୍ଚଳରେ ଚାରାରୋପଣ ଅଭିଯାନ

ଓଡ଼ଗାଁ, ୧୮।୯ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ବାହାଡାଖୋଲା ଓ ଓଡ଼ଗାଁ ସେକ୍ସନରେ ମା'ପାଇଁ ଗଛଟିଏ ସାମୂହିକ ଚାରାରୋପଣ ଅଭିଯାନ ମାଧ୍ୟମରେ ବାଲିସିଂଶା, ବଧୁଲିପୁର ସଂରକ୍ଷିତ ଜଙ୍ଗଲ ପରିସର ଖାଲି ସ୍ଥାନରେ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲିକଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ୨ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ଚାରାରୋପଣ କରାଯାଇଥିଲା। ସେହିପରି ଚେମେଡିଠାରେ ବନପାଳ ସରିତା ବରାଳଙ୍କ ଉପସ୍ଥିତରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିବା ବେଳେ ରଙ୍ଗଣୀପାଟଣା ପଞ୍ଚାୟତ, ପଣ୍ଡିଖାରୀ ସହିତ ଅନ୍ୟ ସମସ୍ତ ପଞ୍ଚାୟତ, ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଓଡ଼ଗାଁ କଲେଜ ଏବଂ ସମସ୍ତ ସରକାରୀ ଓ ଘରୋଇ ଅନୁଷ୍ଠାନ ଉଦ୍ୟମରେ ଚାରାରୋପଣ ହୋଇଯାଇଛି।

## ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନକୁ ଗୁରୁତ୍ୱ



କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଓ ଅନ୍ୟମାନେ।

ନୟାଗଡ଼,୧୮।୯ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଇଟାମାଟି ପଞ୍ଚାୟତ ଅଧୀନ ଲଡୁପାତ୍ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ଏକ ସ୍ୱତନ୍ତ୍ର ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଲୋକସଭା ଏମ୍‌ପି ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀ ସୁସ୍ଥ ହେଲେ ପରିବାର ସୁସ୍ଥ ହେବ ଓ ସେଥିପାଇଁ ଅଭିଯାନକୁ ସମସ୍ତଙ୍କ ସହଯୋଗରେ ଶତପ୍ରତିଶତ ସଫଳ କରିବାକୁ ଆମେ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରତିବଦ୍ଧ ବୋଲି ମତପ୍ରକାଶ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ମାସ ଅଭିଯାନ ବି ଚାଲିଛି। ଏହାର ସୁଯୋଗ ସମସ୍ତ ମହିଳା ଉଠାଇବା ଆବଶ୍ୟକ ବୋଲି ବୁଝାଇଥିଲେ। ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ସମାଜର ସବୁବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଯାଇ ବ୍ୟାପକ ସଚେତନତା କରାଯିବ ଉପରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଗୁରୁତ୍ୱାରୋପ କରିଥିଲେ। ଏହି ଅଭିଯାନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ଉପଲବ୍ଧ ମାତୃ ସେବା ସହିତ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଅଣସଂକ୍ରାମକ ରୋଗର ଚିହ୍ନଟ, ଟୀକାକରଣ, ଟି.ବି. ଓ କର୍କଟ ପରୀକ୍ଷା, ସିକିଲ ସେଲ ଓ ଥାଲାସେମିଆ ପରୀକ୍ଷା ସହିତ ସ୍ୱାସ୍ଥ୍ୟ ସଚେତନତା ମିଳୁଛି। ଏଥିସହ ବିଦ୍ୟାଳୟଗୁଡ଼ିକରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ମାଧ୍ୟମରେ ଛାତ୍ରୀଛାତ୍ରଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷ ସେବା ପ୍ରଦାନ ପାଇଁ ବ୍ୟବସ୍ଥା ହୋଇଛି। ନୟାଗଡ଼ ଜିଲାରେ ଅତିକମରେ ୨୫୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପୋଷଣ କୀଟ ପହଞ୍ଚାଇବା ପାଇଁ ନିକ୍ଷୟ ମିତ୍ର ପଞ୍ଜୀକରଣ ଉପରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅଭିଯାନ ସମୟରେ ଲାଭାର୍ଥୀମାନେ ନିଜର ଆଧାର କାର୍ଡ କିମ୍ବା ଆଭା ନମ୍ବର ସହିତ ଯେକୌଣସି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ପହଞ୍ଚିଲେ ସୁଚାରୁରୂପେ ସେମାନଙ୍କ ପଞ୍ଜୀକରଣ ସହିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇପାରିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ କୁମାର ଦାସ କହିଥିଲେ। ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ ଅଭିଯାନ ଶତପ୍ରତିଶତ ସଫଳତା ପାଇଁ ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଜ୍ଞାନଜ୍ୟୋତି ଦାସ, ଇଟାମାଟି ପିଏଚ୍‌ସିର ଚିକିତ୍ସା ଅଧିକାରୀ ଡା. ଦେବୀଦତ୍ତ ଦିବ୍ୟରଞ୍ଜନ ମିଶ୍ର, ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ନିବେଦିତା ପ୍ରଧାନ, ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ ଦଳବେହେରା ଓ ସ୍ୱାସ୍ଥ୍ୟ ବିଭାଗର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ପ୍ରଧାନ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ୪ ଆଧାର କାର୍ଡ ଦେଲେ ୧ ବସ୍ତା ୟୁରିଆ ସାର

ନୟାଗଡ଼,୧୮।୯(ଲୋକନାଥ ମିଶ୍ର)

ଦର୍ପନାରାୟଣପୁର, ଆନନ୍ଦାପଲ୍ଲୀ ପାକ୍ସରେ ଉତ୍ତେଜନା

ନୟାଗଡ଼ ଜିଲାର ଦର୍ପନାରାୟଣପୁର ଓ ଆନନ୍ଦାପଲ୍ଲୀରେ ୟୁରିଆ ସାର ନେବାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ସହ ଉତ୍ତେଜନା ଦେଖାଦେଇଛି। ୪ଟି ଆଧାର କାର୍ଡ ଦେଲେ ଦର୍ପନାରାୟଣପୁରରେ ୪୫ କେଜିର ଏକ ୟୁରିଆ ସାର ପ୍ୟାକେଟ ମିଳୁଥିବାବେଳେ ଆନନ୍ଦାପଲ୍ଲୀ ପାକ୍ସରେ ୩ଟି ଆଧାର କାର୍ଡ ଦେବାକୁ କୁହାଯାଇଥିଲା। ୩ରୁ ୪ଜଣ ମିଶି ୪୫ କେଜି ସାରକୁ ନେଇ ଭାଗ କରିବା ଘଟଣାକୁ ନେଇ କନ୍ଦଳ ସୃଷ୍ଟି ହୋଇଥିଲା। ୩ରୁ ୪ ଜଣ ଏକାଠି ମିଶି କରି ନେବା ଅସୁବିଧା ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଜଣେ ଚାଷୀଙ୍କ ଘର ସମ୍ମୁଖରେ ଜଣେ ସମ୍ପାଦକଙ୍କ ସମର୍ଥନ ରାତିରେ ଗଣ୍ଡାଗୋଳ କରିଥିବା ଜଣାପଡିଛି।

## ପ୍ରତିବାଦ କରିବାରୁ ମୁହଁ ବନ୍ଦ ପାଇଁ ଆକ୍ରମଣ

ନୟାଗଡ଼,୧୮।୯(ଲୋକନାଥ ମିଶ୍ର)

ବେଆଇନ ଖଣି ଖୋଳିଲେ, ଜଙ୍ଗଲରୁ ଗଛ କାଟିଲେ

ବେଆଇନ ଖଣି ଓ ଜଙ୍ଗଲରୁ ଗଛକଟାକୁ ବିରୋଧ କରିବାରୁ ଚାନ୍ଦପୁର ଥାନା ଗୌରଚନ୍ଦ୍ରପୁରର ପବିତ୍ର ପଲେଇ (୪୨)ଙ୍କୁ ମାରପିଟ୍ କରାଯାଇଛି। ପବିତ୍ର ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିବାରୁ ତାଙ୍କ ମୁହଁବନ୍ଦ କରିବାକୁ ପ୍ରୟାସ କରାଯାଇଛି। ହେଲେ ପବିତ୍ର ଏଥିରେ ନ ଡରି ନ୍ୟାୟ ପାଇଁ ଥାନାରେ ଅଭିଯୋଗ କରିବାରୁ ଚାନ୍ଦପୁର ପୋଲିସ ନଂ. ୧୭୬ /୨୫ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁସାରେ ଗୌରଚନ୍ଦ୍ରପୁର ଗାଁର ଗଣେଶ୍ୱର ପଲେଇ ସରକାରୀ ଜମିରୁ ବେଆଇନ ଭାବେ ଖଣି ଖନନ କରୁଛନ୍ତି। ପୁଣି ଜଙ୍ଗଲରୁ ମୂଲ୍ୟବାନ ଗଛ କାଟି ଚୋରାଚାଲାଣ କରୁଛନ୍ତି। ପୁଣି ଜଙ୍ଗଲରୁ ମାଟି ଖୋଳି ମଧ୍ୟ ଚାଲାଣ କରୁଛନ୍ତି। ଏ ପରିପ୍ରେକ୍ଷୀରେ ପରିବେଶକୁ ରକ୍ଷା କରିବାକୁ ଯାଇ ଗାଁର କେତେଜଣ ଲୋକ ପ୍ରତିବାଦ କରି ବନବିଭାଗକୁ ଖବର ଦେଇଥିଲେ। ବନବିଭାଗର କେତେଜଣ କର୍ମଚାରୀ ଓ ଅଧିକାରୀ ଆସି ଅନୁଧ୍ୟାନ କରି ଫେରିବା ପରେ ଗଣେଶ୍ୱର ଭୟଭୀତ ହୋଇ ଗତ ୧୭ ତାରିଖରେ କଟୁରିରେ ହାଣିବା ପାଇଁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ସେହିପରି ଗଣେଶ୍ୱର ଗୌରଚନ୍ଦ୍ରପୁର ଗାଁର ଦୁଇ ଭାଇ ପବିତ୍ର କୁମାର ପଲେଇ ଓ ପ୍ରମୋଦ ପଲେଇଙ୍କ ନାଁରେ ପାଲଟା ଅଭିଯୋଗ କରିବା ପରେ ପୋଲିସ ନଂ. ୧୭୫/୨୫ରେ ମାମଲା ରୁଜୁ କରିଛି।

## ୪ ଦିନ ପରେ ପୋଲିସ ପଦକ୍ଷେପ ଶୂନ

୧ ଲକ୍ଷ ଟଙ୍କା ଲୁଟ୍ ଘଟଣା

ନୟାଗଡ଼,୧୮।୯ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଇଟାମାଟି ଥାନା ବିରୁଡା ଖାରପଡ଼ା ରାସ୍ତାର ପାଣିଟାଙ୍କି ପାଖରେ ଗତ ୧୪ ତାରିଖରେ ଖଇରପଟି ଗାଁର କୈଳାସ ପରିଡାଙ୍କଠାରୁ ୧ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ଲୁଟ୍ ଘଟଣାର ୪ଦିନ ବିତିବାକୁ ବସିଥିବାବେଳେ ପୋଲିସ ନଂ. ୩୪୭/୨୫ରେ ମାମଲା ରୁଜୁ କରି ଚୁପ ହୋଇ ବସି ରହିଥିବା ଅଭିଯୋଗ ହୋଇଛି। ୧୪ ତାରିଖରେ ଖଇରପଟି ଗାଁର କୈଳାସ ଶ୍ୱଶୁର ଘର ପାଟପୁରରୁ ୧ଲକ୍ଷ ଧରି ଘରକୁ ଫେରୁଥିଲେ। ବିରୁଡା ଖାରପଡ଼ା ରାସ୍ତାର ପାଣିଟାଙ୍କି ପାଖରେ ୫ଜଣ ଯୁବକ ଠେଙ୍ଗା, ଖଣ୍ଡା, ଭୁଜାଲି, ଲୁହାଛଡ ଧରି ଭୟଭୀତ କରାଇ ବାଇକ୍ ଅଟକାଇ ଥିଲେ। ବାଇକ୍ ଅଟକାଇବା ଭିତରେ କୈଳାସ ଖାରପଡା ତୋଟାସାହିର ଅଜୟ ମହାନ୍ତିଙ୍କୁ ଚିହ୍ନିପାରି ଅଟକାଇବାର କାରଣ ପଚାରିଥିଲେ। ଏଭଳିସ୍ଥଳେ ଅଜୟ ବିରକ୍ତି ହୋଇ ଖଣ୍ଡାରେ ଆକ୍ରମଣ କରି ୧ଲକ୍ଷ ନେବାକୁ ଉଦ୍ୟମ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ୪ ସହଯୋଗୀ ଆକ୍ରମଣ କରିଥିଲେ। ଆକ୍ରମଣରେ କୈଳାସ ତଳେ ପଡି ଅଚେତ ହୋଇଯାଇଥିଲେ। ଶରୀରର ବିଭିନ୍ନ ସ୍ଥାନରୁ ରକ୍ତ ବାହାରୁଥିଲା। ଏଭଳି ସମୟରେ ସେମାନେ ଟଙ୍କା ନେଇ ପଳାଇ ଯାଇଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରୁ ବାଇକ୍ ଚୋରି

ନୟାଗଡ଼,୧୮।୯(ଲୋକନାଥ ମିଶ୍ର)

ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଏକ ବାଇକ୍ ଚୋରି ହୋଇଛି। ଫତେଗଡ଼ ଥାନା ପୋଲିସ ନଂ. ୨୯୬/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ହେଲେ ଚୋରି କିଏ କରିଛି, ଚୋରି ବାଇକ୍ କେଉଁଠି ଅଛି ଏଯାବତ ପୋଲିସ ଜାଣିପାରିନାହିଁ। ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ହାଟବସ୍ତ ଗାଁର ଶାନ୍ତ ସୁନ୍ଦର ସାହୁଙ୍କ ଅଭିଯୋଗ ଅନୁସାରେ ତାଙ୍କର ଏକ ପାଥୋଲାବ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ର ଗେଟ୍ ପାଖରେ ରହିଛି। ସେ ନଂ. ଓଡି୨୫ ୦୯୮୬ ବାଇକ୍‌କୁ ଗତ ୧୬ ତାରିଖରେ ସ୍ୱାସ୍ଥ୍ୟକେନ୍ଦ୍ରର ପାର୍କିଂରେ ରଖିଥିଲେ। କିଛି ସମୟ ପରେ ଆସି ଦେଖନ୍ତି ବାଇକ୍ ନାହିଁ। ବହୁ ଖୋଜାଖୋଜି ପରେ ସନ୍ଧାନ ନ ମିଳିବାରୁ ଥାନାରେ ଅଭିଯୋଗ କରିଥିଲେ।

## ଜିଲାସ୍ତରକୁ ୮ ଜଣ ମନୋନୀତ

ବ୍ଲକସ୍ତରୀୟ ଫୁଟବଲ, ଭଲିବଲ ପ୍ରତିଯୋଗିତା

ଗଣିଆ, ୧୮।୯(ସନ୍ତୋଷ କୁମାର ପ୍ରଧାନ)






ପ୍ରତିଯୋଗିତାରେ ଉପସ୍ଥିତ ଅତିଥିମାନେ।

ଗଣିଆସ୍ଥିତ ପିଏମ୍‌ଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ଫୁଟ୍‌ବଲ ଓ ଭଲିବଲ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରରେ ଭାଗ ନେବାକୁ କ୍ରୀଡାବିତ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ରାଉତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଗଣିଆ ପଞ୍ଚାୟତର ସରପଞ୍ଚ ଗିରିଧାରୀ ସେଠୀ ସାମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଫକିର ମୋହନ ଡାକୁଆ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ର କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷୟିତ୍ରୀ କୁମୁଦିନୀ ଦେଇ, ଶାରିରିକ ଶିକ୍ଷା ଶିକ୍ଷକ ବିଶ୍ୱରଞ୍ଜନ ସାହୁ, ବିକାଶ ରଞ୍ଜନ ମଲ୍ଲ, ନିରଞ୍ଜନ ମହାରଣା, ଅନନ୍ତ କୁମାର ବେହେରା କ୍ରୀଡ଼ା ପରିଚାଳନା କରିଥିଲେ। ଗଣିଆ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୦୦ ଊର୍ଦ୍ଧ୍ୱ ଛାତ୍ର, ଯୋଗ ଦେଇଥିବାବେଳେ ଜିଲାସ୍ତରକୁ ରାମଚନ୍ଦ୍ର ପ୍ରାଣବନ୍ଧୁ ବିଦ୍ୟାପୀଠର ରାସଙ୍ଗର ଛାତ୍ର ରାକେଶ କୁମାର ମହାନ୍ତି, ପ୍ରିୟବ୍ରତ ରାଉତ, ଶ୍ରୀଧର ସାମଲ, କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠର ସିପୁ ସାହୁ, ସୁଧାଂଶୁ ମଲ୍ଲିକ, ଅମ୍ରିତ ସାହୁ ଓ ଦୀନେଶ କୁମାର ପାଣି, ସରକାରୀ ଉଚ୍ଚବିଦ୍ୟାଳୟ ବଡସିଲିଙ୍ଗାର ଭାଗ୍ୟବାନ ନାୟକ ମନୋନୀତ ହୋଇଥିବାବେଳେ ସେମାନେ ଶୁକ୍ରବାର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ମହୀପୁରଠାରେ ପ୍ରତିଯୋଗିତାରେ ଭାଗନେବେ ବୋଲି କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବେହେରା କହିଛନ୍ତି।

## ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

ନୂଆଗାଁ, ୧୮।୯ (ଧନେଶ୍ୱର ସାହୁ)

ହଜିଗଲାଣି ଗାତେରୀ ଗ୍ରାମୀଣ ପାର୍କ



ପାର୍କ ଜାଗାରେ ଗଦା ହୋଇଥିବା ନିର୍ମାଣ ସାମଗ୍ରୀ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗାତେରୀ ପଞ୍ଚାୟତରେ ଗ୍ରାମୀଣ ପାର୍କ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଛି। ମଞ୍ଜୁର ହୋଇଥିବା ଅର୍ଥରୁ ଅଧା ଟଙ୍କା ବ୍ୟୟ କରାଯାଇଛି। କିନ୍ତୁ ନିର୍ମାଣାଧୀନ ପାର୍କଟି କେଉଁଠାରେ ବୋଲି ପଚାରିଲେ ପାର୍କ ହଜି ଗଲାଣି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

ସ୍ଥାନୀୟ ଲୋକଙ୍କ ମନୋରଞ୍ଜନ ଉଦ୍ଦେଶ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ପଞ୍ଚାୟତରେ ଗ୍ରାମୀଣ ପାର୍କ ନିର୍ମାଣ କରିବା ପାଇଁ ସରକାର ଅନୁଦାନ ଦେଉଛନ୍ତି। ସେହି ଅନୁସାରେ ନୂଆଗାଁ ବ୍ଲକ ପାତେରୀ ପଞ୍ଚାୟତ ଗାତେରୀ ରାସ୍ତା କଡ ବସ୍‌ଷ୍ଟାଣ୍ଡ ନିକଟରେ ଗ୍ରାମୀଣ ପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏପରିକି ପାର୍କ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ପାର୍କ ନିର୍ମାଣ ସ୍ଥଳକୁ ସଫାସୁତରା, ସମତଳ କରି ସେଠାରେ ବିଭିନ୍ନ ପ୍ରକାର ଚାରାରୋପଣ ପାଇଁ ଉର୍ବର ମାଟି ପକାଇବାରେ ୨ଲକ୍ଷ ୧୮ ହଜାର ୮୯୨ ଟଙ୍କା ବ୍ୟୟ କରାଯାଇଥିବା ସୂଚନା ମିଳିଛି। ପାର୍କ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡିଥିବାରୁ ସେହି ସ୍ଥାନରେ ଚିପ୍ସ, ମେଟାଲ, ଡଷ୍ଟ ଆଦି ଗଦା କରାଯାଇଛି। ଅନେକ ଅର୍ଥ ବ୍ୟୟ କରି ଉର୍ବର ମାଟି ପକାଯାଇଥିବାବେଳେ ସେହି ସ୍ଥାନରେ ନିର୍ମାଣ ସାମଗ୍ରୀ ଆଦି ଗଦା କରିବା ଫଳରେ ନିର୍ମାଣାଧୀନ ପାର୍କ ହଜିଯାଇ ତାହା ଗୋଦାମସ୍ଥଳ ପାଲଟି ଯାଇଛି। ଏ ନେଇ ନୂଆଗାଁ ବିଡିଓଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ 'ହଁ ଦେଖିବି' ବୋଲି ଉତ୍ତରରେ କାର୍ଯ୍ୟାନୁଷ୍ଠାନ ଅଟକି ଯାଇଛି। ଲକ୍ଷାଧିକ ଟଙ୍କା ବ୍ୟୟ କରି ନିର୍ମାଣ କରାଯାଇଥିବା ପାର୍କ କେଉଁଠି ବୋଲି ସ୍ଥାନୀୟ ଲୋକଙ୍କୁ ପଚାରିଲେ ଆଜ୍ଞା ଯେଉଁଠି ପାର୍କ ନିର୍ମାଣ କରାଯାଉଥିଲା ତାହା ହଜି ଗଲାଣି ଏବଂ ସେଠାରେ ବର୍ତ୍ତମାନ ଗୋଦାମ କରାଯାଇଛି। ଏ ସମ୍ପର୍କରେ ଅମୃତ କୁମାର ରାଉଳଙ୍କୁ ପଚାରିବାରେ ସମ୍ପୃକ୍ତ ଯନ୍ତ୍ରୀ ଓ ପିଇଓଙ୍କୁ ଜଣାଇଥିଲି। କ'ଣ ପଦକ୍ଷେପ ନେଇଛନ୍ତି ବୁଝିବି ବୋଲି ସେ କହିଛନ୍ତି।

# ଶୁଭମିତ୍ରା ହତ୍ୟାକାରୀ ଦୀପକଙ୍କ ଗୁମର ଫିଟୁଛି

## ପୋଲିସ ମୁଖା ତଳେ ଛପିଥିଲା ସଇତାନ ଚେହେରା

ଭୁବନେଶ୍ୱର,୧୮।୯(ସତ୍ୟଜିତ୍ ରାଉତ)

ଟ୍ରାଫିକ୍ କନ୍‌ଷ୍ଟେବଲ୍ ଶୁଭମିତ୍ରା ସାହୁଙ୍କ ହତ୍ୟା ଘଟଣାରେ ଗୋଟିଏ ପରେ ଗୋଟିଏ ରହସ୍ୟ ପଦାକୁ ଆସିବାରେ ଲାଗିଛି। ଶୁଭମିତ୍ରାଙ୍କ ହତ୍ୟାକାରୀ କନ୍‌ଷ୍ଟେବଲ୍ ସ୍ୱାମୀ ଦୀପକ ରାଉତ ଅତି ଚତୁରତାର ସହ ଏହି କାଣ୍ଡ ଭିଆଇଥିବା ତଦନ୍ତରୁ ଜଣାପଡ଼ିଛି। ଏପରିକି ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ଘଟଣାରେ ମଧ୍ୟ ସେ ଛନ୍ଦି ହୋଇଛନ୍ତି। ବୀମା ଟଙ୍କା ହଡ଼ପ କରିବାକୁ ଦୀପକ ଚକ୍ରାନ୍ତ କରି ପ୍ରଥମ ସ୍ତ୍ରୀ ଏବଂ ପରେ ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ମୁଖା ତଳେ କିଭଳି ଏକ ସଇତାନ ଚେହେରା ଛପି ରହିଥିଲା, ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହୋଇଛି।

### ଜେଲ ଗଲେ ଦୀପକଙ୍କ ସମେତ ୩ ଅଭିଯୁକ୍ତ

ଟ୍ରାଫିକ୍ କନ୍‌ଷ୍ଟେବଲ୍ ଶୁଭମିତ୍ରାଙ୍କୁ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଦୀପକଙ୍କ ସମେତ ୩ଜଣ ଗୁରୁବାର ଜେଲ ଯାଇଛନ୍ତି। ଦୀପକଙ୍କ ମାଉସୀ ପୁଅ ଭାଇ ବିନୋଦ ବିହାରୀ ଭୂୟାଁ ଓରଫ ପପୁ (୩୯) ଓ ତାଙ୍କ ସାଙ୍ଗ ଶଶ୍ମୁନାଥ ମହନ୍ତ ଓରଫ କଟ (୨୩)ଙ୍କୁ ଆପରାଧିକ ଷଡ଼ଯନ୍ତ୍ର ଏବଂ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଗିରଫ କରାଯାଇଛି। ଉଭୟଙ୍କ ଘର ଘଟଗାଁ ଥାନା କୁସୁମପୁର ରାଜାବନ୍ଧ ସାହିରେ। କ୍ୟାପିଟାଲ ଥାନା ପକ୍ଷରୁ ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜଟଣୀ ଘର ପଛପାର୍ଶ୍ୱ ଖାଲି ସ୍ଥାନରେ ଶୁଭମିତ୍ରାଙ୍କ ମୃତଦେହ ପୋତାଯାଇଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ନିଜ ପୋଲିସ ସହକର୍ମୀଙ୍କୁ ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ପକ୍ଷରୁ ଦୀପକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି।

### ପ୍ରଥମ ସ୍ତ୍ରୀ ଅପର୍ଣ୍ଣାଙ୍କୁ ମାରି ଦୁର୍ଘଟଣା ରୂପ ଦେଇଥିଲେ

ଦୀପକଙ୍କ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ମୃତ୍ୟୁ ଘଟଣାକୁ ନେଇ ବଡ଼ ଗୁମର ସାମ୍ନାକୁ ଆସିଛି। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ ଅଧୀନ କରଡ଼ସିଂହ ରାଜସ୍ୱ ନିରୀକ୍ଷକ (ଆରଆଇ) ଭାବେ ଅପର୍ଣ୍ଣା କାମ କରୁଥିଲେ। ସାଢ଼େ ୩ବର୍ଷ ତଳେ ଅପର୍ଣ୍ଣାଙ୍କୁ ଦୀପକ ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ସାନ ଭଉଣୀ ରୋଜାଲିନ ରାଉତ ପୋଲିସ କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମାଟ୍ରିମୋନିଆଲ ସାଇଟ୍‌ରେ ଅପର୍ଣ୍ଣାଙ୍କ ବିବାହ ପାଇଁ ଦୀପକଙ୍କ ସହ ଯୋଗାଯୋଗ ହୋଇଥିଲା। ୨୦୧୮ ଏପ୍ରିଲ ୨୫ରେ ଅପର୍ଣ୍ଣାଙ୍କୁ ଦୀପକ ବିବାହ କରିଥିଲେ। ୨ରୁ ୩ ମାସ ପରଠାରୁ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହୁଥିଲା। ଏହି ଘଟଣାକୁ ଅପର୍ଣ୍ଣା ତତ୍କାଳୀନ ପୋଲିସ କମିଶନରଙ୍କୁ ମଧ୍ୟ ଜଣାଇଥିଲେ। ଦୀପକ ସବୁବେଳେ ଅପର୍ଣ୍ଣାଙ୍କୁ ମାନସିକ ନିର୍ଯାତନା ଦେବା ସହ ତାଙ୍କ ମାଁଙ୍କ ଗର୍ଭ ଆଣିଥିଲେ। ସେହି ପରିସ୍ଥିତିରେ ଅପର୍ଣ୍ଣାଙ୍କ ପ୍ରଥମ ଗର୍ଭ ନଷ୍ଟ ହୋଇଥିଲା। ମୃତ୍ୟୁ ସମୟରେ ବି ସେ ୬ ମାସର ଗର୍ଭବତୀ ଥିଲେ। ୨୦୨୨ ମାର୍ଚ୍ଚ ୧୭ରେ ରାତି ପ୍ରାୟ ୮ଟା ବେଳେ ଖୁଣ୍ଟୁଣୀ ନିକଟରେ ଅପର୍ଣ୍ଣାଙ୍କ ଦୁର୍ଘଟଣା ଘଟିଛି ବୋଲି ଦୀପକ ଫୋନ୍ କରି ଜଣାଇଥିଲେ। ରୋଜାଲିନ୍ ଏଣ୍ଡା ପରେ ତାଙ୍କ ସ୍ୱାମୀଙ୍କ ସହ ଢେଙ୍କାନାଳରୁ କଟକ ଅଭିମୁଖେ ବାହାରିଥିଲେ। ଦୀପକ ପ୍ରଥମେ ଅପର୍ଣ୍ଣାଙ୍କୁ ଏସ୍‌ସିବି ନେଉଥିବା କହି ପରେ ଅଶ୍ୱିନୀ ହସ୍ପିଟାଲରେ ଅପର୍ଣ୍ଣା ଥିବା କହିଥିଲେ। ଉକ୍ତ ହସ୍ପିଟାଲରେ ପହଞ୍ଚିବା ପରେ ସେମାନେ ଅପର୍ଣ୍ଣାଙ୍କ ମୃତଦେହ ଦେଖିଥିଲେ। ବାପା ଜଣେ ସରଳ ଚାଷୀ ଲୋକ ହୋଇଥିବାରୁ ଦୀପକ ଅଭିନୟ କରି ଘଟଣାକୁ ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ଅଭିଯୋଗ ପତ୍ରରେ ରୋଜାଲିନ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଦୀପକ ଏଣ୍ଡାରେ ଦର୍ଶାଇଥିଲେ ଯେ, ଅପର୍ଣ୍ଣାଙ୍କୁ ସହ କାରରେ ଭୁବନେଶ୍ୱରରୁ ଢେଙ୍କାନାଳ ଯିବାବେଳେ ଖୁଣ୍ଟୁଣୀ ରାସ୍ତାରେ ଟକା ଲିକ୍ ହୋଇଥିଲା। ଅପର୍ଣ୍ଣା ଓ୍ୱାଁ ହୋଇଥିବାବେଳେ ଏକ ଟ୍ରକ ଧକ୍କାରୁ ପଥର ଛିଟିକି ଅପର୍ଣ୍ଣାଙ୍କ ମୁଣ୍ଡରେ ବାଜିଥିଲା ସେ ଗୁରୁତର ହୋଇଥିଲେ। ହେଲେ ଏହି ଘଟଣାରେ ଦୀପକ ସେତେବେଳେ ପରିବାର ଠାରୁ ପୋଲିସ ସମସ୍ତଙ୍କୁ ଧୁଆଁ ବୁଲାଇଥିଲେ ବୋଲି ଅଭିଯୋଗ ହୋଇଛି।


ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ସହ ଦୀପକ


ଶୁଭମିତ୍ରା

### ସିପି ଅଫିସ ପାର୍କିଂରେ କାର୍ ଭିତରେ ରଖିଥିଲେ ମୃତଦେହ

ଶୁଭମିତ୍ରାଙ୍କ ହତ୍ୟା ଘଟଣାକୁ ନେଇ ଏକ ଚାଞ୍ଚଲ୍ୟକର ଗୁମର ପଦାକୁ ଆସିଛି। ଭୁବନେଶ୍ୱର ପୋଲିସ କମିଶନରେଟ୍ ମୁଖ୍ୟାଳୟର ପାର୍କିଂ ସ୍ଥଳରେ ନିଜ କାର୍ ଭିତରେ ଶୁଭମିତ୍ରାଙ୍କ ମୃତଦେହ ରଖି ଦୀପକ ଡ୍ୟୁଟି କରିଥିଲେ ବୋଲି ଶୁଣିବାକୁ ମିଳୁଛି। କାରରେ ମୃତଦେହ ରଖି ଅପରାହ୍ନ ୩ଟାରୁ ୪ଟା ୧୫ ପର୍ଯ୍ୟନ୍ତ ଦୀପକ ଡ୍ୟୁଟି କରିଥିଲେ। ପରେ ସେ କାରରେ ମୃତଦେହ ନେଇ ଘଟଗାଁ ଚାଲିଯାଇଥିଲେ। ତେବେ ପାର୍କିଂରେ ମୃତଦେହ ଭର୍ତ୍ତି କାର୍ ଥିବାବେଳେ ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

### ନ୍ୟାୟ ନ ପାଇଲେ ଆତ୍ମହତ୍ୟା: ଶୁଭମିତ୍ରାଙ୍କ ବାପା

ଶୁଭମିତ୍ରାଙ୍କ ହତ୍ୟା ଘଟଣାକୁ ନେଇ ବାପା ଦୁର୍ଯ୍ୟୋଧନ ସାହୁ ଗୁରୁତର ଅଭିଯୋଗ ଆଣିଛନ୍ତି। ଏହା ପଛରେ କେବଳ ଦୀପକ ନୁହଁନ୍ତି, ତାଙ୍କ ଭାଇ ମାଷ୍ଟରମାଇଣ୍ଡ ବୋଲି ସେ କହିଛନ୍ତି। ଏହି ଘଟଣାରେ ଦୀପକଙ୍କ ମଉସା, ମାଉସୀ, ମାଉସୀ ପୁଅ ଓ ତାଙ୍କର ଭଣଜା ମଧ୍ୟ ସମ୍ପୃକ୍ତ ଅଛନ୍ତି। ଠିକ୍ ତଦନ୍ତ କରାଗଲେ ହତ୍ୟା ଘଟଣା ଉପରୁ ପରଦା ହଟିବ। ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା କରି ଦୀପକ ଦୁର୍ଘଟଣା ରୂପ ଦେଇ ୧.୫ କୋଟି ବୀମା ପାଇଥିଲେ। ଓ୍ୱା ଶୁଭମିତ୍ରାଙ୍କୁ ଏକତରଫା ବିବାହ କରି ୧.୨୫ କୋଟି ଟଙ୍କା ବୀମା କରିଥିଲେ। ଦୀପକଙ୍କୁ ଫାଶୀ ହେବା ଦରକାର। ଉପର କୋର୍ଟକୁ ଯିବାକୁ ସେ ଅସମର୍ଥ ଥିବା ବେଳେ ନ୍ୟାୟ ନ ପାଇଲେ ଆତ୍ମହତ୍ୟା କରିବି ବୋଲି ଦୁର୍ଯ୍ୟୋଧନ ଚେତାବନୀ ଦେଇଛନ୍ତି।

### ପୁନଃ ତଦନ୍ତ ଦାବି କଲେ ଅପର୍ଣ୍ଣାଙ୍କ ମା'-ବାପା

ଢେଙ୍କାନାଳ,୧୮।୯(ରତନ ନାୟକ)



ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ଦୀପକ ହତ୍ୟା କରି ତାଙ୍କ ନାମରେ ଥିବା ୧ କୋଟି ଟଙ୍କାର ବୀମାକୁ ଯୋଜନାବଦ୍ଧ ଭାବେ ସେ ହଡ଼ପ କରିଥିବା ଢେଙ୍କାନାଳରେ ରହୁଥିବା ପରିବାର ଲୋକ ଗଣମାଧ୍ୟମ ଆଗରେ କହିଛନ୍ତି। ବାପା ବିଚ୍ଛନ୍ଦ ରାଉତ, ମା' ଅଞ୍ଜଳୀ ରାଉତ ଓ ଅନ୍ୟତମ ଭଉଣୀ ରୁପାଲି ରାଉତ ପ୍ରମୁଖ ଏହି ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁନଃ ତଦନ୍ତ ଦାବି କରି ସେମାନଙ୍କୁ ନ୍ୟାୟ ଦିଆଯାଉ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଏହି ମାମଲା ତଦନ୍ତର ଅଗ୍ରଗତି ନେଇ କଟକ ଗ୍ରାମାଞ୍ଚଳ ପୋଲିସର ପ୍ରକ୍ରିୟା ମିଳିପାରିନାହିଁ।

# ନାବାଳିକାଙ୍କୁ ହତ୍ୟା କରି ଫିଙ୍ଗିଦେଲେ

## କୋଷ୍ଟକେନାଲରୁ ଗଳିତ ମୃତଦେହ ଜବତ


ଘଟଣାସ୍ଥଳରେ ଏସ୍‌ପି ଓ ଅନ୍ୟମାନେ।


ନାବାଳିକାଙ୍କ ମୃତଦେହକୁ ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍ ଉପରକୁ ଆଣୁଛନ୍ତି।

### ୫ ଦିନ ତଳେ ଘର ନିକଟରୁ ଅପହରଣ ହୋଇଥିଲେ

ବାସୁଦେବପୁର,୧୮।୯ (କାଳିପଦ ରାଉ/ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରାଞ୍ଚଳ ଅଧୀନ ରାଧାନାଥପୁର ଆଡ଼ିଆ ଗ୍ରାମରୁ ଗତ ୫ ଦିନ ତଳେ ଅପହରଣ ହୋଇଥିବା ୮ବର୍ଷୀୟା ନାବାଳିକାଙ୍କ ଗଳିତ ମୃତଦେହ ଗୁରୁବାର ଗାଁଠାରୁ ୫୦୦ ମିଟର ଦୂର କୋଷ୍ଟକେନାଲରୁ ଜବତ କରାଯାଇଛି। ତାଙ୍କୁ ଅପହରଣ ପରେ ହତ୍ୟା କରାଯାଇ କେନାଲର ଅନାବନା ଘାସ ଓ ଦଳ ଥିବା ସ୍ଥାନରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ଏନେଇ ରୁଡ୍ରାମଣି ସାମୁଦ୍ରିକ ଥାନାରେ ଏକ ମାମଲା (ନଂ. ୭୪/୨୫) ରୁଜୁ ହୋଇଥିବାବେଳେ ଜଣେ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଖୁବ୍‌ଶୀଘ୍ର ଅନ୍ୟ ଅପରାଧୀମାନଙ୍କୁ ଧରାଯିବ ବୋଲି ଏସ୍‌ପି ମନୋଜ କୁମାର ରାଉତ କହିଛନ୍ତି।

ପ୍ରକାଶ ଥାଉକି, ଉକ୍ତ ଗ୍ରାମର ସଦାନନ୍ଦ ମଲିକଙ୍କ ଝିଅ ସୁଭଦ୍ରାଙ୍କୁ ଗତ ଶନିବାର ରାତିରେ ୨ଜଣ ଦୁର୍ବୃତ୍ତ ବାଇକ୍ ଯୋଗେ ଘର ଆଗରୁ ଅପହରଣ କରି ନେଇଥିଲେ। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତକୁ ଜୋରଦାର କରିବା ସହ ବିଭିନ୍ନ ସ୍ଥାନରେ ଥିବା ସିସି କ୍ୟାମେରାର ଫୁଟେଜ ଯାଞ୍ଚ, ଲୋକଙ୍କୁ ପଚରାଉଚରା କରିବା ଓ ନାକାବନ୍ଦୀ କରି ଛାନ୍‌ଭିନ୍ ଚଳାଇଥିଲା। ବୁଧବାର ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ଗ୍ରାମ ନିକଟସ୍ଥ ପୋଖରୀ ଓ ଗାଡ଼ିଆରେ ଖୋଜାଖୋଜି କରିଥିଲେ। ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଏସ୍‌ପି ରାଉତ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ନିକଟସ୍ଥ କେନାଲରେ ଖୋଜାଖୋଜି କରିବା ପାଇଁ ଡିଆଇଜି ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ସକାଳେ ଅଗ୍ନିଶମବାହିନୀ ଗ୍ରାମ ପଛପଟେ ଥିବା କୋଷ୍ଟ କେନାଲରେ ଖୋଜାଖୋଜି ଆରମ୍ଭ କରିଥିଲେ। କେନାଲରେ ଅଧିକ ପାଣି ଥିବାରୁ କିଛି ବେଳେ ଦୁର୍ଗନ୍ଧ ହୋଇଥିଲା। ସେହି ସ୍ଥାନରେ ଅଧିକ ଖୋଜାଖୋଜି ପରେ ସୁଭଦ୍ରାଙ୍କ ଗଳିତ ମୃତଦେହ ଘାସରେ ମିଳିଥିଲା। ଖବରପାଇ ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା, ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ନାୟକଣିକିସି ଥାନାଧିକାରୀ ରାଜଲକ୍ଷ୍ମୀ ନାୟକ, କନ୍ଥିଆ ସାମୁଦ୍ରିକ ଥାନାଧିକାରୀ ସାବିତ୍ରୀ ପଣ୍ଡା, ବାସୁଦେବପୁର ଥାନାଧିକାରୀ ଲୋପାମୁଦ୍ରା ନାୟକ, ରୁଦ୍ରାମଣି ସାମୁଦ୍ରିକ ଥାନାଧିକାରୀ ବନାନୀ ବେହେରା, ତହସିଲଦାର ପ୍ରିୟବ୍ରତ ଦାସ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପାରିପାର୍ଶ୍ୱିକ ଅବସ୍ଥାରୁ ଦୁର୍ବୃତ୍ତମାନେ ନାବାଳିକାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ଖବର ପ୍ରଚାରିତ ହେବା ପରେ ବହୁ ଲୋକ ସେଠାରେ ଭିଡ଼ ଜମାଇଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ବାତାବରଣ ସୃଷ୍ଟି ହୋଇଥିଲା। ଅପରାଧୀଙ୍କୁ ତୁରନ୍ତ ଧରିବା ପାଇଁ ପରିବାର ଲୋକ ଦାବି କରିଛନ୍ତି।

# ସ୍ତ୍ରୀଙ୍କ ବେକ କାଟିଦେଲେ ସ୍ୱାମୀ

## ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି, ସ୍ୱାମୀ ଗିରଫ

ବାଲେଶ୍ୱର, ୧୮।୯ (ବାଞ୍ଛାନିଧି ବେ)


ଗିରଫ ଅଭିଯୁକ୍ତ।

ବାଲେଶ୍ୱର ଟାଉନ ଥାନା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ସ୍ତ୍ରୀଙ୍କ ବେକକୁ ଛୁରୀରେ କାଟି ହତ୍ୟା ଉଦ୍ୟମ କରିଛନ୍ତି ସ୍ୱାମୀ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳାଙ୍କୁ ପ୍ରଥମେ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ସ୍ୱାମୀଙ୍କୁ ଗାଁ ଲୋକେ ସ୍ୱାମୀଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ କଟକ ବକ୍ସିବଜାର ମହ୍ଲାନାରୋଡ୍ ଅଞ୍ଚଳର ମହମ୍ମଦ ଅମଜାଦ (୫୨)ଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ଅମଜାଦ ଟାଉନ ଥାନା ଅଧୀନ ପଠାଣମହଲା ଗ୍ରାମର ପିଙ୍କି ଖାତୁନଙ୍କୁ ବିବାହ କରିଥିଲେ। ପିଙ୍କି ପଠାଣମହଲାରେ ରହୁଥିବାବେଳେ ଅମଜାଦ କଟକରେ ରହୁଛନ୍ତି। ଗୁରୁବାର ଅମଜାଦ ଶ୍ୱଶୁର ଘରକୁ ଆସି ସ୍ତ୍ରୀଙ୍କୁ ଏକ ନିଛାଟିଆ ଜାଗାକୁ ଡାକିକଥା ହୋଇଥିଲେ। ଅମ୍ଜାଦଙ୍କ କୌଣସି ଏକ କଥାରେ ପିଙ୍କି ରାଜି ହୋଇ ନ ଥିଲେ। ଏଥିରେ ଉତ୍ତେଜିତ ହୋଇ ସେ ପକେଟ୍‌ରୁ ଏକ ଛୁରି ବାହାର କରି ପିଙ୍କିଙ୍କ ବେକକୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅମଜାଦ ଦୌଡ଼ି ପଳାଉଥିବା ବେଳେ ତାଙ୍କୁ କାବୁ କରିଥିଲେ। ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ଅମଜାଦଙ୍କୁ ଗିରଫ କରିଛନ୍ତି। ଏନେଇ ଏକ ମାମଲା ରୁଜୁ ହୋଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ୧୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୮।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲ୍ଲା ପୋଲିସ ନିକଟରେ ୧୮ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ୧୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୫ ଜଣ ମହିଳା ମାଓବାଦୀ ରହିଛନ୍ତି। ଆତ୍ମସମର୍ପଣ କରିଥିବା ଏହି ମାଓବାଦୀମାନେ ଏରିଆ କମିଟି ସଦସ୍ୟ, ଏଲ୍‌ଓଏସ୍‌ଏମ୍ ସଦସ୍ୟ, ପିପିସିଏମ୍ ସଦସ୍ୟ, ମିଲିଟ୍ରି ପ୍ଲାଟୁନ୍ ସଦସ୍ୟ ଓ ଜନତାନା ସରକାରର ବିଭିନ୍ନ ପଦବୀରେ ରହିଥିବା ଜଣାପଡ଼ିଛି। ଏହାସହ ସେମାନେ ଦୀର୍ଘ ବର୍ଷ ଧରି ଛତିଶଗଡ଼ରେ ଲଗାତାର ମାଓବାଦୀ ଅପରେଶନ ଚାଲିଥିବା ବେଳେ ମାଓବାଦୀମାନେ ଭୟଭୀତ ହୋଇପଡ଼ିଛନ୍ତି। ଏପରି ପରିସ୍ଥିତିରେ ମାଓବାଦୀମାନେ ଆତ୍ମସମର୍ପଣ କରିବା ପାଇଁ ବାଧ୍ୟ ହେଉଛନ୍ତି ବୋଲି ନାରାୟଣପୁର ପୋଲିସ ଅଧୀକ୍ଷକ ସୂଚନା ଦେଇଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଏହାସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ନାଏବ ସରପଞ୍ଚଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି, ୧୮।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ଜଣେ ନାଏବ ସରପଞ୍ଚଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତକ ହେଲେ ବିଜାପୁର ଜିଲ୍ଲା କାଙ୍ଗଲା ଥାନା ଅନ୍ତର୍ଗତ ବେଚରମ ଗ୍ରାମର ନାଏବ ସରପଞ୍ଚ ଦବ୍ବରୁ ଓୟାମ। ମାଓବାଦୀ ସଂଗଠନର ସ୍ମାଲ ଆକ୍ସନ ଟିମ୍‌ର ପ୍ରାୟ ୫ ଜଣ ମାଓବାଦୀ ଦବ୍ବରୁଙ୍କ ଘରକୁ ଯାଇ ଟାଙ୍ଗିଆରେ ହାଣି ତାଙ୍କୁ ହତ୍ୟା କରିଥିବା ସୂଚନା ମିଳିଛି। ମାଓବାଦୀମାନେ ମୃତଦେହ ନିକଟରେ ଏକ ପୋଷ୍ଟର ଛାଡ଼ିଯାଇଛନ୍ତି। ନାଏବ ସରପଞ୍ଚ ପୋଲିସ ସୂଚନାଦାତା ହୋଇଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। କାଙ୍ଗଲା ଥାନା ପୋଲିସ ଏନେଇ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ବିଜାପୁର ଏସ୍‌ପି ଚନ୍ଦ୍ରକାନ୍ତ ଗବର୍ଣ୍ଣା କହିଛନ୍ତି।

# ମାଓବାଦୀଙ୍କ ଗୁଳିରେ ଯବାନ ଗୁରୁତର

## କନ୍ଧମାଳ-ଗଞ୍ଜାମ ସୀମାନ୍ତରେ କୋମ୍ବିଂ ଜୋରଦାର

ଫୁଲବାଣୀ/ରାଇକିଆ/ଭଞ୍ଜନଗର, ୧୮।୯(ରାକେଶ କୁମାର ରାଉତ/ପ୍ରଶାନ୍ତ କୁମାର ବେହେରା/ବାବୁଲା ପ୍ରଧାନ)

ଦୀର୍ଘଦିନର ନିରବତା ପରେ ମାଓବାଦୀମାନେ ସେମାନଙ୍କ କାରିଡର ବଦଳାଇ ବହୁ ବର୍ଷ ପୂର୍ବରୁ ଥିବା ସ୍ଥାନରେ ପୁଣି ନିଜ ଉପସ୍ଥିତି ଜାହିର କରିଛନ୍ତି। କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତ ଗେରିଞ୍ଜିଆ ନିକଟସ୍ଥ ଜଙ୍ଗଲ ଓ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ସୀମାନ୍ତରେ ଯବାନ- ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଜଣେ ଯବାନଙ୍କ ଦେହରେ ଗୁଳି ବାଜିଛି। ସେ ହେଲେ ପ୍ରେମ ସିଂ ମାଝି। ତାଙ୍କୁ ଗୁରୁତର ଅବସ୍ଥାରେ ଭଞ୍ଜନଗର ମେଡିକାଲରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗେରିଞ୍ଜିଆ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଯବାନମାନେ କୋମ୍ବିଂ ଅପରେଶନ କରୁଥିଲେ। ଜଙ୍ଗଲ ମଧ୍ୟରେ ସେମାନେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷରୁ ପ୍ରବଳ ଗୁଳି ବିନିମୟ ହୋଇଥିଲା। ଏଥିରେ ଯବାନ ପ୍ରେମ ସିଂଙ୍କ ଦେହରେ ଗୁଳି ବାଜିବାରୁ ସେ ଗୁରୁତର ହୋଇଥିଲେ। ସାଥୀ ଯବାନ ତାଙ୍କୁ ଭଞ୍ଜନଗର ମେଡିକାଲରେ ଛାଡ଼ି ପୁଣି କୋମ୍ବିଂ ଚାଲି ଯାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ପ୍ରେମ ସିଂଙ୍କୁ ରାଇକିଆ ପୋଲିସ ଭଞ୍ଜନଗର ମେଡିକାଲକୁ ନେଇଥିଲେ। ଭଞ୍ଜନଗର ମେଡିକାଲରେ ସର୍ଜରୀ ବିଶେଷଜ୍ଞ ନ ଥିବା ଯୋଗୁ ବ୍ରହ୍ମପୁର ଏମ୍‌କେସିଜିକୁ ୨ ଜଣ ଡାକ୍ତରଙ୍କୁ ଡକାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ପ୍ରେମ ସିଂଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତରିତ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଘଟଣାସ୍ଥଳରେ ରକ୍ତ ପଡ଼ିଥିବାରୁ କେତେଜଣ ମାଓବାଦୀ ମଧ୍ୟ ଆହତ ହୋଇଥିବା ଅନୁମାନ କରାଯାଉଛି। ଏ ନେଇ କନ୍ଧମାଳ ଏସ୍‌ପି ହରିଶ ବିସିଙ୍କୁ ପଚାରିବାରୁ ସେ କହିଛନ୍ତି, ଗୁଳି ବିନିମୟ ବେଳେ ଜଣେ ଯବାନ ଆହତ ହୋଇଛନ୍ତି। ମେଡିକାଲରେ ତାଙ୍କ ଅବସ୍ଥା ସ୍ଥିର ରହିଛି। ସର୍ବ କୋମ୍ବିଂ ଜୋରଦାର ଚାଲିଛି। ସର୍ବ ଅପରେଶନ ପରେ ସବିଶେଷ ଜଣାପଡ଼ିବ ବୋଲି କହିଛନ୍ତି।


**OFFICE OF THE NOTIFIED AREA COUNCIL**
**PURUSHOTTAMPUR, (GANJAM) PIN-761018**
Email Id : eo-nacpurushottampur@gov.in / purushottampurnac@gmail.com
Ph. No. 06811-295222

Letter No : 1646/NAC Dated : 16.09.2025

**QUOTATION CALL NOTICE FOR HIRING OF VEHICLE FOR NAC, PURUSHOTTAMPUR FOR 2025-26**

No.C-1102 : Sealed quotations/tenders are hereby invited from interested persons / Registered Firms / Travel Agencies / Trusts having valid GST Registration Certificates for providing a commercial light vehicle having sitting capacity not more than 08 including driver i.e.(BOLERO NEO or any SUV of equal category) bearing commercial registration number, along with a driver, for deployment under NAC, Purushottampur for official use on a monthly rental basis, strictly conforming to the terms and conditions specified in the bid document/agreement.
- Period of Receipt of Bids: From 18/09/2025, 10:00 A.M. to 25/09/2025, 2:00 P.M.
- Date & Time of Opening of Bids: 25/09/2025 at 04:00 P.M. in the NAC Conference Hall.
- Cost of Quotation Paper: Rs. 1000/- (Rupees One Thousand only), payable at the office of the undersigned or may submitted in shape of demand draft for downloaded bid form.
- The Quotation Form will be available at the office of the undersigned during office hours from 18/09/2025 to 25/09/2025 upto 1.00 P.M. and can also be downloaded from the website: https://nacpurushottampur.in/tender.

The undersigned reserves the right to reject any or all quotations/tenders without assigning any reason thereof.

Sd./- Executive Officer
NAC, Purushottampur

OIPR-13187/11/0014/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, UPPER KOLAB IRRIGATION DIVISION, BORIGUMMA, DIST : KORAPUT**
**e-Procurement Notice**

Bid Identification No. SEUKID-02/2025-26 Dated : 16.09.2025

No.A-628 : Bid Documents consisting of work, Estimated Cost, cost of bid document, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

| | | |
|---|---|---|
| 1. | Name of the Work | Civil Works |
| 2. | No. of Works | 24 Nos |
| 3. | Estimated Cost | Rs.6.77 Lakhs to Rs.13.14 Lakhs |
| 4. | Period of completion | Two calendar months |
| 5. | Date & Time of Bidding | From 11.00 hours of 20.09.2025 Up to 17.00 hours of 03.10.2025 |
| 6. | Last date & time for receipt of bids in portal | 03.10.2025 up to 17.00 hours |
| 7. | Bids received online shall be opened on | 11.00 hours of 04.10.2025 |
| 8. | Name and address of the officer inviting Bid | Superintending Engineer, Upper Kolab Irrigation Division, Borigumma (K) |

Further details can be seen from the www.tendersodisha.gov.in. Addendum/corrigendum/cancellation required, if any will be published in Govt. Website only.

Sd./- Superintending Engineer,
Upper Kolab Irrigation Division,
Borigumma (K)

OIPR-32482/11/0013/2526



**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**
Phone No. : / Fax No. : 0680-2233683, Email : eernb1_ganjam@yahoo.com
**GOVERNMENT OF ODISHA Quotation Notices**

No.B-534 Short Auction sale Notice No. 12 of 2025-26
Ltr. No. 11038/ Dated : 16.09.2025

| | | |
|---|---|---|
| 1. | Name of the work | i) Dismantling of different Residential Buildings in the premises of judicial colony District & Session Judge Court at Berhampur. ii) Dismantling of old settlement office (Non-residential) building in the premises of District Session Judge Court at Berhampur |
| 2. | Reserve Price | i) Rs. 9,36,921/- ii) Rs. 68,821/- |
| 3. | EMD to be deposited (In shape as N.S.C / Post Office savings bank account / Post office time deposit account / Kisan Vikas Patra / Bank Guarantee) | i) Rs. 2,34,500/- ii) 17,200/- |
| 4. | Period of Completion | 1 (One) Calendar Month |
| 5. | Receipt of Quotation | From 20.09.2025 to 25.09.2025 up to 5.00 P.M. |
| 6. | Date & Time of Opening of Quotation | 11 A.M. of 26.09.2025 |
| 7. | Name and address of the Officer inviting Quotation | Superintending Engineer, Ganjam (R&B) Division No.I, Berhampur |

Sd./- Superintending Engineer
Ganjam (R&B) Division No.I

OIPR-34109/11/0044/2526



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ: (୦୬୭୪) ୨୩୯୩୫୫୪, ...
Website: https://oshb.org

ପତ୍ର ସଂଖ୍ୟା: ୧୯୫ **ବିଜ୍ଞାପନ** ତା:୦୧।୦୯।୨୫

No. CAD-1796: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଶ୍ରୀ ... ଏଚ.ଆଇ.ଜି.-୧-୩୪ (HIG-1-34), ... ଶ୍ରୀମତୀ ମମତା ପ୍ରଧାନ, ସ୍ୱାମୀ: ଚିତ୍ତରଞ୍ଜନ ପ୍ରଧାନ ... ଓଡ଼ିଶା ଗୃହ ନିର୍ମାଣ ସଂସ୍ଥାର ନିୟମ ଅନୁଯାୟୀ ମାଲିକାନା ପରିବର୍ତ୍ତନ ପାଇଁ ଆବେଦନ କରିଅଛନ୍ତି। ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆପତ୍ତି ଦାଖଲ ନ କଲେ ... ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0859/2526



**GOVERNMENT OF ODISHA** E-Mail: sebalangir@gmail.com
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR**
**"e-Procurement Notice"**
BID Identification No. ACE, BOIC-03/2025-26
Procurement Details

No. A-629

| Pkg No. | Name of Works | Approx. Tender Cost in lakh | Class of Contractor | Bid Security/ EMD-(Online)- (in INR) | Cost of tender document-(Online)-(in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Improvement to service Road of RMC in between RD 16200 M to RD 18516 M under SIP | Rs.167.71 Lakh (excluding G.S.T.) | 'A' & 'B' Class | Rs.1,67,800/- | Rs.10,000/- | 12 (Twelve) Calendar Months |
| 2 | Improvement to service road of left side service road from RD 0.63 Km to RD 1.710 Km under SIP | Rs.250.22 Lakh (excluding G.S.T.) | 'A' & 'B' Class | Rs.2,50,300/- | Rs.10,000/- | 12 (Twelve) Calendar Months |
| 3 | Improvement to service Road of LMC in between RD 8.00 Km to 8.80 Km, RD 11.00 Km to 12.10 Km and Sagada Hatapada to Bagh barrage under BIP | Rs.251.67 Lakh (excluding G.S.T.) | 'A' & 'B' Class | Rs.2,51,700/- | Rs.10,000/- | 12 (Twelve) Calendar Months |
| 4 | Improvement to service road of LMC within RD 8450 M to 13000 M under SIP | Rs.249.62 Lakh (excluding G.S.T.) | 'A' & 'B' Class | Rs.2,49,700/- | Rs.10,000/- | 12 (Twelve) Calendar Months |
| 5 | Improvement to service Road of RMC in between RD 00 Km to RD 6.4 Km under BIP | Rs.251.44 Lakh (excluding G.S.T.) | 'A' & 'B' Class | Rs.2,51,500/- | Rs.10,000/- | 12 (Twelve) Calendar Months |
| 6 | Improvement to service road of RMC in between RD 18750 M to RD 22500 M under SIP | Rs.209.66 Lakh (excluding G.S.T.) | 'A' & 'B' Class | Rs.2,09,700/- | Rs.10,000/- | 12 (Twelve) Calendar Months |
| 7 | Improvement to service Road of RMC in between RD 00 Km to 50.930 Km under ... Village: Manikpur under Ghantapada G.P. of Kantamal Block (working RD 50.530 Km to 50.930 Km) | Rs.184.90 00 Lakh (excluding G.S.T.) | 'A' & 'B' Class | Rs.1,84,900/- | Rs.10,000/- | 12 (Twelve) Calendar Months |
| 8 | Flood protection work to the Right Bank of River Mahanadi near Village: Dianghat of Harabhanga G.P. of Harabhanga Block working RD 82.30 Km to 82.44 Km | Rs.180.63 Lakh (excluding G.S.T.) | 'A' & 'B' Class | Rs.1,80,700/- | Rs.10,000/- | 12 (Twelve) Calendar Months |

| Procurement Officer | Bid Identification No. | Availability of tender Online for bidding From | To | Date of seeking tender clarification | Date & time of opening of tender Technical Bid | Financial Bid | Place of Opening |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC-03/2025-26 | Dt.23.09.2025 At 10.00 hours | Dt.17.10.2025 upto 17.30 hours | Dt.23.09.2025 to Dt.06.10.2025 at Office during office hours (in working days) | Dt.18.10.2025 at 11.00 hours | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal "https://www.tendersodisha.gov.in".

OIPR-32347/11/0004/2526 Sd./- Additional Chief Engineer, Balangir Irrigation Circle, Balangir



**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
**POWER HOUSE SQUARE, UNIT-V, BHUBANESWAR**
TEL. NO. : 0674-2394873, Fax : 2391255/2391024
Email: sdaorissa@od.gov.in, eic-epcei@od.gov.in

**Indicative advertisement for the Engagement of EV Consultant on temporary basis in Energy Conservation Cell in the office of Engineer in Chief (Electricity)-cum-Principal Chief Electrical Inspector, Odisha, Bhubaneswar**

Advt. No.Tech-EC-1188/ 6033 / Date 15th Sept 2025

No.AA-27 : Engineer-in-Chief (Electricity)-cum-Principal Chief Electrical Inspector, Odisha under the Department of Energy, Govt. of Odisha invites applications from eligible candidates for engagement of one number of EV consultant. The last date of receipt of completed applications is 25.09.2025, 05:00 PM.

For detailed advertisement and to download the application forms, please visit the website: https://eicelectricityodisha.nic.in. The authority reserves the right to accept / reject any application without assigning any reasons thereof.

**"Go Electric Go Green"**

Sd./-
OIPR-04066/11/0034/2526 EIC(E)-cum-PCEI & SDA (O)

# ନାରାୟଣୀ ମୋଟର୍ସରେ ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍‌ର ଅନାବରଣ

ଭୁବନେଶ୍ୱର,୧୮।୯(ଅନୁରାଧା ମହାରଣା)



ମାରୁତି ସୁଜୁକି ଅଧିକୃତ ବିକ୍ରେତା ନାରାୟଣୀ ମୋଟର୍ସ ପକ୍ଷରୁ ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍ ଗୁରୁବାର ଅନାବରଣ କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କାର୍‌ର ଅନାବରଣ ଅବସରରେ ୟୁନିୟନ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ନିରଞ୍ଜନ ବାରିକ, ଡେପୁଟି ଜୋନାଲ ମ୍ୟାନେଜର ହରିନ୍ଦର ସିଂ ସାନ୍ଧୁ, ନାରାୟଣୀ ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ପୁରୁଷୋତ୍ତମ ବୁଦ୍ଧରାଜ, ନିର୍ଦ୍ଦେଶକ ପ୍ରଣୟ ବୁଦ୍ଧରାଜ ପ୍ରମୁଖ ଯୋଗଦେଇଥିଲେ। ନୂଆ ଡିଜାଇନ ଓ ଆଧୁନିକ ଫିଚର୍ସ ସହ ଲଞ୍ଚ ହୋଇଥିବା ଏହି କାର୍‌ରେ ଏଲ୍‌ଇଡି ଲାଇଟିଂ ଓ କନେକ୍ଟେଡ୍ ଟେଲଲ୍ୟାମ୍ପ ରହିଛି। ଏହା ଏଏଏକ୍ସଆଇ, ଭିଏକ୍ସଆଇ, ଜେଡ୍‌ଏକ୍ସଆଇ, ଜେଡ୍‌ଏକ୍ସଆଇ ଅପ୍‌ସନାଲ, ଜେଡ୍‌ଏକ୍ସଆଇ ପ୍ଲସ୍ ଓ ଜେଡ୍‌ଏକ୍ସଆଇ ପ୍ଲସ୍ ଅପ୍‌ସନାଲ ଭଳି ୬ଟି ଭାରିଆଣ୍ଟରେ ଉପଲବ୍ଧ। ୧୦.୫ ଲକ୍ଷ ଟଙ୍କାରୁ ଆରମ୍ଭ କରି ୧୯.୨୦ ଲକ୍ଷ ଟଙ୍କାରେ ଏହିସବୁ ଭାରିଆଣ୍ଟ ଉପଲବ୍ଧ ହୋଇଛି। ମୁଖ୍ୟ ଫିଚର୍ସ ମଧ୍ୟରେ ୧୦.୨୫ ଇଞ୍ଚ ଡିଜିଟାଲ ଡ୍ରାଇଭର ଡିସ୍‌ପ୍ଲେ, ପାନୋରାମିକ୍ ସନ୍‌ରୁଫ୍ ଓ ୬୪-କଲର ଆମ୍ବିଏଣ୍ଟ ଲାଇଟିଂ ସହ ଅନ୍ୟାନ୍ୟ ସେଫ୍‌ଟି ଫିଚର୍ସ ରହିଛି। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଲେଭେଲ-୨ ଆଡାସ୍ ସହ ଆସିଛି। ଏହା ୧୦ ଟି ରଙ୍ଗରେ ଉପଲବ୍ଧ। ଏହା ପେଟ୍ରୋଲ, ଷ୍ଟ୍ରଙ୍ଗ୍-ହାଇବ୍ରିଡ୍ ଓ ସିଏନ୍‌ଜି ପାୱାର ଟ୍ରେନ୍ ଅପ୍‌ସନ ସହ ଉପଲବ୍ଧ। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଅଣ୍ଡରବଡି ଟ୍ୱିନ-ଟ୍ୟାଙ୍କ ସିଏନ୍‌ଜି ସେଟ୍‌ଅପ ସହ ଅଧିକ ବୁଟ୍ ସ୍ପେସ୍ ଦେଉଛି। ଲିଟର ପ୍ରତି ୨୭ରୁ ୨୮ କିଲୋମିଟର ମାଇଲେଜ ରହିଛି। ଉନ୍ମୋଚନ ଅବସରରେ ନାରାୟଣୀ ମୋଟର୍ସ ନିର୍ଦ୍ଦେଶକ ପ୍ରଣୟ ବୁଦ୍ଧରାଜ କହିଛନ୍ତି, ପାର୍ବଣଋତୁରେ ଏହାର ଲଞ୍ଚ କରାଯାଇଥିବାରୁ ବ୍ୟବସାୟ ଲାଭଦାୟକ ହେବ ବୋଲି ଆଶା ରହିଛି। ଆସନ୍ତା ୨୨ ତାରିଖରୁ ଲାଗୁ ହେବାକୁ ଥିବା ନୂଆ ଜିଏସ୍‌ଟି ହ୍ରାସର ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯିବ। ଏହାସହ ସ୍ୱତନ୍ତ୍ର ଫେଷ୍ଟିଭ୍ ଡିସ୍‌କାଉଣ୍ଟ ପ୍ରଦାନ ପାଇଁ ମଧ୍ୟ ଯୋଜନା ରହିଛି।

# କ୍ୱାଲିଟି କନ୍‌ସେପ୍ଟରେ ଟିପିସିଓଡିଏଲ୍‌କୁ ୧୫ ପୁରସ୍କାର

ଭୁବନେଶ୍ୱର,୧୮।୯



ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) କ୍ୟୁସିଏଫ୍‌ଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଆୟୋଜିତ କ୍ୱାଲିଟି କନ୍‌ସେପ୍ଟ ୨୦୨୫ରେ ୧୫ଟି ପୁରସ୍କାର ଜିତିଛି। କ୍ୱାଲିଟି ସର୍କଲ ଓ କାଇଜେନ୍‌ର ୧୫ ପ୍ରକଳ୍ପ ମଧ୍ୟରୁ ୧୪ଟି ଟିମ୍ ସ୍ୱର୍ଣ୍ଣ ଏବଂ ଗୋଟିଏ ଟିମ୍ ରୌପ୍ୟ ପଦକ ହାସଲ କରିଛି। ଏନ୍‌ଟିପିସି, ଓ ଖଣି ନିଗମ, ଜିନ୍ଦଲ ଷ୍ଟେନ୍‌ଲେସ୍, ନାଲ୍‌କୋ, ବାଲ୍‌କୋ, ଟାଟା ପାୱାର, ବେଦାନ୍ତ ଭଳି ଅଗ୍ରଣୀ କମ୍ପାନୀର ୨୧୦ରୁ ଅଧିକ ଟିମ୍ ସହ ଟିପିସିଓଡିଏଲ୍‌ର ଟିମ୍ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ସ୍ୱର୍ଣ୍ଣ ବିଜୟୀ ଟିମ୍ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଲିଟି କନ୍‌ସେପ୍ଟର ଜାତୀୟ କନ୍‌ଭେନଶନ ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

# ପାତ୍ର ଇଲେକ୍ଟ୍ରୋନିକ୍ସର ପ୍ରି ବୁକିଂ ବିଗ୍ ଫେଷ୍ଟିଭାଲ ସେଲ୍

ଭୁବନେଶ୍ୱର,୧୮।୯

PATRA ELECTRONICS — PATRA'S BIG FESTIVAL SALE

ଦେଶର ନୂଆ ଜିଏସଟି ସଂଶୋଧନ ବ୍ୟବସ୍ଥାରେ ସେପ୍ଟେମ୍ବର ୨୨ ତାରିଖ ପରେ କେତେକ ଇଲେକ୍ଟ୍ରୋନିକ୍ସ ଜିନିଷର ହ୍ରାସ ହେବାକୁ ଯାଉଛି। ଏହି ଅବସରରେ ଓଡିଶାର ଥିବା ସମସ୍ତ ପାତ୍ର ଇଲେକ୍ଟ୍ରୋନିକ୍ସ ବ୍ରାଞ୍ଚରେ ପ୍ରି ବୁକିଂ ସେଲସ ଆରମ୍ଭ ହୋଇଛି। ଏହି ଅବସରରେ ପାତ୍ର ଇଲେକ୍ଟ୍ରୋନିକ୍ସ ତରଫରୁ ଜିଏସଟି ବେନିଫିଟ ସହିତ କଷ୍ଟ ଟୁ କଷ୍ଟ ପ୍ରାଇସରେ ସମସ୍ତ ଜିନିଷକୁ ସହଜ କିସ୍ତିରେ ଯୋଗାଇ ଦିଆଯିବ। ଏହି ସମୟରେ କେତେକ ଜିନିଷକୁ ଜିରୋ ଡାଉନ୍ ପେମେଣ୍ଟ, ଜିରୋ ଇଣ୍ଟରେଷ୍ଟ,ଜିରୋ ପ୍ରୋସେସିଂ, ୯୯୦ ଟଙ୍କାରେ ସହଜ କିସ୍ତି, ୩୬ ମାସ ପର୍ଯ୍ୟନ୍ତ ଇଏମଆଇ, ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଟ୍ରିପଲ କ୍ୟାସ ବ୍ୟାକ, ୨ଲକ୍ଷ ୫୦ ହଜାର ଟଙ୍କାର ଡେଲି ଲକି ଡ୍ର, ଗିଫ୍ଟ ଭାଉଚର, ମାତ୍ର ୩୯୯୦ରେ ୪ଟି ପ୍ରଡକ୍ଟ ଏଲଇଡି ଟିଭି, ୱାସିଂ ମେଶିନ, ଫ୍ରିଜ, ଏସି, ମିଳୁଛି ଓ ଦୁଇଟି ଇ.ଏମ.ଆଇ ପର୍ଯ୍ୟନ୍ତ ରିଫଣ୍ଡର ବ୍ୟବସ୍ଥା ଅଛି। ପ୍ରି ବୁକିଂ କଲେ ଜି.ଏସ.ଟି ପରିବର୍ତ୍ତିତ ମୂଲ୍ୟ ସହ ଏହି ସବୁ ସମସ୍ତ ଅଫର ଗୁଡିକର କେତେକ ଜିନିଷକୁ ୫୦% ପର୍ଯ୍ୟନ୍ତ ରିହାତି ମିଳିବାର ସୁବିଧା ଅଛି।

# ରାଜ୍ୟରେ ଉତ୍ପାଦନ ହେଉଛି ୩୦ ନିୟୁତ ମେଟ୍ରିକ୍ ଟନ୍ ଇସ୍ପାତ

ଭୁବନେଶ୍ୱର,୧୮।୯(ଅନୁରାଧା ମହାରଣା)

ରାଜ୍ୟରେ ଥିବା ୫୪ଟି ଛୋଟ ବଡ଼ ଇସ୍ପାତ କାରଖାନାରୁ ବାର୍ଷିକ ପାଖପାଖି ୩୦ ନିୟୁତ ମେଟ୍ରିକ ଟନ୍ ଇସ୍ପାତ ଉତ୍ପାଦନ ହେଉଛି। ଏଥିରୁ ୧ ନିୟୁତ ଟନ୍ ଇସ୍ପାତ ବିଦେଶକୁ ରପ୍ତାନି ହେଉଛି। ରାଜ୍ୟ ଭିତରେ ୫.୭୩ ନିୟୁତ ଟନ୍ ଇସ୍ପାତ ବ୍ୟବହାର ହେଉଥିବାବେଳେ ରାଜ୍ୟ ବାହାରକୁ ୧୭ ନିୟୁତ ଟନ୍‌ରୁ ଅଧିକ ଇସ୍ପାତ ଯାଉଛି। ରାଜ୍ୟରେ ଇସ୍ପାତ ଉତ୍ପାଦନ ସମ୍ପର୍କରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି, ଏହିସବୁ କାରଖାନାରୁ ୨୦୨୨-୨୩ରେ ୨୫.୧୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ହୋଇଥିବାବେଳେ ୨୦୨୩-୨୪ ରେ ତାହା ୨୭.୩୧ ନିୟୁତ ଟନ୍‌କୁ ବୃଦ୍ଧି ପାଇଥିଲା ଏବଂ ୨୦୨୪-୨୫ରେ ଏହା ପ୍ରାୟ ୩୦ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ସେହିଭଳି ଓଡ଼ିଶାରେ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୪୯ଟି କମ୍ପାନୀ ରାଜ୍ୟ ସରକାରଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏଥିମଧ୍ୟରୁ ୨୩ ଇସ୍ପାତ କମ୍ପାନୀ କାର୍ଯ୍ୟକ୍ଷମ ଥିବାବେଳେ ଗୋଟିଏ ଫେରୋଆଲଏଜ୍, ଗୋଟିଏ ପେଲେଟ୍ ଓ ୫ଟି ସ୍ପଞ୍ଜ ଲୁହା କାରଖାନା ଚାଲିଛି। ଅସ୍ଥାୟୀ ଭାବେ ୪ଟି କାରଖାନା କାର୍ଯ୍ୟକ୍ଷମ ହୋଇ ନ ଥିବାବେଳେ ୧୨ଟି ଇସ୍ପାତ କାରଖାନାର କାର୍ଯ୍ୟ ଆରମ୍ଭ ହୋଇନାହିଁ। ଚାରିଟି ଇସ୍ପାତ କମ୍ପାନୀ ଓଡ଼ିଶା ଛାଡ଼ିଛନ୍ତି। ଏହି ୪ଟି କମ୍ପାନୀ ମଧ୍ୟରେ ପୋସ୍କୋ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ରହିଛି।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଚାରାରୋପଣ

ଭୁବନେଶ୍ୱର,୧୮।୯

ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ଆନୁକୂଲ୍ୟରେ ଆର୍ସେଲରମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ ଏସ୍ ଇଣ୍ଡିଆ) ପକ୍ଷରୁ 'ଏକ ପେଡ ମା' କେ ନାମ ୨.୦' ଅଭିଯାନର ଏକ ଅଂଶ ଭାବେ ପାରାଦ୍ୱୀପ, ଡାବୁନା, ଠାକୁରାଣୀ ଏବଂ ସାଗାସାହି ନିକଟରେ ୧୨ଟି ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜଗତସିଂହପୁରର ପାରାଦ୍ୱୀପସ୍ଥିତ ପେଲେଟ ପ୍ଲାଣ୍ଟ ପରିସରରେ ବୃକ୍ଷରୋପଣ ଅଭିଯାନରେ ୪୦୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପାରାଦ୍ୱୀପ ପେଲେଟ ପ୍ଲାଣ୍ଟର ପ୍ଲାଣ୍ଟ ମୁଖ୍ୟ ୟୁଏସଆର ରାଜୁ, ଏଚଆର ଓ ଆଇଆରର ଓଡ଼ିଶା ଆସେଟ ମୁଖ୍ୟ ସୁନୀଲା ଦାସ, କର୍ପୋରେଟ ଆଫେୟାର୍ସ ବିଭାଗ ମୁଖ୍ୟ ସୁପର୍ଣ୍ଣା ନନ୍ଦ, ସିଏସଆର ବିଭାଗ ମୁଖ୍ୟ ଡକ୍ଟର ବିକାଶ ୟାଦଭେନ୍ଦୁ, ଓଡ଼ିଶା ପରିବେଶ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଦାଶଙ୍କ ସମେତ ଏଏମ/ଏନଏସ ଇଣ୍ଡିଆର ବରିଷ୍ଠ ନେତୃତ୍ୱ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଟେଲିଂ ଡ୍ୟାମ ନିକଟସ୍ଥ ଶଙ୍କାରୀ ଗ୍ରାମରେ ଡାବୁନା ଟିମ ଏକତ୍ରିତ ହୋଇ ବୃକ୍ଷରୋପଣ କରିଥିଲେ। ଏହି ଅଭିଯାନରେ ପ୍ରକଳ୍ପ ବିଭାଗର ଭାଇସ ପ୍ରେସିଡେଣ୍ଟ ଶୈଳେନ୍ଦ୍ର ଶାହା, ଡାବୁନା ବେନିଫିସିଏସନ ପ୍ଲାଣ୍ଟର ମୁଖ୍ୟ ଜୟବର୍ଦ୍ଧନ ପରୋହା, ହାଜିରାର ଆକାଉଣ୍ଟସ ବିଭାଗ ମୁଖ୍ୟ ଭବେଶ ମୋଦୀ ଏବଂ ୬୦ ଜଣ କର୍ମଚାରୀ ଏବଂ ସହଯୋଗୀ କର୍ମଚାରୀ ଯୋଗ ଦେଇଥିଲେ। ସୁନ୍ଦରଗଡ଼ ଏଏମ / ଏନ ଏସ ଇଣ୍ଡିଆର ଘୋରାବୁରହାନି ସାଗାସାହି ଖଣି ନିକଟରେ ସାଗାସାହି, କଲମଙ୍ଗ ଏବଂ କାନିସାହି ଗ୍ରାମରେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଏମ / ଏନଏସ ଇଣ୍ଡିଆର ଅପରେସନ୍ସ ବିଭାଗ ନିର୍ଦ୍ଦେଶକ ତଥା ଭାଇସ ପ୍ରେସିଡେଣ୍ଟ ୱିମ ଭାନ ଗର୍ଭେନ, ଖଣି ଏବଂ ରଣନୈତିକ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ ମେହେଟ୍ଟା, ମୁଖ୍ୟ ନିରାପତ୍ତା ଅଧିକାରୀ ନାଗେଶ୍ୱର ରାଓ, ଓଡ଼ିଶା ଗ୍ରୀନଫିଲ୍ଡ ପ୍ରକଳ୍ପ ଏବଂ ବୈଷୟିକ ସହାୟତା ବିଭାଗ ମୁଖ୍ୟ ଟି ଏସ ଶାନଭୋଗ, ଓଡ଼ିଶା ଆସେଟ ର ଅପରେସନ୍ସ ବିଭାଗ ମୁଖ୍ୟ ସୁରେଶା ଜି, ବରିଷ୍ଠ ମହାପ୍ରବନ୍ଧକ ଅମିତ ଦୁବେ, ସାଗାସାହି ଖଣି ପ୍ରବନ୍ଧକ ସତ୍ୟକାମା ଦାସ, ଡାବୁନା ଲଜିଷ୍ଟିକ୍ସ ବିଭାଗ ମୁଖ୍ୟ ଜୟକିଶନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ............................



ଓମ୍‌ସାଇ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୧୪ତମ ଜନ୍ମ ବାର୍ଷିକୀ ଶୁଭେଚ୍ଛା



ଓମ୍‌ସାଇ ବିଶ୍ୱାଳ
ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା

ଜନ୍ମଦିନେ ବୃଦ୍ଧି, ବିଦ୍ୟା, ଆଶିଷ ଦେଇଥାଅ ପ୍ରଭୁ ଓମ୍‌ସାଇ ଡାକୁଥିବ ସଦା ତୁମକୁ ଦୁଃଖ ଆସିଲେବି ଭାଗ୍ୟଫଳ ଭାବି ବୁଝାଇ ଦେବି ମୋ ମନକୁ।
ଶୁଭେଚ୍ଛାସହ:
ସାଇ ପରିବାର, ଆମ ପରିବାର, ତୁମ ପରିବାର, ଗୁରୁ ମା, ଗୁରୁଜୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୧୯

## PhD ଡିଗ୍ରୀରେ ସମ୍ମାନିତ



ପାରାଦ୍ୱୀପର ଡଃ ସୁବ୍ରତ କୁମାର ବରାଳ PhD (Mechanical Engineering) ଡିଗ୍ରୀ ପାଇଛନ୍ତି। ସେ VNIT, ନାଗପୁର, ମହାରାଷ୍ଟ୍ରରେ ଡଃ ରବି କୁମାର ଦମ୍ପଲାଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ସେ ଶ୍ରୀ ଶରତ କୁମାର ବରାଳ, P.A., PDA ଏବଂ ଶ୍ରୀମତୀ ତୁଳସୀ ବରାଳ, ଲେଖିକା ଏବଂ ସମାଜସେବୀଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ଏହି କୃତିତ୍ୱ ପାଇଁ ସାଙ୍ଗସାଥୀ, ବନ୍ଧୁବାନ୍ଧବ ଏବଂ ପାରାଦ୍ୱୀପର କିଛି ଜନସାଧାରଣ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।
ଧ-୨୦୨୦

SPOT ADMISSION 2025-27
B.Ed
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# Classified Everyday
0674-2580101, 9692975378



## REAL ESTATE SALE

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

Ready to move 1/2 BHK flat for sale @ 18/ 24lakh at Gudiapokhari Bhubaneswar, Call- 9861642492. D-2018



Newly open Jyoti SPA positively health benefits (expert therapist). 8458067955. D-76936

ବହୁବର୍ଷ ଧରି ଭଲହେଉନଥିବା ଯେକୌଣସି ରୋଗରୁ ମୁକ୍ତି ପାଇଁ ଓ ସର୍ବଦା ସୁସ୍ଥ ନିରୋଗ ରହିବାକୁ ଚାହୁଁଥିଲେ Cellogen ଖାଆନ୍ତୁ 9439493164. D-2012

The massage felt totally professional & comfortable at all times-7978109255. D-76495

Now Matrimonial ads. only on Wednesday & Sunday Book 1 Get 1 FREE

## AFFIDAVIT

By virtue of an affidavit sworn before Executive Magistrate, Nayagarh on 25.06.2025, I Kshirod Kumar Sahoo, S/o- Gobinda Chandra Sahoo, At/P.O.- Balugaon, P.S./Dist.- Nayagarh, PIN-752070, declare that I have changed my name from Khiroda Kumar Sahoo to Kshirod Kumar Sahoo. Henceforth, I shall be known as Kshirod Kumar Sahoo for all purposes. D-2016

By this affidavit sworn before the Executive Magistrate, Jharsuguda, No.-997, date- 17.09.25, I, Amit Kumar Singh, S/o- Kameshwar Singh, R/o- Q.No.-80, Budhijam, Orient colliery, Brajrajnagar, Dist.- Jharsuguda, Odisha declare that in my all educational documents my father's name has been written as Kameswar Singh instead of Kameshwar Singh. That both the names are relates to one and same person. D-2022

I, Sandhyarani Pattanaik, D/o- Pravakar Pattanaik, At- Jadupati Bihar, Jubuli Town, P.O./P.S.- Dhenkanal Town, Dist.-Dhenkanal, Odisha-759001, declare by the affidavit before Executive Magistrate, Dhenkanal, No.- 830, dtd-18.09.2025 that now onwards my son Swastik Mathan will be known as Swastik Pattanaik for all future purposes. Sandhyarani Pattanaik. D-2014

By virtue of an affidavit Before Notary Public, Kantabanji bearing No.- 2316 on 18.09.2025 that before marriage I known as Demati Banachhor which is mentioned in my Aadhaar Card and S.B. account of Bank of Baroda, Kantabanji but after marriage to Hemanta Nial I known as Keshari Nial, W/o Hemanta Nial of Village /P.O./P.S.- Belpada, Dist.- Balangir,Odisha and updated my Aadhaar Card whereas Demati Banachhor and Keshari Nial W/o Hemanta Nial, is same and one person. D-2015

By virtue of an Affidavit sworn before Notary Public, Bhubaneswar, dated- 18.09.2025. I, Ajaya Kumar Sahoo, Address: Kunja Patana, Lingaraj, Old town declare that I have changed my name from Ajay Kumar Sahu to Ajaya Kumar Sahoo. Henceforth, I shall be known as Ajaya Kumar Sahoo for all purposes.
Ajaya Kumar Sahoo D-2017

By virtue of an affidavit sworn before (Notary Public) Rourkela dated- 03.09.25 I, Shashikanta Ekka, Address: Kuarmunda, P.O.- Kuarmunda, P.S.- Biramitrapur Dist.- Sundargarh, declare that I have changed my Surname from Shashikant Behera to Shashikant Ekka. Henceforth, I shall be known as Shashikanta Ekka for all purposes. D-2021

I, Andavarapu Sahasra, Daughter of Andavarapu Srinivasa Rao, resident of plot No.- 2989, 1st floor, Nageswar Tangi, Bhubaneswar 751 oo2, hereby infrom that in my class 10th Pass Certificate and Mark sheet, my name is Incorrectly mentioned as A. Sahasra. The correct name is Andavarapu Sahasra, which has been affirmed before the Executive Magistrate, Bhubaneswar vide affidivit No. CF No.- 17/13.09.2025. this notice is being published for official and public record purposes. D- 2010

I, Tripti Ray W/o- Bholanath Ray, Village- Jyotinagar, Gondiaguda, P.O./P.S./Dist.- Malkangiri presently residing at Mathili, P.O./P.S.- Mathili, Dist.- Malkangiri do hereby solemnly affirm and state on oath as follows. That my actual name is Tripti Barai and after my marriage my surname is changed as Tripti Ray. That, in Aadhaar Card my name is mentioned as Tripti Barai and I want to change my name in Aadhaar Card as Tripti Ray. That, Tripti Barai and Tripti Ray is one and same i.e. myself. That, I swear this affidavit in order to produce before the concerned authority to change my name in Aadhaar Card as Tripti Ray. D-2025

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Bhubaneswar, dated- 18th September 2025. I, Mirza Zayed Baig, Address: At.-Haridaspur, P.O.- Naharkanta, P.S.- Balianta, Dist.- Khordha PIN- 752101 Odisha declare that I have changed my name from Mirja Jayad Beg to Mirza Zayed Baig. Henceforth, I shall be known as Mirza Zayed Baig for all purposes.
Mirza Zayed Baig D-2011

By virtue of an affidavit sworn before the Executive Magistrate, Harabhanga, No.149 date 01.08.25, I, Sadananda Behera, R/o- Village- Khalisahi, P.O.- Talagaon, P.S.- Harabhanga, Dist.- Boudh, Odisha, PIN-762012 declare that I have changed my son's name from Aryana Behera to Yariyan Behera. Henceforth he shall be known as Yariyan Behera for all purposes.
Sadananda Behera D-2025

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶ୍ରୀମତୀ ସୁଜାତା ଷଡ଼ଙ୍ଗୀ
ଆବିର୍ଭାବ: ୨୧।୦୩।୧୯୬୨
ତିରୋଧାନ: ୧୫।୦୯।୨୦୨୦
ତରଭା ନିବାସୀ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଜାତା ଷଡ଼ଙ୍ଗୀଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ୧୯।୦୯।୨୦୨୫ ତ୍ରୟୋଦଶୀ ତିଥିରେ ପାଳନ ଅବସରରେ ସ୍ୱାମୀ ଦୁର୍ଯ୍ୟୋଧନ ରାଉତ, ପୁତ୍ର ସୂର୍ଯ୍ୟ ପ୍ରତାପ ରାଉତ, ପୁତ୍ରବଧୂ ପିଙ୍କି ସାମଲ, ନାତି, ନାତୁଣୀ- ଏଞ୍ଜେଲ, ଆରବ, ଅଂଶ, ଆୟୁଷ ଓ ସମସ୍ତ ଆତ୍ମୀୟ ସ୍ୱଜନ ଏବଂ ବନ୍ଧୁବର୍ଗ। ଦିବଂଗତ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ପାଇଁ ଜଗତ ଜନନୀ ମା, ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ।
ଧ-୨୦୨୩

### ପ୍ରଥମ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଆଶା ବାଗ
ତିରୋଧାନ: ୧୯।୦୯।୨୦୨୪
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୋ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀରାମଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ମା, ସନ୍ତୋଷିନୀ, ବାପା ଉଦୟ, ଭଉଣୀ ଶୀତଳ, ନିଶା, ମମୁନ,ଓ ବନ୍ଧୁବର୍ଗ।
ଧ-୨୦୨୪

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



ନିର୍ମଳ କୁମାର ମିଶ୍ର

ଓଡ଼ିଶା ପ୍ରୋ ଟି୨୦

# ଯୁବ ଖେଳାଳିଙ୍କ ପାଇଁ ବଡ଼ ସୁଯୋଗ

**ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଆରମ୍ଭ ହୋଇଯାଇଛି। ସେପ୍ଟେମ୍ବର ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତୀକ୍ଷିତ ଲିଗ୍ ରାଜ୍ୟର ଯୁବ ଖେଳାଳିଙ୍କ ପାଇଁ ବଡ଼ ସୁଯୋଗ ଆଣିବାକୁ ଯାଉଛି। ଏଥିରେ ଭଲ ପ୍ରଦର୍ଶନ କଲେ ଓଡ଼ିଶା ଖେଳାଳିମାନେ ଆଇପିଏଲ୍ ଫ୍ରାଞ୍ଚାଇଜ୍‌ଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ...**

### ୬ ଦଳ ଓ ଅଧିନାୟକ

| | |
|---|---|
| ଭୁବନେଶ୍ୱର ଟାଇଗର୍ସ: | ସୂର୍ଯ୍ୟକାନ୍ତ ପ୍ରଧାନ |
| କଟକ ପାନ୍ଥର୍ସ: | ସ୍ୱସ୍ତିକ ସାମଲ |
| କେନ୍ଦୁଝର ମାଇନର୍ସ: | ଗୋବିନ୍ଦ ପୋଦ୍ଦାର |
| ପୁରୀ ଟାଇଟନ୍ସ: | ସନ୍ଦୀପ ପଟ୍ଟନାୟକ |
| ରାଉରକେଲା ଷ୍ଟିଲର୍ସ: | ଆଶୀର୍ବାଦ ସ୍ୱାଇଁ |
| ସମ୍ବଲପୁର ୱାରିୟର୍ସ: | ଶୁଭ୍ରାଂଶୁ ସେନାପତି |

ଓଡ଼ିଶା କ୍ରିକେଟ ପାଇଁ ଭଲ ଖବର। ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଆରମ୍ଭ କରିଛି ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ)। ଭୁବନେଶ୍ୱର ଟାଇଗର୍ସ ଓ କଟକ ପାନ୍ଥର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ଏଥିରେ କଟକ ପାନ୍ଥର୍ସ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛି। ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଲିଗ୍‌କୁ ନେଇ ଯୁବ ଖେଳାଳିମାନେ ବେଶ ଉତ୍ସାହିତ ଅଛନ୍ତି। ଦୀର୍ଘ ୧୨ବର୍ଷ ପରେ ଓସିଏର ଏପରି ପ୍ରୟାସ ନିଶ୍ଚିତ ରୂପେ ସ୍ୱାଗତ ଯୋଗ୍ୟ। ୨୦୧୨ ଓ ୨୦୧୩ ସିଜନ୍‌ରେ ଓସିଏ ଓଡ଼ିଶା ପ୍ରିମିୟର ଲିଗ ଆରମ୍ଭ କରିଥିଲା। ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଲିଗ୍ କୌଣସି କାରଣ ଯୋଗୁଁ ବନ୍ଦ ହୋଇଯିବାରୁ ଖେଳାଳିମାନେ ନିରୁତ୍ସାହିତ ହୋଇଥିଲେ। ଏହି ଲିଗ୍ ମାଧ୍ୟମରେ ଅନେକ ଯୁବ କ୍ରିକେଟର ଲୋକଲୋଚନକୁ ଆସିବା ସହିତ ଓଡ଼ିଶାର କ୍ଲବ କ୍ରିକେଟ ବେଶ୍ ଶକ୍ତିଶାଳୀ ହୋଇପାରିଥିଲା। ଓଡ଼ିଶା ମଧ୍ୟ ଜାତୀୟ ସ୍ତରର ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟରେ ଅନେକ ଶକ୍ତିଶାଳୀଦଳକୁ ହରାଇବାକୁ ସକ୍ଷମ ହୋଇଥିଲା। ଯଦିଓ ପ୍ରଦର୍ଶନରେ ଅସ୍ଥିରତା ରହିବା ଯୋଗୁ ବିଶେଷ ସଫଳତା ମିଳି ନ ଥିଲା ତେବେ ଅନେକ ଯୁବ ଖେଳାଳି ସୃଷ୍ଟି ହୋଇଥିଲେ। ଏହାର ଶୁଭାରମ୍ଭ ପୁନର୍ବାର ନୂଆ ରୂପରେ କରିଛି ଓସିଏ। ସେପ୍ଟେମ୍ବର ୧୫ରେ କାର୍ଯ୍ୟସୂଚୀ ପ୍ରକାଶ ପାଇଥିବାବେଳେ ୧୬ରେ ଜର୍ସି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୭ରୁ ୧୩ ମଧ୍ୟରେ ଫ୍ରାଞ୍ଚାଇଜ ମାନଙ୍କୁ ସେମାନଙ୍କର ବିଡିଂ ଏବଂ ସହଯୋଗ ମାଧ୍ୟମରେ ଏହି ମେଗା ଟୁର୍ନାମେଣ୍ଟକୁ ସଫଳ କରିବାକୁ ପ୍ରୟାସ କରିଛି। ଆଗକୁ ଅକ୍ଟୋବର ମାସରୁ ବିଭିନ୍ନ ବର୍ଗର ଘରୋଇ ଟୁର୍ନାମେଣ୍ଟ ବିସିସିଆଇ ଆରମ୍ଭ କରିବାକୁ ଯାଉଥିବାରୁ ପ୍ରୋ ଲିଗ୍‌ର କାର୍ଯ୍ୟସୂଚୀକୁ ସଂକ୍ଷିପ୍ତ କରିବାକୁ ଚାହିଁଥିଲା ଓସିଏ। ବର୍ତ୍ତମାନ ଦେଶର ବିଭିନ୍ନ ରାଜ୍ୟରେ ଟି୨୦ ଭିତ୍ତିକ କ୍ରିକେଟ ଟୁର୍ନାମେଣ୍ଟ ଅତି ସଫଳତାର ସହିତ ଆୟୋଜିତ ହେଉଥିବାର ଦେଖିବାକୁ ମିଳୁଛି। ଏଥି ମଧ୍ୟରେ ଦିଲ୍ଲୀ, ବେଙ୍ଗଲ, ତାମିଲନାଡୁ, କେରଳ, ୟୁପି, ମହାରାଷ୍ଟ୍ର, କର୍ନାଟକ ପ୍ରିମିୟର ଲିଗ ଅନ୍ୟତମ। ଜାତୀୟ ଦଳର ଅନେକ ନାମୀଦାମୀ ଖେଳାଳୀ ଏହି ପ୍ରତିଯୋଗିତା ଗୁଡିକରେ ଭାଗ ନେଉଥିବାର ଦେଖିବାକୁ ମିଳୁଛି। ଏଥିରୁ ମଧ୍ୟ ଆଇପିଏଲ ପାଇଁ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ଚୟନ ହୋଇ ଲୋକଲୋଚନକୁ ଆସିବା କ୍ରିକେଟ ପାଇଁ ଶୁଭଖବର। ଏପରି ଲିଗ ଗୁଡିକରୁ ଓସିଏ ଅନୁପ୍ରାଣୀତ ହୋଇ ଏକ ଭଲ ପଦକ୍ଷେପ ନେଇଛି।

ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତି ଓ ପୂର୍ବତନ ଭାରତୀୟ ଅଲ୍ ରାଉଣ୍ଡର ଇରଫାନ ପଠାନ ଓଡ଼ିଶା ପ୍ରୋ ଟି୨୦ର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ସମସ୍ତ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଓ ଫାଇନାଲକୁ ଛାଡ଼ିଦେଲେ ପ୍ରତିଦିନ ୨ଟି ଲେଖାଏ ମ୍ୟାଚର କାର୍ଯ୍ୟସୂଚୀ ରହିଛି। ମୋଟ ୧୮ଟି ମ୍ୟାଚ ହେବା ସହିତ ସମୟର ସ୍ୱଳ୍ପତା ଦୃଷ୍ଟି କୋଣରୁ ପ୍ରତ୍ୟେକ ଟିମ ଗ୍ରୁପ ପର୍ଯ୍ୟାୟରେ ପରସ୍ପର ସହିତ ଗୋଟିଏ ଥର ଖେଳିବେ। ଅନେକ ମ୍ୟାଚ ଫ୍ଲଡ ଲାଇଟ୍‌ରେ ଅନୁଷ୍ଠିତ ହେବ। ଏହା ବହୁ ସଂଖ୍ୟାରେ ଦର୍ଶକମାନଙ୍କୁ ଆକର୍ଷିତ କରିବା ସମ୍ଭାବନା ରହିଛି। ଦର୍ଶକଙ୍କ ପାଇଁ ଷ୍ଟାଡିୟମର ୧, ୩ ଓ ୫ ନମ୍ବର ଗ୍ୟାଲେରୀ ମାଗଣାରେ ଉନ୍ମୁକ୍ତ ରହିଛି। ତେବେ ଦର୍ଶକଙ୍କୁ ଏଥିପାଇଁ ଟିକେଟ ଜେନି ମାଧ୍ୟମରେ ମୋବାଇଲରେ ଟିକେଟ ଦେଖାଇବାକୁ ପଡ଼ିବ।

ଘରୋଇ କ୍ରିକେଟର ସର୍ବୋଚ୍ଚ ଟୁର୍ନାମେଣ୍ଟରୁ ଖେଳାଳି ଚୟନ କରାଯିବା ସହିତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶ୍ରେଷ୍ଠ ଖେଳାଳିମାନଙ୍କୁ ନେଇ ୬ଟି ଦଳ ଗଠନ କରାଯାଇଛି। ଏହି ଦଳ ଗୁଡ଼ିକ ହେଲେ ଭୁବନେଶ୍ୱର ଟାଇଗର୍ସ, କଟକ ପାନ୍ଥର୍ସ, କେନ୍ଦୁଝର ମାଇନର୍ସ, ପୁରୀ ଟାଇଟନ୍ସ, ରାଉରକେଲା ଷ୍ଟିଲର୍ସ ଓ ସମ୍ବଲପୁର ୱାରିୟର୍ସ। ଓଡ଼ିଶା ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳୀମାନଙ୍କୁ ୬ଟି ଦଳର ଅଧିନାୟକ ମନୋନୀତ କରାଯାଇଥିବା ବେଳେ ପୂର୍ବତନ ରଣଜୀ ଖେଳାଳିମାନଙ୍କୁ ବିଭିନ୍ନ ଦଳର ମୁଖ୍ୟ କୋଚ ଓ ସପୋର୍ଟ ଷ୍ଟାଫ ଭାବେ ନିଆଯାଇଛି। ଆରିଭା ସ୍ପୋର୍ଟ୍ସ ଏହି ଟୁର୍ନାମେଣ୍ଟର ମୁଖ୍ୟ ପ୍ରାୟୋଜକ ରହିଥିବା ବେଳେ ଅନ୍ୟ ପ୍ରାୟୋଜକମାନେ ମଧ୍ୟ ସହାୟତାର ହାତ ବଢାଇଛନ୍ତି।

କ୍ରିକେଟ ସମ୍ପାଦକ ସଞ୍ଜୟ ବେହେରା ଏହି ଲିଗ୍‌ର ସଫଳତାକୁ ନେଇ ବେଶ୍ ଆଶାବାଦୀ ରହିଛନ୍ତି। ବର୍ତ୍ତମାନ ଓଡ଼ିଶା କ୍ରିକେଟରେ ପ୍ରତିଭା ସମ୍ପନ୍ନ ଖେଳାଳିମାନଙ୍କ ମଧ୍ୟରେ ଶୁଭ୍ରାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାର, ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ଆଶୀର୍ବାଦ ସ୍ୱାଇଁ, ସୂର୍ଯ୍ୟକାନ୍ତ ପ୍ରଧାନ, ବିପ୍ଲବ ସାମନ୍ତରାୟ, ଶାନ୍ତନୁ ମିଶ୍ର, ଅନୁରାଗ ଷଡଙ୍ଗୀ, ରାଜେଶ ମହାନ୍ତି, ରାଜେଶ ଧୂପର, କାର୍ତ୍ତିକ ବିଶ୍ୱାଳ, ଅନୀଲ ପରିଡା, ସୁନୀଲ ରାଉଳ, ଦେବବ୍ରତ ପ୍ରଧାନ, ତାରଣୀ ଶ', ହର୍ଷିତ ରାଠୋର, ସୁମୀତ ଶର୍ମାଙ୍କ ପରି ଦକ୍ଷ ଓ ଅନୁଭବ ସମ୍ପନ୍ନ ଖେଳାଳି ରହିଛନ୍ତି। ଅନେକ ଯୁବ ଖେଳାଳି ମଧ୍ୟ ମୁଖ୍ୟ ଦଳରେ ସାମିଲ ହେବା ପାଇଁ ଅପେକ୍ଷାରତ। ଶୁଭ୍ରାଂଶୁ ସେନାପତି ୫୭ଟି ପ୍ରଥମ ଶ୍ରେଣୀ ମ୍ୟାଚରୁ ୩୨୧୮ ରନ୍ (୮ ଶତକ, ସର୍ବାଧିକ ରନ ୨୭୭), ସନ୍ଦୀପ ପଟ୍ଟନାୟକ ୩୪ ମ୍ୟାଚରୁ ୧୭୩୫ ରନ୍ (୫ ଶତକ, ସର୍ବାଧିକ ସ୍କୋର ୧୫୦), ସୂର୍ଯ୍ୟକାନ୍ତ ପ୍ରଧାନ ୬୨ ମ୍ୟାଚରୁ ୧୯୭ ଉଇକେଟ (୫ରୁ ଅଧିକ ଉଇକେଟ ୮ଥର) ନେଇଛନ୍ତି। ସେହିପରି ବିପ୍ଲବ ସାମନ୍ତରାୟ ୯୧ଟି ପ୍ରଥମ ଶ୍ରେଣୀ ମ୍ୟାଚର ଅଭିଜ୍ଞତା ରଖି ୭ ଶତକ ଓ ୨୪ ଅର୍ଦ୍ଧଶତକ ସହ ୪୨୩୩ ରନ୍ କରିଛନ୍ତି। ତେଣୁ ଯୁବ ଖେଳାଳିମାନେ ଏପରି ଅଭିଜ୍ଞ ଖେଳାଳିଙ୍କଠାରୁ ଲିଗ୍ ମାଧ୍ୟମରେ ବହୁତ କିଛି ଶିଖିବାର ଆଶା ରଖିଛନ୍ତି। ଏହା ନିଶ୍ଚିତ ଯେ ଓଡ଼ିଶା ପ୍ରୋ ଲିଗ୍ ଘରୋଇ କ୍ରିକେଟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ଏହା ଯୁବ ଖେଳାଳିଙ୍କ ପାଇଁ ଯେ ବେଶ୍ ଉପାଦେୟ ହେବ ଏଥିରେ ସନ୍ଦେହ ନାହିଁ।




ଟ୍ରଫି ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



ଲିଗ୍ ଉଦ୍‌ଘାଟନ ଅବସରରେ ସେଲିବ୍ରିଟିଙ୍କ ସେଲ୍‌ଫି

# ଗ୍ରାଣ୍ଡ ସୁଇସ୍ ବିଜୟିନୀ ବୈଶାଳୀ

ଉଜ୍‌ବେକିସ୍ତାନର ସମରକନ୍ଦରେ ସେପ୍ଟେମ୍ବର ୧୫ରେ ଉଦ୍‌ଯାପିତ ଫିଡେ ଗ୍ରାଣ୍ଡ ସୁଇସ ଚେସ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ ଟାଇଟଲ ବଜାୟ ରଖିଛନ୍ତି। ଏଥିସହ ସେ ୨୦୨୬ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବୈଶାଳୀ ଓ ରୁଷିଆର କାଟରିନା ଲାଗ୍ନୋ ୮ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ମାତ୍ର ୨୪ ବର୍ଷୀୟା ବୈଶାଳୀ ଉନ୍ନତ ଟାଇବ୍ରେକ ସ୍କୋରରେ ଚାମ୍ପିୟନ ଘୋଷିତ ହୋଇଛନ୍ତି। ୧୧ଶ ତଥା ଅନ୍ତିମ ରାଉଣ୍ଡରେ ସେ ଚାଇନାର ଟାନ ଝୋଙ୍ଗୟିଙ୍କ ସହ ମ୍ୟାଚ ଡ୍ର ରଖିବା ସହ ଏହି ସଫଳତା ପାଇଛନ୍ତି। ଦିବ୍ୟା ଦେଶମୁଖ ଓ କୋନେରି ହମ୍ପିଙ୍କ ପରେ ତୃତୀୟ ଭାରତୀୟ ମହିଳା ଭାବେ ସେ ଫିଡେ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ଗତ ଜୁନ୍‌ରେ ଜର୍ଜିଆରେ ଅନୁଷ୍ଠିତ ଫିଡେ ମହିଳା ଚେସ୍ ବିଶ୍ୱକପର ଫାଇନାଲରେ ପ୍ରବେଶ କରି ଦେଶମୁଖ ଓ ହମ୍ପି କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟତା ପାଇଥିଲେ। ଏଥିରେ ଦେଶମୁଖ ଚାମ୍ପିୟନ ହୋଇଥିଲେ। ପ୍ରକାଶ ଯୋଗ୍ୟ ଯେ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟର ବିଜେତା ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଚାଇନାର ଜୁ ୱେନଜୁନଙ୍କ ଚ୍ୟାଲେଞ୍ଜର ହେବାପାଇଁ ଯୋଗ୍ୟ ବିବେଚିତ ହେବେ।

୨୦୦୧ ଜୁନ ୨୧ରେ ଜନ୍ମିତ ବୈଶାଳୀ ପୂର୍ବରୁ ୨୦୨୩ରେ ମଧ୍ୟ ଫିଡେମହିଳା ଗ୍ରାଣ୍ଡ ସୁଇସ ଟୁର୍ନାମେଣ୍ଟ ଜିତିଥିଲେ। ଅର୍ଥାତ୍ ସେ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ମଧ୍ୟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଏହା ବ୍ୟତୀତ ସେ ୨୦୨୪ ମହିଳା ୱାର୍ଲ୍ଡ ବ୍ଲିଜ୍ ଚେସ୍ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ବୈଶାଳୀ ହେଉଛନ୍ତି ଭାରତୀୟ ଚେସ୍‌ର ବିସ୍ମୟ ବାଳକ ତଥା ଗ୍ରାଣ୍ଡମାଷ୍ଟର ଆର ପ୍ରଜ୍ଞାନନ୍ଦଙ୍କ ବଡ଼ ଭଉଣୀ। ତାଙ୍କ ବାପା ରମେଶବାବୁ ଟିଏନ୍‌ଏସ୍‌ସି ବ୍ୟାଙ୍କର ମ୍ୟାନେଜର ଏବଂ ମା' ନାଗାଲକ୍ଷ୍ମୀ ଜଣେ ଗୃହିଣୀ। ତୁଳସୀ ଦୁଇ ପତ୍ରରୁ ବାସିବାପରି ବୈଶାଳୀ ବାଳିକା ୱାର୍ଲ୍ଡ ୟୁଥ୍ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ଜିତି ଚର୍ଚ୍ଚାକୁ ଆସିଥିଲେ। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ସେ ୨୦୧୬ରେ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୨୦୧୮ରେ ମହିଳା ଗ୍ରାଣ୍ଡମାଷ୍ଟର, ୨୦୨୧ରେ ଅନ୍ତର୍ଜାତୀୟ ମାଷ୍ଟର ଏବଂ ୨୦୨୩ରେ ଭାରତର ତୃତୀୟ ମହିଳା ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କଲେ। ଭାରତର ପ୍ରଥମ ଭାଇ-ଭଉଣୀ ଭାବେ ପ୍ରଜ୍ଞାନନ୍ଦ ଓ ବୈଶାଳୀ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ଅର୍ଜନ କରିଥିଲେ। ୨୦୨୪ରେ ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।




# ପେନାଲ୍ଟି କର୍ନର ସ୍ପେଶାଲିଷ୍ଟ ଉଦିତା

ନିକଟରେ ଶେଷ ହୋଇଥିବା ଏସିଆ କପ୍ ମହିଳା ହକିରେ ଭାରତର ଅଭିଜ୍ଞ ଡିଫେଣ୍ଡର ଉଦିତା ଦୁହାନ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଛନ୍ତି। ଟୁର୍ନାମେଣ୍ଟ ଫାଇନାଲରେ ଭାରତ ୧-୪ ଗୋଲରେ ଚାଇନାଠାରୁ ପରାସ୍ତ ହୋଇ ରନରଅପ୍ ହୋଇଥିଲା। ପୂରା ଟୁର୍ନାମେଣ୍ଟରେ ଉଭୟ ଡିଫେନ୍ସିଭ ଓ ଆଟାକିଂ ବିଭାଗରେ ଉଦିତାଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ନିୟମିତ ଡ୍ରାଗ ଫ୍ଲିକର ଦୀପିକାଙ୍କ ଅନୁପସ୍ଥିତିରେ ଉଦିତା ଅତିରିକ୍ତ ଦାୟିତ୍ୱ ନେଇଥିଲେ। ଦୀପିକା ଇଞ୍ଜୁରି କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଥିଲେ। ତାଙ୍କ ଅନୁପସ୍ଥିତିରେ ଉଦିତା ପେନାଲ୍ଟି କର୍ନର ଦାୟିତ୍ୱ ନେଇ ସଫଳତାର ସହ ୩ ଗୋଲ କନଭର୍ଟ ମଧ୍ୟ କରିଥିଲେ।

ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ସମ୍ପର୍କରେ ସେ କହିଛନ୍ତି ଯେ, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହେବା ମୋ ପାଇଁ ସମ୍ମାନର ବିଷୟ। ଏହି ସ୍ୱୀକୃତି ଖୁବ ସ୍ୱତନ୍ତ୍ର। କାରଣ ମୁଁ ଚଳିତ ବର୍ଷ ୟୁରୋପରେ ଖେଳାଯାଇଥିବା ପ୍ରୋ ଲିଗ୍ ମ୍ୟାଚ୍ ମିସ କରିଥିଲି। ଏଭଳି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରେ ସଫଳ ପ୍ରତ୍ୟାବର୍ତ୍ତନ କରିବା ମୋ ଟାର୍ଗେଟ ଥିଲା। ମୋ ଉପରେ ଭରସା କରିବା ପାଇଁ ମୁଁ ମୋ ସାଥି ଖେଳାଳି ଓ କୋଚିଂ ଷ୍ଟାଫଙ୍କ ନିକଟରେ କୃତଜ୍ଞ। ଦଳୀୟ ପ୍ରଦର୍ଶନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆମେ ଏକ ଦଳ ଭାବେ ଖୁବ ଭଲ ହକି ଖେଳିଲୁ। କଷ୍ଟକର ମ୍ୟାଚ୍‌ରେ ଆମେ ନିଜ ଦକ୍ଷତା ପ୍ରଦର୍ଶିତ କରିଥିଲୁ। କୋରିଆ ଓ ଜାପାନ ଭଳି ଦଳ ବିପକ୍ଷରେ ମିଳିଥିବା ବିଜୟ ଆମକୁ ଆତ୍ମବିଶ୍ୱାସ ଦେବ। ଦୁର୍ଭାଗ୍ୟବଶତଃ, ଫାଇନାଲରେ ଆମକୁ ଆଶାନୁଯାୟୀ ଫଳାଫଳ ମିଳିଲା ନାହିଁ। କିନ୍ତୁ ଆମେ ଏହି ରୌପ୍ୟ ପଦକ ସହ ଆଗକୁ ବଢ଼ିବୁ ଏବଂ ଏହା ଆଗକୁ ଆମକୁ ଆହୁରି ବଡ଼ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ହେବାକୁ ପ୍ରେରଣା ଯୋଗାଇବ। ଉଦିତା ତାଙ୍କର ପୁରସ୍କାରକୁ ଦଳର ମିଳିତ ଉଦ୍ୟମକୁ ଉତ୍ସର୍ଗ କରି କହିଛନ୍ତି, ବ୍ୟକ୍ତିଗତ ପୁରସ୍କାର ସର୍ବଦା ସ୍ୱତନ୍ତ୍ର। କିନ୍ତୁ ମୋ ପାଇଁ ଏହା ଆମ ପୂରା ଦଳର ଉଦ୍ୟମକୁ ଦର୍ଶାଉଛି। ଏଥିରେ ପ୍ରତ୍ୟେକ ଖେଳାଳିଙ୍କ ଅବଦାନ ରହିଛି ଏବଂ ଏଭଳି କଠିନ ପରିଶ୍ରମୀ ଦଳର ପ୍ରତିନିଧିତ୍ୱ କରୁଥିବାରୁ ମୁଁ ସମ୍ମାନିତ ଅନୁଭବ କରୁଛି। ଆମେ ଏହି ଅନୁଭୂତିରୁ ଶିକ୍ଷା ନେବୁ ଓ ଅଧିକ ଶକ୍ତିଶାଳୀ ହୋଇ ଫେରିବୁ।

**ଏସିଆ କପ୍ ମହିଳା ହକିର ଉଭୟ ଡିଫେନ୍ସିଭ ଓ ଆଟାକିଂ ବିଭାଗରେ ଉଦିତାଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ଫଳରେ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିଲେ..**



# କେନ୍ଦୁଝର ମାଇନର୍ସ ୪୫ ରନରେ ବିଜୟୀ

**ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ଗୁରୁବାର ଅନୁଷ୍ଠିତ ଡବଲ ହେଡରର ପ୍ରଥମ ମ୍ୟାଚରେ କେନ୍ଦୁଝର ମାଇନର୍ସ ୪୫ ରନରେ ପୁରୀ ଟାଇଟନ୍ସକୁ ପରାସ୍ତ କରିଛି। ଫଳରେ କେନ୍ଦୁଝର ଦଳ ୨ ପଏଣ୍ଟ ସହ ଅଭିଯାନ ଆରମ୍ଭ କରିଛି।

## ଓଡ଼ିଶା ପ୍ରୋ ଟି୨୦ ଲିଗ୍




୫ ଉଇକେଟ ନେବା ଅବସରରେ ସର୍ବେଶ୍ୱର ମହାନ୍ତି।

ଟସ୍ ଜିତି ବ୍ୟାଟିଂ ନେଇଥିବା କେନ୍ଦୁଝର ମାଇନର୍ସ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦେବବ୍ରତ ପ୍ରଧାନ ଖାତା ଖୋଲିପାରି ନ ଥିବାବେଳେ ଓମ୍ ଟି. ମୁଣ୍ଡେ ୨୨, ବିଶ୍ୱଭୂଷଣ ବିହାରୀ ୧୧ ଓ ଅଧିନାୟକ ଗୋବିନ୍ଦ ପୋଦ୍ଦାର ୪ ରନ କରି ଆଉଟ ହେବାରୁ ୪୫ ରନ ମଧ୍ୟରେ ଦଳର ୪ ଉଇକେଟ ପଡ଼ି ଯାଇଥିଲା। ମିଡିଲ ଅର୍ଡରରେ ୪୮ ଓ ଅନିଲ ପରିଡ଼ା ୩୮ ରନ କରିବାରୁ କେନ୍ଦୁଝର ୨୦ ଓଭରରେ ୮ ଉଇକେଟ ହରାଇ ୧୫୯ ରନ କରିଥିଲା। ବିପକ୍ଷ ଦଳର ମହମ୍ମଦ ଡାନିସ ୩୪ ରନ ଦେଇ ସର୍ବାଧିକ ୪ ଉଇକେଟ ସଫଳତା ପାଇଥିଲେ। ଉଦୟ ଜଟ ୨ଟି ଏବଂ ରାଜେଶ ମହାନ୍ତି ଓ ଆଶୁତୋଷ ଛୁରିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୬୦ ରନ ବିଜୟ ଲକ୍ଷ୍ୟରେ ପୁରୀ ଟାଇଟନ୍ସ ୧୮.୧ ଓଭରରେ ୧୧୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଅଧିନାୟକ ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୨୫ ଓ କାର୍ତ୍ତିକ ବିଶ୍ୱାଳ ୨୩ ରନ କରିଥିବାବେଳେ ଅନ୍ୟ ବ୍ୟାଟରଙ୍କ ବିଫଳତା ଦଳ ପାଇଁ ବିପର୍ଯ୍ୟୟ ଆଣିଥିଲା। ୭ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ସର୍ବେଶ୍ୱର ମହାନ୍ତି ୨.୧ ଓଭର ସ୍ପେଲ୍‌ରେ ମାତ୍ର ୧୨ ରନ ବିନିମୟରେ ୫ ଉଇକେଟ ନେଇ ପୁରୀ ଦଳକୁ ପରାଜୟ ମୁହଁକୁ ଠେଲି ଦେଇଥିଲେ। ସୟଦ ତୁଫେଲ ଅହମଦ ୨ଟି ଏବଂ ସୌମ୍ୟ ଲେଙ୍କା ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୋଲିସ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଓ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ ଅତିଥିଭାବେ ଯୋଗଦେଇ ସର୍ବେଶ୍ୱର ମହାନ୍ତିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

### ବିଜୟ ସନ୍ତୋଷଜନକ: ପୋଦ୍ଦାର

"ଚଳିତ ସିଜନରେ ଏହା ଆମର ପ୍ରଥମ ମ୍ୟାଚ ଥିଲା। ଏଥିରେ ୪୫ ରନରେ ବିଜୟୀ ହୋଇଥିବାରୁ ମୁଁ ବହୁତ ଖୁସି। ଆମ ବ୍ୟାଟିଂ ବିଭାଗର ଲୋୟର ଅର୍ଡର ଉପଯୋଗୀ ଅବଦାନ ଯୋଗୁ ଆମେ ସମ୍ମାନଜନକ ସ୍କୋର କରିଥିଲୁ। ସର୍ବେଶ୍ୱର ଅତି ଚମତ୍କାର ବୋଲିଂ କଲେ। ଆମ ବୋଲିଂ ଆକ୍ରମଣକୁ ନେଇ ମୁଁ ଆତ୍ମବିଶ୍ୱାସରେ ଥିଲି। ସର୍ବେଶ୍ୱରଙ୍କ ସହ ସୌମ୍ୟ ରଞ୍ଜନ ଲେଙ୍କା, ପପୁ ରାୟ ଓ ସୟଦ ଅହମଦ ପ୍ରମୁଖ ସମସ୍ତଙ୍କୁ ବିଜୟର ଶ୍ରେୟ ଯିବ" ବୋଲି ମ୍ୟାଚ ପରେ ଅଧିନାୟକ ଗୋବିନ୍ଦ ପୋଦ୍ଦାର ପ୍ରକାଶ କରିଛନ୍ତି।

# ଭାରତୀୟ ଫଏଲ୍ ଟିମ୍‌କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)**

ଇଣ୍ଡୋନେସିଆର ସୋଲୋଠାରେ ଅନୁଷ୍ଠିତ ପାରା ଫେନ୍‌ସିଂ ବିଶ୍ୱକପରେ ଭାରତୀୟ ପୁରୁଷ ଫଏଲ୍ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶାର ୩ ଫେନ୍‌ସର ରାଖାଲ କୁମାର ସେଠୀ, ଭି. ରମେଶ ରାଓ ଏବଂ ଓମ୍ ପ୍ରକାଶ ବେହେରା ଭାରତୀୟ ଦଳର ସଦସ୍ୟ ଥିଲେ। କ୍ୱାର୍ଟର ଫାଇନାଲରେ ଭାରତ ୨୦-୧୬ରେ ଇରାକ୍‌କୁ ହରାଇଥିବାବେଳେ ସେମିଫାଇନାଲରେ ଥାଇଲାଣ୍ଡଠାରୁ ୬-୨୦ରେ ହାରି ଯାଇଥିଲା। ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ଭାରତ ୨୦-୧୮ରେ ଜର୍ମାନୀକୁ ପରାସ୍ତ କରିଥିଲା। ଭାରତୀୟ ଦଳର ସଦସ୍ୟଭାବେ ପଦକ ଜିତିଥିବାରୁ ରାଖାଲ, ରମେଶ ଓ ଓମ୍ ପ୍ରକାଶଙ୍କୁ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି।

## ପାରା ଫେନ୍‌ସିଂ ବିଶ୍ୱକପ୍




ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ପାରା ଫେନ୍‌ସିଂ ଦଳ।


# ନବିଙ୍କ ବିସ୍ଫୋରକ ବ୍ୟାଟିଂ

**ଆବୁଧାବି, ୧୮।୯**

ଚଳିତ ଏସିଆ କପ୍‌ରେ ଗୁରୁବାର ଖେଳାଯାଉଥିବା ଗ୍ରୁପ୍-ବି'ର ଅନ୍ତିମ ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୯ ରନ କରିଛି। ଦଳ ପାଇଁ ମହମ୍ମଦ ନବି ସର୍ବାଧିକ ୬୦ (୩ ଚୌକା, ୬ ଛକା), ଇବ୍ରାହିମ ଜଦ୍ରାନ ୨୪, ସେଦିକୁଲା ଅଟଲ ୧୮ ଓ ରହମାନୁଲା ଗୁରବାଜ ୧୪ ରନ କରି ଆଉଟ୍ ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କା ପାଇଁ ନୁୱାନ ଥୁସାରା ୩ ଉଇକେଟ ନେଇଥିବା ବେଳେ ଦୁଶମନ୍ଥା ଚମିରା, ଦୁନିଥ ୱେଲାଲାଗେ ଓ ଦାସୁନ ଶନକା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଏହି ମ୍ୟାଚ୍‌ର ଫଳାଫଳ ଉପରେ ଗ୍ରୁପ୍-ବି'ରୁ କେଉଁ ଦୁଇ ଦଳ ସୁପର-୪'ରେ ପ୍ରବେଶ କରିବେ, ତାହା ସ୍ପଷ୍ଟ ହେବ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ: ୨୦ ଓଭରରେ ୧୬୯/୮ (ମହମ୍ମଦ ନବି-୬୦, ରଶିଦ ଖାନ-୨୪, ଇବ୍ରାହିମ ଜଦ୍ରାନ-୨୪, ନୁୱାନ ଥୁସାରା-୪/୧୮)।




**ଟୋକିଓ:** ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଜାଭେଲିନ୍ ଥ୍ରୋ ଫାଇନାଲ ପରେ ସ୍ୱର୍ଣ୍ଣ ପଦକ ବିଜେତା ତ୍ରିନିଦାଦ ଟେବାଗୋର କେଶୋର୍ନ ୱାଲ୍‌କଟ (ମଝି), ରୌପ୍ୟ ବିଜେତା ଗ୍ରେନେଡାର ଆଣ୍ଡରସନ ପିଟର୍ସ (ବାମ) ଏବଂ ବ୍ରୋଞ୍ଜ ବିଜେତା ଆମେରିକାର କର୍ଟିସ ଥମ୍ପସନ।

# ବିଶ୍ୱ ଚାମ୍ପିୟନଶିପ୍‌ରେ ନୀରଜ ୮ମ

**ଟୋକିଓ, ୧୮।୯ (ପି.ଟି.)**

ଗତଥରର ଚାମ୍ପିୟନ ନୀରଜ ଚୋପ୍ରା ବିଶ୍ୱ ଚାମ୍ପିୟନଶିପ୍ ପୁରୁଷ ଜାଭେଲିନ୍ ଫାଇନାଲରେ ପରାଜିତ ହୋଇଛନ୍ତି। ଫାଇନାଲର ୫ମ ରାଉଣ୍ଡରେ ତାଙ୍କର ଶ୍ରେଷ୍ଠ ପ୍ରୟାଶ ଥିଲା ୮୪.୦୩ ମିଟର। ଫଳରେ ସେ ଓଭରଅଲ ୮ମ ସ୍ଥାନ ସହ ଅଭିଯାନ ଶେଷ କରିଛନ୍ତି। କେବଳ ଶ୍ରେଷ୍ଠ ୬ ଆଥଲେଟ ୬ଷ୍ଠ ଓ ଫାଇନାଲ ରାଉଣ୍ଡରେ ଭାଗ ନେଇପାରିବେ। ଅଲିମ୍ପିକ ଚାମ୍ପିୟନ ପାକିସ୍ତାନର ଅର୍ଶଦ ନଦୀମ ମଧ୍ୟରୁ ୪ର୍ଥ ରାଉଣ୍ଡରୁ ବିଦାୟ ନେଇଥିଲେ। ଅନ୍ୟଜଣେ ଭାରତୀୟ ସଚିନ ଯାଦବ କେବଳ ତିଷ୍ଠି ରହିଥିଲେ। ସେ ତାଙ୍କର ଶ୍ରେଷ୍ଠ ଥ୍ରୋ ୮୬.୨୭ ମିଟର ସହ ଓଭରଅଲ ଚତୁର୍ଥ ସ୍ଥାନରେ ଥିଲେ। ଏହି ଇଭେଣ୍ଟରେ ତ୍ରିନିଦାଦ ଓ ଟବାଗୋର କେଶୋରନ ୱାଲ୍‌କଟ (୮୮.୧୬ମିଟର) ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ତାଙ୍କ ପଛକୁ ପଛ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ସହ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୮୭.୩୮ ମିଟର) ଓ କୁର୍ଟିଷ୍ଟ ଥମ୍ପସନ (୮୬.୬୭)। ଅନ୍ୟପକ୍ଷରେ ପ୍ରଥମ ରାଉଣ୍ଡ ପ୍ରୟାସ ୮୬.୨୭ ମିଟର ସହ ଭାରତର ସଚିନ ୪ର୍ଥ ସ୍ଥାନ ଅଧିକାର କରିଥିଲେ।

# ସିନ୍ଧୁ, ସାତ୍ୱିକ-ଚିରାଗ କ୍ୱାର୍ଟରରେ

**ଶେନ୍‌ଝେନ୍, ୧୮।୯ (ପି.ଟି.):** ଷ୍ଟାର ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏବଂ ପୁରୁଷ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଯୋଡ଼ି ଚାଇନା ମାଷ୍ଟର୍ସ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇଥର ଅଲିମ୍ପିକ ପଦକବିଜେତା ସିନ୍ଧୁ ମାତ୍ର ୪୧ ମିନିଟରେ ୬ଷ୍ଠ ସିଡ୍ ଥାଇଲାଣ୍ଡର ପର୍ନପାୱି ଚୋଚୁଓଙ୍ଗଙ୍କୁ ୨୧-୧୫, ୨୧-୧୫ରେ ହରାଇ ଦେଇଛନ୍ତି। ନିକଟରେ ହଂକଂ ଓପନ ଫାଇନାଲିଷ୍ଟ ଚାଇନିଜ ତାଇପେ ଯୋଡ଼ି ହିଆଙ୍ଗ ଚିହ୍ ଚିଉ ଓ ୱାଙ୍ଗ୍ ଚି-ଲିନ୍‌ଙ୍କୁ ୨୧-୧୩, ୨୧-୧୨ରେ ପରାସ୍ତ କରିବା ଲାଗି ମାତ୍ର ୩୨ ମିନିଟ ସମୟ ନେଇଥିଲେ। ସିନ୍ଧୁ ଏହି ବିଜୟ ସହ ଥାଇଲାଣ୍ଡ ଖେଳାଳିଙ୍କ ବିପକ୍ଷରେ ତାଙ୍କର ହେଡ୍-ଟୁ-ହେଡ୍ ରେକର୍ଡରେ ଉନ୍ନତି ଆଣିପାରିଛନ୍ତି। ବର୍ତ୍ତମାନ ତାହା ୬-୫ରେ ପହଞ୍ଚିଛି। ସିନ୍ଧୁ କ୍ୱାର୍ଟରଫାଇନାଲରେ ଟପ୍ ସିଡ୍ କୋରିଆର ଆନ୍ ସେ ୟଙ୍ଗ୍‌ଙ୍କୁ ଭେଟିବେ। ଆନ୍ ସେ ୨୩-୨୧, ୨୧-୧୪ରେ ଡେନମାର୍କର ମିଆ ବ୍ଲିଚ୍‌ଫିଲ୍ଡଙ୍କୁ ୨୩-୨୧, ୨୧-୧୪ରେ ହରାଇ ଦେଇଥିଲେ।

# ଡ୍ର ଅଭିମୁଖେ ଭାରତ 'ଏ'-ଅଷ୍ଟ୍ରେଲିଆ 'ଏ' ମ୍ୟାଚ

**ଲକ୍ଷ୍ନୌ, ୧୮।୯ (ପି.ଟି.)**

ଭାରତ 'ଏ' ଦଳର ମିଳିତ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ ଯୋଗୁ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ 'ଏ' ବିପକ୍ଷ ୪ ଦିନିଆ ଅନ୍ ଅଫିସିଆଲ ଟେଷ୍ଟ ମ୍ୟାଚରେ ତୃତୀୟ ଦଳ ଖେଳ ଶେଷ ସୁଦ୍ଧା ୪ ଉଇକେଟ ବିନିମୟରେ ୪୦୩ ରନ ସଂଗ୍ରହ କରିଛି। ଉଇକେଟକିପର ବ୍ୟାଟର ଧ୍ରୁବ ଜୁରେଲ ୧୧୩ ରନ କରି ଅପରାଜିତ ରହିଛନ୍ତି। ତାଙ୍କ ଶତକୀୟ ଇନିଂସରେ ସେ ୧୩୨ ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ୪ ଛକା ଲଗାଇଛନ୍ତି। ଅଧିନାୟକ ଶ୍ରେୟସ ଆୟର ମାତ୍ର ୮ରନ କରିଥିଲେ। ତେବେ ଦେବଦତ୍ତ ପଡିକଲ ୮୬, ବି. ସାଇ ସୁଦର୍ଶନ ୭୩, ଏନ୍. ଜଗଦୀଶନ ୬୪ ରନ କରିଥିଲେ। ପୂର୍ବରୁ ଭ୍ରମଣକାରୀ ଦଳ ୫୩୨/୬ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଶୁକ୍ରବର ମ୍ୟାଚର ୪ର୍ଥ ତଥା ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ 'ଡ୍ର' ଆଡକୁ ମୁହାଁଇଛି।

## ଜୁରେଲଙ୍କ ଅପରାଜିତ ଶତକ




**ସଂକ୍ଷିପ୍ତ ସ୍କୋର:** ଅଷ୍ଟ୍ରେଲିଆ 'ଏ' ପ୍ରଥମ ଇନିଂସ: ୫୩୨/୬ (ଘୋଷଣା)। ଭାରତ 'ଏ' ପ୍ରଥମ ଇନିଂସ: ୧୦୩ ଓଭରରେ ୪୦୩/୪ (ଏନ୍. ଜଗଦୀଶନ-୬୪, ବି. ସାଇ ସୁଦର୍ଶନ-୭୩, ଦେବଦତ୍ତ ପଡିକଲ-୮୬, ଧ୍ରୁବ ଜୁରେଲ-୧୧୩*; ଲିଆମ୍ ସ୍କଟ-୧/୩୧)।

# ସାଇକ୍ଲିଂ କୋଚ୍ ସୁଶୀଲ କୁମାରଙ୍କ ବିୟୋଗ

**ଭୁବନେଶ୍ୱର, ୧୮।୯ (ଅନାଦି କର)**

ଓଡ଼ିଶାର ସୁନାମଧନ୍ୟ ସାଇକ୍ଲିଷ୍ଟ ତଥା କୋଚ୍ ସୁଶୀଲ କୁମାର ଦାସଙ୍କର ଗୁରୁବାର ପରଲୋକ ଘଟିଛି। ସେ କଟକସ୍ଥିତ ଏସ୍‌ସିବି ମେଡିକାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କ ବୟସ ୬୦ ବର୍ଷ ହୋଇଥିଲା। ସାଇକ୍ଲିଷ୍ଟ ଭାବେ ୧୯୮୮ରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ଆୟୋଜିତ ୧୪୦୦ କିମି ବିଶିଷ୍ଟ ସାଇକ୍ଲିଂ ଏକ୍ସପେଡିଶନ ଓଡ଼ିଶା ଆବିଷ୍କାରରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଥଲେଟ୍ ଭାବେ ଅବସର ନେବା ପରେ ସେ ସ୍ୱାତି ସିଂ ଓ ଦୀନେଶ କୁମାରଙ୍କ ଭଳି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସାଇକ୍ଲିଷ୍ଟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୨୦୧୫ଠାରୁ ସେ ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ଉପ ସଭାପତି ରହିଥିଲେ।



ସୁଶୀଲ କୁମାର ଦାସ

# ମହିଳା ୪୦୦ ମି.ରେ ମ୍ୟାକ୍‌ଲାଫଲିନଙ୍କ ରେକର୍ଡ

**ଟୋକିଓ, ୧୮।୯ (ଏପି)**

ଆମେରିକାର ସିଡ୍‌ନୀ ମ୍ୟାକ୍‌ଲାଫଲିନ-ଲେଭ୍ରୋନ ଗତ ୪୦ ବର୍ଷରେ ପ୍ରଥମ ମହିଳା ଭାବେ ଗୁରୁବାର ୪୦୦ ମିଟର ଦୌଡ଼ରେ ୪୮ ସେକେଣ୍ଡ ବାଧା ଭଙ୍ଗ କରିଛନ୍ତି। ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ବର୍ଷା ପ୍ରଭାବିତ ରେସ୍‌ରେ ସେ ୪୭.୭୮ ସେ. ଟାଇମିଂ ହାସଲ କରିଛନ୍ତି। ମ୍ୟାକ୍‌ଲାଫଲିନଙ୍କ ଭଳି ଦ୍ୱିତୀୟ ସ୍ଥାନରେ ରହିଥିବା ଅଲିମ୍ପିକ ଚାମ୍ପିୟନ ଡୋମିନିକାର ମାରିଲେଡି ପାଉଲିନୋ (୪୭.୯୮ ସେ.) ମଧ୍ୟ ୪୮ ସେକେଣ୍ଡ ପୂର୍ବରୁ ରେସ ଶେଷ କରିଥିଲେ। ଦୁହେଁ ମହିଳା ୪୦୦ ମି. ରେସ ଇତିହାସରେ ଯଥାକ୍ରମେ ଦ୍ରୁତତମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ରେସରେ ଜର୍ମାନୀର ମାରିଟା କୋଚ୍ ୧୯୮୫ରେ ୪୭.୬୦ ଟାଇମିଂ ହାସଲ କରିଥିଲେ, ଯାହାକି ଆଜି ବି ଅତୁଟ ରହିଛି।

# ଏସିଆ କପ୍: ଆଜି ଭାରତ-ଓମାନ ମ୍ୟାଚ୍

**ଆବୁଧାବି, ୧୮।୯ (ପି.ଟି.)**

ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଶୁକ୍ରବାର ଚଳିତ ଏସିଆ କପ୍‌ରେ ତା'ର ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଓମାନକୁ ଭେଟିବ। ଭାରତ ପୂର୍ବରୁ ସୁପର-୪' ପର୍ଯ୍ୟାୟରେ ସ୍ଥାନ ପକ୍କା କରିସାରିଥିବାରୁ ଶେଖ୍ ଜାୟେଦ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ର ବିଶେଷ ଗୁରୁତ୍ୱ ନାହିଁ। କିନ୍ତୁ ଆସନ୍ତା ରବିବାର ଭାରତୀୟ ଦଳ ସୁପର-୪'ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏଣୁ ଓମାନ ବିପକ୍ଷ ମ୍ୟାଚ୍ ଜରିଆରେ ଦଳୀୟ ବ୍ୟାଟରଙ୍କୁ ଭରପୂର ସୁଯୋଗ ଦେବା ଲକ୍ଷ୍ୟରେ ରହିବ ଟିମ ମ୍ୟାନେଜମେଣ୍ଟ। ଓପନର ଅଭିଷେକ ଶର୍ମା ପ୍ରଥମ ଦୁଇ ମ୍ୟାଚ୍‌ରେ ଦଳକୁ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିବା ବେଳେ ଉପଅଧିନାୟକ ଶୁବମନ ଗିଲ ଟିକେ ଲମ୍ବା ସମୟ ଧରି ବ୍ୟାଟିଂ କରିପାରି ନାହାନ୍ତି। ଅଧିନାୟକ ସୂର୍ଯ୍ୟକୁମାର ପାକିସ୍ତାନ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିଲେ। କିନ୍ତୁ ସେ ତିଲକ ବର୍ମାଙ୍କୁ ଅଧିକ ଗେମ୍ ଟାଇମ୍ ଦେବାକୁ ପସନ୍ଦ କରିପାରନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ସଞ୍ଜୁ ସାମସନ, ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲଙ୍କୁ ବ୍ୟାଟିଂ କରିବାକୁ ସୁଯୋଗ ମିଳିନାହିଁ। ଭାରତ ଯଦି ଫାଇନାଲକୁ ଯାଏ, ତେବେ ଆସନ୍ତା ୭ ଦିନ ମଧ୍ୟରେ ୪ଟି ମ୍ୟାଚ୍ ଖେଳିବାକୁ ପଡ଼ିବ। ଏଣୁ ଭାରତୀୟ ମିଡିଲ ଅର୍ଡର ବ୍ୟାଟରଙ୍କୁ ଗୁରୁତ୍ୱପୂର୍ଣ୍ଣ ସପ୍ତାହ ପୂର୍ବରୁ ଅଧିକ ଗେମ୍ ଟାଇମର ଆବଶ୍ୟକତା ରହିଛି। କିନ୍ତୁ ଭାରତୀୟ ଦଳର ବୋଲିଂ ଲାଇନ ଅପ୍ ଏତେ ଶକ୍ତିଶାଳୀ ଯେ, ଏହା ଆଗରେ ଜତିନ୍ଦର ସିଂଙ୍କ ନେତୃତ୍ୱାଧୀନ ଓମାନ ଦଳର ଏକ ଭଲ ସ୍କୋର କରିବାର ଖୁବ କମ୍ ସମ୍ଭାବନା ରହିଛି। ପାକିସ୍ତାନ ଓ ୟୁଏଇ ବିପକ୍ଷ ଦୁଇଟି ମ୍ୟାଚ୍‌ରେ ଓମାନ ଯଥାକ୍ରମେ ୬୭ ଓ ୧୩୦ ରନ କରିଥିଲା। ଉଭୟ ମ୍ୟାଚ୍‌ରେ ଦଳର କୌଣସି ବ୍ୟାଟର ୩୦ ରନ କରିପାରି ନ ଥିଲେ। ଏହି ମ୍ୟାଚ୍ ଲାଗି ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ବିଶେଷ କୌଣସି ଏକ୍ସପେରିମେଣ୍ଟ ନ କରିପାରନ୍ତି। କିନ୍ତୁ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇପାରେ। ଏଭଳି ପରିସ୍ଥିତିରେ ବାମହାତୀ ପେସର ଅର୍ଶଦୀପ ସିଂଙ୍କୁ ଏକମାତ୍ର ସ୍ପେଶାଲିଷ୍ଟ ପେସର ଭାବେ ସାମିଲ କରାଯିବ। ଏହାଛଡ଼ା ବୋଲିଂ ଲାଇନ୍ ଅପ୍‌ରେ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ଜଣଙ୍କୁ ବିଶ୍ରାମ ଦିଆଯିବାର ସମ୍ଭାବନା ରହିଛି। ଏହି ସ୍ଥାନରେ ହର୍ଷିତ ରାଣାଙ୍କୁ ସାମିଲ କରାଯାଇପାରେ।







1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ